

## ବିନା ବ୍ରେକ୍‌ରେ 'ଜଟାଧାରା' ସୁଟିଂ
▶ପୃଷ୍ଠା ୧୧ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-124 ◆FRIDAY ◆31 OCTOBER 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୧୨୪ ◆ଶୁକ୍ରବାର ◆୩୧ ଅକ୍ଟୋବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


### ପୂରଣ ହୋଇପାରୁନାହିଁ ୬୦୦ ୱାର୍ଡର ପଦ

# ଜେଲ୍ ଜଗିବେ ଗୃହରକ୍ଷୀ

■ **ଭୁବନେଶ୍ୱର, ୩୦।୧୦ (ସମିସ):** ଏଣିକି ରାଜ୍ୟର ଜେଲ୍ ଜଗିବେ ଗୃହରକ୍ଷୀ ବା ହୋମ୍‌ଗାର୍ଡ। ଦିନକୁ ମାତ୍ର ୫୩୩ ଟଙ୍କା ପାରିଶ୍ରମିକ ପାଉଥିବା ଗୃହରକ୍ଷୀମାନେ ଜେଲ୍‌ରେ ବନ୍ଦୀ ଥିବା କୁଖ୍ୟାତ ଅପରାଧୀ ଓ ବିଚାରାଧୀନ ବନ୍ଦୀମାନଙ୍କ ସୁରକ୍ଷା ଦାୟିତ୍ୱ ସମ୍ଭାଳିବେ। ଜେଲ୍ ବିଭାଗ ପକ୍ଷରୁ ଏସଂକ୍ରାନ୍ତରେ ନିଷ୍ପତ୍ତି ନିଆଯାଇଛି ଏବଂ ସେମାନଙ୍କୁ ବର୍ଷେ ପର୍ଯ୍ୟନ୍ତ ଅସ୍ଥାୟୀ ଭାବରେ ନିୟୋଜିତ କରିବା ପାଇଁ ସବୁ ଜିଲ୍ଲାର ଏସ୍‌ପିମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ଚୌଦ୍ୱାର ଜେଲ୍‌ରୁ ଦୁଇଜଣ କୁଖ୍ୟାତ ଅପରାଧୀ ଫେରାର ହେବା ପରେ ପରେ ବାଲେଶ୍ୱର ଜିଲ୍ଲାର ସୋର ଜେଲ୍‌ରୁ ଜଣେ ଅପରାଧୀ କିଛିଦିନ ତଳେ ଚମ୍ପଟ ମାରିଛନ୍ତି। ଏହାପରେ ଏକ ଉଚ୍ଚସ୍ତରୀୟ ବୈଠକରେ ଜେଲ୍‌ଗୁଡ଼ିକର ସୁରକ୍ଷା ଦାୟିତ୍ୱରେ ହୋମଗାର୍ଡ଼ ବା ଗୃହରକ୍ଷୀମାନଙ୍କୁ ନିୟୋଜିତ କରିବା ନିମନ୍ତେ ଜେଲ୍ ବିଭାଗ ନିଷ୍ପତ୍ତି ନେଇଛି। ଏହାସହିତ ପ୍ରତି ଜିଲ୍ଲାରେ ବରିଷ୍ଠ ପୁଲିସ ଅଧିକାରୀ ଓ ସମ୍ପୃକ୍ତ ଜେଲ୍ ଅଧୀକ୍ଷକ ମିଳିତ ଭାବରେ ଜେଲ୍ ସୁରକ୍ଷାର ଯାଞ୍ଚ କରିବେ। ଜେଲ୍ ପାଚେରି ଅନୁଧ୍ୟାନ ସହ, ସିସିଟିଭି ଲଗାଯିବା, ଜେଲ୍‌ର ପାଚେରି ଉପରେ ତାରଜାଲି ବିଛାଇବା ଏବଂ ସୁରକ୍ଷା ସମ୍ବନ୍ଧୀୟ ସବୁ ଭିତ୍ତିଭୂମିର ଯାଞ୍ଚ ହେବ।

ବିଡ଼ମ୍ବନା ହେଉଛି ଯେ ଯେଉଁଠି ଜେଲ୍‌ରେ ୱାର୍ଡ଼ରମାନଙ୍କ ଆଖିରେ ଧୂଳିଦେଇ ବିଚାରାଧୀନ ବନ୍ଦୀ ଓ କଏଦୀ ସହଜରେ ଫେରାର୍ ହୋଇ ଯାଉଛନ୍ତି, ସେଠାରେ ସାଧାରଣ ହୋମ୍‌ଗାର୍ଡ଼ମାନେ ସେମାନଙ୍କୁ କିପରି ଜଗିବେ ବୋଲି ସ୍ୱାଭାବିକ ପ୍ରଶ୍ନ ଉଠିଛି। ଆଜି ପର୍ଯ୍ୟନ୍ତ ରାଜ୍ୟରେ ସାଧାରଣତଃ ହୋମ୍‌ଗାର୍ଡ଼ମାନଙ୍କୁ ସହରାଞ୍ଚଳରେ ଭିଡ଼ ଓ ଟ୍ରାଫିକ୍ ନିୟନ୍ତ୍ରଣ ବା କୌଣସି ଗଣ୍ଡଗୋଳ ବେଳେ ସୁରକ୍ଷା କାର୍ଯ୍ୟରେ ନିୟୋଜିତ କରାଯାଇ ଆସୁଛି। ଦୁର୍ଘଟଣା, ହତ୍ୟା ଆଦି ଘଟଣାରେ ଗୃହରକ୍ଷୀମାନଙ୍କୁ ଜଗୁଆଳୀ ରୂପେ ବ୍ୟବହାର କରାଯାଉଛି। ଏହା ସହ ଅନେକ ସ୍ଥାନରେ ଗୃହରକ୍ଷୀମାନଙ୍କୁ ବଡ଼ ଅଧିକାରୀଙ୍କ ଘରୋଇ କାର୍ଯ୍ୟରେ ବ୍ୟବହାର କରାଯାଉଥିବା ମଧ୍ୟ ଦେଖାଯାଇଛି। ମାତ୍ର ରାଜ୍ୟରେ ଜେଲ୍ ବିଭାଗ ପ୍ରଥମଥର ପାଇଁ ଗୃହରକ୍ଷୀମାନଙ୍କୁ ଜେଲ୍ ସୁରକ୍ଷା ପରି ଏକ ସାହସିକ ଓ ଦାୟିତ୍ୱସମ୍ପନ୍ନ କାର୍ଯ୍ୟରେ ନିୟୋଜିତ କରିବାକୁ ନେଇ ଉଠିଛି ପ୍ରଶ୍ନ। ଚୌଦ୍ୱାର ଜେଲ୍‌ରୁ ଦୁଇ ଦୁର୍ଦ୍ଦାନ୍ତ ଅପରାଧୀ ଚମ୍ପଟ ମାରିବା ଘଟଣାକୁ ମାସେ ▶ପୃଷ୍ଠା-୭

### ମହିଳା ଦିନିକିଆ ବିଶ୍ୱକପ୍

# ଅଷ୍ଟ୍ରେଲିଆକୁ ହରାଇ ଫାଇନାଲ୍‌ରେ ଭାରତ

■ **ନଭି ମୁମ୍ବଇ, ୩୦।୧୦ (ଏଜେନ୍ସି):** ରେକର୍ଡ ୭ଥରର ଚାମ୍ପିଅନ ଅଷ୍ଟ୍ରେଲିଆକୁ ରୋମାଞ୍ଚକ ଭାବେ ୫ ୱିକେଟ୍‌ରେ ପରାସ୍ତ କରି ଭାରତ ଆଇସିସି ମହିଳା ଦିନିକିଆ ବିଶ୍ୱକପ୍ ଫାଇନାଲରେ ପ୍ରବେଶ କରିଛି। ମୁମ୍ବଇର ଡିୱାଇ ପାଟିଲ ଷ୍ଟାଡିୟମରେ ଗୁରୁବାର ଖେଳାଯାଇଥିବା ଦ୍ୱିତୀୟ ସେମିଫାଇନାଲରେ ଡିଫେଣ୍ଡିଂ ଚାମ୍ପିଅନ ଅଷ୍ଟ୍ରେଲିଆ ପ୍ରଥମେ ବ୍ୟାଟିଂ କରି ୩୩୮ ରନରେ ଅଲ୍‌ଆଉଟ୍ ହୋଇଥିଲା। ଓପନର୍ ଫୋଏବି ଲିଚଫିଲ୍ଡ ୧୧୯ ରନର ଦମ୍‌ଦାର ଶତକୀୟ ପାଳି ଖେଳିଥିଲେ। ଜବାବରେ ଜେମିମା ରୋଡ୍ରିଗ୍ରେଜଙ୍କ ମ୍ୟାଚ୍ ବିଜୟୀ ଅପରାଜିତ ଦର୍ଶନୀୟ ଶତକ ବଳରେ ଘରୋଇ ଭାରତ ୯ଟି ବଲ୍ ପୂର୍ବରୁ ୫ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ଜେମିମା ୧୩୪ ବଲରେ ୧୨୭ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ମହିଳା ବିଶ୍ୱକପ୍‌ରେ ମଧ୍ୟ ଏହା ରେକର୍ଡ ରନ ଚେଜ୍ ହୋଇଛି। ଏହାପୂର୍ବରୁ କୌଣସି ଦଳ ଏତେ ବିଶାଳ ସ୍କୋରର ପିଛା କରି ବିଜୟୀ ହୋଇନାହିଁ। ଏଭଳି ବିଶାଳ ଲକ୍ଷ୍ୟ ▶ପୃଷ୍ଠା-୭

**ରବିବାର ଦକ୍ଷିଣ ଆଫ୍ରିକା ସହ ଟାଇଟଲ୍ ଲଢ଼େଇ**




# ଖଣି ପଟ୍ଟାଦାରଙ୍କ ଉପରେ ୨୭୦୦ କୋଟି ବକେୟା

## ରାଜ୍ୟ ସରକାରଙ୍କୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

■ **ଭୁବନେଶ୍ୱର, ୩୦।୧୦ (ସମିସ):** ଖଣି ଲିଜ୍‌ଧାରୀଙ୍କଠାରୁ କ୍ଷତିପୂରଣ ଆଦାୟରେ ଅହେତୁକ ବିଳମ୍ବ ନେଇ ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି ସୁପ୍ରିମକୋର୍ଟ। ବେଆଇନ ଖଣି ଖନନ ଘଟଣାରେ ଖଣି ଲିଜଧାରୀଙ୍କଠାରୁ ପ୍ରାୟ ୨୭୦୦ କୋଟି ଟଙ୍କା ବର୍ଷବର୍ଷ ହେଲା ଅନାଦେୟ ରହିଛି। ଯାହାକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି ସୁପ୍ରିମକୋର୍ଟ। ଅଦାଲତ କହିଛନ୍ତି ଯେ ରାଜ୍ୟ ସରକାରଙ୍କ ଅବହେଳା କାରଣରୁ ଏହି ମାମଲା ବର୍ଷ ବର୍ଷ ଧରି ଲମ୍ବିଚାଲିଛି। ଯାହାଫଳରେ ଖଣି ଲିଜଧାରୀଙ୍କୁ ଜାଣିଶୁଣି ଆଶ୍ୱସ୍ତି ପ୍ରଦାନ କରୁଥିବା ନେଇ ସନ୍ଦେହ ସୃଷ୍ଟି ହେଉଛି। ବେଆଇନ ଖଣି ଖନନ ଦ୍ୱାରା ରାଜ୍ୟକୁ ହଜାର ହଜାର କୋଟି ଟଙ୍କାର ରାଜସ୍ୱ କ୍ଷତି ହୋଇଛି। ତେଣୁ ଯେକୌଣସି ପରିସ୍ଥିତିରେ ଏହି ବକେୟା ଅର୍ଥ ଆଦାୟ କରିବାକୁ ସୁନିଶ୍ଚିତ କରିବା ଲାଗି ସୁପ୍ରିମକୋର୍ଟ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଜଷ୍ଟିସ ଦୀପଙ୍କର ଦତ୍ତା ଓ ଜଷ୍ଟିସ ଏଜି ମସିହଙ୍କୁ ନେଇ ଗଠିତ ଖଣ୍ଡପୀଠରେ ଏହି ମାମଲାର ଶୁଣାଣି କରାଯାଇଥିଲା।

କେନ୍ଦୁଝର, ସୁନ୍ଦରଗଡ଼ ଓ ମୟୂରଭଞ୍ଜ ଜିଲ୍ଲାରେ ଖଣି ନିୟମର ଉଲ୍ଲଂଘନ କରି ଖଣି ପଟ୍ଟାଦାରମାନେ ବିପୁଳ ଅନିୟମିତତା କରିଥିବା ଅଭିଯୋଗ ହୋଇଥିଲା। ଏ ସଂକ୍ରାନ୍ତ ମାମଲାର ବିଚାର କରି ବେଆଇନ ପଟ୍ଟାଦାରଙ୍କଠାରୁ ୧୭ ହଜାର କୋଟି ଟଙ୍କା କ୍ଷତିପୂରଣ ରାଶି ଆଦାୟ କରିବାକୁ ସୁପ୍ରିମକୋର୍ଟ ୨୦୧୭ ମସିହାରେ ନିର୍ଦ୍ଦେଶ ଦେଇଥିଲେ। ଏହାମଧ୍ୟରୁ ରାଜ୍ୟ ସରକାର ପଟ୍ଟାଦାରଙ୍କଠାରୁ ଏବେ ସୁଦ୍ଧା ୧୪୩୦୦ କୋଟି ଟଙ୍କା ଆଦାୟ କରିଛନ୍ତି। ଏ ▶ପୃଷ୍ଠା-୭



**ବକେୟା ଆଦାୟ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ**

# ଜଷ୍ଟିସ ସୂର୍ଯ୍ୟକାନ୍ତ ପ୍ରଧାନବିଚାରପତି ନିଯୁକ୍ତ

■ **ନୂଆଦିଲ୍ଲୀ, ୩୦।୧୦ (ଏଜେନ୍ସି):** ଜଷ୍ଟିସ ସୂର୍ଯ୍ୟକାନ୍ତ ସୁପ୍ରିମକୋର୍ଟର ୫୩ତମ ପ୍ରଧାନ ବିଚାରପତି ଭାବେ ନିଯୁକ୍ତି ପାଇଛନ୍ତି। ନଭେମ୍ବର ୨୪ରେ ସେ ଶପଥ ଗ୍ରହଣ କରିବେ। ଏବେକାର ପ୍ରଧାନ ବିଚାରପତି ଜଷ୍ଟିସ୍ ବିଆର୍ ଗଭାଇ ନଭେମ୍ବର ୨୩ ତାରିଖରେ ଅବସର ଗ୍ରହଣ କରିବେ। କେନ୍ଦ୍ର ଆଇନ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ଗୁରୁବାର 'ଏକ୍ସ'ରେ ପୋଷ୍ଟ କରି ଏହି ସୂଚନା ଦେଇଛନ୍ତି। ଜଷ୍ଟିସ ସୂର୍ଯ୍ୟକାନ୍ତ ୧୪ ମାସ ଏହି ଦାୟିତ୍ୱରେ ରହିବେ। ସେ ୨୦୨୭ ଫେବୃଆରୀ ୯ରେ ଅବସର ଗ୍ରହଣ କରିବେ। ଜଷ୍ଟିସ ଗଭାଇ ସୋମବାର ପ୍ରଧାନ ବିଚାରପତି ପଦ ପାଇଁ ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କ ନାମ ସୁପାରିସ କରିଥିଲେ। ▶ପୃଷ୍ଠା-୭



# ଆଣବିକ ଗବେଷଣା କେନ୍ଦ୍ରରେ ସୁରକ୍ଷା ଢିଲା

## ଭାବା ଆଟମିକ ରିସର୍ଚ୍ଚ ସେଣ୍ଟରରେ ନକଲି ବୈଜ୍ଞାନିକ

■ **ମୁମ୍ବଇ, ୩୦।୧୦ (ଏଜେନ୍ସି):** ମୁମ୍ବଇ ପୁଲିସ ଭେର୍ସୋଭାରେ ଜଣେ ନକ୍‌ଲି ବୈଜ୍ଞାନିକକୁ ଗିରଫ କରିଛି। ଜାମସେଦପୁରର ବାସିନ୍ଦା ୬୦ ବର୍ଷୀୟ ଅଖ୍ତାର କୁତବୁଦ୍ଦିନ ହୁସେନି ନିଜକୁ ଭାବା ଆଟମିକ୍ ରିସର୍ଚ୍ଚ ସେଣ୍ଟର (ବିଏଆରସି)ର ଜଣେ ଅଧିକାରୀ ଭାବେ ଦାବି କରୁଥିଲା ଓ କୌଶଳକ୍ରମେ ସେ ବିଏଆରସି ପରିସରରେ ମଧ୍ୟ ପ୍ରବେଶ କରିବାକୁ ସକ୍ଷମ ହୋଇଥିଲା। ପୁଲିସ ତାଠାରୁ ଏକାଧିକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲ କରିଛି। ତାଠାରୁ ୧୪ଟି ନକ୍ସା, ପରମାଣୁ ବ୍ଲୁ-ପ୍ରିଣ୍ଟ ଓ ୩ଟି ପାସ୍‌ପୋର୍ଟ ଜବତ କରାଯାଇଛି। ଏକାଧିକ ବିଦେଶ ଯାତ୍ରା ସମୟରେ ସେ ଏହାକୁ ବ୍ୟବହାର କରିଥିଲା। ସେ ଗୁପ୍ତଚର ଭାବେ ଗୋପନୀୟ ତଥ୍ୟ ଦେବା ନେବା କରିବାକୁ ଏହି ଯାତ୍ରା କରିଥିବା ସନ୍ଦେହ କରାଯାଉଛି। ଅଧିକାରୀମାନେ ତାକୁ ଗତ ଦୁଇବର୍ଷ ହେବ ପିଛା କରୁଥିଲେ। ଏନ୍‌ଆଇଏ ଓ ଆଇବି ଭଳି ଏଜେନ୍ସିର ସୂଚନାକୁ ଭିତ୍ତି କରି କ୍ରାଇମ ବ୍ରାଞ୍ଚ୍ ଅଖତାରକୁ ଗିରଫ କରିଛି। ତା ଘରୁ ପୁଲିସ ନିକଲି ପାସ୍‌ପୋର୍ଟ, ଆଧାର କାର୍ଡ, ପାନ କାର୍ଡ ଓ ବିଏଆରସିର ନକଲି ପରିଚୟପତ୍ର ଜବତ କରିଛି। ଗୋଟିଏ ପରିଚୟପତ୍ରରେ ତାର ନାମ ଅଲି ରାଜା ହୁସେନ ଓ ଅନ୍ୟଟିରେ ଆଲେକ୍‌ଜାଣ୍ଡର ପାମର୍ ଲେଖାଯାଇଥିଲା। ଗତ କିଛିମାସ ମଧ୍ୟରେ ଅଖତାର କେତୋଟି ଅନ୍ତର୍ଜାତୀୟ କଲ୍ କରି କଥା ହୋଇଥିବାରୁ ବିଦେଶୀ ନେଟ୍‌ୱର୍କ ସହିତ ତାର ସମ୍ପର୍କ ରହିଛି ବୋଲି ସନ୍ଦେହ କରାଯାଉଛି। ତାଠାରୁ ଜବତ ▶ପୃଷ୍ଠା-୭

**କୁତବୁଦ୍ଦିନକୁ ମୁମ୍ବଇରୁ ଗିରଫ କଲା କ୍ରାଇମ୍‌ବ୍ରାଞ୍ଚ**

**ପରମାଣୁ ଡାଟା, ୩ ପାସ୍‌ପୋର୍ଟ, ୧୪ ନକ୍ସା ଜବତ**

# ଜେଲ୍‌ରୁ ମୁକୁଳିଲେ ୯୪ ଜଣ ଏସ୍‌ଆଇ ଚାକିରି ଆଶାୟୀ

■ **ବ୍ରହ୍ମପୁର, ୩୦।୧୦ (ସମିସ):** ପୁଲିସ ଏସ୍‌ଆଇ ପରୀକ୍ଷା ଜାଲିଆତି ଘଟଣାରେ ଗିରଫ ହୋଇ ବ୍ରହ୍ମପୁର ଜେଲ୍‌ରେ ଥିବା ମୋଟ ୧୧୪ଜଣ ଆଶାୟୀ ପରୀକ୍ଷାର୍ଥୀଙ୍କୁ ମଙ୍ଗଳବାର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ସର୍ତ୍ତମୂଳକ ଜାମିନ ପ୍ରଦାନ କରିବା ପରେ ଗୁରୁବାର ୯୪ ଜଣ ଜେଲ୍‌ରୁ ମୁକୁଳିଛନ୍ତି। ସକାଳୁ ନିଜ ପୁଅ-ଝିଅ ଓ ସମ୍ପର୍କୀୟଙ୍କୁ ନେବାକୁ ବ୍ରହ୍ମପୁର ଜେଲ୍ ସମ୍ମୁଖରେ ଅଭିଭାବକଙ୍କ ଭିଡ଼ ଲାଗିଥିଲା। ଜାମିନ ପାଇଥିବା ୧୧୪ଜଣ ଆଶାୟୀ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ପ୍ରଥମେ ୬ଜଣ ଛାତ୍ରୀଙ୍କୁ ଜେଲ୍‌ରୁ ଛଡ଼ାଯାଇଥିଲା। ପରେ ପର୍ଯ୍ୟାୟକ୍ରମେ, ରାତି ସୁଦ୍ଧା ଅବଶିଷ୍ଟ ୮୮ଜଣ ଆଶାୟୀ ପରୀକ୍ଷାର୍ଥୀଙ୍କୁ ଛଡ଼ାଯାଇଛି। ଜାମିନ ପାଇଥିବା ଅନ୍ୟ ୨୦ଜଣଙ୍କ ରିଲିଜ୍ ଅର୍ଡର୍ ଜେଲ୍ କର୍ତ୍ତୃପକ୍ଷଙ୍କ ନିକଟରେ ପହଞ୍ଚିବାରେ ବିଳମ୍ବ ଯୋଗୁଁ ସେମାନେ ମୁକୁଳି ପାରିନାହାନ୍ତି। ଆସନ୍ତାକାଲି ଶୁକ୍ରବାର ପୂର୍ବାହ୍ନରେ ସମସ୍ତେ ମୁକୁଳିବେ ବୋଲି କୁହାଯାଉଛି। ମଙ୍ଗଳବାର କ୍ରାଇମବ୍ରାଞ୍ଚର ତଦନ୍ତକାରୀ ଅଧିକାରୀ ଭିଜିଲାନ୍ସ କୋର୍ଟରେ ▶ପୃଷ୍ଠା-୭

**ଆସନ୍ତାକାଲି ବାହାରିବେ ଅନ୍ୟ ଆଶାୟୀ**

### ନୂଆପଡ଼ା ଉପନିର୍ବାଚନ

# ନବୀନଙ୍କ ଇଙ୍ଗିତ; ବିରୋଧୀ ଶିବିରରେ କମ୍ପନ

## ପ୍ରଭାବକୁ ନେଇ ଅଙ୍କ କଷୁଛନ୍ତି ବିରୋଧୀ

■ **ଭୁବନେଶ୍ୱର, ୩୦।୧୦ (ସମିସ):** ନୂଆପଡ଼ା ଉପନିର୍ବାଚନ ପାଖେଇ ଆସୁଥିବା ବେଳେ ସ୍ଥାନୀୟ ଅଞ୍ଚଳରେ ପ୍ରଚାର କାର୍ଯ୍ୟ ଜୋର୍ ଧରିଛି। ନୂଆପଡ଼ା ବର୍ତ୍ତମାନ ମିନି ଭୁବନେଶ୍ୱର ପାଲଟିଥିବା ବେଳେ ୩ ଦଳର ନେତା ଓ କର୍ମୀମାନେ ଝାଳବୁହା ପରିଶ୍ରମ କରୁଛନ୍ତି। ତେବେ ନିର୍ବାଚନ ପରିଚାଳନାରେ ସବୁଠାରୁ ପାରଙ୍ଗମ ବିଜେଡିର ପ୍ରଚାର ଶୈଳୀ ଏବେ ନୂଆପଡ଼ାବାସୀଙ୍କୁ ବେଶ୍ ପ୍ରଭାବିତ କରିଥିବା କୁହାଯାଉଛି। ପଞ୍ଚାୟତୱାରୀ ଦଳୀୟ ନେତାଙ୍କୁ ଦାୟିତ୍ୱ, ସ୍ଥାନୀୟ ନେତାଙ୍କୁ ଅଗ୍ରାଧିକାର, ଛୋଟ ଛୋଟ ରାଜନୈତିକ ସଭା ମାଧ୍ୟମରେ ବିଜେଡିର ଛାମୁଆ ସଂଗଠକ ନିଜର ପ୍ରଚାର କାର୍ଯ୍ୟକୁ ଚଳାଇଛନ୍ତି। ବିଜେଡିର ଯୋଜନାଭିତ୍ତିକ ପ୍ରଚାର ଦଳକୁ ସୁବିଧାଜନକ ସ୍ଥିତିରେ ରଖିଥିବା ବେଳେ ଦୁଇ ଦିନରେ ନବୀନଙ୍କ ଦୁଇଟି ଇଙ୍ଗିତ 'ଏଥର ବି ଶଙ୍ଖ', 'ବିଜୟ ହେବ ନୂଆପଡ଼ାର' ବିରୋଧୀ ଶିବିରରେ କମ୍ପନ ସୃଷ୍ଟି କରିଛି।

ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ବିଜେଡି ସୁପ୍ରିମୋ ନବୀନ ଆଜି ଏକ ଟ୍ୱିଟ୍ କରିଥିଲେ। ଏଥିରେ ସେ ନୂଆପଡ଼ାରେ ସେବା ଓ ବିକାଶର ନୂଆଧାରା ଆରମ୍ଭ ହେବ ବୋଲି ଉଲ୍ଲେଖ କରିବା ସହ ଦଳୀୟ ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆଙ୍କର ପ୍ରଚାରର ଏକ ଭିଡ଼ିଓ ପୋଷ୍ଟ କରିଥିଲେ। କେଇଘଣ୍ଟା ମଧ୍ୟରେ ଏହା ଦଳୀୟ କର୍ମୀ ଓ ନେତାଙ୍କ ମଧ୍ୟରେ ଏହି ଟ୍ୱିଟ୍ ଟ୍ରେଣ୍ଡ କରିଥିଲା। ଆସନ୍ତା ୩ ତାରିଖରେ କୋମନାରେ ଏକ ସମାବେଶ ଓ ୭ ତାରିଖରେ ନୂଆପଡ଼ାରୁ ଖରିଆର ▶ପୃଷ୍ଠା-୭

**ପ୍ରଚାର ମଇଦାନରେ ଆଗୁଆ ରହିଛି ବିଜେଡି**

**ନବୀନଙ୍କ ସମାବେଶ ଓ ରୋଡ୍ ଶୋ'କୁ ଅପେକ୍ଷା**



# ତହସିଲରେ ହେବ ଜମି କିଣାବିକା

■ **ଭୁବନେଶ୍ୱର, ୩୦।୧୦ (ସମିସ):** ଏଣିକି ତହସିଲ୍ ଅଫିସରେ ହେବ ଜମି କିଣାବିକା। ଜମି କିଣିବିକା ପାଇଁ ଆଉ ସବ୍‌ରେଜିଷ୍ଟ୍ରାରଙ୍କ ଅଫିସକୁ ଯିବା ଆବଶ୍ୟକ ପଡ଼ିବ ନାହିଁ। ରାଜ୍ୟର ସବୁ ତହସିଲରେ ଏହି ସୁବିଧା ଉପଲବ୍ଧ କରିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି।

ସବୁଠୁ ବଡ଼ କଥା ହେଉଛି ଯେ ଏଥିପାଇଁ କୌଣସି ତୃତୀୟ ପକ୍ଷ ଉପରେ ନୁହେଁ; ବରଂ ନିଜେ ଅନ୍‌ଲାଇନ୍‌ରେ ସମୟ ନିର୍ଦ୍ଧାରଣ କରି ଲୋକେ ଜମି କିଣାବିକା କରିପାରିବେ। ଏହି ବ୍ୟବସ୍ଥାକୁ ନଭେମ୍ବର ୧ ତାରିଖରୁ ଆରମ୍ଭ କରାଯିବ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି ଯେ ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ୪୪ଟି ତହସିଲରେ ଏହି ବ୍ୟବସ୍ଥା ଉପଲବ୍ଧ ହେବ। ଏହି ସେବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରିବେ।

ପ୍ରଚଳିତ ବ୍ୟବସ୍ଥା ଅନୁସାରେ, ଜିଲ୍ଲା ସ୍ତରରେ ଥିବା ୨୧୭ଟି ଉପନିବନ୍ଧକ ବା ସବ୍‌ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟରେ ଜମି ପଞ୍ଜୀକରଣ ହୋଇଥାଏ। ଏହି ବ୍ୟବସ୍ଥା ଦ୍ୱାରା ଜନସାଧାରଣ ଜମି କିଣାବିକା କ୍ଷେତ୍ରରେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥା'ନ୍ତି। ଏହାକୁ ଦୃଷ୍ଟିରେ ରଖି ଏହି ସାଧାରଣ ସେବାକୁ ତହସିଲ ସ୍ତରକୁ ନେବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ଏଣିକି ରାଜ୍ୟର ୩୨୦ଟି ତହସିଲରେ ଏହି ସୁବିଧା ଉପଲବ୍ଧ ହେବ ବୋଲି ମନ୍ତ୍ରୀ କହିଛନ୍ତି।

# ଗୋଟିଏ ଦେଶ, ଗୋଟିଏ ପୁଲିସ ୟୁନିଫର୍ମ

## ସାରା ଦେଶରେ ପୁଲିସ ପାଇଁ ଗୋଟିଏ ପ୍ରକାର ପୋଷାକ

■ **ନୂଆଦିଲ୍ଲୀ, ୩୦।୧୦ (ଏଜେନ୍ସି):** ସାରା ଦେଶରେ ସମସ୍ତ ପୁଲିସ କର୍ମଚାରୀଙ୍କ ପାଇଁ ଗୋଟିଏ ପ୍ରକାର ପୋଷାକ (ୟୁନିଫର୍ମ) ଯୋଜନା କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି କେନ୍ଦ୍ର ସରକାର। କନେଷ୍ଟବଲଙ୍କଠାରୁ ଆରମ୍ଭ କରି ଡିଏସ୍‌ପି ପାହ୍ୟା ଅଧିକାରୀ ପର୍ଯ୍ୟନ୍ତ ସମସ୍ତଙ୍କର ଗୋଟିଏ ପ୍ରକାର ପୋଷାକ ରହିବ। କପଡ଼ା, ଡିଜାଇନ ଏବଂ ରଙ୍ଗ ଗୋଟିଏ ପ୍ରକାର ରହିବ। କେବଳ ରାଜ୍ୟମାନେ ନିଜ ନିଜର ଚିହ୍ନ (ଏମ୍‌ବ୍ଲେମ୍) ଓ ର୍‍ୟାଙ୍କ୍ ବ୍ୟାଜ୍ ବଜାୟ ରଖିବେ।

କେନ୍ଦ୍ର ସ୍ୱରାଷ୍ଟ୍ର ବିଭାଗ ଓଡ଼ିଶା ସମେତ ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳ ସରକାରଙ୍କୁ ଏହି ସୂଚନା ଦେଇଛନ୍ତି। ସେମାନେ ତିଆରି କରୁଥିବା ପୋଷାକ ପାଇଁ କେତେ ଖର୍ଚ୍ଚ ହେଉଛି ଏବଂ ପୁଲିସ କର୍ମଚାରୀ/ଅଧିକାରୀମାନଙ୍କୁ ଏବାବଦ ବର୍ଷକୁ କେତେ ଭତ୍ତା ଦିଆଯାଉଛି, ତାହାର ବିସ୍ତୃତ ବିବରଣୀ ଲୋଡ଼ିଛନ୍ତି କେନ୍ଦ୍ର ସରକାର। ଆସନ୍ତା ନଭେମ୍ବର ୪ ତାରିଖ ସୁଦ୍ଧା ଏହିସବୁ ତଥ୍ୟ ଦାଖଲ କରିବା ଲାଗି ସମସ୍ତ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ତଥ୍ୟ ମିଳିବା ପରେ କେନ୍ଦ୍ର ସରକାର ପୁଲିସ ୟୁନିଫର୍ମ ନେଇ ସମସ୍ତ ରାଜ୍ୟ ସରକାରଙ୍କ ପାଇଁ ମାର୍ଗଦର୍ଶିକା ଜାରି କରିବେ। ପର୍ଯ୍ୟାୟ କ୍ରମେ ଏହା କାର୍ଯ୍ୟକାରୀ କରାଯିବ। ଏହା ହେଲେ ଦେଶର ପୁଲିସ ଇତିହାସରେ ପ୍ରଥମ ଥର ଲାଗି ସବୁ ରାଜ୍ୟର ପୁଲିସ କର୍ମଚାରୀ ଗୋଟିଏ ପ୍ରକାର ଡିଜାଇନ୍ ଓ ରଙ୍ଗର ୟୁନିଫର୍ମ ପିନ୍ଧିବେ। ଏବେ ବିଭିନ୍ନ ରାଜ୍ୟରେ ପୁଲିସ କର୍ମଚାରୀଙ୍କର ବିଭିନ୍ନ ପ୍ରକାର ପୋଷାକ ରହିଛି। ▶ପୃଷ୍ଠା-୭

**ରାଜ୍ୟମାନଙ୍କଠାରୁ ତଥ୍ୟ ଲୋଡ଼ିଲା କେନ୍ଦ୍ର**

# ଜୀବନ ନେଉଛି ଜୀବନରେଖା

## ୧୫ ଦିନରେ ଗଲାଣି ୩ ଜୀବନ ■ ପୁଣି ମହାନଦୀରେ ଛାତ୍ର ନିଖୋଜ

■ **କଟକ, ୩୦।୧୦ (ସମିସ):** ଜୀବନ ନେଉଛି ଜୀବନରେଖା। ମହାନଦୀ ଓ କାଠଯୋଡ଼ିରେ ଜଳବୁଡ଼ି ଓ ଆତ୍ମହତ୍ୟା ଜନିତ ଘଟଣା ବୃଦ୍ଧି ପାଇବାରେ ଲାଗିଛି। ବିଶେଷକରି ବ୍ରିଜ୍ ଉପରୁ ଡେଇଁ ଜୀବନ ହାରିବା ଭଳି ଘଟଣା ଏହି ଦୁଇ ନଦୀରେ ବଢ଼ି ଚାଲିଛି। ଗତବର୍ଷ ଉଭୟ ମହାନଦୀ ଓ କାଠଯୋଡ଼ିରେ ୩୯ଜଣ ଆତ୍ମହତ୍ୟା ଉଦ୍ୟମ କରିଥିବା ବେଳେ ତନ୍ମଧ୍ୟରୁ ୨୭ଜଣଙ୍କ ମୃତ୍ୟୁ ଘଟିଥିଲା। ଆହୁରି ଉଦ୍‌ବେଗଜନକ କଥା ହେଲା, ମାତ୍ର ୧୫ଦିନ ଭିତରେ ମହାନଦୀକୁ ଡେଇଁ ୩ଜଣ ପ୍ରାଣ ହରାଇ ସାରିଲେଣି। ସୌଭାଗ୍ୟକୁ ଅନ୍ୟ ୨ଜଣଙ୍କୁ ଠିକ୍ ସମୟରେ ଉଦ୍ଧାର କରାଯାଇଥିବାରୁ ସେମାନଙ୍କ ଜୀବନ ବଞ୍ଚିଯାଇଛି।

ଆଜି ମହାନଦୀରେ ପୁଣି ଏକ ଦୁଃଖଦ ଘଟଣା ଘଟିଛି। ହାଡ଼ିଆପଠା ନିକଟରେ ଥୋରିଆସାହିର ୪ଜଣ ନାବାଳକ ଗାଧୋଇବାକୁ ଯାଇଥିବା ବେଳେ ସେମାନଙ୍କ ମଧ୍ୟରୁ ଜଣେ ନଦୀର ଗଭୀର ଜଳରାଶିରେ ଭାସି ଯାଇଛି। ସେ ହେଲା, ବାବୁ ନାୟକ (୧୬)। ଅପରାହ୍ଣ ୩ଟାରେ ବାବୁ ନିଜ ସାଙ୍ଗଙ୍କ ସହିତ ନଦୀରେ ଗାଧୋଇବା ସହ ଜଳକ୍ରୀଡ଼ା କରୁଥିଲା। ହଠାତ୍ ତା'ର ପାଦ ଖସିଯିବାରୁ ସେ ଗଭୀର ଜଳରାଶିକୁ ଚାଲିଯାଇଥିଲା ଓ ନିଖୋଜ ହୋଇଯାଇଥିଲା। ସ୍ଥାନୀୟ ଲୋକଙ୍କଠାରୁ ସୂଚନା ପାଇ ବକ୍ସିବଜାର ଅଗ୍ନିଶମ କେନ୍ଦ୍ରର ଗୋଟିଏ ଟିମ୍ ନଦୀରେ ଖୋଜାଖୋଜି କରି କରିଥିଲେ। କିନ୍ତୁ ରାତି ହୋଇଯିବାରୁ ଉଦ୍ଧାର କାର୍ଯ୍ୟକୁ ବନ୍ଦ କରାଯାଇଛି। ଅଗ୍ନିଶମ ଅଧିକାରୀ ସଞ୍ଜୀବ କୁମାର ବେହେରା କହିଛନ୍ତି, ହାଡ଼ିଆପଠାରେ ନଦୀର ତୁଠ ନ ଥିଲା। ବାବୁ ଓ ତା' ସାଙ୍ଗମାନେ ସେଠାରେ ବିପଦପୂର୍ଣ୍ଣ ଭାବେ ନଦୀକୁ ପ୍ରବେଶ କରିଥିଲେ। ▶ପୃଷ୍ଠା-୭



**କାର୍ଯ୍ୟକାରୀ ହୋଇପାରିଲାନି ୬ଫୁଟ ଉଚ୍ଚତାର ତାର ଜାଲି ଯୋଜନା**

**ଲାଗି ପାରିଲାନି ସିସି କ୍ୟାମେରା**

**ଗତବର୍ଷ ୩୯ ଜଣ କରିଥିଲେ ଆତ୍ମହତ୍ୟା ଉଦ୍ୟମ; ମରିଥିଲେ ୨୭**







# ଫୁଡ୍ ଡେଲିଭରୀ ବଏଙ୍କୁ କାର୍ ଚଢ଼ାଇ ମାରିଦେଲେ ଦମ୍ପତି

ବେଙ୍ଗାଲୁରୁ, ୩୦ ।୧୦(ଏଜେନ୍ସି): ବେଙ୍ଗାଲୁରୁରେ ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ଫୁଡ୍ ଡେଲିଭରୀ ଏଜେଣ୍ଟଙ୍କୁ କାର୍ ଚଢ଼ାଇ ହତ୍ୟା କରିଛନ୍ତି ଏକ ଦମ୍ପତି। ଅକ୍ଟୋବର ୨୫ରେ ଜେପି ନଗର ଅଞ୍ଚଳରେ ଏହି ହତ୍ୟାକାଣ୍ଡ ଘଟିଥିଲା। କିନ୍ତୁ ବେଙ୍ଗାଲୁରୁ ପୁଲିସ ବୁଧବାର ଏହି ରୋଡ ରେଜ୍ ସମ୍ପର୍କରେ ସୂଚନା ଦେଇଛି। ଅଭିଯୁକ୍ତ ମନୋଜ କେରଳର ଓ ତାଙ୍କ ପତ୍ନୀ ଆରତୀ ଜମ୍ମୁ-କଶ୍ମୀରର ବୋଲି ପୁଲିସ କହିଛି। ଫୁଡ୍ ଡେଲିଭରୀ ଏଜେଣ୍ଟ ଦର୍ଶନଙ୍କ ସ୍କୁଟି ମନୋଜଙ୍କ କାର୍‌କୁ ଧକ୍କା ଦେଇଥିଲା। ଫଳରେ ମନୋଜଙ୍କ କାର୍‌ର କାଚ ଭାଙ୍ଗିଯାଇଥିଲା। ଏହାର ପ୍ରତିଶୋଧ ନେବା ପାଇଁ ମନୋଜ ପିଛା କରି ଦର୍ଶନଙ୍କୁ କାର୍‌ରେ ଧକ୍କା ଦେଇଥିଲେ। ପ୍ରଥମେ ଏହାକୁ ଏକ ହିଟ୍ ଆଣ୍ଡ ରନ୍ ମାମଲା ବୋଲି ପୁଲିସ କହୁଥିଲା। କିନ୍ତୁ ସିସିଟିଭି ଫୁଟେଜରେ ମନୋଜ ଜାଣିଶୁଣି ଦର୍ଶନଙ୍କ ସ୍କୁଟିକୁ ଧକ୍କା ଦେଉଥିବା ସ୍ପଷ୍ଟ ଭାବେ ଜଣା ପଡ଼ିଥିଲା। ଯାଞ୍ଚ ପରେ ଏହି ହିଟ୍ ଆଣ୍ଡ ରନ୍ ମାମଲା ହତ୍ୟାକାଣ୍ଡ ଭାବେ ବଦଳିଯାଇଛି।

ପୁଲିସ କହିବା ଅନୁସାରେ ରାତି ୯ଟାରେ ଦର୍ଶନଙ୍କ ସ୍କୁଟି ମନୋଜଙ୍କ କାର୍‌କୁ ହାଲ୍‌କା ଭାବେ ଧକ୍କା ଦେଇଥିଲା। ଏଥିରେ କାର୍‌ର କାଚ ଭାଙ୍ଗିଯାଇଥିଲା। ଏଥିପାଇଁ ଦର୍ଶନ କ୍ଷମା ମାଗି ଆଗକୁ ଚାଲିଯାଇଥିଲେ। କିନ୍ତୁ ମନୋଜ ରାଗିଯାଇ ୟୁ ଟର୍ଣ୍ଣ ନେଇ ପାଖପାଖି ଦୁଇ କିମି ପିଛା କରି ଜେପି ନଗର ନିକଟରେ ସ୍କୁଟିକୁ ଜାଣିଶୁଣି ଧକ୍କା ଦେଇଥିଲେ। ଫଳରେ ଦର୍ଶନ ଓ ତାଙ୍କ ବନ୍ଧୀ ବରୁଣ ସଡ଼କ ଉପରେ ପଡ଼ିଯାଇଥିଲେ। ସ୍ଥାନୀୟ ଲୋକ ଦୁଇଜଣଙ୍କୁ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଡାକ୍ତର ଦର୍ଶନଙ୍କୁ ମୃତ ଘୋଷିତ କରିଥିବାବେଳେ ବରୁଣ ସାମାନ୍ୟ ଆହତ ହୋଇଥିଲେ। ଘଟଣା ଘଟାଇବା ପରେ ମନୋଜ ଓ ଆରତୀ ମାସ୍କ ପିନ୍ଧି ନିଜ କାରର ଭାଙ୍ଗିଥିବା କାଚ ଉଠାଇ ପଳାଇ ଥିଲେ ବୋଲି ପୁଲିସ କହିଛି। ମନୋଜ ନିଜର ଦୋଷ ତଥା ଅପରାଧ ସ୍ୱୀକାର କରିଛି।



ତେବେ ଘଟଣା ସମୟରେ ଆରତୀ ତାଙ୍କ ସହ ଥିଲା କି ନାହିଁ ସେ ନେଇ ଯାଞ୍ଚ ଚାଲିଛି ବୋଲି ଦକ୍ଷିଣ ବେଙ୍ଗାଲୁରୁ ଡିସିପି ଲୋକେଶ ଜଗଲାସର କହିଛନ୍ତି।

# ମୁମ୍ବାଇରେ ୩ ଘଣ୍ଟାର ଆତଙ୍କ

## ଅଡିସନ୍ ପାଇଁ ଯାଇଥିବା ୧୭ ଶିଶୁ ମୁଣ୍ଡଜାମିନ

ମୁମ୍ବାଇ, ୩୦।୧୦ (ଏଜେନ୍ସି): ଭାରତର ଆର୍ଥିକ ରାଜଧାନୀରେ ୩ ଘଣ୍ଟା ପର୍ଯ୍ୟନ୍ତ ଆତଙ୍କ ଖେଳି ଯାଇଛି। ଜଣେ ବ୍ୟକ୍ତି ମୁମ୍ବାଇର ପୱାଇ ଅଞ୍ଚଳର ସ୍ଥିତ ଏକ କୋଠାର ପ୍ରଥମ ମହଲାରେ ଥିବା ଆରଏ ଷ୍ଟୁଡିଓରେ ୧୭ ଶିଶୁଙ୍କ ସମେତ ଜଣେ ବରିଷ୍ଠ ନାଗରିକ ଏବଂ ଅନ୍ୟ ଜଣେ ବ୍ୟକ୍ତିଙ୍କୁ ବନ୍ଦୀ କରି ରଖିଛି। ଦୀର୍ଘ ଘଣ୍ଟା ପର୍ଯ୍ୟନ୍ତ ଏହି ପିଲାଙ୍କୁ ନ ଛାଡ଼ିବାରୁ ପୁଲିସ, ଦମକଳବାହିନୀ ଏବଂ ପିଲାଙ୍କପରିବାର ସଦସ୍ୟ ସେଠାରେ ପହଞ୍ଚି ଥିଲେ। ମୁଖ୍ୟ ଅଭିଯୁକ୍ତ ରାହୁଲ ଆର୍ଯ୍ୟ ଏକ ଭିଡିଓ ଜାରି କରି ନିଜ ଦାବି ରଖିଥିଲା। ସେ କିଛି ବ୍ୟକ୍ତିଙ୍କଠାରୁ ପ୍ରଶ୍ନର ଉତ୍ତର ଚାହୁଁଥିବା କହିଥିଲା।

- **ଉଦ୍ଧାର କଲେ ପୁଲିସ ଓ ଦମକଳବାହିନୀ**
- **ଏନ୍‌କାଉଣ୍ଟରରେ ଅଭିଯୁକ୍ତ ନିହତ**

ସେଥିପାଇଁ ଏହି ଷଡ଼ଯନ୍ତ୍ର କରିଥିବା ଉଲ୍ଲେଖ କରିଥିଲା। କିନ୍ତୁ ପରେ ପୁଲିସ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରିଥିଲା। ଏକ ଘଣ୍ଟାର କସରତ ପରେ ପୁଲିସ ପ୍ରଥମ ମହଲାରେ ଥିବା ଗାଧୁଆଘର ଦେଇ ଭିତରେ ପ୍ରବେଶ କରିଥିଲା। ଅଭିଯୁକ୍ତକୁ ଗୁଳି ମାଡ଼ କରି




୧୭ ଶିଶୁଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲା। ତେବେ ଏହି ଏନ୍‌କାଉଣ୍ଟରରେ ମୁଖ୍ୟ ଅଭିଯୁକ୍ତ ରାହୁଲ ଆର୍ଯ୍ୟ ପ୍ରାଣ ହରାଇଛି। ସୂଚନା ଅନୁଯାୟୀ ଆରଏ ଷ୍ଟୁଡିଓରେ ପିଲାଙ୍କୁ ଅଭିନୟ ଶିକ୍ଷା ଦିଆଯାଉଥିଲା। ଅଡିସନ ବାହାନାରେ ପ୍ରାୟ ଶହେ ଶିଶୁଙ୍କୁ ସେଠାକୁ ଡକା ଯାଇଥିଲା। ମାତ୍ର ୧୭ ଜଣ ଏଥିପାଇଁ ପହଞ୍ଚି ଥିଲେ। ସମସ୍ତଙ୍କ ବୟସ ୮ରୁ ୧୪ ବର୍ଷ ମଧ୍ୟରେ ଥିଲା। ପୁଲିସକୁ ଏହାର ସୂଚନା ଗୁରୁବାର ଅପରାହ୍ନ ୧ଟା ୪୫ରେ ମିଳିଥିଲା। ସଙ୍ଗେ ସଙ୍ଗେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତର ଦାବି ଜାଣିବାକୁ ଚାହିଁଥିଲା। କିନ୍ତୁ ସେ ଶିଶୁଙ୍କୁ ଛାଡିବାକୁ ମନା କରି ଦେଇଥିଲା। ଷ୍ଟୁଡିଓରେ ଲାଗିଥିବା କାଚ ଦେଇ ଶିଶୁ ବାହାରକୁ ଚାହିଁ ରହିଥିବା ଦେଖିବାକୁ ମିଳିଥିଲା। ତେବେ ଶିଶୁଙ୍କ କ୍ଷତି କରିବାକୁ ଧମକାଇବା ପରେ ପୁଲିସ ଉଦ୍ଧାର ଅଭିଯାନ ଆରମ୍ଭ କରିଥିଲା। ୩ ଘଣ୍ଟା ବନ୍ଦୀ ହୋଇ ରହିବା ପରେ ସମସ୍ତଙ୍କୁ ଉଦ୍ଧାର କରାଯାଇଥିଲା। ଘଟଣାସ୍ଥଳରୁ ଏକ ଏୟାର ଗନ୍ ଏବଂ ଅନ୍ୟ ରାସାୟନିକ ସାମଗ୍ରୀ ମିଳିଛି। ଏ ପର୍ଯ୍ୟନ୍ତ ରୋହିତର ଉଦ୍ଦେଶ୍ୟ ଜଣାପଡ଼ି ନାହିଁ। ଅଭିଯୁକ୍ତ ଜଣେ ମାନସିକ ରୋଗୀ ବୋଲି ପୁଲିସ ସନ୍ଦେହ କରୁଛି।

ଏହା ପୂର୍ବରୁ ଅଭିଯୁକ୍ତ ଏକ ଭିଡିଓ ଜାରି କରି କହିଥିଲା ଯେ ସେ ଆତ୍ମହତ୍ୟା କରିବା ପରିବର୍ତ୍ତେ ଶିଶୁଙ୍କୁ ବନ୍ଦୀ ବନାଇ ରଖିଛି। ମୁଁ ବହୁତ ସାଧାରଣ ବ୍ୟକ୍ତି। ମୋର କିଛି ନୈତିକ ଦାବି ଏବଂ ପ୍ରଶ୍ନ ରହିଛି। କିଛି ଲୋକଙ୍କ ସହ ଆଲୋଚନା କରି ପ୍ରଶ୍ନର ଉତ୍ତର ଚାହୁଁଛି। ଏହା ବ୍ୟତୀତ ମୁଁ ଆଉ କିଛି ଚାହୁଁନାହିଁ।

# ପରମାଣୁ ଅସ୍ତ୍ର ପରୀକ୍ଷା ପାଇଁ ନିର୍ଦ୍ଦେଶ ଦେଲେ ଟ୍ରମ୍ପ



ୱାଶିଂଟନ, ୩୦ ।୧୦(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ରତିରକ୍ଷା ମନ୍ତ୍ରଣାଳୟ ଅର୍ଥାତ ପେଣ୍ଟାଗନକୁ ତୁରନ୍ତ ପରମାଣୁ ଅସ୍ତ୍ର ପରୀକ୍ଷଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ପରୀକ୍ଷଣ ଚୀନ୍ ଓ ରୁଷିଆ ସହ ବରାବର ହେବା ଉଚିତ ବୋଲି ସେ କହିଛନ୍ତି। ଅନ୍ୟ ଦେଶଗୁଡିକର ପରୀକ୍ଷଣକୁ ଦେଖି ପରମାଣୁ ଅସ୍ତ୍ରର ତୁରନ୍ତ ପରୀକ୍ଷା ପାଇଁ ନିର୍ଦ୍ଦେଶ ଦେଇଛି ବୋଲି ଟ୍ରମ୍ପ କହିଛନ୍ତି। ଆମେରିକା ପାଖରେ ସବୁଠାରୁ ଅଧିକ ପରମାଣୁ ଅସ୍ତ୍ର ରହିଛି। ରୁଷିଆ ଦ୍ୱିତୀୟ ସ୍ଥାନରେ ରହିଛି। କିନ୍ତୁ ଆଗାମୀ ୫ ବର୍ଷରେ ରୁଷ ବରାବର କରିପାରେ ବୋଲି ସେ କହିଛନ୍ତି। ରୁଷ ଓ ଚୀନ୍ ଦୁଇ ଦେଶ ପରମାଣୁ ଅସ୍ତ୍ରର ପରୀକ୍ଷା କରୁଛନ୍ତି। କିନ୍ତୁ ଆମେ ପରୀକ୍ଷଣ କରୁନାହୁଁ। ଅନ୍ୟ ଦେଶମାନେ କରୁଛନ୍ତି। ଏବେ ଆମେ ମଧ୍ୟ ପରମାଣୁ ଅସ୍ତ୍ର ପରୀକ୍ଷା କରିବୁ ବୋଲି ଟ୍ରମ୍ପ ସ୍ପଷ୍ଟ କରିଛନ୍ତି।

ଆମେରିକା ୩୩ ବର୍ଷ ତଳେ ଏଭଳି ପରମାଣୁ ଅସ୍ତ୍ର ପରୀକ୍ଷଣ କରିଥିଲା। ଆମେରିକା ୧୯୯୨ ସେପ୍ଟେମ୍ବର ୨୩ରେ ଶେଷଥର ପାଇଁ ପରମାଣୁ ଅସ୍ତ୍ର ପରୀକ୍ଷା କରିଥିଲା। ଏହା ଆମେରିକାର ୧, ୦୩୦ତମ ପରମାଣୁ ଅସ୍ତ୍ର ପରୀକ୍ଷଣ ଥିଲା। ନାଭେଡା

- **୩୩ ବର୍ଷ ତଳେ ହୋଇଥିଲା ପରୀକ୍ଷଣ**

ଟେଷ୍ଟ ସାଇଟ୍‌ର ରେନିଅର ମେସା ହିଲ୍‌ସାଇଡ୍‌ରେ ୨୩୦୦ ଫୁଟ ତଳେ ଆମେରିକା ଶେଷଥର ପାଇଁ ପରମାଣୁ ଅସ୍ତ୍ର ପରୀକ୍ଷା କରିଥିଲା। ଆଣବିକ ବିକିରଣ ବାହାରକୁ ନ ବ୍ୟାପିବା ପାଇଁ ଏପରି କରାଯାଇଥିଲା। ସେତେବେଳେ ଏହାର କୋଡ ନାମ ଡିଭାଇଡର ଥିଲା। ମାଟି ତଳେ ଏତେଜୋରରେ ବିସ୍ଫୋରଣ ହୋଇଥିଲା ଯେ, ପଥର ମଧ୍ୟ ତରଳି ଯାଇଥିଲା। ମାଟିରସ୍ତର ଗୋଟିଏ ଫୁଟ ଉପରକୁ ଉଠି ପୁଣି ତଳକୁ ଧସିଯାଇଥିଲା। ଏବେ ସେଠାରେ ୧୫୦ମିଟର ଚଉଡ଼ା ଓ ୧୦ ମିଟର ଗାତ ଦେଖିବାକୁ ମିଳିଛି। ଏହାପରେ ୧୯୯୬ରେ କମ୍ପ୍ରିହେନସିଭ ନ୍ୟୁକ୍ଲିୟର ଟେଷ୍ଟ ବ୍ୟାନ ଟ୍ରିଟି (ସିଟିବିଟି) ସ୍ୱାକ୍ଷରିତ ହୋଇଥିଲା। ଫଳରେ ମାଟିତଳେ ପରମାଣୁ ଅସ୍ତ୍ର ପରୀକ୍ଷଣ ଉପରେ ରୋକ ଲଗାଯାଇଥିଲା। ଚୀନ୍ ଓ ଆମେରିକା ଏହି ଚୁକ୍ତିରେ ଦସ୍ତଖତ କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ ଏହାକୁ ଔପଚାରିକ ଭାବେ ମଞ୍ଜୁରୀ ଦେଇନାହାନ୍ତି।

# ୬ ମାସ ପାଇଁ ଚାବାହାର ବନ୍ଦର କଟକଣାରୁ ବର୍ତ୍ତିଲା ଭାରତ

ନୂଆଦିଲ୍ଲୀ, ୩୦ ।୧୦(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତକୁ ବଡ଼ ଆଶ୍ୱସ୍ତି ପ୍ରଦାନ କରିଛନ୍ତି। ଇରାନର ଚାବାହାର ବନ୍ଦର ଉପରେ ଆମେରିକା କଟକଣା ଲାଗୁ କରିନାହିଁ। ଏହି ବନ୍ଦର ଉପରେ କଟକଣା ନେଇ ଆମେରିକା ତା'ର ରିହାତି ଅବଧିକୁ ଆଉ ୬ ମାସ ବୃଦ୍ଧି କରିଛି। ଏହି ଅବଧି ଅକ୍ଟୋବର ୨୭ରେ ଶେଷ ହେବାକୁ ଯାଉଥିଲା। ଏହାକୁ ଭାରତର ଏକ ବଡ଼ କୂଟନୈତିକ ବିଜୟ ବୋଲି କୁହାଯାଉଛି। ଏହି ବନ୍ଦରର ବ୍ୟବହାର ଏବଂ ନିର୍ମାଣ ନେଇ ୨୦୨୪ରେ ଇରାନ ସହ ଭାରତ ୧୦ ବର୍ଷ ପାଇଁ ଚୁକ୍ତି କରିଥିଲା। ଭାରତ ମଧ୍ୟ ଏଥିପାଇଁ ବହୁତ ଅର୍ଥ ନିବେଶ କରିଥିଲା। ଏହି ଚୁକ୍ତି ଅନୁସାରେ ଇଣ୍ଡିଆନ ପୋର୍ଟ୍ସ ଗ୍ଲୋବାଲ ଲିମିଟେଡ (ଆଇପିଜିଏଲ୍) ବନ୍ଦର ସହିଦ ବେହସ୍ତି ଟର୍ମିନାଲର ପରିଚାଳନା ପ୍ରକ୍ରିୟାକୁ ନିଜ ହାତକୁ ନେଇଥିଲା। ଫଳରେ ଭାରତ ପ୍ରଥମଥର ପାଇଁ କୌଣସି ବିଦେଶୀ ବନ୍ଦରର ପରିଚାଳନା ନିଜ ହାତକୁ ନେଇଥିଲା। ଏହାପୂର୍ବରୁ ୨୦୧୬ରେ ହୋଇଥିବା ଚୁକ୍ତିର ନବୀକରଣ ପ୍ରତିବର୍ଷ କରା ଯାଉଥିଲା। ଚାବାହାର ବନ୍ଦର ଭାରତ ପାଇଁ ବିଶେଷ ଭାବେ ଗୁରୁତ୍ୱ ବହନ କରୁଛି। କାରଣ ପାକିସ୍ତାନକୁ ବାଇପାସ୍ କରି ଭାରତ ଏହି ବନ୍ଦର ମାଧ୍ୟମରେ ଆଫଗାନିସ୍ତାନ ଓ ମଧ୍ୟ ଏସୀୟ ଦେଶଗୁଡିକ ସହ ସିଧାସଳଖ ବାଣିଜ୍ୟ ଓ ବ୍ୟବସାୟ କରିବାକୁ ସକ୍ଷମ ହେଉଛି। ୨୦୨୩ରେ ଭାରତ ଏହି ପ୍ରକଳ୍ପ ନେଇ ପ୍ରସ୍ତାବ ଦେଇଥିଲା। ଏହା ଦ୍ୱାରା ଅନ୍ତର୍ଜାତୀୟ ଉତ୍ତର- ଦକ୍ଷିଣ ଟ୍ରାନ୍ସପୋର୍ଟ କରିଡର ଜରିଆରେ ଆଞ୍ଚଳିକ ଯୋଗାଯୋଗ ସୁଦୃଢ଼ ହୋଇଛି।

# ମୁଖ୍ୟମନ୍ତ୍ରୀ ପଦ | ନୀତୀଶ କୁମାରଙ୍କୁ ନେଇ ଅନିଶ୍ଚିତତା

ପାଟନା, ୩୦।୧୦ (ଏଜେନ୍ସି): ବିହାର ବିଧାନସଭା ନିର୍ବାଚନ ପାଇଁ ଜୋରସୋରରେ ପ୍ରଚାର ଚାଲିଛି। ଏ ପର୍ଯ୍ୟନ୍ତ କ୍ଷମତାସୀନ ମେଣ୍ଟ ଏନ୍‌ଡିଏରେ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀକୁ ନେଇ କୌଣସି ଘୋଷଣା ହୋଇନାହିଁ। ତେଣୁ ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ଆଗାମୀ ଭବିଷ୍ୟତକୁ ନେଇ ଅନିଶ୍ଚିତତା ଲାଗି ରହିଛି। ଯଦି ଏନ୍‌ଡିଏ ପୁଣି ନିର୍ବାଚନ ଜିତେ ତେବେ ସେ ମୁଖ୍ୟମନ୍ତ୍ରୀ ହୋଇ ନ ପାରନ୍ତି। ଏହାକୁ ନେଇ ବିରୋଧୀ ଇଣ୍ଡିଆ ସଦସ୍ୟ ଶାସକ ମେଣ୍ଟକୁ ସମାଲୋଚନା କରୁଥିବାବେଳେ ନୀତୀଶଙ୍କୁ ଚିଡ଼ାଇବାକୁ ଉଦ୍ୟମ କରୁଛନ୍ତି। ପୂର୍ବରୁ ବାରମ୍ବାର ପଟ ପରିବର୍ତ୍ତନର ରେକର୍ଡ ନୀତୀଶଙ୍କ ନାମରେ ରହିଛି। ଏହାର ମଧ୍ୟରେ ବିହାର ଉପ-ମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ ଏକ ସାକ୍ଷାତକାରରେ ଭିନ୍ନ ମନ୍ତବ୍ୟ ଦେଇଛନ୍ତି। ନୀତୀଶ କୁମାର ଆଗକୁ ମଧ୍ୟ ମୁଖ୍ୟମନ୍ତ୍ରୀ ରହିବେ ବୋଲି କହିଛନ୍ତି। ଏବେ ରାଜ୍ୟରେ କୌଣସି ମୁଖ୍ୟମନ୍ତ୍ରୀ ପଦ ଖାଲି ନାହିଁ ଏବଂ ଆଗକୁ ମଧ୍ୟ ଖାଲି ହେବନି ବୋଲି ଉଲ୍ଲେଖ କରିଥିଲେ। ତେବେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଆଜି ମୁଙ୍ଗେରରେ ପ୍ରଚାର କରି ଚୌଧୁରୀଙ୍କ ପାଇଁ ଭୋଟ ମାଗିଛନ୍ତି। ଶାହା କହିଥିଲେ ଯେ ଭୋଟ ଦେଇ ଜିତାଇଲେ ଆମେ ସମ୍ରାଟଙ୍କୁ ବଡ଼ ଲୋକ ବନାଇ ଦେବୁ। ଅନ୍ୟ ଅଞ୍ଚଳରେ ଲୋକେ ନିଜ ବିଧାୟକଙ୍କୁ ମନ୍ତ୍ରୀ କରିବାକୁ କହୁଥିବାବେଳେ ସେ ତାରାପୁରର ଜନତାଙ୍କୁ ଉପ-ମୁଖ୍ୟମନ୍ତ୍ରୀ ଦେଇଛନ୍ତି। ଅନ୍ୟପକ୍ଷରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ମହାମେଣ୍ଟ ପାଇଁ ପ୍ରଚାର ଆରମ୍ଭ କରିଛନ୍ତି। ସେ ନାଳନ୍ଦାର ନୁରସରାୟରେ କହିଥିଲେ ଯେ ପ୍ରଧାନମନ୍ତ୍ରୀ ମୋଦୀ ଜଣେ ଭୟାଳୁ ବ୍ୟକ୍ତି। ମୋଦୀଙ୍କଠାରୁ ଇନ୍ଦିରା ଅଧିକ ସାହସୀ ଥିଲେ। ଆମେରିକା ରାଷ୍ଟ୍ରପତିଙ୍କୁ ମୋଦୀ ଭୟ କରୁଛନ୍ତି। ମୋଦୀଙ୍କୁ ଧମକାଇ 'ଅପରେସନ ସିନ୍ଦୂର' ବନ୍ଦ କଲି ବୋଲି ଟ୍ରମ୍ପ ୫୦ ଥର ଟ୍ରମ୍ପ ଦାବି କଲେଣି। ସେହିପରି ପ୍ରଧାନମନ୍ତ୍ରୀ ମୋଦୀ ମୁଜଫରପୁରରେ କହିଥିଲେ ଯେ ଆରଜେଡିର ବିନାଶ ପାଇଁ କଂଗ୍ରେସ କାମ କରୁଛି। ନରେନ୍ଦ୍ର ଓ ନୀତୀଶ ଲୋକଙ୍କ ସ୍ୱପ୍ନ ପୂରଣ କରୁଥିବାବେଳେ କଂଗ୍ରେସ ଏବଂ ଆରଜେଡି ବିହାର ଓ ବିହାରୀଙ୍କୁ ଅପମାନିତ କରୁଛନ୍ତି। ତାମିଲନାଡୁରେ ଯେଉଁ ଡିଏମକେ ନେତା ବିହାରୀଙ୍କୁ ଉତ୍ପୀଡ଼ନ ଦେଉଛନ୍ତି ତାଙ୍କୁ କଂଗ୍ରେସ ପ୍ରଚାର ପାଇଁ ଡାକୁଛି।

# କାନାଡ଼ାରେ ଭାରତୀୟ ବ୍ୟବସାୟୀଙ୍କୁ ହତ୍ୟା

ମଣ୍ଟ୍ରିଲ, ୩୦ ।୧୦(ଏଜେନ୍ସି): କାନାଡ଼ାରେ ଜଣେ ଭାରତୀୟ ବ୍ୟବସାୟୀଙ୍କୁ ପିଟି ପିଟି ହତ୍ୟା କରାଯାଇଛି। ଏହି ବ୍ୟବସାୟୀ ହେଉଛନ୍ତି ୫୫ ବର୍ଷୀୟ ଅରବି ସିଂହ ସଗୁ। ୧୦୯ ଷ୍ଟ୍ରିଟ୍ ଓ ୧୦୦ ଆଭେନ୍ୟୁ ନିକଟରେ ପୁଲିସକୁ ଜଣେ ବ୍ୟକ୍ତିଙ୍କ ଉପରେ ଆକ୍ରମଣ ନେଇ ସୂଚନା ମିଳିଥିଲା। ପୁଲିସ ସେଠାରେ ପହଞ୍ଚି ସଗୁଙ୍କୁ ଚେତାଶୂନ୍ୟ ଅବସ୍ଥାରେ ଉଦ୍ଧାର କରିଥିଲା। ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲେ ମଧ୍ୟ ୫ ଦିନପରେ ସେ ମୃତ୍ୟୁବରଣ କରିଥିଲେ। ସଗୁ ଓ ତାଙ୍କ ବାନ୍ଧବୀ ରାତିରେ ଖାଇ ସାରି ନିଜ ଗାଡ଼ି ପାଖକୁ ଆସିଥିବାବେଳେ ଏପରି ହୋଇଥିଲା। ସେତେବେଳେ ଜଣେ ବ୍ୟକ୍ତି ତାଙ୍କ ଗାଡ଼ି ଉପରେ ପରିସ୍ରା କରୁଥିବା ସେ ଦେଖିଥିଲେ। ସଗୁ ପ୍ରଶ୍ନ କରିବା ପରେ ବ୍ୟକ୍ତି ଜଣକ ତାଙ୍କୁ ଆକ୍ରମଣ କରିଥିଲେ। ବ୍ୟକ୍ତି ଜଣକ ପ୍ରଥମେ ଗାଳିଗୁଲଜ କରିଥିଲେ ଓ ସଗୁ ତଳେ ପକାଇ ପିଟିବାରେ ଲାଗିଥିଲେ। ପୁଲିସ ଏହି ଘଟଣାରେ ୪୦ ବର୍ଷୀୟ କାଏଲ ପାପିନକୁ ଗିରଫ କରିଛି।

# ଦାଉଦ୍ ଆତଙ୍କବାଦୀ ନୁହଁ: ମମତା କୁଲକର୍ଣ୍ଣୀ

ଗୋରଖପୁର, ୩୦ ।୧୦(ଏଜେନ୍ସି): ଅଭିନେତ୍ରୀରୁ ସାଧବୀ ହୋଇଥିବା ମମତା କୁଲକର୍ଣ୍ଣୀ ଗୋରଖପୁରରେ ଅଣ୍ଡରୱାର୍ଲ୍ଡ ଡନ୍ ଦାଉଦ୍ ଇବ୍ରାହିମ୍‌କୁ ନେଇ ବିବାଦୀୟ ମନ୍ତବ୍ୟ ଦେଇଛନ୍ତି। ଦାଉଦ୍ ଆତଙ୍କବାଦୀ ନ ଥିଲା ଓ କୌଣସି ବୋମା ବିସ୍ଫୋରଣ କରାଇନାହିଁ ବୋଲି ମମତା କହିଛନ୍ତି। କେବଳ ସେତିକି ନୁହେଁ, ସେ ଦାଉଦ୍ ସହ କେବେ ସାକ୍ଷାତ କରିନାହାନ୍ତି ବୋଲି ସ୍ପଷ୍ଟ କରିଛନ୍ତି। ଏହାକୁ ନେଇ ବିବାଦ ହେବାରୁ ସେ ସଫେଇ ଦେଇଛନ୍ତି। ସେ ନିଜ ମନ୍ତବ୍ୟକୁ ବଦଳାଇଛନ୍ତି। ଦାଉଦ୍ ଭାରତର ଆତଙ୍କବାଦୀ ଥିଲା ଓ ରହିବ ବୋଲି ସେ ସଫେଇ ଦେଇ କହିଛନ୍ତି। ସ୍ୱାମୀ ଭିକି ଗୋସ୍ୱାମୀଙ୍କ ବିଷୟରେ ମନ୍ତବ୍ୟ ଦେଇଥିଲି। ବିସ୍ଫୋରଣ ସହ ଭିକିଙ୍କ କୌଣସି ସମ୍ପର୍କ ନଥିଲା। ଆଜି ମୋର ତାଙ୍କ ସହ କୌଣସି ସମ୍ପର୍କ ନାହିଁ। ମୋର ମନ୍ତବ୍ୟକୁ କଦର୍ଥ କରାଯାଇଛି ବୋଲି ସେ କହିଛନ୍ତି।

# ପତ୍ନୀ ହିନ୍ଦୁରୁ ଖ୍ରୀଷ୍ଟିଆନ ହୁଅନ୍ତୁ ଚାହାନ୍ତି ଭାନ୍ସ

ୱାସିଂଟନ, ୩୦ ।୧୦(ଏଜେନ୍ସି): ଆମେରିକା ଉପ-ରାଷ୍ଟ୍ରପତି ଜେଡି ଭାନ୍ସ ଏକ ଅଜବ ପ୍ରକାର ଇଚ୍ଛା ଜାହିର କରିଛନ୍ତି। ତାଙ୍କ ପତ୍ନୀ ଉଷା ଭାନ୍ସ ହିନ୍ଦୁ ଧର୍ମ ତ୍ୟାଗ କରି ଖ୍ରୀଷ୍ଟିଆନ ଧର୍ମ ଆପଣାନ୍ତୁ ବୋଲି ସେ କହିଛନ୍ତି। ଉଷା କ୍ୟାଥଲିକ୍ ଚର୍ଚ୍ଚ ଦ୍ୱାରା ପ୍ରେରିତ ହୋଇ ଖ୍ରୀଷ୍ଟିଆନ ହୁଅନ୍ତୁ। ସେ ମୋ ସହିତ ରବିବାର ଚର୍ଚ୍ଚକୁ ଦିନେ ଆସିବେ ବୋଲି ଆଶା ପ୍ରକାଶ କରିଛନ୍ତି। ମୋ ଭଳି ମୋ ପତ୍ନୀ ମଧ୍ୟ ଖ୍ରୀଷ୍ଟ ଧର୍ମରେ ଦକ୍ଷୀତ ହୁଅନ୍ତୁ ବୋଲି ମିସିସିପି ବିଶ୍ୱବିଦ୍ୟାଳୟରେ ରାଜନୈତିକ ତଥା ସାମାଜିକ କର୍ମୀ ସ୍ୱର୍ଗତ ଚାର୍ଲି କିର୍କଙ୍କ ସମ୍ମାନରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗ ଦେଇ ସେ ଏହି କଥା କହିଛନ୍ତି। ଭବିଷ୍ୟତରେ ଉଷା ମୋର ଆଶା ପୂରଣ କରିବେ। ଆମ ପିଲାମାନଙ୍କୁ ଖ୍ରୀଷ୍ଟିଆନ୍ ଭଳି ଲାଳନ ପାଳନ କରିବୁ ବୋଲି ମଧ୍ୟ ସେ କହିଛନ୍ତି।

# 'କ୍ଷମତା ପରିବର୍ତ୍ତନ ପାଇଁ ହୋଇଥିଲା ଦିଲ୍ଲୀ ଦଙ୍ଗା'

ନୂଆଦିଲ୍ଲୀ, ୩୦।୧୦ (ଏଜେନ୍ସି): ଅଚାନକ ଭାବେ ୨୦୨୦ରେ ଦିଲ୍ଲୀରେ ଦଙ୍ଗା ହୋଇ ନ ଥିଲା। କେନ୍ଦ୍ରରେ କ୍ଷମତା ପରିବର୍ତ୍ତନ ପାଇଁ ଷଡ଼ଯନ୍ତ୍ର କରି ଏପରି କରାଯାଇଥିଲା। ଦେଶକୁ ଦୁର୍ବଳ କରିବା ଉଦ୍ଦେଶ୍ୟରେ ଏହି ଆନ୍ଦୋଳନ ଆରମ୍ଭ ହୋଇଥିଲା। ଉମର ଖାଲିଦ ଏବଂ ସରଜିଲ ଇମାମ ଭଳି ଅଭିଯୁକ୍ତଙ୍କ ଜାମିନ ଆବେଦନ ବିରୋଧରେ ସୁପ୍ରିମକୋର୍ଟରେ ୧୭୭ ପୃଷ୍ଠାର ସତ୍ୟପାଠ ଦାଖଲ କରି ଦିଲ୍ଲୀ ପୁଲିସ ପକ୍ଷରୁ ଏହି ସୂଚନା ଦିଆଯାଇଛି। ପୁଲିସ ଅନୁଯାୟୀ, ସିଏଏକୁ ଆୟୁଧ ବନାଇ ଯୋଜନାବଦ୍ଧ ଭାବେ ଏହି ଆନ୍ଦୋଳନ କରାଯାଇଥିଲା। ଏହା ମାଧ୍ୟମରେ ସାରା ଦେଶରେ ହିଂସା କରିବାକୁ ପ୍ରୟାସ ହୋଇଥିଲା। ଉତ୍ତର ପ୍ରଦେଶ, ପଶ୍ଚିମବଙ୍ଗ, କେରଳ ଏବଂ କର୍ଣ୍ଣାଟକ ଭଳି ରାଜ୍ୟରେ ହିଂସା କରିବାକୁ ପ୍ରୟାସ ହୋଇଥିଲା। ଉମର ଏବଂ ସରଜିଲ ଏହାର ଷଡ଼ଯନ୍ତ୍ରକାରୀ ଥିଲେ। ଏମାନେ ହିଂସା ପାଇଁ ଲୋକଙ୍କୁ ଉସୁକାଇ ଥିଲେ। ଦିଲ୍ଲୀ ପୁଲିସ ପକ୍ଷରୁ ସୁପ୍ରିମକୋର୍ଟରେ କୁହାଯାଇଥିଲା ଯେ ଅଭିଯୁକ୍ତ ବାରମ୍ବାର ମିଥ୍ୟା ଦାବି କରୁଛନ୍ତି। ମାମଲାର ଶୁଣାଣିରେ ବିଳମ୍ବ ପାଇଁ ଏପରି କରାଯାଉଛି। ଏହା ନ୍ୟାୟିକ ପ୍ରକ୍ରିୟାରେ ବାଧା ଦେବା ସହ ସମାନ।

# ଝିଅ ମୃତ୍ୟୁ ଦୁଃଖଠୁ ବଳିଗଲା ଲାଞ୍ଚ ଯନ୍ତ୍ରଣା

ବେଙ୍ଗାଲୁରୁ, ୩୦।୧୦ (ଏଜେନ୍ସି): ଯନ୍ତ୍ରଣା ଜୀବନଠୁ ବଳି ଯାଇଛି। ଅଲିଅଳୀ ଝିଅକୁ ଯୁବାବସ୍ଥାରେ ହରାଇବା ଦୁଃଖରେ ଭାଙ୍ଗି ପଡ଼ିଥିବା ପରିବାରକୁ ବ୍ୟବସ୍ଥା ଦାରୁଣ କଷ୍ଟ ଦେଇଛି। ଝିଅର ମୃତ୍ୟୁରେ ଶୋକାତୁର ପରିବାରକୁ ସହାନୁଭୂତି ଦେବା ପରିବର୍ତ୍ତେ ଲୁଟିବାକ ଛାଡ଼ି ନାହାନ୍ତି ଦୁର୍ନୀତିଗ୍ରସ୍ତ ତଥା ଭ୍ରଷ୍ଟ ଅଧିକାରୀ। ମୃତଦେହ ପାଇଁ ବି ଲାଞ୍ଚ ନେବାକୁ ପଛାଇ ନାହାନ୍ତି। ମୃତଦେହକୁ ହସ୍ପିଟାଲରୁ ଘରକୁ ନେବାଠାରୁ ମୃତ୍ୟୁ ପ୍ରମାଣପତ୍ର ପାଇବା ପର୍ଯ୍ୟନ୍ତ ସବୁଠି ଲାଞ୍ଚ ଦେବାକୁ ପଡିଛି। ଆମ୍ବୁଲାନ୍ସ ଡ୍ରାଇଭର, ପୌରପାଳିକା ଏମିତିକି ପୁଲିସ ଅଧିକାରୀ ବି ଦୁଃଖରେ ମ୍ରିୟମାଣ ବାପାଠାରୁ ଲାଞ୍ଚ ନେବାକୁ ପଞ୍ଚଘୁଞ୍ଚା ଦେଇ ନ ଥିଲେ। ମାନବିକତାକୁ ମାରି ମୃତଦେହ ସହ ମୂଲଚାଲ କରୁଥିଲେ। ଏଭଳି ହୃଦୟ ବିଦାରକ ଘଟଣା ବେଙ୍ଗାଲୁରୁରୁ ସାମ୍ନାକୁ ଆସିଛି। କୌଣସି ସାଧାରଣ ନାଗରିକ ନୁହେଁ, ବରଂ ଭାରତ ପେଟ୍ରୋଲିୟମ କର୍ପୋରେସନ ଲିମିଟେଡ (ବିପିସିଏଲ)ର ପୂର୍ବତନ ମୁଖ୍ୟ ଆର୍ଥିକ ଅଧିକାରୀ (ସିଏଫଓ)ଙ୍କ ସହ ଏଭଳି ଘଟିଛି। ବେଙ୍ଗାଲୁରରେ ରହୁଥିବା ଏହି ଅଧିକାରୀଙ୍କ ଝିଅର ମୃତ୍ୟୁ ପରେ ସମସ୍ତ ଆବଶ୍ୟକୀୟ ପଦକ୍ଷେପ ପାଇଁ ତାଙ୍କୁ ଲାଞ୍ଚ ଦେବାକୁ ବାଧ କରାଯାଇଥିଲା। ସେ ଏକ ପୋଷ୍ଟ ମାଧ୍ୟମରେ ଏହି ହୃଦୟ ବିଦାରକ ଘଟଣା ବିଷୟରେ ସାମାଜିକ ଗଣମାଧ୍ୟମରେ ସୂଚନା ଦେଇଛନ୍ତି। ଯାହା ଖୁବ ଭାଇରାଲ ହେବାରେ ଲାଗିଛି। ସ୍ୱାଧୀନତାର ଏତେ ବର୍ଷ ପରେ ବି ସ୍ଥିତି ନ ବଦଳିବା ଏବଂ ସରକାର ଦେଉଥିବା ଦୁର୍ନୀତି ବିରୋଧୀ ସ୍ଲୋଗାନର ଅସଲ ଚିତ୍ରକୁ ଏହା ପଦାରେ ପକାଇ ଦେଇଛି।

ଗତ ୧୮ ତାରିଖରେ ବ୍ରେନ ଷ୍ଟ୍ରୋକ୍‌ରେ ଶିବକୁମାରଙ୍କ ଝିଅ ଅକ୍ଷୟା (୩୪)ଙ୍କ ମୃତ୍ୟୁ ହୋଇଥିଲା। ଆଇଆଇଏମ ଅହମଦାବାଦରୁ କମ୍ପ୍ୟୁଟର ସାଇନ୍ସରେ ବିଟେକ ଏବଂ ଏମବିଏ କରିଥିବା ଅକ୍ଷୟା ୧୧ ବର୍ଷ ହେଲା ଗୋଲ୍ଡମ୍ୟାନ ସ୍ୟାଚରେ କାମ କରୁଥିଲେ। ମୃତ୍ୟୁ ପରେ ଝିଅର ମୃତଦେହ ନେବା ପାଇଁ ଆମ୍ବୁଲାନ୍ସ ଡ୍ରାଇଭର, ଏତଲାର ନକଲ ଏବଂ ବ୍ୟବଚ୍ଛେଦ ରିପୋର୍ଟ ଦେବାକୁ ପୁଲିସ, ମୃତ୍ୟୁ ପ୍ରମାଣପତ୍ର ପାଇଁ ବୃହତ ବେଙ୍ଗାଲୁରୁ ମହାଗନର ପାଳିକା (ବିବିଏମପି)ର ଅଧିକାରୀ ମାନେ ପୀଡ଼ିତାଙ୍କ ବାପାକୁ ଖୋଲାଖୋଲି ଭାବେ ଲାଞ୍ଚ ମାଗିଥିଲେ। କେଉଁ ଭଳି ଭାବେ ଥାନାରେ ତାଙ୍କୁ ନଗଦ ଟଙ୍କା ଦେବାକୁ ବାଧ କରାଯାଇଥିଲା ତାହା ମଧ୍ୟ ଶିବକୁମାର ବର୍ଣ୍ଣନା କରିଛନ୍ତି। ଲାଞ୍ଚ ନ ଦେବାରୁ ବ୍ୟବଚ୍ଛେଦ ରିପୋର୍ଟ ଦେବା ପାଇଁ ଚାରି ଦିନ ଲଗାଇ ଦିଆଯାଇଥିଲା। ଝିଅକୁ ହରାଇବାର ଦୁଃଖରେ ମ୍ରିୟମାଣ ଥିବା ବାପା ପ୍ରତି ଏମାନେ ସହାନୁଭୂତି

## କରୁଣ କାହାଣୀ ବର୍ଣ୍ଣନା କଲେ ସିଏଫ୍‌ଓ

## ମୃତଦେହ ପାଇଁ ବି ଦେବାକୁ ପଡ଼ିଲା ଲାଞ୍ଚ

ବି ଦେଖାଇ ନ ଥିଲେ। ପାଖରେ ଟଙ୍କା ଥିବାରୁ ମୁଁ ତ ଦେଇ ଦେଲି ହେଲେ ଗରିବଙ୍କ ସହ ଏମାନେ କ'ଣ କରୁଥିବେ ବୋଲି ଶିବକୁମାର ପ୍ରଶ୍ନ ଉଠାଇଛନ୍ତି।

ଶିବକୁମାର ଲେଖିଥିଲେ ଯେ କୋରାମଙ୍ଗଳାର ସେଣ୍ଟ ଜନ୍ସ ହସ୍ପିଟାଲରୁ କସଭାନାହାଲି ନେବା ପାଇଁ ଆମ୍ବୁଲାନ୍ସ ଡ୍ରାଇଭର ତାଙ୍କୁ ୩ ହଜାର ଟଙ୍କା ମାଗିଥିଲା। ବେଲାନ୍ଦୁର ଥାନାର ପୁଲିସ ଅଧିକାରୀ ମଧ୍ୟ କୌଣସି କାମରେ ସହାୟତା କରି ନ ଥିଲେ। ପୂର୍ବରୁ ବଡ଼ ଆଘାତ ପାଇଥିବା ବ୍ୟକ୍ତି ପ୍ରତି କୌଣସି ସହାନୁଭୂତି ନ ଦେଖାଇ ପୁଲିସ ଅଧିକାରୀ ରୁକ୍ଷ ବ୍ୟବହାର କରିଥିଲେ। ଖାଲି ଟଙ୍କା ମାଗି ଚାଲିଥିଲେ। ଏହାକୁ ନେଇ ପୁଲିସ ଅଧିକାରୀଙ୍କର ପରିବାର ଅଛି କି ନାହିଁ ବୋଲି ଶିବକୁମାର ପ୍ରଶ୍ନ ପଚାରିଛନ୍ତି। ଏତିକିରେ ତାଙ୍କ ଯନ୍ତ୍ରଣା ଶେଷ ହୋଇ ନ ଥିଲା। ମୃତ୍ୟୁ ପ୍ରମାଣପତ୍ର ପାଇବା ପାଇଁ ବି ତାଙ୍କୁ ନାକେଦମ ହେବାକୁ ପଡ଼ିଥିଲା। ଏଥିପାଇଁ ୫ ଦିନ ପର୍ଯ୍ୟନ୍ତ ବିବିଏମପି ଅଫିସକୁ ତାଙ୍କୁ ଦୌଡିବାକୁ ପଡ଼ିଥିଲା। ଉପରିସ୍ଥ ଅଧିକାରୀଙ୍କୁ ଯୋଗାଯୋଗ ପରେଧାର୍ଯ୍ୟ ମୂଲ୍ୟ ଠାରୁ ଢେର ଅଧିକ ଦେବାରୁ ପ୍ରମାଣପତ୍ର ମିଳିଥିଲା। ଏହି ଘଟଣାକୁ ନେଇ ବଡ଼ ବଡ଼ ବ୍ୟବସାୟୀଙ୍କୁ ଶିବକୁମାର ଆକୁଳ ନିବେଦନ କରିଛନ୍ତି। ନାରାୟଣ ମୂର୍ତ୍ତି, ଅଜିମ ପ୍ରେମଜୀ ଏବଂ ମଜୁମଦାରଙ୍କ ଭଳି ବଡ଼ ବଡ଼ ବ୍ୟବସାୟୀ କୋଟି କୋଟି ଟଙ୍କା ଦେଇ ସହରକୁ ବଞ୍ଚାଇ ପାରିବେ କି ବୋଲି ସେ ପ୍ରଶ୍ନ କରିଛନ୍ତି।

## ବିଦ୍ୟୁତ୍ ତାର ଲାଗି ଚାଷୀ ମୃତ

ପାଇକମାଳ, ୩୦।୧୦ (ସମିସ): ବିଦ୍ୟୁତ୍ ତାର ଲାଗି ଚାଷୀ ମୃତ। ବରଗଡ଼ ଜିଲ୍ଲା ପାଇକମାଳ ବ୍ଲକ୍ ବୁକୁରାମୁଣ୍ଡା ଗାଁରେ ଗୁରୁବାର ଏପରି ଏକ ଘଟଣା ଘଟିଛି। ମୃତ ଚାଷୀଜଣଙ୍କ ହେଲେ, ରବି ସାହୁ। ଆଜି ବିଲରେ ସେ କୀଟନାଶକ ସିଞ୍ଚନ କରୁଥିବା ବେଳେ ଏହି ଅଘଟଣ ଘଟିଥିଲା। ସାମୁଦ୍ରିକ ବାତ୍ୟା ମୋନ୍ଥାର ପ୍ରଭାବରେ ବିଲରେ ବିଦ୍ୟୁତ୍ ତାର ଛିଣ୍ଡି ପଡ଼ିଥିଲା।



### ପବନରେ ଛିଣ୍ଡି ପଡ଼ିଥିଲା ତାର

ଅଜାଣତରେ ଏହି ତାର ସଂସ୍ପର୍ଶରେ ଆସିବାରୁ ଘଟଣାସ୍ଥଳରେ ରବିଙ୍କର ମୃତ୍ୟୁ ଘଟିଥିଲା। ଅଭାବ ଅନଟନ ମଧ୍ୟରେ ଚଳୁଥିବା ଅଭାବୀ ଚାଷୀ ପରିବାରର ସେ ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିଲେ। ତାଙ୍କର ଅକାଳ ମୃତ୍ୟୁ ତାଙ୍କ ପରିବାରକୁ ଅନିଶ୍ଚିତତା ମଧ୍ୟକୁ ଠେଲି ଦେଇଛି। ରବିଙ୍କ ପରେ ପିଲାଙ୍କ ପ୍ରତିପୋଷଣ କିଏ କରିବ, କିପରି ତେଲ ଲୁଣର ସଂସାର ଚାଲିବ, ସେଇ ଚିନ୍ତାରେ ତାଙ୍କ ସ୍ତ୍ରୀ ଏବେ ଭାଙ୍ଗି ପଡ଼ିଛନ୍ତି। ବୁକୁରାମୁଣ୍ଡା ପଞ୍ଚାୟତ ସରପଞ୍ଚ ଅନିତା ଭୋଇ ତାଙ୍କ ପରିବାରକୁ ଭେଟି ସମବେଦନା ଜଣାଇବା ସହ ତୁରନ୍ତ ମୃତକଙ୍କ ପରିବାରକୁ ବିଦ୍ୟୁତ୍ ବିଭାଗ ଓ ରାଜ୍ୟ ସରକାର ଆର୍ଥିକ କ୍ଷତିପୂରଣ ଯୋଗାଇ ଦେବାକୁ ଦାବି କରିଛନ୍ତି।

## ପଞ୍ଝୁକ ସହ ଆସିବ ଶୀତ

ଭୁବନେଶ୍ୱର, ୩୦।୧୦ (ସମିସ): ବର୍ଷା ପରେ ପରେ ରାଜ୍ୟକୁ ଆସୁଛି ଶୀତ। ଦିନକ ପରେ ପଞ୍ଝୁକ ଆରମ୍ଭ ହେଉଛି। ପଞ୍ଝୁକ ସାଙ୍ଗକୁ ରାଜ୍ୟକୁ ପହିଲି ଶୀତ ଆସିବାକୁ ଯାଉଛି। ବର୍ତ୍ତମାନ ଉତ୍ତର-ପଶ୍ଚିମ ଦିଗରୁ ଶୁଷ୍କବାୟୁ ପ୍ରବାହ ଆରମ୍ଭ ହୋଇଥିବା ବେଳେ ଆଗକୁ ଏକ ଗୁରୁଚାପବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହା ପ୍ରଭାବରେ ଥଣ୍ଡା ବାୟୁର ପ୍ରବାହ ବୃଦ୍ଧି ପାଇବା ସହ ଶୀତ ବଢ଼ିବା ନେଇ ଆକଳନ କରାଯାଇଛି। ପାଣିପାଗ ବିଶେଷଜ୍ଞ ପ୍ରଫେସର୍ ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ରାଜ୍ୟକୁ ବର୍ତ୍ତମାନ ଉତ୍ତରା ପବନ ବହିବା ଆରମ୍ଭ ହୋଇଛି। ମେଘୁଆ ପାଗ ମଧ୍ୟ କ୍ରମଶଃ ପଳାଇଯିବ। ଫଳରେ ରାଜ୍ୟରେ ପହିଲି ଶୀତ ହେବ। ୩୧ ତାରିଖ ରାତିରୁ କନ୍ଧମାଳ (ବାଲିଗୁଡ଼ା, ଫୁଲବାଣୀ) ଓ ଗଜପତି (ଗଜାପୁର, ମୋହନା) ସର୍ବନିମ୍ନ ତାପମାତ୍ରା ୨୦ ଡିଗ୍ରୀରୁ କମିପାରେ। ନଭେମ୍ବର ୨ ତାରିଖ ରାତିରୁ ସାରା ରାଜ୍ୟରେ ତାପମାତ୍ରା ୫ ମଧ୍ୟରେ ୩-୪ ଡିଗ୍ରୀ କମିବ। ଝାରସୁଗୁଡ଼ା, ରାଉରକେଲା, ପାଲଲହଡ଼ା, ବାଦାମପାହାଡ଼, ବହଳଦାରେ ସର୍ବନିମ୍ନ ତାପମାତ୍ରା ୧୫ରୁ ୧୭ ଡିଗ୍ରୀକୁ ଖସିବ। ସେହିପରି ବାଲିଗୁଡ଼ା, ଦାରିଙ୍ଗବାଡ଼ି, ଗଜାପୁର, ମୋହନାରେ ୧୭-୧୮ ଡିଗ୍ରୀ ରହିପାରେ। ଏହା ଉତ୍ତର ଭାରତର ଦିଲ୍ଲୀ-ଚଣ୍ଡିଗଡ଼-ଲୁଧିଆନାର ତାପମାତ୍ରା ସହିତ ସମାନ ହୋଇପାରେ। ଭୁବନେଶ୍ୱରରେ ତାପମାତ୍ରା ୫ ସୁଦ୍ଧା ୨୦ ଡିଗ୍ରୀ ତଳକୁ ଖସିବାର ସମ୍ଭାବନା ରହିଛି ବୋଲି ପ୍ରଫେସର ପଶୁପାଳକ କହିଛନ୍ତି।

## କାନ୍ଥ ଭୁଶୁଡ଼ି ମହିଳାଙ୍କ ମୃତ୍ୟୁ

କପ୍ତିପଦା, ୩୦।୧୦(ସମିସ): ଲଗାଣ ବର୍ଷାରେ କାନ୍ଥ ଭୁଶୁଡ଼ି ବୃଦ୍ଧା ମୃତ। ଏଭଳି ଏକ ଘଟଣା ଘଟିଛି କପ୍ତିପଦା ଥାନା ରେକର୍ଡଚୁଆ ଗ୍ରାମରେ। ମୃତ ବୃଦ୍ଧଜଣଙ୍କ ହେଲେ, ଗ୍ରାମର ବାସନ୍ତୀ କିସ୍କୁ। ବୁଧବାର ସେ ଘରେ ଏକୁଟିଆ ଥିଲେ। ଅପରାହ୍ଣରେ ସେ ଘର ବାରଣ୍ଡାରେ ଶୋଇଥିଲେ। ଏହି ସମୟରେ ଜୋରରେ ପବନ ସହ ପ୍ରବଳ ବର୍ଷା ହୋଇଥିଲା। ଫଳରେ ଘରର ଆଜବେଷ୍ଟସ ଏବଂ କାନ୍ଥ ଦବି ଯାଇଥିଲା। ଶବ୍ଦ ଶୁଣି ବାସନ୍ତୀ ଉଠି ବାହାରିବାକୁ ଯିବାକୁ ଚେଷ୍ଟା କରୁଥିବା ବେଳେ ତାଙ୍କ ଉପରେ କାନ୍ଥ ପଡ଼ି ଯାଇଥିଲା ଏବଂ ସେ ଚାପି ହୋଇ ରହିଯାଇଥିଲେ। କିଛି ସମୟ ପରେ ପରିବାରଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ଉଦଳା ମେଡିକାଲରେ ଭର୍ତ୍ତି କରାଇଥିଲେ। କିନ୍ତୁ ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ସବୁ ନୂଆ ରାସ୍ତାକଡ଼ରେ ବୃକ୍ଷରୋପଣ

■ ବ୍ୟୟ ହେବ ନିର୍ମାଣ ଖର୍ଚ୍ଚର ୧ ପ୍ରତିଶତ ଅର୍ଥ

ଭୁବନେଶ୍ୱର,୩୦।୧୦(ସମିସ): ଦ୍ରୁତ ସହରୀକରଣ ଓ ଜଙ୍ଗଲ ହ୍ରାସ ଯୋଗୁଁ ଏହାର କୁପ୍ରଭାବ ଜୀବଜଗତ ଉପରେ ପରିଲକ୍ଷିତ ହେଉଛି। ତେଣୁ ଏହି ସମସ୍ୟାର ମୁକାବିଲା କରିବା ଏବଂ ଓଡ଼ିଶାକୁ ପରିବେଶ ଅନୁକୂଳ ରାଜ୍ୟ ଭାବେ ଗଢ଼ିତୋଳିବାକୁ ରାଜ୍ୟ ସରକାର ଏଣିକି ସବୁ ନୂତନ ରାସ୍ତାର ଉଭୟ ପାର୍ଶ୍ୱରେ ବୃକ୍ଷରୋପଣ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି କ୍ରମରେ ସାରା ରାଜ୍ୟରେ ପୂର୍ତ୍ତ ବିଭାଗ ଅଧୀନରେ ନୂଆକରି ନିର୍ମାଣ ହେବାକୁ ଥିବା ପ୍ରତ୍ୟେକ ରାଜପଥ, ଜିଲ୍ଲା ମୁଖ୍ୟ ସଡ଼କ, ଅନ୍ୟାନ୍ୟ ସମସ୍ତ ସଡ଼କ ନିର୍ମାଣ ସମୟରେ ବୃକ୍ଷରୋପଣକୁ ବାଧ୍ୟତାମୂଳକ କରାଯିବା ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି। ଏଥିନେଇ ବିଭାଗ ପକ୍ଷରୁ ନିର୍ମାଣ ହେବାକୁ ଥିବା ରାସ୍ତାର ଉଭୟ ପାର୍ଶ୍ୱର ଏବଂ ଡିଭାଇଡର ମଝିରେ ଥିବା ଖାଲିସ୍ଥାନରେ ବ୍ୟାପକ ବୃକ୍ଷରୋପଣ କରାଯିବା ନେଇ ଇଆଇସି (ସିଭିଲ୍ ତଥା ରୋଡସ୍), ଇଆଇସି (ଏନ୍ଏଚ୍), ଏମ୍ଡି, ଓବିସିସିଙ୍କୁ ଚିଠି ଜରିଆରେ ଅବଗତ କରାଯାଇଛି। ଗ୍ରୀନ୍ କରିଡର ବିକାଶ ଓ ପରିଚାଳନା ଲକ୍ଷ୍ୟ ନେଇ ସବୁ ରାସ୍ତାକଡ଼ରେ ବୃକ୍ଷ ରୋପଣ କରାଯିବ। ଏହି କ୍ରମରେ ରାସ୍ତା ନିର୍ମାଣ ସମୟରେ ନିର୍ମାଣ ବ୍ୟୟର ଅତିରିକ୍ତ ୧ ପ୍ରତିଶତ ଅର୍ଥରାଶି ବୃକ୍ଷରୋପଣ ଏବଂ ରକ୍ଷଣାବେକ୍ଷଣ ବାବଦରେ ଖର୍ଚ୍ଚ କରିବା ନେଇ ମାର୍ଗଦର୍ଶିକା ଜାରି କରାଯାଇଛି। ଏହାଦ୍ୱାରା ଅଙ୍ଗାରକାମ୍ଳ ଅବଶୋଷଣ ଓ ଅମ୍ଳଜାନ ସ୍ତର ବୃଦ୍ଧି ସହ ବାୟୁ ପ୍ରଦୂଷଣକୁ କମ୍ କରିହେବ। ଏହି ବୃକ୍ଷରୋପଣ ଶବ୍ଦ ପ୍ରଦୂଷଣକୁ କମ୍ କରିବା ସହ ମୃତ୍ତିକା କ୍ଷୟକୁ ରୋକିବା ଏବଂ ବାୟୁର ମାନକ ବୃଦ୍ଧି କରିବା ସହ ଖରାଦିନେ ଆଖପାଖ ଅଞ୍ଚଳରେ ଶୀତଳତା ସୃଷ୍ଟି କରିବାରେ ସହାୟକ ହେବ ବୋଲି ସରକାର ବିଚାର କରିଛନ୍ତି।

# ବଞ୍ଚି ଉଠିଲେ ହତ୍ୟାକାଣ୍ଡର ମୃତ ମହିଳା!

ବୌଦ୍ଧ, ୩୦।୧୦ (ସମିସ): ନାଡ଼ି ପରଖିବା ଦୂରେ ଥାଉ, ପାଖକୁ ବି ଗଲାନି ପୁଲିସ। ମହିଳାଙ୍କ ମୃତ୍ୟୁ ହୋଇଯାଇଥିବା ଭାବି କନଷ୍ଟେବଳଙ୍କୁ ରାତିସାରା ଜଗାଇ ସେଠାରୁ ପଳାଇଲା। ଫଳରେ କାଠଗଦା ଭିତରେ ସେମିତି ରାତିସାରା (୧୨ଘଣ୍ଟାରୁ ଊର୍ଦ୍ଧ୍ୱ) ନିଶ୍ଚଳ ଅବସ୍ଥାରେ ପଡ଼ି ରହିଲେ ମହିଳା। କିନ୍ତୁ ଆଜି ସାଇଣ୍ଟିଫିକ୍ ଟିମ୍ ଆସି ଯାଞ୍ଚ କରି ମହିଳାଜଣଙ୍କ ଜୀବିତ ଥିବା କହିବା ପରେ ସମସ୍ତଙ୍କ ଅକଲଗୁଡ୍ଡୁମ୍ ହୋଇଯାଇଥିଲା। ବୌଦ୍ଧ ଥାନା ଗିରାସିଙ୍ଗା ଗ୍ରାମରେ ଘଟିଥିବା ଏଭଳି ଏକ ଅଜବ ଘଟଣା ଆଜି ଜିଲ୍ଲାବ୍ୟାପୀ ଚର୍ଚ୍ଚାର ବିଷୟ ହୋଇଥିବା ବେଳେ ପୁଲିସର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଉକ୍ତ ମହିଳାଜଣଙ୍କ ହେଲେ, ଗ୍ରାମର ଶ୍ରୀକାନ୍ତ ନାଏକଙ୍କ ପତ୍ନୀ ଲକ୍ଷ୍ମୀପ୍ରିୟା ନାଏକ। ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଖବର ଲେଖା ହେବା ବେଳକୁ ସେ ବିପଦମୁକ୍ତ ଥିବା ଡାକ୍ତର କହିଛନ୍ତି।

ସୂଚନାନୁଯାୟୀ, ଲକ୍ଷ୍ମୀପ୍ରିୟା ନିଖୋଜ ଥିବା ନେଇ ବୁଧବାର ସନ୍ଧ୍ୟାରେ ତାଙ୍କ ସ୍ୱାମୀ ଶ୍ରୀକାନ୍ତ ବୌଦ୍ଧ ଥାନାରେ ଅଭିଯୋଗ କରିଥିଲେ। ତେବେ ଏହାକୁ ନେଇ ଲକ୍ଷ୍ମୀପ୍ରିୟାଙ୍କ ବାପଘରଲୋକଙ୍କ ସନ୍ଦେହ ହୋଇଥିଲା। ଶ୍ରୀକାନ୍ତ ତାଙ୍କ ଝିଅକୁ ହତ୍ୟା କରି ନିଖୋଜ ନାଟକ ରଚୁଥିବା ନେଇ ଥାନାରେ ଆଉ ଏକ ଅଭିଯୋଗ ଦେଇଥିଲେ। ଅଭିଯୋଗ ଆଧାରରେ ପୁଲିସ ଶ୍ରୀକାନ୍ତଙ୍କ ଅଟକ ରଖି ରାତି ପ୍ରାୟ ୮ଟରେ ଗିରାସିଙ୍ଗା ଗ୍ରାମକୁ ତଦନ୍ତ କରିବାକୁ ଯାଇଥିଲା। ସେଠାରେ ଏକ କାଠଗଦା ମଧ୍ୟରେ ଲକ୍ଷ୍ମୀପ୍ରିୟାଙ୍କ ନିଶ୍ଚଳ ଅବସ୍ଥାରେ ପଡ଼ିଥିବା ଦେଖି ତାଙ୍କୁ ମୃତ ବୋଲି ଭାବି ନେଇଥିଲା। ଶ୍ରୀକାନ୍ତ ତାଙ୍କୁ ହତ୍ୟା କରିବା



ପରେ ଏଠାରେ ଲୁଚାଇ ରଖିଥିବା ସନ୍ଦେହ କରିଥିଲା। ତେଣୁ, ସେଠାରେ କିଛି ପୁଲିସ କର୍ମଚାରୀଙ୍କୁ ମୁତୟନ କରି ଚାଲିଆସିଥିଲା। ଗୁରୁବାର ସକାଳେ ସାଇଣ୍ଟିଫିକ ଟିମ ତଦନ୍ତ ପାଇଁ ପହଞ୍ଚି ମହିଳାଙ୍କ ଦେହ ଉପରେ ଲଦାଯାଇଥିବା କାଠ ଓ ଡାଳ ବାହାର କରିବା ପରେ ମହିଳାଜଣଙ୍କ ବଞ୍ଚିଥିବା

■ ୧୨ଘଣ୍ଟା କାଠଗଦା ଭିତରେ ଚାପି ହୋଇ ରହିଲେ
■ ମୃତ ଭାବି ରାତିରେ ଉଦ୍ଧାର କଲାନି ପୁଲିସ
■ ପୁଲିସର ତଦନ୍ତ ପ୍ରକ୍ରିୟା ଉପରେ ଉଠିଲା ପ୍ରଶ୍ନ

ଜାଣିବାକୁ ପାଇଥିଲା। ପରେ ପୁଲିସ ତୁରନ୍ତ ମହିଳାକୁ ଡାକ୍ତରଖାନା ଆଣିଥିଲା। ମହିଳାଜଣଙ୍କ ଏବେ ବିପଦମୁକ୍ତ ଥିବା ଜଣାଯାଇଛି। ଅପରପକ୍ଷେ, ଏହି ଘଟଣାକୁ ନେଇ କାର୍ଯ୍ୟଦକ୍ଷତା ଉପରେ ଅଞ୍ଚଳବାସୀ ପ୍ରଶ୍ନ ଉଠାଇଛନ୍ତି। ବିଳମ୍ବିତ ରାତି ପର୍ଯ୍ୟନ୍ତ ବିଭିନ୍ନ ପୁଲିସ ଅଧିକାରୀ ଘଟଣାସ୍ଥଳ ପରିଦର୍ଶନ କରିଥିଲେ ହେଁ ଲକ୍ଷ୍ମୀପ୍ରିୟା ଜୀବିତ ଥିବା ନେଇ କିପରି ଜାଣିପାରିଲେ ନାହିଁ। କେଉଁ ଆଧାରରେ ମୃତ ବୋଲି ଭାବି ତାଙ୍କୁ କାଠଗଦାରୁ ଉଦ୍ଧାର କଲେ ନାହିଁ? ଯଦି ଏପରି ଅବସ୍ଥାରେ ମହିଳାଙ୍କ ମୃତ୍ୟୁ ହୋଇଥା'ନ୍ତା, ତେବେ କିଏ ଦାୟୀ ହୋଇଥା'ନ୍ତା, ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି।

### ଦଳୀୟ କାର୍ଯ୍ୟାଳୟରେ ପୁଲିସ ପଶିବାକୁ ନେଇ ବର୍ଷିଲା କଂଗ୍ରେସ

## ଭୋଟରଙ୍କୁ ଡରାଇବାକୁ ଅପଚେଷ୍ଟା କରୁଛି ବିଜେପି

ଭୁବନେଶ୍ୱର,୩୦।୧୦(ସମିସ): ନୂଆପଡ଼ା ଉପନିର୍ବାଚନ ପରିପେକ୍ଷୀରେ ସମସ୍ତ ରାଜନୈତିକ ଦଳ ସମସ୍ତ ଶକ୍ତି ବିନିଯୋଗ କରି ପ୍ରଚାର ପ୍ରସାର କରୁଛନ୍ତି ଏବଂ ନିଜ ବିଜୟକୁ ନେଇ ଆଶାବାଦୀ ଅଛନ୍ତି। ଘାସିରାମ ମାଝୀ ମାଟିର ପୁଅ ତାଙ୍କ ପ୍ରତି ଜନତାଙ୍କ ସମ୍ପୂର୍ଣ୍ଣ ସମର୍ଥନ ଦେଖି ବିଜେପି ପାଇଁ ମୁଣ୍ଡବ୍ୟଥା ବଢ଼ିଯାଇଛି। ଏଥିପାଇଁ ବିଜେପି ସରକାର କଂଗ୍ରେସ କାର୍ଯ୍ୟାଳୟରେ ପୁଲିସ ଦ୍ୱାରା ରେଡ୍ କରି ଲୋକଙ୍କୁ ଭୟଭୀତ କରାଇବାକୁ ଅପଚେଷ୍ଟା କରୁଛି ବୋଲି କଂଗ୍ରେସ ଅଭିଯୋଗ କରିଛି। ଦଳ ପକ୍ଷରୁ ଗୁରୁବାର କଂଗ୍ରେସ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ବିଧାୟକ ତଥା ପିସିସିର ବରିଷ୍ଠ ଉପସଭାପତି ଡଃ ଲଲାଟେନ୍ଦୁ ମହାପାତ୍ର କହିଛନ୍ତି ଯେ ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି କନଓ୍ୱର ବିଶାଳ ସିଂହଙ୍କୁ ଛୁଟିରେ ପଠାଯାଇ ତାଙ୍କ ସ୍ଥାନରେ ଆଇଜି ହିମାଂଶୁ ଲାଲଙ୍କୁ ଦାୟିତ୍ୱରେ ରଖାଯାଇଛି। ଯାହାକି ନିର୍ବାଚନ ଆଚରଣ ବିଧିକୁ ଉଲଂଘନ କରିଛି। ଏହା ପୁଣି ଭୋଟ ଗ୍ରହଣ ଶେଷଦିନ ପର୍ଯ୍ୟନ୍ତ ହୋଇଥିବାରୁ କଂଗ୍ରେସ ଏହି ଘଟଣାକୁ ନେଇ ପ୍ରଶ୍ନ ଉଠାଇଛି। କଂଗ୍ରେସ ଅଫିସରେ ପୁଲିସ ପଶିବା ଘଟଣାକୁ ନିନ୍ଦା କରିବା ସହ ଗତ ଅକ୍ଟୋବର ୧୬/୧୭ ତାରିଖରେ ପୁଲିସ ୯୦ ଲକ୍ଷ ଟଙ୍କା ଜବତ କରିବା ପରେ ମଧ୍ୟ କାହିଁକି ଏବଂ ଏହା କାହାର ଟଙ୍କା ଆଜି ଯାଏ ପୁଲିସ କିମ୍ବା ଇଡି ପ୍ରକାଶ କରି ପାରିନାହିଁ ତାକୁ ନେଇ ପ୍ରଶ୍ନ କରିଛି। ଏହି ଟଙ୍କା ଜଣେ ବିଜେପି ସାଂସଦଙ୍କ ଘନିଷ୍ଠ ସହଯୋଗୀଙ୍କର ବୋଲି କଂଗ୍ରେସ କହିବା ସହ ସେଥିପାଇଁ ପୁଲିସ ଚୁପ୍ ବସିଥିବା ସୁଚାରୁରୂପେ ସମ୍ପାଦନ କରିବେ ଏହା ତାଙ୍କ ଦାୟିତ୍ୱ। ଭୟଭୀତ ହୋଇ ଉପନିର୍ବାଚନ ପାଇଁ ବିଜେପି ଗଣ୍ଡା ଗଣ୍ଡା ମନ୍ତ୍ରୀ ବିଧାୟକ ଏପରିକି ପରାଜିତ ପ୍ରାର୍ଥୀ ଆଦିଙ୍କୁ ନିର୍ବାଚନ ପ୍ରଚାରରେ ନିୟୋଜିତ କରିଛି। ନିର୍ବାଚନ ସମୟରେ ବିଜେପିର ନେତା ମନ୍ତ୍ରୀ ମୁଖ୍ୟମନ୍ତ୍ରୀ



କହିଛି। କଂଗ୍ରେସ ଲୋକପ୍ରିୟତାରେ ଆଗେଇ ଯାଇଛି, କଂଗ୍ରେସ ପ୍ରାର୍ଥୀଙ୍କୁ ଅକୁଣ୍ଠ ଜନସମର୍ଥନ ମିଳୁଛି। ଏହା ଦେଖି ବିଜେପି ଛାନିଆ ହୋଇ ପୁଲିସ ବାହିନୀ ଏବଂ ପ୍ରଶାସନକୁ ଉପଯୋଗ କରି ନିର୍ବାଚନ ଲଢ଼ିବାକୁ ଯୋଜନା କରୁଛି ବୋଲି କଂଗ୍ରେସ କହିଛି।

ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଏହି ନିର୍ବାଚନକୁ କିଭଳି ଅବାଧ, ନିରପେକ୍ଷ ଏବଂ ଆସି ୧୧୦୦ କୋଟି ଟଙ୍କାର ପ୍ୟାକେଜ ଘୋଷଣା କରିଛନ୍ତି। ତେବେ ଗତ ୧୬ ମାସ ଧରି ନୂଆପଡାକୁ ଅଣଦେଖା କାହିଁକି କରୁଥିଲେ ବୋଲି କଂଗ୍ରେସ ପ୍ରଶ୍ନ କରିଛି। ମୁଖ୍ୟମନ୍ତ୍ରୀ 'ନୂଆପଡାର ଦାୟିତ୍ୱ ମୁଁ ନେବି' ବୋଲି ଅବାନ୍ତର କଥା କହୁଛନ୍ତି' ଏହାର ଅର୍ଥ କଣ ଓଡ଼ିଶାର ବାକି ଜିଲ୍ଲା ପ୍ରତି ମୁଖ୍ୟମନ୍ତ୍ରୀଙ୍କର ଦାୟିତ୍ୱ ନାହିଁ ବୋଲି କଂଗ୍ରେସ ପ୍ରଶ୍ନ କରିଛି।

## ଓଡ଼ିଶାରେ ନିର୍ମାଣ ହେବ ୯୨ଟି ରେଳ ଓଭର୍‌ବ୍ରିଜ୍

ଭୁବନେଶ୍ୱର,୩୦।୧୦(ସମିସ): ଓଡ଼ିଶାରେ ୯୨ଟି ରେଳ ଓଭରବ୍ରିଜ୍‌ର ନିର୍ମାଣ ପାଇଁ ସମ୍ପୂର୍ଣ୍ଣ ଖର୍ଚ୍ଚ କେନ୍ଦ୍ର ସରକାର ବହନ କରିବେ। ଏଥିପାଇଁ କେନ୍ଦ୍ର ରେଳ ମନ୍ତ୍ରାଳୟ ଆବଶ୍ୟକ ଅନୁମୋଦନ କରିଛନ୍ତି।

ସୂଚନାଯୋଗ୍ୟ ଯେ ପୂର୍ବରୁ ଉଭୟ ରେଳ ମନ୍ତ୍ରାଳୟ ଓ ରାଜ୍ୟ ସରକାର ଏହି ରେଳ ଓଭରବ୍ରିଜ୍ ଗୁଡ଼ିକୁ ୫୦-୫୦ ଅନୁପାତରେ ଏଥିପାଇଁ ଖର୍ଚ୍ଚ କରିବେ ବୋଲି ସ୍ଥିର ହୋଇଥିଲା। ତେବେ ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ଖର୍ଚ୍ଚ ସମ୍ପୂର୍ଣ୍ଣ ଭାବେ ରେଳ ମନ୍ତ୍ରାଳୟ ବହନ କରିବାକୁ ଅନୁରୋଧ

■ ସମ୍ପୂର୍ଣ୍ଣ ଖର୍ଚ୍ଚ ବହନ କରିବ ରେଳ ବିଭାଗ
■ ପ୍ରଧାନମନ୍ତ୍ରୀ ଓ କେନ୍ଦ୍ର ରେଳମନ୍ତ୍ରୀଙ୍କୁ ଧନ୍ୟବାଦ ଦେଲେ ମୁଖ୍ୟମନ୍ତ୍ରୀ

କରାଯାଇଥିଲା। ରାଜ୍ୟ ସରକାରଙ୍କ ଅନୁରୋଧ ରକ୍ଷା କରି କେନ୍ଦ୍ର ରେଳ ମନ୍ତ୍ରାଳୟ ରାଜ୍ୟର ବିଭିନ୍ନ ସ୍ଥାନରେ ନିର୍ମାଣ ହେବାକୁ ଥିବା ୯୨ଟି ରେଳ ଓଭର ବ୍ରିଜ୍‌ର ସମ୍ପୂର୍ଣ୍ଣ ନିର୍ମାଣ ଖର୍ଚ୍ଚ ବହନ କରିବେ ବୋଲି ପତ୍ର ମାଧ୍ୟମରେ ଜଣାଇଛନ୍ତି। ଓଡ଼ିଶାର ଭିତ୍ତିଭୂମି ବିକାଶ ପ୍ରତି କେନ୍ଦ୍ର ସରକାରଙ୍କ ଏହି ସହୃଦୟତାପୂର୍ଣ୍ଣ ପଦକ୍ଷେପ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଓଡ଼ିଶାବାସୀଙ୍କ ପକ୍ଷରୁ ଧନ୍ୟବାଦ ଓ କୃତଜ୍ଞତା ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ସବୁ ସମୟରେ ଓଡ଼ିଶାର ବିକାଶ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେଇ ଆସିଛନ୍ତି। ରେଳପଥ, ସଡକ ପଥ, ବନ୍ଦର ଓ ବିମାନ ଭିତ୍ତିଭୂମି ସହିତ ଓଡ଼ିଶାରେ ଶିଳ୍ପର ବିକାଶ ପାଇଁ ପ୍ରଧାନମନ୍ତ୍ରୀ ଓଡ଼ିଶାକୁ ସର୍ବାଧିକ ଗୁରୁତ୍ୱ ଦେଇ ଆସିଛନ୍ତି। ଓଡ଼ିଶାବାସୀଙ୍କ ପ୍ରତି ପ୍ରଧାନମନ୍ତ୍ରୀଙ୍କ ଏହି ଶ୍ରଦ୍ଧା ଓଡ଼ିଶାର ବିକାଶକୁ ତ୍ୱରାନ୍ୱିତ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ଦିବ୍ୟାଙ୍ଗ କଲେଜ ଛାତ୍ରଛାତ୍ରୀଙ୍କ ସମସ୍ୟା ସମାଧାନ ପାଇଁ ପଦକ୍ଷେପ ନିଅ: ହାଇକୋର୍ଟ

କଟକ, ୩୦।୧୦(ସମିସ): କଟକସ୍ଥିତ ଶୈଳବାଳା ସ୍ୱୟଂଶାସିତ ମହିଳା ମହାବିଦ୍ୟାଳୟରେ ୭୭ଜଣ ଦିବ୍ୟାଙ୍ଗ ଛାତ୍ରୀଙ୍କ ପାଇଁ ଆବଶ୍ୟକ ସୁବିଧା ନଥିବା ପ୍ରସଙ୍ଗକୁ ଅଦାଲତ ଗୁରୁତ୍ୱର ସହ ଗ୍ରହଣ କରି ଶୁଣାଣି କରୁଛନ୍ତି। ତେବେ ଶୈଳବାଳା ଭଳି ରାଜ୍ୟର ସମସ୍ତ ମହାବିଦ୍ୟାଳୟରେ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ରହିଥିବା ସମସ୍ୟାକୁ ସମାଧାନ କରିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ରାଜ୍ୟ ଉଚ୍ଚଶିକ୍ଷା ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି ହାଇକୋର୍ଟ। କଟକ ସହର ସମସ୍ୟା ମାମଲାର ଶୁଣାଣି କରିବା ଅବସରରେ ଜଷ୍ଟିସ ସଂଗମ କୁମାର ସାହୁ ଓ ଜଷ୍ଟିସ ଭି.ନରସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ବିଶେଷକରି, ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ଯେପରି ସେମାନଙ୍କ ଅଧିକାରରୁ ବଞ୍ଚିତ କରାନଯିବ, ସେ ନେଇ ଖଣ୍ଡପୀଠ ଗୁରୁତ୍ୱାରୋପ କରିଛନ୍ତି। ସେହିଭଳି କେଉଁ ମହାବିଦ୍ୟାଳୟରେ କେତେ ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି, ସେ ସଂକ୍ରାନ୍ତରେ ପରବର୍ତ୍ତୀ ଶୁଣାଣି ସମୟରେ ଉଚ୍ଚଶିକ୍ଷା ନିର୍ଦ୍ଦେଶକ ଅଦାଲତଙ୍କୁ ଅବଗତ କରିବେ।

ଶୈଳବାଳା ମହିଳା ମହାବିଦ୍ୟାଳୟରେ ବାଧାମୁକ୍ତ ଚଳାଚଳ ପାଇଁ ରାମ୍ପ ସହ ଶୌଚାଳୟ ସୁବିଧା, ଲିଫ୍ଟ, ବ୍ରେଲି ପୁସ୍ତକ ଆଦି ନଥିବା ନେଇ ପୂର୍ବରୁ ଆଡଭୋକେଟ କମିଟି ପକ୍ଷରୁ ହାଇକୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। କଟକ ଅତିରିକ୍ତ ଜିଲ୍ଲାପାଳଙ୍କ ସହ ଆଡଭୋକେଟ କମିଟି ଶୈଳବାଳା କଲେଜ ପରିଦର୍ଶନ କରି ଆବଶ୍ୟକ ସୁବିଧା ନଥିବା ନେଇ ରିପୋର୍ଟ ଦାଖଲ କରିଥିଲେ। ଆଜି ଉଚ୍ଚ ଶିକ୍ଷା ନିର୍ଦ୍ଦେଶକ କାଳୀପ୍ରସନ୍ନ ମହାପାତ୍ର ଭର୍ଚୁଆଲ ଶୁଣାଣିରେ ଉପସ୍ଥିତ ରହି ଜବାବ ରଖିଥିଲେ। ଉକ୍ତ ରିପୋର୍ଟ ଆଧାରରେ ଉଚ୍ଚଶିକ୍ଷା ନିର୍ଦ୍ଦେଶକ, ଏସଏସଇପିଡି ବିଭାଗ ସଚିବ, ଜିଲ୍ଲା ପ୍ରଶାସନ, କଲେଜ ଅଧ୍ୟକ୍ଷ ଓ ବିଭାଗୀୟ ଯନ୍ତ୍ରୀ ମିଳିତ ବୈଠକ କରିଥିଲେ। ଶୈଳବାଳାରେ ଦିବ୍ୟାଙ୍ଗଙ୍କ ଅନୁକୂଳ ରାମ୍ପ ବ୍ୟବସ୍ଥା, ଲିଫ୍ଟ , ସ୍ୱତନ୍ତ୍ର ଶୌଚାଳୟ ,ଅଧ୍ୟୟନ ପାଇଁ ବ୍ରେଲି ପୁସ୍ତକ ଆଦି ଉପଲବ୍ଧ କରାଯିବା ପାଇଁ ଆବଶ୍ୟକ କାର୍ଯ୍ୟପନ୍ଥା ଗ୍ରହଣ କରାଯାଇଥିବା କୁହାଯାଇଛି। ଆଡଭୋକେଟ କମିଟି ଆସନ୍ତା ଏହି ମହାବିଦ୍ୟାଳୟ ପରିଦର୍ଶନ କରିବା ସହ ଅନ୍ୟ ଶିକ୍ଷାନୁଷ୍ଠାନ ମଧ୍ୟ ପରିଦର୍ଶନ କରି ରିପୋର୍ଟ ଦାଖଲ କରିବାକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି । ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ନଭେମ୍ବର୨୭କୁ ଧାର୍ଯ୍ୟ କରାଯାଇଛି।

### ଦୁଷ୍କର୍ମ ପରେ ମହିଳାଙ୍କୁ ପୋଡ଼ି ମାରିଦେବା ଘଟଣା

## ଦ୍ୱନ୍ଦ୍ୱ ବଢ଼ାଇଲା ଏସ୍‌ପିଙ୍କ ବିବୃତି

ବଲାଙ୍ଗିର, ୩୦।୧୦(ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ଥାନା ଅଞ୍ଚଳରେ ଜଣେ ମହିଳାଙ୍କୁ ଦୁଷ୍କର୍ମ ପରେ ଜାଳି ମାରିଦେବା ଘଟଣା ନୂଆମୋଡ଼ ନେଇଛି। ଦୁଷ୍କର୍ମ ଓ ହତ୍ୟା ଅଭିଯୋଗକୁ ଆଜି ବଲାଙ୍ଗିର ଏସ୍‌ପି ଅଭିଳାଷ ଜି. ଖଣ୍ଡନ କରିବା ପରେ ଏହି ମାମଲାକୁ ନେଇ ସାଧାରଣରେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି କହିଛନ୍ତି ଯେ ମହିଳାଙ୍କ ସହ ଦୁଷ୍କର୍ମ କରାଯାଇନାହିଁ କିମ୍ବା କେହି ତାଙ୍କୁ ହତ୍ୟା ମଧ୍ୟ କରିନାହାନ୍ତି। କୌଣସି ସ୍ୱାସ୍ଥ୍ୟଗତ କାରଣରୁ ମୃତ୍ୟୁ ହୋଇଛି ବୋଲି ସେ କହିଛନ୍ତି। ତେବେ ବିଲ ଭିତରକୁ ମହିଳାଙ୍କ ଅର୍ଦ୍ଧନଗ୍ନ ଶବ ଆସିଲା କେମିତି, କିଏ ତାଙ୍କ ଶାଢ଼ି ଖୋଲିଲା, ତାଙ୍କ ମୁହଁ କଳା ପଡ଼ିଲା କେମିତି, ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସେହିପରି, ୬ ଦିନ ଧରି ମହିଳାଙ୍କ ଶବ ପଡ଼ି ରହିଥିଲେ ହେଁ କାହାର ନଜରକୁ କିପରି ଆସିଲା ନାହିଁ, ସେ ନେଇ ମଧ୍ୟ ସନ୍ଦେହ ସୃଷ୍ଟି ହୋଇଛି। ଅପରପକ୍ଷେ, ପୁଲିସକୁ ଆଜି ମୃତ ମହିଳାଙ୍କ ପରିଚୟ ମିଳିଛି। ସେ ହେଲେ, ପାଟଣାଗଡ଼ ଅଞ୍ଚଳର କୁନ୍ତୀ ଧରୁଆ (୨୯)।

ପୁଲିସ କହିବା ଅନୁସାରେ, କୁନ୍ତୀ ୨୦୨୦ ମସିହାରୁ ମାନସିକ ରୋଗରେ ପୀଡ଼ିତ ଥିଲେ। ସେ ପୂର୍ବରୁ ମଧ୍ୟ ଘରୁ ଏକାଧିକବାର କୁଆଡ଼େ ଚାଲିଯିବାର ନଜିର ରହିଛି। ଏହି କାରଣରୁ ତାଙ୍କ ସ୍ୱାମୀ ଭଗବାନ ଧରୁଆ ତାଙ୍କୁ ବାପଘରେ ଛାଡ଼ି



ଦେଇଥିଲେ। ଗତ ୫ବର୍ଷ ହେବ ସେ ବାପା ସୁକରାମ ଧରୁଆଙ୍କ ଘରେ ରହୁଥିଲେ। ଗତ ୨୩ ତାରିଖରେ ହଠାତ୍ ସେ କୁଆଡ଼େ ନିଖୋଜ ହୋଇଯାଇଥିଲେ। ତେବେ ଯେଉଁ ଜମିରୁ କୁନ୍ତୀଙ୍କ ମୃତଦେହ ଉଦ୍ଧାର ହୋଇଛି, ତାହା ତାଙ୍କ ବାପଘରଠାରୁ ୬ କିମି ଦୂର ହୋଇଥିବା ଶାଶୂଘରଠାରୁ ୮ କିମି ବୋଲି ଜଣାପଡ଼ିଛି। ଏମିତିରେ କୁନ୍ତୀ କେଉଁ ପରିସ୍ଥିତିରେ ଜମି କିଆରିକୁ ଆସିଲେ ଓ କେମିତି ତାଙ୍କର ମୃତ୍ୟୁ ହେଲା, ତାହା ପୁଲିସ ସ୍ପଷ୍ଟ କରିନି।

ବଲାଙ୍ଗିର ଏସ୍‌ପିଙ୍କ କହିବା ଅନୁସାରେ ସେ ନିଖୋଜ ହେବାର ଦିନକ ଭିତରେ ହିଁ ତାଙ୍କର ମୃତ୍ୟୁ ହୋଇଛି ଏବଂ ତାଙ୍କ ମୃତ୍ୟୁ ସ୍ୱାସ୍ଥ୍ୟଗତ କାରଣରୁ ବୋଲି ସ୍ପଷ୍ଟ କରିଛନ୍ତି। ବ୍ୟବଚ୍ଛେଦ ସମୟରେ ପ୍ରାଥମିକ ପର୍ଯ୍ୟାୟରେ ଡାକ୍ତରଙ୍କ କହିବା ଅନୁସାରେ

■ ଦୁଷ୍କର୍ମ ଓ ହତ୍ୟା ଅଭିଯୋଗକୁ ଖଣ୍ଡନ
■ ମୃତା ମହିଳା ମାନସିକ ରୋଗୀ


ଶରୀର କିମ୍ବା ତାଙ୍କ ଯୌନାଙ୍ଗରେ କୌଣସି କ୍ଷତ ଚିହ୍ନ ନାହିଁ। ଫଳରେ ତାଙ୍କୁ ହତ୍ୟା ଓ ଦୁଷ୍କର୍ମ କରାଯାଇନଥିବା ସେ କହିଛନ୍ତି। ଭିସେରା ପାଇଁ ପଠାଯାଇଛି ଉକ୍ତ ରିପୋର୍ଟ ଆସିବା ପରେ ମୃତ୍ୟୁ କାରଣ ଆହୁରି ସ୍ପଷ୍ଟ ହେବ ଏସ୍‌ପି ସୂଚନା ଦେଇଛନ୍ତି। ଉଲ୍ଲେଖଯୋଗ୍ୟ, ବୁଧବାର ଦେଓଗାଁ ଥାନା ବନ୍ଧପଡ଼ା ଫାଣ୍ଡି ଅଧୀନ ଗୋଏଲପିଟା ଗାଁ ନିକଟରେ ଥିବା ଏକ ଜମିରୁ ଅଜଣା ମହିଳାଙ୍କ ମୃତଦେହ ଉଦ୍ଧାର ହୋଇଥିଲା।

### ମା' ପ୍ରେମ ଏମିତି...

## ନବଜାତ ହାତୀ ଶବକୁ ଜଗି ରହିଲା ମା'

ବାରିପଦା, ୩୦।୧୦(ସମିସ): ବାରିପଦା ବନଖଣ୍ଡ ଅନ୍ତର୍ଗତ ବାଙ୍ଗିରିପୋଷି ବନାଞ୍ଚଳରେ ଏକ ନବଜାତ ହାତୀ ଶାବକର ମୃତ୍ୟୁ ଘଟିଛି। ବ୍ରାହ୍ମଣଗାଁ ନିକଟ ସାତଭାୟା ଜଙ୍ଗଲରେ ଶାବକଟି ଜନ୍ମ ହେବାର ଦିନେ ନ ହେଉଣୁ ମୃତ୍ୟୁ ହୋଇଥିବା ଖବର ମିଳିଛି। ତେବେ ଶାବକର ମୃତ୍ୟୁ ପରେ ମା' ହାତୀଟି ମୃତଦେହ ପାଖରେ ଜଗି ରହିଥିଲା।

କିଛି ଦିନ ଧରି ବ୍ରାହ୍ମଣଗାଁ ପଞ୍ଚାୟତର ବିଭିନ୍ନ ସ୍ଥାନରେ ୧୨ ଟିକିଆ ହାତୀପଲ ଚଳପ୍ରଚଳ କରୁଛନ୍ତି। ଶିମିଳିପାଳ ପାଦଦେଶର ସାତଭାୟା ଜଙ୍ଗଲରେ ମାଈହାତୀଟି ବିଲ ମଝିରେ ଏକ ହାତୀ ଶାବକକୁ ଜନ୍ମ ଦେଇଥିଲା। ତେବେ ହାତୀ ଶାବକଟି ଦୁର୍ବଳ ଥିବାରୁ ମା' ହାତୀ ଓ ଅନ୍ୟ ହାତୀ ତା'ର ସୁରକ୍ଷା ପାଇଁ ଜଗି ରହିଥିଲେ। ହେଲେ ଶାବକଟି କିଛି ଘଣ୍ଟା ପରେ ବୁଧବାର ସନ୍ଧ୍ୟାରେ ମୃତ୍ୟୁବରଣ କରିଥିଲା। କିନ୍ତୁ, କାଳେ ଛୁଆ ପୁଣି ଜୀବିତ ହେବ, ସେହି ଆଶା ନେଇ ମା'





ହାତୀ ଦୀର୍ଘ ସମୟ ଧରି ଜଗି ରହିଥିଲା। ଖବର ପାଇ ବନ ବିଭାଗର ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। କିନ୍ତୁ ହାତୀ ନିକଟକୁ ଯାଇ ପାରିନଥିଲେ। ଗୁରୁବାର ସକାଳୁ ବନ ବିଭାଗ ମା' ହାତୀକୁ ଦୂରେଇବା ପରେ ଶବ ବ୍ୟବଚ୍ଛେଦ କରାଯାଇଛି। ମୃତଦେହରୁ ନମୁନା ସଂଗ୍ରହ କରାଯାଇ ଯାଞ୍ଚ ନିମନ୍ତେ ଓୟୁଏଟିକୁ ପଠାଯାଇଛି। ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି କର୍ତ୍ତୃପକ୍ଷ କହିଛନ୍ତି। ଶବ ବ୍ୟବଚ୍ଛେଦ କରିବା ପରେ ମୃତଦେହକୁ ପୋତି ଦିଆଯିବ ବୋଲି ବନଖଣ୍ଡ ଅଧିକାରୀଙ୍କ ସୂତ୍ରରୁ ସୂଚନା ମିଳିଛି।

■ ଦାମ୍ପତ୍ୟ ବିବାଦ ମାମଲାରେ ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

## ପିଲାଙ୍କୁ ଭେଟିବା ପାଇଁ ପିତାମାତାଙ୍କ ଭଳି ଜେଜେ-ଜେଜେମା'ଙ୍କ ଅଧିକାର ରହିଛି

କଟକ, ୩୦।୧୦ (ସମିସ): ଶିଶୁର କଲ୍ୟାଣ ପାଇଁ ପିତାମାତାଙ୍କ ଭଳି ଜେଜେ ଏବଂ ଜେଜେ-ମା'ଙ୍କ ଉପସ୍ଥିତି ମଧ୍ୟ ସମାନ ଗୁରୁତ୍ୱପୂର୍ଣ୍ଣ। ଯେଉଁଠି ପତି ଓ ପତ୍ନୀ ପରସ୍ପର ବିରୋଧରେ ବିଭିନ୍ନ ପ୍ରକାରର ମାମଲା ଲଢ଼ୁଛନ୍ତି, ସେତେବେଳ ପର୍ଯ୍ୟନ୍ତ ସେମାନଙ୍କ ନିଜ ପିଲାକୁ ଭେଟିବା ପାଇଁ ପିତାମାତା, ଜେଜେ ଓ ଜେଜେମା'ଙ୍କୁ ବଞ୍ଚିତ କରାଯାଇପାରିବ ନାହିଁ। ଦାମ୍ପତ୍ୟ ବିବାଦକୁ ନେଇ ନିମ୍ନ ଅଦାଲତରେ ମାମଲା ଚାଲୁଥିବା ବେଳେ ନିଜ ପିଲାଙ୍କୁ ଭେଟିବା ପାଇଁ ଅଭିଭାବକଙ୍କ ରହିଥିବା ଅଧିକାର ପ୍ରସଙ୍ଗରେ ହାଇକୋର୍ଟ ଆଜି ଏପରି ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଏସ୍. ରାୟଗୁରୁଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ୍ ସଂଜୟକୁମାର ମିଶ୍ର ଏପରି ରାୟ ଦେଇଛନ୍ତି। ପତ୍ନୀଙ୍କ ଜିମାରେ ଥିବା ପ୍ରାୟ ଦେଢ଼ବର୍ଷ ବୟସର ପୁଅକୁ ଭେଟିବା ଅନୁମତି ପ୍ରଦାନ ପାଇଁ ସ୍ୱାମୀ କରିଥିବା ଆବେଦନକୁ ଖାରଜ କରି ଗତ ମାର୍ଚ୍ଚ ୨୦ରେ କଟକ ପରିବାର ଅଦାଲତ ପ୍ରଦାନ କରିଥିବା ଆଦେଶକୁ ହାଇକୋର୍ଟ ରଦ୍ଦ କରିଦେଇଛନ୍ତି। ଆବେଦନକାରୀ ଓ ତାଙ୍କ ପିତାମାତା ତଥା ପିଲାର ଜେଜେ ବାପା ଜେଜେ-ମା'ଙ୍କ ସହ ମାସକୁ ଦୁଇଥର ହାଇକୋର୍ଟ ମଧ୍ୟସ୍ଥତା କେନ୍ଦ୍ରରେ ଜଣେ ମହିଳା ମଧ୍ୟସ୍ଥତାଙ୍କ ଉପସ୍ଥିତିରେ ପିଲାକୁ ସାକ୍ଷାତ କରିବାର ଅଧିକାର ପ୍ରଦାନ କରିଛନ୍ତି\ ମଧ୍ୟସ୍ଥତା କେନ୍ଦ୍ରରେ ସାକ୍ଷାତ ସମୟରେ ପିତା ଏବଂ ଜେଜେ ବାପା ଜେଜେ ମା ସେମାନଙ୍କ ପୁଅ/ନାତିଙ୍କୁ ଉପହାର ଦେଇପାରିବେ। ସେହିଭଳି ମାସର ଚତୁର୍ଥ ଶନିବାର ଏବଂ ରବିବାର ସନ୍ଧ୍ୟାରେ ହ୍ୱାଟ୍ସଆପ୍ କଲ୍ ମାଧ୍ୟମରେ ଭିଡିଓ କନଫରେନ୍ସିଂ କରିପାରିବେ। ଏଥିପାଇଁ ପତ୍ନୀଙ୍କୁ ଆବେଦନକାରୀ ଏକ ଆଣ୍ଡ୍ରଏଡ ମୋବାଇଲ ଫୋନ ଓ ସିମ ପ୍ରଦାନ କରିବେ ବୋଲି ହାଇକୋର୍ଟ କହିଛନ୍ତି। ଆବେଦନକାରୀଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ଗୌତମ କୁମାର ଆଚାର୍ଯ୍ୟ ମାମଲା ପରିଚାଳନା କରୁଥିବା ବେଳେ ଅର୍ପିତା ମହାପାତ୍ର ସହଯୋଗ କରିଥିଲେ।





# ବୀମା ଟଙ୍କା ପାଇଁ ଚୋରି ନାଟକ

ଭୁବନେଶ୍ୱର, ୩୦।୧୦ (ସମିସ): ବୀମା ଟଙ୍କା ପାଇବାକୁ ହୋଇଥିବା ଚୋରି ନାଟକର ପର୍ଦ୍ଦାଫାସ କରିଛି ତମାଣ୍ଡୋ ଥାନା ପୁଲିସ। ଚୋରି ଉଦ୍ୟମରେ ସମ୍ପୃକ୍ତ ଦୋକାନ ମାଲିକଙ୍କ ସମେତ ୧୩ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଦୋକାନ ମାଲିକ ସନ୍ତୋଷ କୁମାର ମହାରଣା (୪୩), ମୟୁରଭଞ୍ଜ ଖୁଣ୍ଟା ଥାନା ଅଞ୍ଚଳର ମନୋଜ ସେଜପଡ଼ା (୩୪), ବାଲେଶ୍ୱରର ଏସକେ ମକସଦ୍ (୩୨), ଏସକେ ଅବଦୁଲ ରେହେମାନ (୩୩), ବସନ୍ତ କୁମାର ସେନାପତି (୩୬), ଏସକେ ରାଜୁ (୨୨), ସମିର ଜେନା (୩୨), ଏସକେ ନାସିର (୨୦), ଏସକେ ରାଜା (୨୦), ଜିସନ ନାୟକ (୨୫), ହରିକୃଷ୍ଣ ନାୟକ (୫୩), ଶ୍ୟାମସୁନ୍ଦର ସିଂ (୨୪) ଓ ମୟୁରଭଞ୍ଜର ହରିହର ସଣ୍ଡୁଆଳ (୩୭)।

ପୁଲିସ ସୂଚନାନୁସାରେ, ସନ୍ତୋଷ ତମାଣ୍ଡୋର ଅବିନାଶ ପଟ୍ଟନାୟକଙ୍କ ଘରକୁ ଭଡ଼ାରେ ନେଇ ଆଦ୍ୟାଶା ଟ୍ରେଡର୍ସ ନାମକ ଏକ ପ୍ଲାଏ ଦୋକାନ କରିଥିଲା। ବ୍ୟବସାୟ ମାନ୍ଦାବସ୍ଥା



- ଦୋକାନ ମାଲିକ ସମେତ ୧୩ ଗିରଫ
- ୬ ଗାଡ଼ି, କଟର୍ ମେସିନ୍, ମାସ୍କ ଜବତ

ଯୋଗୁଁ ଦେଢ଼ବର୍ଷ ହେବ ଘରର ଭଡ଼ା ଦେଇ ନ ଥିବା ବେଳେ ଟଙ୍କା ରୋଜଗାର କରିବା ଲାଗି ନୂଆ ଉପାୟ ଆପଣାଇ ଥିଲା। ନିଜ ଦୋକାନରୁ ଚୋରି କରି ଇନ୍‌ସ୍ୟୁରାନ୍ସ କ୍ଲେମ୍ କରିବାକୁ ଯୋଜନା କରିଥିଲା। ଏଥିଲାଗି ସେ ଇଣ୍ଟେରିୟର ଠିକାଦାର ମନୋଜକୁ ପୂରା ଯୋଜନା ବିଷୟରେ କହିଥିଲା। ସନ୍ତୋଷ ଠାରୁ ସବୁକଥା ଶୁଣିବା ପରେ ମନୋଜ ତା'ର କର୍ମଚାରୀ ଏସକେ ମକସଦ୍, ଏସକେ ଅବଦୁଲ, ବସନ୍ତ, ଏସକେ ରାଜୁ, ସମିର, ଏସକେ ନାସିର, ଏସକେ ରାଜା ଓ ଜିସନକୁ ଜଣାଇବା ସହ ହରିହର, ହରିକୃଷ୍ଣ ଓ ଶ୍ୟାମସୁନ୍ଦରର ପିକଅପ୍ ଭ୍ୟାନ ଭଡ଼ାରେ ଆଣିଥିଲା। ପୂର୍ବ ଯୋଜନା ମୁତାବକ ବାଲେଶ୍ୱରରୁ ଦୁଇଟି ଓ ମୟୂରଭଞ୍ଜରୁ ଗୋଟିଏ ଗାଡ଼ିରେ କଟର ମେସିନ, ମାସ୍କ, ଗ୍ଲୋଭ, ପ୍ଲାସ୍ ଆଦି ସରଞ୍ଜାମ ଧରି ତମାଣ୍ଡୋ ଅଭିମୁଖେ ଆସିଥିଲେ। ତମାଣ୍ଡୋ ବଜାର ପୂର୍ବରୁ ଥିବା ଏକ ଢାବାରେ ଖାଇ ସାରି ପରେ ଚୋରି କରିବାକୁ ସନ୍ତୋଷର ଦୋକାନକୁ ଯାଇଥିଲେ। ସେଠାରେ ଚୋରି ଉଦ୍ୟମ କରୁଥିବା ବେଳେ ତମାଣ୍ଡୋ ଥାନା ପୁଲିସ ମାଡ଼ି ବସିଥିଲା। ୧୩ ଜଣଙ୍କୁ ଗିରଫ କରିବା ସହ ୩ଟି ପରିବହନ ଗାଡ଼ି, ଗୋଟିଏ ବୋଲେରୋ, ୨ ବୁଲେଟ, ୮ଟି ମୁଖା, ଗ୍ଲୋଭ୍ସ, କଟର ସେମିନ, ପ୍ଲାସ୍, ସ୍କ୍ରୁ ଡ୍ରାଇଭର, ଲୁହା ଛଡ଼, ଛୁରି, ମୋବାଇଲ ଫୋନ ଆଦି ଜବତ କରିଥିଲା। ଅଭିଯୁକ୍ତମାନେ ଧରାପଡ଼ିବା ପରେ ପୂରା ଘଟଣାରୁ ପରଦା ହଟିଥିଲା।

## ଧରା ପକାଇଦେଲେ ଢାବା ମାଲିକ

ବୁଧବାର ରାତି ପ୍ରାୟ ସାଢ଼େ ୧୨ଟା ସମୟରେ ସମସ୍ତ ୧୩ ଜଣ ଅଭିଯୁକ୍ତ ତମାଣ୍ଡୋ ବଜାର ପୂର୍ବରୁ ଥିବା ଢାବାରେ ରାତ୍ରି ଭୋଜନ କରିଥିଲେ। ଖାଇବା ସମୟରେ ସେମାନଙ୍କ ହାବଭାବରୁ ହୋଟେଲ ମାଲିକଙ୍କୁ ସନ୍ଦେହ ହୋଇଥିଲା। କୌଣସି ଅଘଟଣ ଆଶଙ୍କା କରି ସେ ତୁରନ୍ତ ତମାଣ୍ଡୋ ଥାନା ପୁଲିସକୁ ଖବର ଦେଇଥିଲେ। ପୁଲିସ ମଧ ତାଙ୍କ କଥାକୁ ଗୁରୁତ୍ୱର ସହ ନେଇ ସାଦା ପୋଷାକରେ ଗୋଟିଏ ଟିମ୍ ପଠାଇଥିଲା। ପୁଲିସ ଟିମ୍ ଢାବାରେ ପହଞ୍ଚି ସେମାନଙ୍କ ଉପରେ ନଜର ରଖିଥିଲେ। ଅଭିଯୁକ୍ତମାନେ ଖାଇସାରିବା ପରେ ସେଠାରୁ ମାତ୍ର ୫୦୦ ମିଟର ଦୂରରେ ଥିବା ସନ୍ତୋଷର ଦୋକାନକୁ ଯାଇଥିଲେ। ସେଠାରେ ପହଞ୍ଚି ଚୋରି ଉଦ୍ୟମ କରୁଥିବା ବେଳେ ପୁଲିସ ଟିମ୍ ସେମାନଙ୍କୁ ମାଡ଼ି ବସିଥିଲା। ହୋଟେଲ ମାଲିକଙ୍କ ଚତୁରତା ଓ ପୁଲିସର କାର୍ଯ୍ୟାନୁଷ୍ଠାନ ଯୋଗୁଁ ଏଭଳି ଘଟଣା ପର୍ଦ୍ଦାଫାସ ହୋଇପାରିଲା।

## ୟୁଟ୍ୟୁବରୁ ଦେଖି ପାଇଥିଲା ବୁଦ୍ଧି

ଚୋରି ଉଦ୍ୟମ କରୁଥିବା ବେଳେ ସନ୍ତୋଷ ସମେତ ୧୩ ଜଣଙ୍କୁ ପୁଲିସ ଗିରଫ କରିଥିଲା। ମନୋଜକୁ ପଚରାଉଚରା କରି ଘଟଣାର ପର୍ଦ୍ଦାଫାସ କରିଥିବା ବେଳେ ଗିରଫଙ୍କ ମଧ୍ୟରେ ଦୋକାନ ମାଲିକ ସନ୍ତୋଷ ରହିଛି ବୋଲି ଜାଣିବା ପରେ ପୁଲିସ ମଧ ଆଶ୍ଚର୍ଯ୍ୟ ହୋଇ ଯାଇଥିଲା। ତାକୁ ଜେରା ପରେ ରୋଚକ କଥା ପଦାକୁ ଆସିଥିଲା। ମାସକୁ ୨୫ ହଜାର ଟଙ୍କାରେ ଦୋକାନ ଭଡ଼ା ନେଇଥିବା ବେଳେ ଦେଢ଼ ବର୍ଷ ହେବ ବ୍ୟବସାୟ ମାନ୍ଦାରେ ଚାଲିଛି ବୋଲି ସେ କହିଥିଲା। ମାନସିକ ଅବସାଦରେ ରହୁଥିବା ସନ୍ତୋଷ ଅନେକ ସମୟରେ ସିନେମା ଦେଖୁଥିଲା। ଦୋକାନ ମାଲିକ ନିଜେ ଦୋକାନରୁ ଚୋରି କରି ପରବର୍ତ୍ତୀ ସମୟରେ ଇନ୍‌ସ୍ୟୁରାନ୍ସ କ୍ଲେମ୍ କରୁଥିବା ଗୋଟିଏ ସିନେମାରେ ଦେଖିବାକୁ ପାଇଥିଲା। ସେହି ସିନେମାରୁ ହିଁ ନିଜେ ମଧ ଏଭଳି ଉପାୟରେ ଟଙ୍କା ହାତେଇବାକୁ ଯୋଜନା କରିଥିଲା। ସେଥିଲାଗି ପ୍ରଥମେ ଦୋକାନର ବୀମା କରାଇଥିଲା। ତାପରେ ଯାଇ ଚୋରି କରିବାକୁ ଯୋଜନା ପ୍ରସ୍ତୁତ କରିଥିଲା।

## ନେଇଥିଲେ ହଜାରେ; ପାଇଥାନ୍ତେ ୫ ହଜାର

ସନ୍ତୋଷ ଓ ମନୋଜର ଭୂମିକା ଜଣାପଡ଼ିବା ପରେ ପୁଲିସ ବାକି ୧୧ ଜଣଙ୍କ ବିଷୟରେ ଯାଞ୍ଚ କରିଥିଲା। ସେମାନଙ୍କ ମଧ୍ୟରେ ହରିହର, ହରିକୃଷ୍ଣ ଓ ଶ୍ୟାମସୁନ୍ଦର ଗାଡ଼ି ଡ୍ରାଇଭର ବୋଲି ଜାଣିବାକୁ ପାଇଥିଲା। ହେଲେ ବାକି ୮ ଜଣ ମନୋଜ ନିକଟରେ କାମ କରୁଥିବା ପୁଲିସ ଆଗରେ କହିଥିଲେ। ଅଧିକ ପଚରାଉଚରା ପରେ ସେମାନେ ଅଗ୍ରୀମ ବାବଦକୁ ହଜାରେ ଟଙ୍କା ଲେଖାଏଁ ନେଇଥିବା ସ୍ୱୀକାର କରିଥିଲେ। ଏଥିସହିତ ବୀମା ଟଙ୍କା ମିଳିବା ପରେ ଆଉ ୫ ହଜାର ଟଙ୍କା ଲେଖାଏଁ ପାଇଥାନ୍ତେ ବୋଲି ତଦନ୍ତ ବେଳେ ଜଣାପଡ଼ିଛି। ହେଲେ ଏତେ କମ୍ ଟଙ୍କାରେ ସେମାନେ ଏତେ ଦୂରରୁ ଆସିଥିବା କଥାକୁ ପୁଲିସ ସହଜରେ ଗ୍ରହଣ କରିପାରୁ ନଥିବା ବେଳେ ସେନେଇ ଅଧିକ ଖୋଳତାଡ଼ ଜାରି ରଖିଛି।

## ଗୋଟିଏ ଚୋରିରେ ଦୁଇଟି ଫାଇଦା

ସନ୍ତୋଷ ଓ ମନୋଜ ମିଶି ପୂରା ଯୋଜନା ତିଆରି କରିଥିଲେ। ଚୋରି କରିବା ପରେ ସନ୍ତୋଷ ପ୍ରଥମେ ଥାନାରେ ଅଭିଯୋଗ କରିଥାନ୍ତା। ପୁଲିସର ତଦନ୍ତ ପରେ ଇନ୍‌ସ୍ୟୁରାନ୍ସ କ୍ଲେମ୍ କରିବାକୁ ଯୋଜନା ମଧ କରିଥିଲା। ସନ୍ତୋଷ ବୀମା ବାବଦକୁ ପ୍ରାୟ ୨୦ ଲକ୍ଷ ଟଙ୍କା ହାତେଇବାକୁ ବୋଲି ଯୋଜନା କରିଥିବା ବେଳେ ସେଥିରୁ ୫ ଲକ୍ଷ ଟଙ୍କା ମନୋଜକୁ ଦେବାକୁ ପ୍ରତିଶ୍ରୁତି ଦେଇଥିଲା। ସେପଟେ ମୟୂରଭଞ୍ଜରେ ମନୋଜ ମଧ ଏକ ସମାନ ଦୋକାନ କରିଛି। ସନ୍ତୋଷର ଦୋକାନରୁ ଚୋରି କରିବା ପରେ ସେସବୁ ଜିନିଷ ମନୋଜର ଦୋକାନକୁ ଯାଇଥାନ୍ତା। ସେଠାରେ ଜିନିଷଗୁଡ଼ିକ ବିକ୍ରି ହେବା ପରେ ଉଭୟ ମିଶି ସେହି ଟଙ୍କାକୁ ଭାଗ କରିବାକୁ ପ୍ଲାନ୍ କରିଥିଲେ।

# ଶ୍ରୀଲିଙ୍ଗରାଜ ମନ୍ଦିରରେ ଶ୍ରଦ୍ଧାଳୁଙ୍କୁ ପିଟିଲେ ସେବାୟତ

ଭୁବନେଶ୍ୱର, ୩୦।୧୦(ସମିସ): ଲିଙ୍ଗରାଜ ମନ୍ଦିରରେ ଶ୍ରଦ୍ଧାଳୁଙ୍କୁ ନିର୍ଦ୍ଧୁମ ପିଟିଲେ ସେବାୟତ। ଶ୍ରଦ୍ଧାଳୁଙ୍କୁ ହଜାରେ ଏକ ଟଙ୍କା ଦକ୍ଷିଣା ମାଗିଲେ, ନ ଦେବାରୁ ନିର୍ଦ୍ଧୁମ ଛେଚିଲେ ସେବାୟତ। ଏଭଳି ଅଭାବନୀୟ ଘଟଣା ଘଟିଛି ଲିଙ୍ଗରାଜ ମନ୍ଦିରରେ ଦେଖିବାକୁ ମିଳିଛି। ଭୁବନେଶ୍ୱର ଗଙ୍ଗନଗରରେ ରହୁଥିବା ଗୀତାରାଣୀ ସାହୁ ଓ ତାଙ୍କ ସ୍ୱାମୀ କାର୍ତ୍ତିକେଶ୍ୱର ବିଶ୍ୱାଳଙ୍କ ପରିବାର ଆଜି ମଧ୍ୟାହ୍ନରେ ଲିଙ୍ଗରାଜଙ୍କୁ ଦର୍ଶନ କରିବାକୁ ମନ୍ଦିର ଆସିଥିଲେ। ସେଠାରେ ଉପସ୍ଥିତ ଥିବା ଏକ ସେବାୟତ ସେମାନଙ୍କ ହାତରୁ ଭୋଗ ଚାଙ୍ଗୁଡ଼ି ଜବରଦସ୍ତ ନେଇ ଦର୍ଶନ କରାଇଲେ। ଦର୍ଶନ ସରିବା ପରେ ଶ୍ରଦ୍ଧାଳୁଙ୍କୁ ଏକ ହଜାର ଟଙ୍କା ଦକ୍ଷିଣା ଦାବି କରିଥିଲେ। ଶ୍ରଦ୍ଧାଳୁ ଦୁଇ ଶହ ଟଙ୍କା ଦେଲେ। ହେଲେ ସେବାୟତ ଜଣକ ରାଜି ହେଲେ ନାହିଁ। ଶ୍ରଦ୍ଧାଳୁ ନନ୍ଦୀଙ୍କୁ ଦର୍ଶନ କରିବାକୁ ଯାଇଥିଲେ। ସେବାୟତ ଜଣକ ସେମାନଙ୍କ ପିଛା କରି ଯାଇ ନନ୍ଦୀଙ୍କୁ ଦର୍ଶନ କରିବାକୁ ବାରଣ କରିଥିଲେ। ସେଠାରେ କଥା କଟାକଟି ହୋଇଥିଲା। ମନ୍ଦିର ପ୍ରାଙ୍ଗଣରେ ଥିବା ୮ରୁ ୧୦ଜଣ ସେବାୟତ ମିଶି ସେହି ଶ୍ରଦ୍ଧାଳୁଙ୍କ ପରିବାରକୁ ମାଡ ମାରିଥିଲେ। ବୟସ୍କ ବ୍ୟକ୍ତି ସେବାୟତଙ୍କ ଗୋଡ ଧରି ଭୁଲ ମାଗିବା ପରେ ଛାଡିନଥିଲେ। ଏପରିକି ମହିଳା ଶ୍ରଦ୍ଧାଳୁଙ୍କୁ ମାଡ ମାରି ଲହୁଲୁହାଣ କରିଥିଲେ। ଏନେଇ ଲିଙ୍ଗରାଜ ଥାନାରେ ଲିଖିତ ଅଭିଯୋଗ ହୋଇଛି। ମନ୍ଦିର ପରିସରରେ ଲାଗିଥିବା କ୍ୟାମେରା ଯାଞ୍ଚ କରି ସମ୍ପୃକ୍ତ ସେବାୟତମାନଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି।

# ୩୩ ଦିନରେ ମୋବାଇଲ୍ ଚୋର ଦୋଷୀ ସାବ୍ୟସ୍ତ

● ରହିଛି ୨୧ ମାମଲା; ଦୁଇଟିରେ ସଜା



ଭୁବନେଶ୍ୱର, ୩୦।୧୦ (ସମିସ): ନୂଆପଲ୍ଲୀ ଥାନା ଅଞ୍ଚଳରେ ହୋଇଥିବା ଏକ ମୋବାଇଲ୍ ଚୋରି ମାମଲାର ରାୟ ଆଜି ପ୍ରକାଶ ପାଇଛି। ଭୁବନେଶ୍ୱରସ୍ଥିତ ଜେଏମଏଫସି (ତୃତୀୟ) କରୋନିକା ଘୋଷ ମାତ୍ର ୩୩ ଦିନରେ ବିଚାର ସାରି ଅଭିଯୁକ୍ତ ପ୍ରଶାନ୍ତ ଭୋଇକୁ ଦୋଷୀ ସାବ୍ୟସ୍ତ କରିଛନ୍ତି।

ପୁଲିସ ସୂଚନା ଅନୁଯାୟୀ, କଟକ ଜିଲ୍ଲା ସିସୋର ବାସିନ୍ଦା ବିକ୍ରମ କିଶୋର ମହାପାତ୍ର ଗତମାସ ୨୭ ତାରିଖ ସନ୍ଧ୍ୟାରେ ପରିବାପତ୍ର କିଣିବା ଲାଗି ଗାନ୍ଧୀ ମାର୍କେଟକୁ ଯାଇଥିଲେ। କିଣାକିଣିରେ ବ୍ୟସ୍ତ ଥିବା ବେଳେ ପ୍ରଶାନ୍ତ ତାଙ୍କ ପକେଟରୁ ତାଙ୍କ ମୋବାଇଲ ଫୋନକୁ ଚୋରି କରି ନେଇ ଯାଇଥିଲା। ମୋବାଇଲ ଫୋନ ଚୋରି ହୋଇଥିବା ନେଇ ଶ୍ରୀ ମହାପାତ୍ର ଥାନାରେ ଅଭିଯୋଗ କରିଥିଲେ। ନୂଆପଲ୍ଲୀ ଥାନା ପୁଲିସ କେସ ନଂ-୫୬୪/୨୫, ବିଏନ୍‌ଏସ୍ ଧାରା ୩୦୩(୨) ଅନୁସାରେ ମାମଲା ରୁଜୁ କରିଥିଲା। ତଦନ୍ତକାରୀ ଅଧିକାରୀ ସବ୍ ଇନ୍ସପେକ୍ଟର ଶୁଭ୍ରାଂଶୁ ମହାପାତ୍ର ଘଟଣାରେ ସମ୍ପୃକ୍ତ ପ୍ରଶାନ୍ତକୁ ଗିରଫ କରିବା ସହ ମାତ୍ର ୧୨ ଦିନରେ ତଦନ୍ତ ସାରି ଚାର୍ଜସିଟ୍ ଦାଖଲ କରିଥିଲେ। ଅଦାଲତ ଘଟଣା ସହିତ ସମ୍ପୃକ୍ତ ବିଭିନ୍ନ ସାକ୍ଷୀ ଓ ଦସ୍ତାବିଜ ଆଧାରରେ ମାମଲାର ବିଚାର କରି ପ୍ରଶାନ୍ତକୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ବିଏନ୍‌ଏସ୍ ଧାରା (୧) ଅନୁସାରେ ଏକ ବର୍ଷ ସଜା ସହ ଏକ ହଜାର ଟଙ୍କା ଜରିମାନା ଶୁଣାଇଛନ୍ତି। ଜରିମାନା ଅନାଦେୟକ୍ଷେତ୍ରରେ ଆହୁରି ୧୦ ଦିନ ଜେଲରେ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅଭ୍ୟାସଗତ ଅପରାଧୀ ପ୍ରଶାନ୍ତ ନାମରେ ନୂଆପଲ୍ଲୀ ଥାନାରେ ଅନେକ ମାମଲା ରହିଥିବା ବେଳେ ପୂର୍ବରୁ ଗୋଟିଏ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇସାରିଛି। ସରକାରଙ୍କ ପକ୍ଷରୁ ଓକିଲ ବିଜୟ ବାରିକ, ସୟଦ ମହମ୍ମଦ ଅନୱର ଓ ଅକ୍ଷୟ ପ୍ରସାଦ ବେହେରା ଏହି ମାମଲାକୁ ପରିଚାଳନା କରୁଥିଲେ।

# ଏମ୍ସରୁ ଟିକଟ ଦଲାଲ ଗିରଫ

ଭୁବନେଶ୍ୱର, ୩୦।୧୦ (ସମିସ): ଏମ୍ସରେ ଦଲାଲି କରୁଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ଖଣ୍ଡଗିରି ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ପାତ୍ରପଡ଼ାରେ ରହୁଥିବା ପୁରୀ ଜିଲ୍ଲା କୁମ୍ଭାରପଡ଼ା ଥାନା ଅଞ୍ଚଳର ମାନସ ପଟ୍ଟନାୟକ (୨୩)।



ପୁଲିସ ସୂଚନା ଅନୁସାରେ, ବୁଧବାର ସକାଳେ ମାନସ ଏମ୍ସ ଓପିଡି ଟିକଟ କାଉଣ୍ଟର ସାମ୍ନା ଲାଇନରେ ଥିବା ଅନ୍ୟମାନଙ୍କୁ ଠେଲି ସାମ୍ନାକୁ ଯିବାକୁ ଚେଷ୍ଟା କରୁଥିଲା। ଲୋକମାନେ ପ୍ରତିବାଦ କରିବାରୁ ସୁରକ୍ଷା କର୍ମଚାରୀମାନେ ହସ୍ତକ୍ଷେପ କରିଥିଲେ। କିନ୍ତୁ ମାନସ ସେମାନଙ୍କୁ ଠେଲି ଦେଇ ଘଟଣାସ୍ଥଳରୁ ପଳାଇ ଯାଇଥିଲା। ଜେରକ୍ସ ଦୋକାନରେ କାମ କରୁଥିବା ମାନସ ଅଣଓଡ଼ିଆ ରୋଗୀଙ୍କୁ କମ୍ ମୂଲ୍ୟରେ ଓପିଡି ଟିକେଟ୍ ଓ ବିଶେଷଜ୍ଞ ପରାମର୍ଶ ବ୍ୟବସ୍ଥା କରିବା ଆଳରେ ବହୁ ପରିମାଣର ଟଙ୍କା ଆଦାୟ କରୁଥିବା ପୁଲିସ ଜଣାପଡ଼ିଥିଲା। ଏନେଇ ସୁରକ୍ଷାକର୍ମୀଙ୍କ ସୁପରଭାଇଜର ଶଶିକାନ୍ତ ସାହୁ ଖଣ୍ଡଗିରି ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ଗୁରୁବାର ମାନସକୁ ଗିରଫ କରିବା ସହ ରୋଗୀଙ୍କ ଆଧାର କାର୍ଡ ଜବତ କରିଛି। ମାନସ ନାମରେ ପୂର୍ବରୁ ଖଣ୍ଡଗିରି ଥାନାରେ ଅସ୍ତ୍ରଜନିତ ମାମଲା ରହିଥିବା ତଦନ୍ତ ବେଳେ ଜଣାପଡ଼ିଥିଲା


ସୁଧାଂଶୁ ଖୁଣ୍ଟିଆ ହତ୍ୟାକାଣ୍ଡ

# ପରିବାରକୁ ସୁରକ୍ଷା ମିଳୁ, ହତ୍ୟାକାରୀ ଗିରଫ ହେଉ

ଭୁବନେଶ୍ୱର, ୩୦।୧୦ (ସମିସ): ଜମିବାଡ଼ି ବିବାଦରୁ ହୋଇଥିବା ସରକନ୍ତରା ସୁଧାଂଶୁ ଖୁଣ୍ଟିଆ ହତ୍ୟାକାଣ୍ଡକୁ ୩ ସପ୍ତାହ ବିତିବାକୁ ବସିଲାଣି। ପୁଲିସ ୪ ଜଣକୁ ଗିରଫ କରିଥିଲେ ମଧ ମୁଖ୍ୟ ଅଭିଯୁକ୍ତ ଶିବା ପାଖରେ ଏଯାଏଁ ପହଞ୍ଚି ପାରିନାହିଁ। ଶିବା ଫେରାର ଥିବାରୁ ନିଜକୁ ଅସୁରକ୍ଷିତ ମଣିଛନ୍ତି ସୁଧାଂଶୁଙ୍କ ପରିବାର। ସୁଧାଂଶୁଙ୍କ ସାନଭାଇ ଦେବାଶିଷ ଓ ଭଉଣୀ ଝରଣା ଆଜି ପୁଲିସ କମିସନର ସୁରେଶ ଦେବଦତ୍ତ ସିଂଙ୍କୁ ଭେଟିଛନ୍ତି।



ଫେରାର ଶିବା



ମୃତକ ସୁଧାଂଶୁ

ସିପିଙ୍କୁ ଭେଟିଲେ ଭାଇଭଉଣୀ

ସୂଚନା ଅନୁସାରେ, ସରକନ୍ତରା ଗାଁର ବିଳାସିନୀଙ୍କ ବଡ଼ପୁଅ ପଠାଣି ବିବାହ ପରେ ନିଜ ଘରେ ରହୁଥିବା ବେଳେ ସାନପୁଅ ସୁକାନ୍ତ କରି ଶଶୁର ଘରେ ରହୁଥିଲେ। ପରିଣତ ବୟସରେ ପଠାଣିଙ୍କ ପରିବା ଦେଖାଶୁଣା କରୁଥିବାରୁ ବିଳାସିନୀ ଡିହ ଜମିକୁ ପଠାଣିଙ୍କ ବଡ଼ ପୁଅ ରବି ନାମରେ ରେଜିଷ୍ଟ୍ରି କରିଦେଇଥିଲେ। ଏହାକୁ ନେଇ ପଠାଣି ଓ ସୁକାନ୍ତଙ୍କ ମଧ୍ୟରେ ବିବାଦ ଆରମ୍ଭ ହୋଇଥିଲା। ଡିହ ଜମିରୁ ଭାଗ ନେବାକୁ ସୁକାନ୍ତ ଅଦାଲତର ଦ୍ୱାରସ୍ଥ ହୋଇଥିବା ବେଳେ, ତାହା ଏବେ ବି ବିଚାରଧୀନ ରହିଛି। ସୁକାନ୍ତର ସାନପୁଅ ଶିବା ଏସବୁକୁ ସହଜରେ ଗ୍ରହଣ କରିପାରି ନଥିଲା। ରବିକୁ ରାସ୍ତାରୁ ହଟାଇବାକୁ ଯୋଜନା କରିଥିଲା। ଗତ ୧୩ ତାରିଖ ସକାଳେ ସୁଧାଂଶୁ କାର୍ଯ୍ୟସ୍ଥଳ ଏମ୍ସକୁ ଯାଉଥିବା ବେଳେ ସରକନ୍ତରା ମଙ୍ଗଳା ମନ୍ଦିର ନିକଟରେ ଶିବା ତାଙ୍କୁ ଅଟକାଇଥିଲା। ସୁଧାଂଶୁ କିଛି ବୁଝିବା ଆଗରୁ ଶିବା ହଠାତ୍ ଗୁଳି ଚଳାଇଥିଲା। ୩ଟି ଗୁଳି ସୁଧାଂଶୁଙ୍କ ଦେହରେ ବାଜିଥିବା ବେଳେ ସେ ଘଟଣାସ୍ଥଳରେ ଟଳି ପଡ଼ିଥିଲେ। ଏହାର ପରଦିନ ଖଣ୍ଡଗିରି ଥାନା ପୁଲିସ ରବିଙ୍କ ଦାଦା ସୁକାନ୍ତ, ତା'ର ପୁଅ ଛବି, ରାକେଶ ଖୁଣ୍ଟିଆ ଓ ସୁବ୍ରତକୁ ଗିରଫ କରିବା ସହ ଘଟଣାରେ ବ୍ୟବହୃତ ବନ୍ଧୁକ ଜବତ କରିଥିଲା।

ହେଲେ ଘଟଣା ପରଠାରୁ ଶିବା ଫେରାର ହୋଇ ଯାଇଛି। ପୁଲିସ ଶିବା ସହ ମିଶୁଥିବା କିଛି ପିଲାଙ୍କୁ ଥାନାକୁ ଡାକି ପଚରାଉଚରା କରିଛି। ଏଥିସହିତ ସିସିଟିଭି ଫୁଟେଜ ଯାଞ୍ଚ ଠାରୁ ଆରମ୍ଭ କରି ବିଭିନ୍ନ ଜ୍ଞାନକୌଶଳ ଆପଣାଇ ଥିଲେ ମଧ ଏପର୍ଯ୍ୟନ୍ତ ଶିବା ପାଖରେ ପହଞ୍ଚି ପାରିନାହିଁ। ଶିବା ଫେରାର ଥିବାରୁ ସୁଧାଂଶୁଙ୍କ ପରିବାର ଲୋକେ ନିଜକୁ ସୁରକ୍ଷିତ ଭାବୁ ନାହାନ୍ତି। ଆଜି ସୁଧାଂଶୁଙ୍କ ସାନଭାଇ ଦେବାଶିଷ ଓ ଭଉଣୀ ଝରଣା ପୁଲିସ କମିସନରଙ୍କୁ ସାକ୍ଷାତ କରିଛନ୍ତି। ଶିବା ଫେରାର ଥିବାରୁ ଭବିଷ୍ୟତରେ କୌଣସି ଅଘଟଣ ଘଟିବାର ଆଶଙ୍କା ରହିଛି ବୋଲି କହିଛନ୍ତି। ପରିବାରକୁ ସୁରକ୍ଷା ଦେବା ସହ ତୁରନ୍ତ ଶିବାକୁ ଗିରଫ କରିବାକୁ ଦାବି କରିଛନ୍ତି।

● ସତର୍କତା ସଚେତନତା ସପ୍ତାହ

# 'ସଚ୍ଚୋଟତା, ଦାୟିତ୍ୱର ସହ ଭବିଷ୍ୟତ ଗଠନ କରିବାର ଏକ ସୁଯୋଗ'

ଭୁବନେଶ୍ୱର,୩୦।୧୦(ସମିସ): ପ୍ରତ୍ୟେକ କର୍ମଚାରୀ ପ୍ରଥମେ ଦେଶର ନାଗରିକ ହେବା ମନେ ରଖିବା ଉଚିତ ଏବଂ ସରକାରୀ ପ୍ରତିଷ୍ଠାନର ବିଶ୍ୱସନୀୟତା ଏବଂ ମୂଲ୍ୟବୋଧକୁ ବଜାୟ ରଖିବା ପାଇଁ ପ୍ରତିବଦ୍ଧ ହେବ ଦରକାର। ସେ ତାଙ୍କ ମନ୍ତବ୍ୟରେ କହିଥିଲେ ଯେ "ସତର୍କତା ଭୟ ବିଷୟରେ ନୁହେଁ ପ ଏହା ସ୍ୱାଧୀନତା ବିଷୟରେ ଯାହା ମର୍ଯ୍ୟାଦା, ସଚ୍ଚୋଟତା ଏବଂ ଦାୟିତ୍ୱ ସହିତ କାମ କରିବାର ସ୍ୱାଧୀନତା ହେବ ଦରକାର"। ଶେଷରେ ସେ କହିଥିଲେ ଯେ ସତର୍କତା ସଚେତନତା ସପ୍ତାହ ହେଉଛି ସଚ୍ଚୋଟତା ଏବଂ ବିଶ୍ୱାସ ଓ ଦାୟିତ୍ୱର ସହ ଭବିଷ୍ୟତ ଗଠନ କରିବାର ଏକ ସୁଯୋଗ ବୋଲି ପୂର୍ବତନ ରାଜ୍ୟ ସୂଚନା କମିଶନର ଶ୍ରୀ ଜଗଦାନନ୍ଦ କହିଛନ୍ତି। ସତର୍କତା ସଚେତନତା ସପ୍ତାହ-୨୦୨୫ର ଏକ ଅଂଶ ଭାବରେ ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଦ୍ୱାରା ଆଜି ରେଳମଣ୍ଡଳ କନଫରେନ୍ସ ହଲରେ 'ସତର୍କତା - ଆମର ସାମୁହିକ ଦାୟିତ୍ୱ' ବିଷୟବସ୍ତୁ ଉପରେ ଏକ ଆଲୋଚନାଚକ୍ର ଆୟୋଜନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳର ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ପରିଚାଳନା) ପ୍ରଦୀପ କୁମାର ବେହେରା ଏବଂ ମଣ୍ଡଳ କାର୍ମିକ ଅଧିକାରୀ ପ୍ରମୋଦ କୁମାର ବେହେରା ସତର୍କତା ସଚେତନତା ସପ୍ତାହ ପାଳନ ସମ୍ବନ୍ଧରେ କହିଥିଲେ। ଏଥିରେ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳର ବିଭିନ୍ନ ବରିଷ୍ଠ ଅଧିକାରୀ, କର୍ମଚାରୀ ଏବଂ ପ୍ରତିନିଧିମାନେ ଅଂଶଗ୍ରହଣ କରିଥିଲେ।

# ତଦନ୍ତକାରୀ ଏଜେନ୍ସିକୁ ମୋହରା କରୁଛନ୍ତି ଠକ

ଭୁବନେଶ୍ୱର, ୩୦।୧୦(ସମିସ): ତଦନ୍ତକାରୀ ସଂସ୍ଥା ଇଡ଼ି, ସିବିଆଇ, ଭିଜିଲାନ୍ସ ତଥା ପୁଲିସ ଉପରେ ସାଧାରଣ ଲୋକଙ୍କୁ ଯଥେଷ୍ଟ ଭରସା ରହିଛି। ଏହି ସବୁ ତଦନ୍ତକାରୀ ସଂସ୍ଥା ଲୋକଙ୍କୁ ନ୍ୟାୟ ଦେଉଥିବାରୁ ସାଧାରଣ ଲୋକଙ୍କ ସମ୍ମାନ ରହିଛି। କିନ୍ତୁ ଏବେ କିଛି ଠକ କିଛି ଟଙ୍କା ପାଇଁ ଏହି ତଦନ୍ତକାରୀ ଏଜେନ୍ସିଙ୍କ ନାମକୁ ବଦନାମ କରୁଛନ୍ତି। କେତେକ ଠକ ଲୋକଙ୍କୁ ନକଲି ତଦନ୍ତକାରୀ ଏଜେନ୍ସିର ଅଧିକାରୀ କହି ଅର୍ଥ ଲୁଟି ନେଉଛନ୍ତି। କିଏ ନିଜକୁ ସିବିଆଇ ଅଫିସର୍ କହି ଟଙ୍କା ଠକି ନେଉଥିବା ବେଳେ ଆଉ କିଏ ଇଡ଼ି। ପୁଣି ଆଉ କିଏ ନିଜକୁ ପୁଲିସ କହି

- ଚଢ଼ଉ ଆଳରେ ଧମକ ଦେଇ ଟଙ୍କା ଠକୁଛନ୍ତି
- ଗିରଫ ଭୟରେ ଟଙ୍କା ଦେଉଛନ୍ତି ସରକାରୀ ବାବୁ
- ସଚେତନ ରହିବାକୁ ଲୋକଙ୍କୁ ପୁଲିସର ନିର୍ଦ୍ଦେଶ
- ଥାନା କିମ୍ବା କଣ୍ଟ୍ରୋଲ୍‌ରୁମ୍‌କୁ ଜଣାଇବାକୁ ପରାମର୍ଶ

ଟଙ୍କା ଆଦାୟ କରୁଛନ୍ତି। ବିଗତ ଦିନରେ ରାଜଧାନୀରେ ଏଭଳି ଲୁଟ୍‌ପାଟ ବଢ଼ିବା ପରେ ସଜାଗ ହୋଇଛି ପୁଲିସ। ତେଣୁ ପୁଲିସ ଲୋକଙ୍କୁ ସଚେତନ କରିଛି। ଯଦି କେହି ଏଭଳି ତଦନ୍ତକାରୀ



ସଂସ୍ଥା ନାଁରେ ଟଙ୍କା ମାଗେ ତାହା ଉପରେ ବିଶାସ କରନ୍ତୁ ନାହିଁ। ଏନେଇ ତୁରନ୍ତ ପୁଲିସ କଣ୍ଟ୍ରୋଲ୍‌ରୁମ୍‌କୁ ଫୋନ୍ କରି ଜଣାଇବାକୁ ପୁଲିସ କମିସନର ସୂଚନା ଦେଇଛନ୍ତି। ଅନେକ ସମୟରେ ପୁଲିସ ନେମ୍‌ପ୍ଲେଟ୍ ପିନ୍ଧି ନ ଥିବାରୁ ଲୋକେ ଜାଣି ପାରୁନାହାନ୍ତି।

## ଇଡ଼ି ଅଧିକାରୀ କହି ଟଙ୍କା ଆଦାୟ

ନିଜକୁ ଇଡ଼ି ଅଧିକାରୀ ପରିଚୟ ଦେଇ ଛତ୍ରପୁର ଉପ ଜିଲ୍ଲାପାଳଙ୍କ ଠାରୁ ଟଙ୍କା ଟଙ୍କା ମାଗିବା ଅଭିଯୋଗରେ ଦୁଇ ଦିନ ତଳେ ଦୁଇ ଭାଇଙ୍କୁ ଗିରଫ କରିଛି ଏସ୍‌ଟିଏଫ। ରିରଫ ଅଭିଯୁକ୍ତମାନେ ହେଲେ ତାରିଣୀସେନ୍ ମହାପାତ୍ର ଏବଂ ବ୍ରହ୍ମାଶଙ୍କର ମହାପାତ୍ର। ସେମାନଙ୍କ ଘର ଢେଙ୍କାନାଳ ହେଲେ ଝାଡ଼ଖଣ୍ଡରେ ମଧ ଏକାଧିକ ସରକାରୀ ବାବୁମାନଙ୍କୁ ଠକିଛନ୍ତି। ତୁମ ନାମରେ ଇଡ଼ିରେ ଅଭିଯୋଗ ରହିଛି। ଟଙ୍କା ଦେଲେ

## ଭିଜିଲାନ୍ସ ଏସ୍‌ପି କହି ଠକେଇ

ନିଜକୁ ଭିଜିଲାନ୍ସ ଏସ୍‌ପି ପରିଚୟ ଦେଇ ଠିକାଦାରଙ୍କ ଠାରୁ ଟଙ୍କା ଆଦାୟ କରୁଥିଲେ କୃଷ୍ଣପ୍ରସାଦର ମନୋଜ କୁମାର ମାଝି। ସେ ଏକାଧିକ ଠିକାଦାର, ବିଲ୍ଡର, ଜେଇ ଏବଂ ସରକାରୀ ଅଫିସରଙ୍କୁ ଫୋନ୍ କରୁଥିଲା। ସେମାନଙ୍କ ନାମରେ ଭିଜିଲାନ୍ସରେ ଅଭିଯୋଗ ହୋଇଛି। ଏନେଇ ଚଢ଼ଉ କରାଯିବ ବୋଲି କହି ଡରାଉଥିଲେ। ପରେ ରଫାଦଫା ପାଇଁ ଟଙ୍କା ମାଗୁଥିଲେ। ଏହିଭଳି ନିଜକୁ ଭିଜିଲାନ୍ସ ଏସ୍‌ପି କହି ଠିକାଦାରଙ୍କ ଠାରୁ ୧୫ଲକ୍ଷ ନେବା ସମୟରେ ଏସ୍‌ଟିଏଫ ହାତରେ ଗିରଫ ହୋଇଥିଲେ। ପରେ ଏହିଭଳି ଆଉ ଏକ ମାମଲାରେ ସାଇବର ଥାନା ତାକୁ ଗିରଫ କରିଥିଲା।

## ନକଲି ସିବିଆଇ ଅଫିସର୍

ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ଥାନା ଜାତୀୟ ରାଜପଥ ୧୮ ନମ୍ବର କଳାବାଡିଆ ନିକଟରେ ଏକ ଆମ୍ବୁଲାନ୍ସରୁ ନକଲି ସିବିଆଇ ଅଫିସର ଧରା ହୋଇଥିଲେ। ଆମ୍ବୁଲାନ୍ସରେ ଜଣେ ଅପରାଧିକୁ ଓଡ଼ିଶା, ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡ ସୀମାନ୍ତ ଜାମଶୋଳା ନେଇ ଛାଡ଼ିବାକୁ ଯାଉଥିଲେ। ସ୍ଥାନୀୟ ଲୋକେ ଗାଡିକୁ ଅଟକାଇବା ପରେ ରୋଗୀ ହୋଇ ଶୋଇଥିବା ଅପରାଧି ଫେରାର ହୋଇଯାଇଥିଲେ। ଏହପାରେ ସ୍ଥାନୀୟ ଲୋକ ଦୁଇ ଯୁବକଙ୍କୁ କାବୁ କରିବା ପରେ ସେ ନିଜକୁ ସିବିଆଇ ଅଧିକାରୀ ବୋଲି କହିଥିଲା।

## ସ୍ପେଶାଲ ସ୍କ୍ୱାଡ୍ ଆଳରେ ଟଙ୍କା ଲୁଟ୍

ପୁଲିସ ବିଭାଗରୁ ଅବସରପ୍ରାପ୍ତ ପରେ ଜଣେ ଏଏସ୍‌ଆଇ ଲୋକଙ୍କ ଠାରୁ ଟଙ୍କା ଲୁଟ୍‌ପାଟ କରୁଥିଲେ। ଲୋକଙ୍କୁ ରାସ୍ତା ଉପରେ ଅଟକାଇ ସ୍ପେଶାଲ ସ୍କ୍ୱାଡ୍ ନାମରେ ଟଙ୍କା ମାଗନ୍ତି। ଟଙ୍କା ନଦେଲେ ତାଙ୍କୁ ମିଛ ମାମଲାରେ ଫସାଇ ଦେବାକୁ ଧମକ ଦିଅନ୍ତି। ଶେଷରେ ଅବସରପ୍ରାପ୍ତ ପୁଲିସ ଏବଂ ତା'ର ସହଯୋଗୀକୁ ଗିରଫ କରିଥିଲା ଲିଙ୍ଗରାଜ ଥାନା ପୁଲିସ। ଗିରଫ ୨ ଅଭିଯୁକ୍ତ ହେଲେ, ସହିଦନଗର ଅଞ୍ଚଳର ଜ୍ଞାନ ରଞ୍ଜନ ମହାନ୍ତି ଓ ସହଯୋଗୀ କାହ୍ନୁ ଚରଣ ସାହୁ।

## ସିବିଆଇ ଅଫିସର୍ ପରିଚୟରେ ଠକେଇ

ଏଭଳି ମିଛ କହି ଠକୁଥିବା ସହିଦନଗରର ପାପୁନି ସ୍ୱାଇଁ ଓରଫ ନିଖିଲ। ସେ ନିଜକୁ ସିବିଆଇ ଅଫିସର କହି ଫୁଲେଶ୍ୱରୀ ବସ୍ତିର ଜଣେ କାର୍ ଚାଳକଙ୍କୁ ତାଙ୍କ ଝିଅର ଅପରେସନ୍ କରାଇ ଦେବା ଆଳରେ ନଗଦ ୩୦ ହଜାର ଟଙ୍କା ଏବଂ ୩୦ ହଜାର ଟଙ୍କା ମୋବାଇଲ୍ ସାମଗ୍ରୀ ଠକି ନେଇଥିଲେ। ସେହିପରି ଏୟାରପୋର୍ଟ ଅଞ୍ଚଳରେ ରହୁଥିବା ଜଣେ କାର ମାଲିକଙ୍କୁ ମଧ କହିଥିଲେ।

## ଖାକି ପୋଷାକରେ ଦୁଷ୍କର୍ମ

ଭରତପୁର ଆଲବମ ଅଭିନେତ୍ରୀ ତଥା ନାବାଳିକା ଦୁଷ୍କର୍ମ ଘଟଣାରେ ପୁଲିସର ଲିଙ୍କ୍ ମିଳିଛି। ଅଭିଯୁକ୍ତଙ୍କ ଘରୁ ପୁଲିସ ପୋଷାକ ମିଳିଛି। ସେମାନେ ନାବାଳିକାଙ୍କୁ ଆଲବମ୍ ସୁଟିଂ କରିବା ପାଇଁ ପୁଲିସ ପୋଷାକ ଭଡ଼ାକୁ ଆଣିଥିଲେ। କିନ୍ତୁ ସୁଟିଂ ନ କରି ତାଙ୍କ ସହ ରାତି ସାରା ଦୁଷ୍କର୍ମ କରିଥିଲେ।

ପ୍ରଶାସନର ପଞ୍ଚୁକ ପ୍ରସ୍ତୁତି

## ସିଂହଦ୍ୱାରରେ ପ୍ରବେଶ, ଅନ୍ୟ ୩ ଦ୍ୱାରରେ ପ୍ରସ୍ଥାନ

ପୁରୀ, ୩୦।୧୦ (ସମିସ):ସରିସରି ଆସୁଛି ମହାଧାର୍ମିକ କାର୍ତ୍ତିକ ମାସ। ଆଉ ଦୁଇଦିନ ପରେ ପଞ୍ଚୁକ। ଶ୍ରୀମନ୍ଦିରରେ ଭକ୍ତଙ୍କ ପ୍ରବଳ ଭିଡ଼ ହେବ। ତେବେ ଶ୍ରଦ୍ଧାଳୁମାନେ ଯେପରି ଶୃଙ୍ଖଳିତ ଭାବେ ଦର୍ଶନ କରିପାରିବେ, ନିର୍ଦ୍ଧାରିତ ସମୟରେ ମହାପ୍ରସାଦ ବାହାରିବ ତା' ଉପରେ ଗୁରୁତ୍ୱ ଦେଉଛି ଶ୍ରୀମନ୍ଦିର ପ୍ରଶାସନ। ଏନେଇ ଗୁରୁବାର ଶ୍ରୀମନ୍ଦିର କାର୍ଯ୍ୟାଳୟ ମୁଖ୍ୟ ପ୍ରଶାସନ ଡ. ଅରବିନ୍ଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନିଆଯାଇଥିବା ନିଷ୍ପତ୍ତି ଅନୁଯାୟୀ, ପଞ୍ଚୁକରେ କେବଳ ସିଂହଦ୍ୱାରରେ ଭକ୍ତମାନେ ପ୍ରବେଶ ଏବଂ ଅନ୍ୟ ତିନି ଦ୍ୱାରରେ ପ୍ରସ୍ଥାନ କରିବେ। ଏହି ସମୟରେ ପ୍ରସ୍ଥାନ ପଥରେ ଭକ୍ତମାନଙ୍କୁ ମାଗଣା ମହାପ୍ରସାଦ ବଣ୍ଟନ କରାଯିବ। କିନ୍ତୁ ସେବାୟତ ଏବଂ ଶ୍ରୀମନ୍ଦିର କର୍ମଚାରୀଙ୍କ ପାଇଁ ପ୍ରବେଶ ନେଇ କୌଣସି କଟକଣା ରହିବ ନାହିଁ। ସେମାନେ ଯେକୌଣସି ଦ୍ୱାର ଦେଇ ମନ୍ଦିରକୁ ପ୍ରବେଶ କରିପାରିବେ।

**ପ୍ରଥମ ତିନିଦିନ ବାହାର କାଠରୁ ଦର୍ଶନ ହେବ**

ଚଳିତ ବର୍ଷ ପଞ୍ଚୁକ ୪ଦିନ ପଡୁଛି। ପ୍ରଥମ ୩ଦିନ ଭକ୍ତମାନେ କେବଳ ବାହାରକାଠରୁ ହିଁ ଦର୍ଶନ କରିବେ। ଅର୍ଥାତ୍ ଏହି ତିନିଦିନ ଭିତରକାଠ ଦର୍ଶନ ବନ୍ଦ ରହିବ। ଶେଷ ଦିବସରେ ଶ୍ରଦ୍ଧାଳୁମାନେ ଭିତରକାଠରୁ ଦର୍ଶନ ସୁଯୋଗ ପାଇବେ। ଶ୍ରୀମନ୍ଦରି ପରିଚାଳନା କମିଟି ସଦସ୍ୟ ଏବଂ ଅଧିକାରୀମାନେ ନୀତିକାନ୍ତିର ତଦାରଖ କରିବେ। ପଞ୍ଚୁକରେ ଯେପରି ମହାପ୍ରଭୁଙ୍କର ରାତ୍ର ପହୁଡ଼ ହେବ ସେ ନେଇ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ସେହିପରି ଭିଡ଼କୁ ନିୟନ୍ତ୍ରଣ ନିମନ୍ତେ ଶ୍ରୀମନ୍ଦିର ବାହାରେ ମରିଚୀକୋଟ ଛକ ପର୍ଯ୍ୟନ୍ତ ଲୁହା ବ୍ୟାରିକେଡ୍ ନିର୍ମାଣ ଆରମ୍ଭ ହୋଇଛି। ଭକ୍ତଙ୍କ ଦର୍ଶନ ସୁବିଧା, ଆବଶ୍ୟକ ପରିମାଣର ମହାପ୍ରସାଦ ବ୍ୟବସ୍ଥା, ସୂଚନା କେନ୍ଦ୍ର, ସହରରେ ଟ୍ରାଫିକ୍ ନିୟନ୍ତ୍ରଣ, ଆଶୁ ଚିକିତ୍ସା କେନ୍ଦ୍ର ପ୍ରଭୃତି ବ୍ୟବସ୍ଥା କରାଯିବ ବୋଲି ନିଷ୍ପତ୍ତି ହୋଇଛି।

## ସାମ୍ସ ପ୍ରକ୍ରିୟା ଓଡ଼ିଶା ଉଚ୍ଚଶିକ୍ଷା ବ୍ୟବସ୍ଥାକୁ ବିପର୍ଯ୍ୟସ୍ତ କରୁଛି: କଂଗ୍ରେସ

ଭୁବନେଶ୍ୱର,୩୦।୧୦(ସମିସ): ସାମ୍ସ ପ୍ରକ୍ରିୟା ଓଡ଼ିଶାର ଉଚ୍ଚ ଶିକ୍ଷା ବ୍ୟବସ୍ଥାକୁ ବିପର୍ଯ୍ୟସ୍ତ କରୁଛି। ଓଡ଼ିଶାର ଛାତ୍ରଛାତ୍ରୀମାନଙ୍କର ଭବିଷ୍ୟତ ପ୍ରତି ଏଥିରେ ଅଣଦେଖା କରାଯାଉଛି। ସାମ୍ସ ମାଧ୍ୟମରେ ଯେଉଁ ନାମଲେଖା ହେଉଛି, ସେଥିରେ ଦୁର୍ନୀତି ହେବା ସହ ବ୍ୟାପକ ଅବ୍ୟବସ୍ଥା ରହିଛି ବୋଲି ଯୁବ କଂଗ୍ରେସ ସଭାପତି ରଣଜିତ ପାତ୍ର କହିଛନ୍ତି। ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ପାତ୍ର କହିଛନ୍ତି ବର୍ତ୍ତମାନ ନାମଲେଖା ଏବଂ ପରୀକ୍ଷାର କୌଣସି ନିର୍ଦ୍ଦିଷ୍ଟ ସମୟ ରହୁନାହିଁ। ତେଣୁ ଓଡ଼ିଶାର ଛାତ୍ରଛାତ୍ରୀଙ୍କର ଭବିଷ୍ୟତ ଗଠନ ସହିତ ଖେଳ ଖେଳାଯାଉଛି। ପିସିସିର ପୂର୍ବତନ ସାଧାରଣ ସମ୍ପାଦକ ମନୋଜ ବିଶ୍ୱାଳ କହିଛନ୍ତି ଯେ କେବଳ ଘରୋଇ ଶିକ୍ଷା ବ୍ୟବସ୍ଥାକୁ ପ୍ରୋତ୍ସାହନ ଦେବାପାଇଁ ଏବଂ ଶିକ୍ଷା ବ୍ୟବସାୟୀମାନଙ୍କୁ ପରିପୁଷ୍ଟ କରିବାପାଇଁ କ୍ଷମତାସୀନ ସରକାର ଦୃଢ଼ ନିଷ୍ପତ୍ତି ନେଇଛନ୍ତି। ଯାହାଦ୍ୱାରା ସରକାରୀ ଶିକ୍ଷା ବ୍ୟବସ୍ଥା ଦିନକୁ ଦିନ ଦୁର୍ବଳ ହୋଇପଡୁଛି ଏବଂ ଏ ସରକାର ସେଥିପାଇଁ ସଂପୂର୍ଣ୍ଣ ଦାୟୀ। ୟୁଜି, ପିଜି, ବିଏଡ୍, ଏମ୍ଏଡ୍, ଏଲ୍ଏଲ୍ଏବି ଶ୍ରେଣୀରେ ନାମଲେଖା ପାଇଁ ପ୍ରଥମ ଚୟନ ତାଲିକାର ପ୍ରାର୍ଥୀଙ୍କ ନିମନ୍ତେ ଜୁନ୍-୧୬ ରୁ ଜୁନ୍-୧୮ ଅବଧି ଘୋଷଣା କରାଗଲା। ସେହି ସମାନ ପାଠ୍ୟକ୍ରମରେ ନାମଲେଖା ପାଇଁ ପୁଣି ଉଚ୍ଚ ଶିକ୍ଷା ବିଭାଗ ବିଜ୍ଞାପନ ଦେଲେ ଯେ ସ୍ପଟ୍ ଆଡମିଶନ ନଭେମ୍ବର-୩ ରୁ ୬ ମଧ୍ୟରେ ହେବ। ଗତ ୫ ମାସ ଧରି ଉଚ୍ଚ ଶିକ୍ଷା ବିଭାଗ ନାମଲେଖା କାର୍ଯ୍ୟ ଜାରି ରଖିଛନ୍ତି। ଏଠାରେ ପ୍ରଶ୍ନ ଉଠେ ଯେ ୫ ମାସ ଧରି ସଂପୃକ୍ତ ବିଭାଗରେ ପାଠପଢ଼ା ହେଉଛି କି ନାହିଁ। ଯଦି ପାଠପଢ଼ା ହେଉଛି, ଏବେ ନାମ ଲେଖାଇଥିବା ଛାତ୍ର ଗତ ୫ମାସର ପାଠକୁ ପଢ଼ିବେ କେମିତି ବୋଲି ଦଳ ପ୍ରଶ୍ନ କରିଛି।

ଦଳ ପକ୍ଷରୁ କୁହାଯାଇଛି ଯେ ପ୍ରଥମ ସେମିଷ୍ଟାର ପରୀକ୍ଷା ଆଉ ୧୫ ଦିନ ଥିବା ବେଳେ ଉଚ୍ଚ ଶିକ୍ଷା ବିଭାଗର ନାମଲେଖା କିନ୍ତୁ ବନ୍ଦ ହୋଇପାରୁ ନାହିଁ। ଏବେ ନାମ ଲେଖାଉଥିବା ଜଣେ ଛାତ୍ର ୧୫ ଦିନ ପରେ କିଭଳି ୬ ମାସର ପାଠ ପଢ଼ିବ ଏବଂ ପରୀକ୍ଷା ଦେବ ସେ କଥା ଉଚ୍ଚ ଶିକ୍ଷା ବିଭାଗ ବିଚାର କରିପାରୁନି। ଅନପକ୍ଷରେ ଶିକ୍ଷାମନ୍ତ୍ରୀ ସୁରଜ ସୂର୍ଯ୍ୟବଂଶୀ ଏ ବ୍ୟବସ୍ଥା ପ୍ରତି ସଂପୂର୍ଣ୍ଣ ଅଣଦେଖା କରୁଛନ୍ତି ବୋଲି କଂଗ୍ରେସ କହିଛି। ମନ୍ତ୍ରୀ ଏବଂ ଶିକ୍ଷା ବ୍ୟବସାୟୀଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଚାଲିଛି। ଯାହାଫଳରେ ସରକାରୀ ଶିକ୍ଷା ବ୍ୟବସ୍ଥାକୁ ପଦଦଳିତ କରିଦିଆଯାଉଛି। ଓଡ଼ିଶାର ଶିକ୍ଷାବ୍ୟବସ୍ଥାକୁ ଏକ ଭେଳିକିରେ ପରିଣତ କରିଦେବା ଫଳରେ ଛାତ୍ରଛାତ୍ରୀ ଓ ଅଭିଭାବକମାନେ ଘରୋଇ ଶିକ୍ଷା ଆଡକୁ ମୁହାଁଉଛନ୍ତି। ସରକାରୀ ଉଦାସୀନତାର ଶିକାର ହୋଇଥିବା ସରକାରୀ ଉଚ୍ଚ ଶିକ୍ଷାନୁଷ୍ଠାନରେ କେବଳ ଗରିବ ଛାତ୍ରଛାତ୍ରୀମାନେ ନାମ ଲେଖାଉଛନ୍ତି ଏବଂ ସେମାନଙ୍କର ଭବିଷ୍ୟତ ପ୍ରତି ସରକାରଙ୍କର ନିଘା ନାହିଁ ବୋଲି କଂଗ୍ରେସ କହିଛି। ଏହି ସାମ୍ବାଦିକ ସମ୍ମିଳନୀରେ ସୌମ୍ୟ ବରାଳ, ବିଶ୍ୱଭୂଷଣ ମହାପାତ୍ର, ବିଜୟ ସାହୁ ଓ ଅମିତ କୁମାର ପଣ୍ଡା ଉପସ୍ଥିତ ଥିଲେ।

■ ସଫେଇ କର୍ମଚାରୀଙ୍କୁ ଚାକିରି ମାମଲା

## ଜେଲ ଗଲେ ୧୮ ଅଟକ ଅଭିଯୁକ୍ତ

ସମ୍ବଲପୁର, ୩୦।୧୦(ସମିସ): ସଫେଇ କର୍ମଚାରୀ ଚାକିରି ବିକ୍ରି ମାମଲାରେ ଗତକାଲି ଅଟକ ଥିବା ୧୮ ଜଣ ଏଜେଣ୍ଟ, ସୁପରଭାଇଜରଙ୍କୁ ବୁର୍ଲା ଥାନା ପୁଲିସ ଆଜି ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ, ବୁର୍ଲା ଥାନା କୁଦୋପାଲିର ରାହୁଲ ବାଗ, କର୍ଡୋଲାର ପଞ୍ଚାନନ ଲୁହା, ମାରାଙ୍ଗୁଲାର ମୁରଲୀ ତାଣ୍ଡିଆ, କୁଦୋପାଲିର କୁଞ୍ଜବନ ମହାନନ୍ଦ, କୁଦ-ତମଡ଼ାର ହଳଧର ସାହୁ, କର୍ଡୋଲାର ଦିଲେଶ୍ୱର ରଣବିଡ଼ା, ମାରଙ୍ଗୁଲାର ସୁଶୀଲ ବାଗ, ଚିପିଲିମାର ବେଣୁଧର ଲୁହା, କୁଦୋପାଲିର ସନୋଜ ବାଗ, ଧନୁପାଲି ଥାନାର ରାଜକିଶୋର ବାଦୀ, ଧମା ଥାନା ଦେଓଗାଁର ଯଶୋବନ୍ତ ଲୁହା, ଜୟଘଣ୍ଟର ନନ୍ଦକିଶୋର ବାଦୀ ଓ ଗୁଲାବନ୍ଧର ବନ ବାଦୀ, ବୁର୍ଲା ଥାନା ଚାରପାଲିର ଭାଗ୍ୟଶ୍ରୀ ମହାନନ୍ଦ, ଧନୁପାଲି ଥାନା ନକ୍ସାପାଲିର ଜମ୍ମୁବନ୍ତୀ ବାଗ, ଧନୁପାଲି ଥାନାର ଦୀପ୍ତିରାଣୀ ବାଦୀ ଓ ଲିପି ବାଦୀ ଏବଂ ବରେଇପାଲି ଥାନା ମାଲିପଡ଼ାର ସଞ୍ଜୁ ସୁନା। ସମସ୍ତ ଅଭିଯୁକ୍ତଙ୍କୁ ଅଦାଲତରେ ଉପସ୍ଥାପନ ପରେ ଜାମିନ ନାମଞ୍ଜୁର ହେବାରୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ସଫେଇ କର୍ମଚାରୀ ଚାକିରି ବିକ୍ରି ମାମଲାରେ ଗତ ୨୩ ତାରିଖ ପର୍ଦ୍ଦାଫାସ ହେବା ପରଠାରୁ ପ୍ରତିଦିନ ନୂତନ ତଥ୍ୟ ଲୋକଲୋଚନକୁ ଆସିବାସହ ବହୁସଂଖ୍ୟାରେ ଲୋକ ଆସି ଅଭିଯୋଗ କରୁଛନ୍ତି। ଏହି ମାମଲାରେ ବିଭିନ୍ନ ଜିଲ୍ଲାର ଶହ ଶହ ଗରିବ ପରିବାର ଠକେଇର ଶିକାର ହୋଇଛନ୍ତି। ପୂର୍ବରୁ ମୁଖ୍ୟ ଅଭିଯୁକ୍ତ ରାହୁଲ ଓରଫ୍ ସମ୍ରାଟ ସାହୁ ଓ ସହଯୋଗୀ ପଦ୍ମାବତୀ ତାଣ୍ଡି ଗିରଫ ହୋଇଛନ୍ତି। ରାହୁଲକୁ ରିମାଣ୍ଡରେ ଆଣି ପୁଲିସ ପଚରାଉଚରା କରିଥିଲା। ସେତେବେଳେ ସେ ଉପରୋକ୍ତ ୧୮ ଜଣଙ୍କ ସଂପୃକ୍ତି ସଂପର୍କରେ ପୁଲିସକୁ କହିଥିଲା।

## ସୟଦ କାଜମ ମଦାନୀଙ୍କ ଉପରୁ ଉଠିଲା ନିଲମ୍ବନ

ଭୁବନେଶ୍ୱର,୩୦।୧୦(ସମିସ): ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକର ସୟଦ କାଜମ ମଦାନୀଙ୍କ ଉପରୁ ବିଜେଡି ସଭାପତି ନବୀନ ପଟ୍ଟନାୟକ ନିଲମ୍ବନ ଆଦେଶ ପ୍ରତ୍ୟାହାର କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ ମଦାନୀ ୨୦୨୧ ମସିହା ଅଗଷ୍ଟ ୫ ତାରିଖରେ ଦଳରୁ ନିଲମ୍ବିତ ହୋଇଥିଲେ। ଏନେଇ ଗୁରବାର ଦଳ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

## ମଦରେ ବିଷ ମିଶାଇ ବୃଦ୍ଧଙ୍କୁ ହତ୍ୟା!

କୋରୁକୋଣ୍ଡା, ୩୦।୧୦ (ସମିସ): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ତୁମସାପାଲ୍ଲୀ ପଞ୍ଚାୟତ ଅଧୀନ ଏମଭି-୧୨ ଗ୍ରାମ ନିକଟସ୍ଥ କେନ୍ଦୁଗୁଡ଼ା ଗ୍ରାମରେ ମଦରେ ବିଷ ମିଶାଇ ଜଣେ ବୃଦ୍ଧଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ପୁଲିସ ସୂତ୍ରରୁ ମିଳିଥିବା ସୂଚନା ମୁତାବକ ସେହି ଗ୍ରାମର ଦେବା ମାଡ଼କାମୀ (୬୧) ଗତ ରାତିରେ ପରିବାର ଲୋକଙ୍କ ସହ ନିଜ ଘରେ ଶୋଇଥିବା ବେଳେ ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତ ଦେବାଙ୍କ ପୁଅ ଭୀମା ମାଡ଼କାମୀ କୋରୁକୋଣ୍ଡା ଥାନାରେ ଏତଲା ଦେଇ ତାଙ୍କ ବାପା ବୁଧବାର ସନ୍ଧ୍ୟାରେ ନିଜ ଘରେ ଥିବା ବେଳେ ଉକ୍ତ ଗ୍ରାମର ଜଣେ ବ୍ୟକ୍ତି ମଦ ସହିତ ବିଷକ୍ଷ ମିଶାଇ ହତ୍ୟା କରିଥିବା କହିଥିଲେ। କୋରୁକୋଣ୍ଡା ପୁଲିସ ଏକ ହତ୍ୟା ମାମଲା ରୁଜୁ କରିବା ସହିତ ଥାନାଧିକାରୀ ହିମାଂଶୁ ଶେଖର ବାରିକଙ୍କ ନେତୃତ୍ୱରେ ପୁଲିସର ଏକ ସ୍ୱତନ୍ତ୍ର ଟିମ କେନ୍ଦୁଗୁଡ଼ା ଗ୍ରାମରେ ପହଞ୍ଚିଥିଲେ। ପୁଲିସ ଦେବାଙ୍କ ମୃତ ଶରୀରକୁ ଜବତ କରିବା ସହିତ ଘଟଣାର ତଦନ୍ତ ଜାରି ରଖିଛି। କୋରାପୁଟରୁ ୩ ଜଣିଆ ସାଇଣ୍ଟିଫିକ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ଘଟଣାର ଯାଞ୍ଚ ଆରମ୍ଭ କରିଛନ୍ତି।

## ବାଇକ୍‌କୁ ଧକ୍କାଦେଲା କାର୍; ମାଉସୀ-ଝିଆରୀ ମୃତ

ସମ୍ବଲପୁର, ୩୦।୧୦ (ସମିସ): କ୍ଷେତରାଜପୁର ଥାନା ଅଧୀନ ଦୁର୍ଗାପାଲି ଓଭରବ୍ରିଜ ଉପରେ ଆଜି ଏକ ମର୍ମନ୍ତୁଦ ଦୁର୍ଘଟଣା ୨ଜଣଙ୍କ ଜୀବନ ନେଇଛି। ଏକ ବାଇକ୍‌କୁ ଦ୍ରୁତଗାମୀ କାର୍ ଧକ୍କା ଦେବାରୁ ଏହି ଅଘଟଣ ଘଟିଛି। ମୃତକଦ୍ୱୟ ହେଲେ, ପାୟଲ ପଟେଲ(୨୫) ଓ ତାଙ୍କ ଝିଆରୀ ମାନିଆ ପଟେଲ(୪)। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ପାୟଲ ୩୦ ଫୁଟ୍ ବ୍ରିଜ୍‌ରୁ ଖସି ପ୍ରାଣ ହରାଇଛନ୍ତି। ସେହିପରି ଏହି ଅଘଟଣରେ ପାୟଲଙ୍କ ଭାଇ ଓମ୍ ପଟେଲ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ବୁର୍ଲା ଭିମସାରରେ ଭର୍ତ୍ତି କରାଯାଇଛି। ସୂଚନା ଅନୁସାରେ, ଓମ ଓ ପାୟଲ ଭାଇ-ଭଉଣୀ। ସେମାନେ ବଲାଙ୍ଗିରର ମୂଳ ବାସିନ୍ଦା। ବାପା ବୁର୍ଲାରେ ଚାକିରି କରୁଥିବାରୁ ମଝିରେ ମଝିରେ ବୁଲି ଆସନ୍ତି। କିଛି ଦିନ ତଳେ ସେମାନେ ବାପାଙ୍କ ପାଖକୁ ଆସିଥିଲେ। ଆଜି ଏକ ବାଇକ୍ ଓମ୍, ପାୟଲ ଓ ସେମାନଙ୍କ ଭଉଣୀ ଝିଅ ମାନିଆକୁ ସାଙ୍ଗରେ ନେଇ ସମ୍ବଲପୁର ସହରକୁ ଆସିଥିଲେ। ବୁଲାବୁଲି ସାରି ସେମାନେ ବୁର୍ଲା ଫେରୁଥିବା ବେଳେ ବିପରୀତ ଦିଗରୁ ଦ୍ରୁତ ଗତିରେ ଆସୁଥିବା କାର୍ (ଓଡି୧୫-ଏକ୍ସ-୫୩୧୫) ସେମାନଙ୍କୁ ଫିଲ୍ମ ଷ୍ଟାଇଲରେ ଧକ୍କା ଦେଇଥିଲା। ଏଥିରେ ବାଇକ୍‌ରୁ ପାୟଲ ଛିଟିକି ଓଭରବ୍ରିଜ ତଳକୁ ଖସି ପଡ଼ିଥିଲେ। ଓଭରବ୍ରିଜ ଉପରେ ଓମ ଓ ମାନିଆ ଗୁରୁତର ଅବସ୍ଥାରେ ପଡ଼ିଥିଲେ। ପୁଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚିଥିଲା। ପରେ ସେମାନଙ୍କୁ ବୁର୍ଲା ପଠାଇଥିଲା। ଦୁଇଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଓମ ଗୁରୁତର ରହିଛନ୍ତି। ସେପଟେ ଦୁର୍ଘଟଣା ଘଟାଇଥିବା କାରଟି ପୁଲିସ ଅଟକ ରଖିଥିବା ସୂଚନା ଦେଇଛି। କାର୍ ଚାଳକ ନିଶାଗ୍ରସ୍ତ ଅବସ୍ଥାରେ ଥିଲେ ନା ନାହିଁ ତାହା ଏବେ ଯାଏ ସ୍ପଷ୍ଟ ହୋଇନାହିଁ।

## ଶିକ୍ଷାନୁଷ୍ଠାନରେ ନିଯୁକ୍ତ ହେବେ ଆଣ୍ଟି ଡ୍ରଗ୍ ଇନ୍ସପେକ୍ଟର

ଭୁବନେଶ୍ୱର,୩୦।୧୦(ସମିସ): ପ୍ରତି ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ଆଣ୍ଟି ଡ୍ରଗ୍ ଇନ୍ସପେକ୍ଟର ନିଯୁକ୍ତ କରାଯିବ। ଶିକ୍ଷାନୁଷ୍ଠାନ ପରିସରକୁ ନିଶାମୁକ୍ତ ରଖିବା ସହ ଶୈକ୍ଷିକ ବାତାବରଣ ବଜାୟ ରଖିବାକୁ ଏହି ପଦକ୍ଷେପ ନିଆଯିବ। ପିଲାମାନେ ନିଶାଠାରୁ ଦୂରେଇ ରହି ଯେପରି ପାଠପଢ଼ା ପ୍ରତି ଆଗ୍ରହ ବଢ଼ାଇବେ ସେଥିପାଇଁ ରାଜ୍ୟ ସରକାର ଏହି ଯୋଜନା ପ୍ରସ୍ତୁତ କରିଥିବା ନେଇ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ଜଣେ ଲେଖାଏଁ ଅଧ୍ୟାପିକା ଓ ଅଧ୍ୟାପକଙ୍କୁ ଏହି ଦାୟିତ୍ୱ ଦିଆଯିବ। କ୍ୟାମ୍ପସକୁ ନିଶାମୁକ୍ତ କରିବା ପାଇଁ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି) ପକ୍ଷରୁ ଏକ ମାର୍ଗଦର୍ଶିକା ଜାରି କରାଯାଇଛି। କ୍ୟାମ୍ପସଗୁଡ଼ିକରେ ଛାତ୍ରୀଛାତ୍ରମାନେ ମନରେ ପରିବେଶ ଦିଗରେ ସଚେତନତା ସୃଷ୍ଟି କରିବା ସହିତ ଖେଳ, ଯୋଗ ଭଳି ବିଭିନ୍ନ କାର୍ଯ୍ୟକୁ ପ୍ରାଧାନ୍ୟ ଦିଆଯିବ। କ୍ୟାମ୍ପସଗୁଡ଼ିକରେ ସିସିଟିଭି ଲଗାଇ ନିୟମିତ ଭାବେ ଯାଞ୍ଚ କରିବାକୁ ୟୁଜିସି ମାର୍ଗଦର୍ଶିକାରେ କୁହାଯାଇଛି। ସେହି ଆଧାରରେ ରାଜ୍ୟ ସରକାର ସପ୍ତାହବ୍ୟାପୀ ବିଭିନ୍ନ କଲେଜ ଏଂ ବିଶ୍ୱବିଦ୍ୟାଳୟ ଗୁଡ଼ିକରେ ଆଲୋଚନା ସହିତ ଯୋଗ, ଶାରୀରିକ ଦକ୍ଷତା ଏଂ ପୁଷ୍ଟିକର ଖାଦ୍ୟ ଉପରେ ଗୁରୁତ୍ୱ ଦେବେ। ଏନେଇ କଲେଜ ଏବଂ ବିଶ୍ୱବିଦ୍ୟାଳୟରେ ଜଣେ ଅଧିକାରୀ ନିଯୁକ୍ତ ହେବେ।

## ପତ୍ନୀକୁ ଅସଦାଚରଣ କରିବାରୁ ସାଙ୍ଗକୁ ମାରିଦେଲା

ମାଲକାନଗିରି,୩୦।୧୦(ସମିସ): ବନ୍ଧୁପତ୍ନୀକୁ ଅସଦାଚରଣ କରିବାରୁ ମାରିଦେଲା ବନ୍ଧୁ। ମାଲକାନଗିରି ପୁଲିସ ଆଜି ଲଲେନ ମାଡ଼ି ହତ୍ୟାକାଣ୍ଡର ପର୍ଦ୍ଦାଫାସ୍ କରି ଏପରି ଚାଞ୍ଚଲ୍ୟକର ତଥ୍ୟ ଦେଇଛି। ଦୁଇ ଦିନ ତଳେ ଲଲେନଙ୍କ ଶବ ଇରମାଗୁଡ଼ା କେନାଲରୁ ଉଦ୍ଧାର ହୋଇଥିଲା। ଏହି ଘଟଣାରେ ପୁଲିସ ହତ୍ୟାକାରୀ ବନ୍ଧୁ ସୁକାନ୍ତ ପଡିଆମିକୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ଅନୁଯାୟୀ, ଲଲେନ ଓ ସୁକାନ୍ତ ଦୁଇ ସାଙ୍ଗ। ଗତ ୨୭ ତାରିଖ ରାତିରେ ଲଲେନ, ସୁକାନ୍ତ ଏବଂ ଅନ୍ୟ ଜଣେ ସାଙ୍ଗ ତ୍ରିନାଥ ମିଶି ଇରମାଗୁଡାର ମିଟୁଙ୍କ ଘରେ ମଦ ପିଇଥିଲେ। ରାତିରେ ତ୍ରିନାଥକୁ ଘରେ ଛାଡ଼ିବା ପରେ ପୁଣି ଲଲେନ ଓ ସୁକାନ୍ତ ମିଶି ମଦ ପିଇଥିଲେ। କିଛି ସମୟ ପରେ ଲଲେନ ଘରକୁ ଚାଲିଯାଇଥିଲେ। ତେବେ ସେଦିନ ବିଳମ୍ବିତ ରାତିରେ ଲଲେନ ବାଇକ୍‌ରେ ସୁକାନ୍ତଙ୍କ ଘରକୁ ଆସି ତାଙ୍କ ପତ୍ନୀକୁ ଅସଦାଚରଣ କରିଥିଲେ। ସେତିକିବେଳେ ସୁକାନ୍ତଙ୍କ ନିଦ ଭାଙ୍ଗି ଯାଇଥିଲା। ଏହା ଦେଖି ଲଲେନ ବାଇକ୍‌ରେ ପଳାଉଥିବା ବେଳେ ସୁକାନ୍ତ ଏକ ଧାରୁଆ ଅସ୍ତ୍ରରେ ତାଙ୍କୁ ଆକ୍ରମଣ କରି ହତ୍ୟା କରିଥିଲା। ପରେ ତାଙ୍କ ମର ଶରୀର ଓ ମୋଟର ସାଇକେଲକୁ କେନାଲରେ ଫିଙ୍ଗି ଦେଇଥିଲା।

## ହାର୍ଡକୋର ମାଓବାଦୀ ଶିବ ଭଦ୍ରାକୁ ରିମାଣ୍ଡରେ ନେଲା ଏନ୍ଆଇଏ

ଭୁବନେଶ୍ୱର,୩୦।୧୦(ସମିସ): ହାର୍ଡକୋର ମାଓବାଦୀ ଶିବ ଭଦ୍ରାଙ୍କୁ ୪ ଦିନିଆ ରିମାଣ୍ଡରେ ଆଣି ପଚରାଉଚରା କରିଛି ଭୁବନେଶ୍ୱର ଏନ୍ଆଇଏ ଟିମ୍। ଭିଏସ୍ଏସ୍ନଗରରେ ଥିବା ଏନ୍ଆଇଏର କାର୍ଯ୍ୟାଳୟରେ ଶିବକୁ ଜେରା କରାଯାଉଛି। ସୁନ୍ଦରଗଡ଼ ବିସ୍ଫୋରଣ ଘଟଣାରେ ଶିବର ସଂପୃକ୍ତି ରହିଥିବା ତଦନ୍ତରୁ ଜଣାପଡ଼ିଥିଲା। ଶିବକୁ ପୂର୍ବରୁ ଝାଡ଼ଖଣ୍ଡ ପୁଲିସ ଗିରଫ କରିଥିଲା। ପୂର୍ବରୁ ଗିରଫ ହୋଇଥିବା କୁଲୁ ମୁଣ୍ଡଙ୍କ ସହ ମିଶି ଅପରାଧ ଘଟାଉଥିଲେ। ଖଣି ଅଞ୍ଚଳରେ ବିସ୍ଫୋରଣ ଘଟାଇ ଏକାଧିକ ଲୋକଙ୍କ ଜୀବନ ନେଉଥିଲେ। ସେମାନେ କାହା ଇଙ୍ଗିତରେ ରହି କାମ କରୁଥିଲେ ସେନେଇ ମଧ୍ୟ ପଚରାଉଚରା କରାଯିବ।

ଅନାହାରରେ ରିସା ମାଙ୍କିଡ଼ିଆଙ୍କ ମୃତ୍ୟୁ ଘଟଣା

## ଜିଲ୍ଲାପାଳଙ୍କୁ ଦାବିପତ୍ର ଦେଲା କଂଗ୍ରେସ

ଯାଜପୁର,୩୦।୧୦(ସମିସ): ଯାଜପୁର ସୁକିନ୍ଦା ବ୍ଲକ୍ ଗାଁସୋଲ ପଞ୍ଚାୟତ ୧୦ ନଂ ୱାର୍ଡ ମାଙ୍କିଡିଆ ବସ୍ତିର ରିସା ମାଙ୍କିଡିଆଙ୍କ ଅନାହାର ମୃତ୍ୟୁକୁ ନେଇ କ୍ଷୋଭ ପ୍ରକାଶ କରିଛି କଂଗ୍ରେସ। ଆଜି କଂଗ୍ରେସର ଏକ ପ୍ରତିନିଧି ଦଳ ଜିଲ୍ଲାପାଳଙ୍କୁ ଭେଟି ଏ ସଂକ୍ରାନ୍ତରେ ଏକ ଦାବିପତ୍ର ପ୍ରଦାନ କରିଛି।

**'ଭୋଟ୍ ଚୋରି କରି ବିଜେପି ସରକାରକୁ ଆସିଛି'**

ରିସାଙ୍କୁ ମିଳୁଥିବା ଚାଉଳ କାହିଁକି ବନ୍ଦ ହେଲା ଏବଂ ଇ-କେୱାଇସି ନାଁରେ କାହିଁକି ଗରିବଲୋକଙ୍କୁ ହଇରାଣ କରାଯାଉଛି ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ଏହାର ତଦନ୍ତ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରତିନିଧିଦଳ ଦାବି କରିଛନ୍ତି।

ପରେ ଗଣମାଧ୍ୟମକୁ ପ୍ରତିକ୍ରିୟାରେ କଂଗ୍ରେସ ପକ୍ଷରୁ କୁହାଯାଇଛି ଯେ ରିସା ଜଣେ ବିରଳ ଜୁଆଙ୍ଗ ସମ୍ପ୍ରଦାୟର। କିନ୍ତୁ ସେହି ପରିବାରକୁ ସରକାର ଚାଉଳ ମୁଠେ ଯୋଗାଇ ନପାରିବା ଦୁର୍ଭାଗ୍ୟର କଥା। ରାଜ୍ୟରେ ଡବଲ ଇଞ୍ଜିନ ସରକାର ଚାଲିଛି ବୋଲି ଡିଣ୍ଡିମ ପିଟା ଚାଲିଛି। କିନ୍ତୁ ଏହାର ଫଳ କ'ଣ/ ତାହା ସାଧାରଣ ଲୋକେ



ଅନୁଭବ କଲେଣି। ବିଜେପି ଗରିବଙ୍କ ପାଇଁ କାମ ନ କରି କେବଳ ଭୋଟ୍ ଚୋରି କରି ସରକାରକୁ ଆସିଛି। ତେଣୁ ଡବଲ ଇଞ୍ଜିନ ସରକାର ସମ୍ପର୍କରେ ଲୋକଙ୍କୁ ସଚେତନ କରିବା ପାଇଁ କଂଗ୍ରେସ ଗାଁକୁ ଗାଁ ଯିବ। ସମଗ୍ର ସୁକିନ୍ଦା ନିର୍ବାଚନ ମଣ୍ଡଳୀରେ ପ୍ରତ୍ୟେକ ଆଦିବାସୀ ପରିବାରକୁ ତୁରନ୍ତ ଜଙ୍ଗଲ ଅଧିକାର ଆଇନରେ ଘରପଟ୍ଟା ସହ ସମସ୍ତଙ୍କୁ ଆଧାରକାର୍ଡ ଯୋଗାଇଦେବାକୁ ପ୍ରତିନିଧିଦଳ ଦାବି କରିଛନ୍ତି। ସେପଟେ କଂଗ୍ରେସର ଏଭଳି ଅଭିଯୋଗ ସମ୍ପର୍କରେ ଜିଲ୍ଲାପାଳ ଅମ୍ବର କୁମାର କର ଆଲୋଚନା କରିଥିଲେ। ଏନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁଧ୍ୟାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

କଂଗ୍ରେସ ପ୍ରତିନିଧିମଣ୍ଡଳୀରେ ପୂର୍ବତନ ମନ୍ତ୍ରୀ ଦେବାଶିଷ ନାୟକ, ପିସିସି ସଂଗଠନ ସୃଜନ ଅଭିଯାନ ଉପସଭାପତି ସୁଧାଂଶୁ ଦେଓ, ସୁକିନ୍ଦା ବିଧାୟକ ପ୍ରାର୍ଥୀ ଇଂ ବିଭୁଭୂଷଣ ରାଉତ, ଡିସିସି ସଭାପତି ମାଗୁଣି ଜେନା, ଦୁର୍ଯ୍ୟୋଧନ ବେହେରା, କିସାନ ପଣ୍ଡା ପ୍ରମୁଖ ସାମିଲ ଥିଲେ।

## ବିମାନବନ୍ଦରରୁ ଧରାପଡ଼ିଲା ମହାଠକ ଦ୍ୱିବେନ୍ଦୁ



ଭୁବନେଶ୍ୱର,୩୦।୧୦(ସମିସ): ୧୦୦ କୋଟି ଠକି ଦିଲ୍ଲୀ ସିବିଆଇ ପଞ୍ଝାରୁ ଫେରାର ଥିବା ଜଣେ ମୋଷ୍ଟ ୱାଣ୍ଟେଡ୍ ମହାଠକ ଦ୍ୱିବେନ୍ଦୁ ମହାରଣାକୁ ଧରିଛି ଏୟାରପୋର୍ଟ ପୁଲିସ। ଦ୍ୱିବେନ୍ଦୁକୁ ଇମିଗ୍ରେସନ୍ ଟିମ୍ ଧରିବା ପରେ ବିମାନବନ୍ଦରରେ ଅଟକ ରଖି ତୁରନ୍ତ ଏୟାରପୋର୍ଟ ଥାନାକୁ ସୂଚନା ଦେଇଥିଲେ। ଥାନା ଅଧିକାରୀ ଓ ଅନ୍ୟ କର୍ମଚାରୀ ପହଞ୍ଚି ଦ୍ୱିବେନ୍ଦୁଙ୍କୁ ଥାନାକୁ ନେଇ ପଚରାଉଚରା କରିଥିଲେ। ଏହାପରେ ଦ୍ୱିବେନ୍ଦୁ ଧରାପଡ଼ିବା ସମ୍ପର୍କରେ ସିବିଆଇକୁ ଅବଗତ କରାଯାଇଥିଲା। ଦିଲ୍ଲୀ ସିବିଆଇର ଏକ ଟିମ୍ ଆଜି ସନ୍ଧ୍ୟାରେ ଆସି ଦ୍ୱିବେନ୍ଦୁକୁ ସାଥୀରେ ନେଇଥିବା ସୂଚନା ମିଳିଛି।

■ ଦିଲ୍ଲୀରେ ଜାଲ ସଂସ୍ଥା କରି ଲୋକଙ୍କୁ ୧୦୦ କୋଟି ଠକିଥିଲା
■ ଆବୁଧାବିରୁ ଭୁବନେଶ୍ୱର ଫେରିବା ବେଳେ ଧରାପଡ଼ିଲା
■ ସିବିଆଇକୁ ହସ୍ତାନ୍ତର କଲା ଏୟାରପୋର୍ଟ ଥାନା ପୁଲିସ

ସୂଚନା ଅନୁସାରେ ଦ୍ୱିବେନ୍ଦୁଙ୍କ ଘର କଟକ ଚାଉଳିଆଗଞ୍ଜରେ ଓ ପାଞ୍ଚ ବର୍ଷ ତଳେ ଦ୍ୱିବେନ୍ଦୁ ଦିଲ୍ଲୀ ଚାକିରି ପାଇଁ ଯାଇଥିଲେ। ସେଠାରେ ଏକ ସଂସ୍ଥା ସ୍ଥାପନ କରି ଟଙ୍କା ଦ୍ୱିଗୁଣିତ କରିବା ପ୍ରଲୋଭନ ଦେଖାଇ ୮ଟି ରାଜ୍ୟରୁ ପ୍ରାୟ ୧୦୦ କୋଟି ଟଙ୍କା ଠକି ନେଇଥିଲେ। ଶେଷରେ ଏନେଇ ସିବିଆଇରେ ଅଭିଯୋଗ ହେବା ପରେ ଦ୍ୱିବେନ୍ଦୁ ଦୁବାଇ ଫେରାର ହୋଇଯାଇଥିଲା। ସେଠାରେ ରହି ସେ ଅଏସ କରିଥିଲେ। ତାଙ୍କୁ ଧରିବାରେ ବିଫଳ ହେବା ପରେ ସିବିଆଇ ଶେଷରେ ଲୁକ୍ଆଉଟ୍ ନୋଟିସ ଜାରି କରିଥିଲା। ଆଜି ସେ ଆବୁଧାବିରୁ ଭୁବନେଶ୍ୱର ଫେରୁଥିବା ବେଳେ ବିମାନ ବନ୍ଦରରେ ଦ୍ୱିବେନ୍ଦୁକୁ ଇମିଗ୍ରେସନ୍ ଟିମ୍ ଅଟକ ରଖିଥିଲା। ଯାଞ୍ଚ ବେଳେ ତାଙ୍କ ନାମରେ ଲୁକ୍ଆଉଟ୍ ଜାରି ହୋଇଥିବା ସୂଚନା ମିଳିବା ପରେ ଏୟାରପୋର୍ଟ ଥାନାକୁ ଅବଗତ କରାଯାଇଥିଲା।

## ଛେଳି ଚରାଳିକୁ ଖଣ୍ଡାରେ ହାଣି ହତ୍ୟା

ବ୍ରହ୍ମପୁର, ୩୦।୧୦(ସମିସ): ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ବ୍ଲକ ମୋରାବାଇ ନିକଟରେ ଜଣେ ଛେଳିଚରାଳିଙ୍କୁ ଖଣ୍ଡାରେ ହାଣି ହତ୍ୟା କରାଯାଇଛି। ମୃତ ବ୍ୟକ୍ତିଜଣଙ୍କ ଗାଗନାପୁର ଗ୍ରାମର ବୁଲୁ ପାତ୍ର ବୋଲି ଜଣାପଡ଼ିଛି। ବୁଲୁ ଛେଳି ଚରାଇବାକୁ ଯାଇଥିବା ବେଳେ ଦୁର୍ବୃତ୍ତମାନେ ତାଙ୍କୁ ଏକ ଖଣ୍ଡାରେ ହାଣି ଫେରାର୍ ହୋଇଯାଇଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ବୁଲୁ ପଡ଼ିଥିବା ସ୍ଥାନୀୟ ଲୋକେ ତାଙ୍କ ପରିବାରକୁ ଖବର ଦେଇଥିଲେ। ପରିବାରଲୋକେ ତାଙ୍କୁ ଚିକିତ୍ସା ନିମନ୍ତେ ବ୍ରହ୍ମପୁର ସ୍ଥିତ ଏମକେସିଜି ମେଡିକାଲରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ତେବେ ଆକ୍ରମଣର ପ୍ରକୃତ କାରଣ ଅସ୍ପଷ୍ଟ ରହିଥିବା ବେଳେ ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଆକ୍ରମଣ ହୋଇଥିବା ଅନୁମାନ କରାଯାଉଛି। କିଛି ମାସ ପୂର୍ବେ ବୁଲୁଙ୍କ ଭାଇଙ୍କୁ ମଧ୍ୟ ଆକ୍ରମଣ ହୋଇଥିଲା। ସେହି ଘଟଣାକୁ ନେଇ ଆଜି ତାଙ୍କୁ ଆକ୍ରମଣ ହୋଇଥିବା ଅନୁମାନ କରାଯାଉଛି। କବିସୂର୍ଯ୍ୟନଗର ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

■ ମହଙ୍ଗା ପଡ଼ିଲା ନିର୍ବାଚନୀ ପ୍ରଚାର ଖବର ଦେବା

## ସୂଚନା ସେବା ଅଧିକାରୀ ନିଲମ୍ବିତ

ଭୁବନେଶ୍ୱର,୩୦।୧୦(ସମିସ): ଉପମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନୀ ରାଲି ସମ୍ପର୍କରେ ଖବର ଦେଇ ନିଲମ୍ବିତ ହେଲେ ରାଜ୍ୟ ସୂଚନା ସେବା ଅଧିକାରୀ ତନୁଜା ମହାନ୍ତି। ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ପରିଚାଳିତ ସାମ୍ବାଦିକମାନଙ୍କ ପାଇଁ ଉଦ୍ଦିଷ୍ଟ ହ୍ୱାଟସଆପ ଗ୍ରୁପ୍‌ରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ନିର୍ବାଚନୀ ପ୍ରଚାର ଖବର ପ୍ରଦାନ କରିବା ସହ ଏହାକୁ ଟିଭିରେ ସ୍କ୍ରଲିଂ ପାଇଁ ଶ୍ରୀମତୀ ମହାନ୍ତି ନିବେଦନ କରିଥିଲେ। ଏହାକୁ ନେଇ ତାଙ୍କ ଉପରେ ନିର୍ବାଚନ ଆଚରଣବିଧି ଉଲ୍ଲଂଘନ ଅଭିଯୋଗ ଆସିଥିଲା। ସୂଚନାଥାଉ କି ଶ୍ରୀମତୀ ମହାନ୍ତି ଉପମୁଖ୍ୟମନ୍ତ୍ରୀଙ୍କ ଲୋକସମ୍ପର୍କ ଅଧିକାରୀ ଭାବେ କାର୍ଯ୍ୟ କରୁଥିଲେ। ମାତ୍ର ଉପମୁଖ୍ୟମନ୍ତ୍ରୀ ନିଜ ଦଳର ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିବାକୁ ଯିବେ ବୋଲି ଖବର ଦେବା ଓ ଉପମୁଖ୍ୟମନ୍ତ୍ରୀଙ୍କ ଏ ସମ୍ପର୍କିତ ଏକ୍ସ ପୋଷ୍ଟକୁ ମଧ୍ୟ ସରକାରୀ ହ୍ୱାଟ୍ସଆପ୍ ଗ୍ରୁପ୍‌ରେ ଫରୱାର୍ଡ କରିଥିଲେ। ଏ ସଂପର୍କରେ କଂଗ୍ରେସ ପକ୍ଷରୁ ସିଇଓଙ୍କ ନିକଟରେ ଅଭିଯୋଗ କରାଯାଇଥିଲା।


## ଦ୍ୱିତୀୟ ଶ୍ରୀକ୍ଷେତ୍ରରେ ଅଚଳାବସ୍ଥା

### ମିଳୁନି ସରକାରୀ ଅନୁଦାନ; ବକେୟା ୧.୪୫ କୋଟି

ବାରିପଦା, ୩୦।୧୦ (ସମିସ): ମନ୍ଦିର ପରିଚାଳନା ପାଇଁ ଦୀର୍ଘଦିନ ହେଲା ସରକାରୀ ଅନୁଦାନ ମିଳୁ ନ ଥିବାରୁ ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦା ଜଗନ୍ନାଥ ମନ୍ଦିରରେ ଅଚଳାବସ୍ଥା ଦେଖାଦେଇଛି। ଟେଣ୍ଡରଧାରୀଙ୍କ ସାମଗ୍ରୀ ଯୋଗାଣ ବନ୍ଦ ନିଷ୍ପତ୍ତି ପରେ ଗୁରୁବାର ଦିଅଁଙ୍କ ନିତ୍ୟାନୀ ସେବା ଓ ଭୋଗଲାଗି ବନ୍ଦ ଆଶଙ୍କା ଦେଖାଦେଇଥିଲା। ହେଲେ ପ୍ରଶାସନର ହସ୍ତକ୍ଷେପ ପରେ ଏହି ଆଶଙ୍କା ଟଳିଛି। କିନ୍ତୁ ଏହାର ସ୍ଥାୟୀ ପ୍ରତିକାର ନ ହେଲେ ସେବାୟତମାନେ ନଭେମ୍ବର ଦ୍ୱିତୀୟ ସପ୍ତାହରେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ରାଜ୍ୟ ସଭାପତି କାମେଶ୍ୱର ତ୍ରିପାଠୀ ଚେତାବନୀ ଦେଇଛନ୍ତି।

**ସାମଗ୍ରୀ ଦେବାକୁ ମନା କରିଦେଲେ ଟେଣ୍ଡରଧାରୀ**

**ପ୍ରଶାସନ ହସ୍ତକ୍ଷେପ ସତ୍ତ୍ୱେ ଆନ୍ଦୋଳନକୁ ଓହ୍ଲାଇବେ ସେବାୟତ**



ଘଟଣାରୁ ପ୍ରକାଶ ଯେ ଶ୍ରୀଶ୍ରୀ ହରିବଳଦେବଜୀଉ ବିଜେ ବାରିପଦା ଜଗନ୍ନାଥ ମନ୍ଦିର ପରିଚାଳନା ପାଇଁ ଆବଶ୍ୟକ ସାମଗ୍ରୀ ଯୋଗାଇବା ପାଇଁ ବାର୍ଷିକ ଖୋଲା ଟେଣ୍ଡର ଆହ୍ୱାନ କରାଯାଇଥାଏ। ଦୈନନ୍ଦିନ ସେବା ଓ ବିଭିନ୍ନ ଭୋଗ ପାଇଁ ଗ୍ରୋସରୀ ଓ ପୂଜା ସାମଗ୍ରୀ, କାଠ, ଲୁଗା, ମିଠା, ପାନ, ଦୁଗ୍ଧ, ଘିଅ ଆଦି ଯୋଗାଇବା ପାଇଁ ଭିନ୍ନ ଭିନ୍ନ ବ୍ୟବସାୟ ପ୍ରତିଷ୍ଠାନ ଟେଣ୍ଡର ନେଇଛନ୍ତି ; କିନ୍ତୁ ସେମାନଙ୍କୁ ଠିକ ସମୟରେ ତାଙ୍କର ଟଙ୍କା ଦିଆଯାଉ ନ ଥିବାରୁ ଅଡୁଆ ପରିସ୍ଥିତି ସୃଷ୍ଟି କରିଛି। ପ୍ରତିଦିନ ସେବା ଓ ଭୋଗ ସହିତ ପର୍ବପର୍ବାଣି ପାଇଁ ଅତିରିକ୍ତ ଖର୍ଚ୍ଚ ମଧ୍ୟ ରହିଛି। ଏହି କ୍ରମରେ ଏ ଯାଏ ୧ କୋଟି ୪୫ ଲକ୍ଷ ଟଙ୍କା ବାକି ପଡ଼ିଛି। ଗୁରୁବାର ଜଣେ ଯୋଗାଣକାରୀ ଦେଢବର୍ଷ ଧରି ୨୨ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ପାଇ ନଥିବାରୁ ସାମଗ୍ରୀ ଯୋଗାଇବାକୁ ମନା କରିଦେଇଥିଲେ। ଫଳରେ ମନ୍ଦିରର ଅଚଳାବସ୍ଥା ସହିତ ଠାକୁର ଉପାସ ରହିବା ପରିସ୍ଥିତି ଆଶଙ୍କା ସୃଷ୍ଟି ହୋଇଥିଲା। ଏନେଇ ରାଜ୍ୟ ସେବାୟତ ସଂଘ ଭାରପ୍ରାପ୍ତ ଦେବୋତ୍ତର ଅଧିକାରୀ ତଥା ଉପଜିଲ୍ଲାପାଳ ଡ ଦୟାସିନ୍ଧୁ ପରିଡାଙ୍କୁ ସାକ୍ଷାତ କରି ଅବଗତ କରାଇଥିଲେ। ଯୋଗାଣ ସାମଗ୍ରୀ ଯୋଗାଉଥିବା ଟେଣ୍ଡରଧାରୀ ମଧ୍ୟ ଉପସ୍ଥିତ ଥିଲେ। ଖୁବଶୀଘ୍ର ସମାଧାନ ପନ୍ଥା ବାହାର କରାଯିବ ବୋଲି ଉପଜିଲ୍ଲାପାଳ ପ୍ରତିଶ୍ରୁତି ଦେବାରୁ ପୂର୍ବବତ ସାମଗ୍ରୀ ଯୋଗାଯିବା ନିଷ୍ପତ୍ତି ହୋଇଥିଲା। ତେବେ ବାରମ୍ବାର ଏପରି ଅଚଳାବସ୍ଥା ଦୂର ପାଇଁ ସ୍ଥାୟୀ ପଦକ୍ଷେପ ନ ନିଆଗଲେ ମନ୍ଦିରର ସେବାୟତଗଣ ନଭେମ୍ବର ଦ୍ୱିତୀୟ ସପ୍ତାହରେ ଆନ୍ଦୋଳନ କରିବେ ବୋଲି ସଂଘ ଚେତାବନୀ ଦେଇଛି।

ଉଲ୍ଲେଖଯୋଗ୍ୟ, ବାରିପଦା ଦେବୋତ୍ତର ବିଭାଗ ଅଧୀନରେ ୨୦ଟି ମଠ ଓ ମନ୍ଦିର ପରିଚାଳିତ ହେଉଛି। ଏଥିନିମନ୍ତେ ୪୪ ହଜାର ୭୦୦ଏକର ଜମି ଖଞ୍ଜାଥିବା ସ୍ଥଳେ ପାଖାପାଖି ୪୦ ହଜାର ଜମି ବିଭିନ୍ନ ସରକାରୀ ସଂସ୍ଥା ଓ ଲୋକଙ୍କ ଜବରଦଖଲରେ ରହିଛି। ଫଳରେ ଉକ୍ତ ଜମିରୁ କୌଣସି ରାଜସ୍ୱ ଆୟ ହୋଇପାରୁନାହିଁ। ତେଣୁ ଉକ୍ତ ଜମିରୁ ମଠ, ମନ୍ଦିର ପରିଚାଳନା ନେଇ ସୁବ୍ୟବସ୍ଥା କରିବାକୁ ଦାବି ହେଉଛି। ଓଡ଼ିଆ ଅସ୍ମିତାର ଦାହି ଦେଇ ସରକାର ପରିବର୍ତ୍ତନ ପରେ ମନ୍ଦିର ପରିଚାଳନା ଅବ୍ୟବସ୍ଥା ବାସ୍ତବିକ ନିନ୍ଦନୀୟ ଓ ଅକ୍ଷମଣୀୟ ବୋଲି କୁହାଯାଉଛି।


## ୧ରୁ 'ସୁଭଦ୍ରା ଶକ୍ତି ମେଳା'




ଭୁବନେଶ୍ୱର,୩୦।୧୦(ସମିସ): ଆସନ୍ତା ନଭେମ୍ବର ୧ ତାରିଖରୁ ୧୨ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱର ପ୍ରଦର୍ଶନୀ ପଡ଼ିଆରେ 'ସୁଭଦ୍ରା ଶକ୍ତି ମେଳା-୨୦୨୫' ଅନୁଷ୍ଠିତ ହେବ। ମେଳାରେ ରାଜ୍ୟର ସମସ୍ତ ଜିଲ୍ଲାରୁ ୩୦୦ରୁ ଅଧିକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଭାଗନେଇ ସେମାନଙ୍କ ଉତ୍ପାଦିତ ଦ୍ରବ୍ୟର ପ୍ରଦର୍ଶନ ଓ ବିପଣନ କରିବେ। ଏହାସହ ପଞ୍ଜାବ, ଝାଡ଼ଖଣ୍ଡ, ଆନ୍ଧ୍ର ପ୍ରଦେଶ, ବିହାର, ଆସାମ, ପଶ୍ଚିମବଙ୍ଗ, ଛତିଶଗଡ଼, ଗୁଜୁରାଟ ଆଦି ୧୧ଟି ରାଜ୍ୟରୁ ନିମନ୍ତ୍ରିତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସେମାନଙ୍କ ରାଜ୍ୟର ଉତ୍କୃଷ୍ଟ ଉତ୍ପାଦ ପ୍ରଦର୍ଶନ କରିବେ। ସେହିପରି ମେଳାରେ ୫୦ଟି ଖାଦ୍ୟ ଷ୍ଟଲର ବ୍ୟବସ୍ଥା ସହ ହସ୍ତତନ୍ତ, ହସ୍ତଶିଳ୍ପ, ଖାଦ୍ୟ ଓ ଜଙ୍ଗଲ ଉତ୍ପାଦ ପ୍ରଦର୍ଶିତ ହେବ। ୧୨ ଦିନର ଧରି ଚାଲିବାକୁ ଥିବା ଏହି ମେଳାରେ ଦର୍ଶକମାନଙ୍କ ମନୋରଞ୍ଜନ ପାଇଁ ପ୍ରତିଦିନ ସନ୍ଧ୍ୟାରେ ଲୋକନୃତ୍ୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ। ପ୍ରଥମଥର ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ପ୍ରସ୍ତୁତ ହସ୍ତତନ୍ତ ଓ ପୋଷାକର ଫ୍ୟାଶନ୍ ଶୋ' ଆୟୋଜିତ ହେବ। ଏହି ମେଳା କେବଳ କ୍ରୟ ବିକ୍ରୟର ମଞ୍ଚ ନୁହେଁ; ବରଂ ନାରୀମାନଙ୍କର ଆତ୍ମବିଶ୍ୱାସ, ସଫଳତା ଓ ସାମାଜିକ ସଶକ୍ତୀକରଣର ଏକ ଉଜ୍ଜ୍ୱଳ ପ୍ରତୀକ ବୋଲି ଗୁରୁବାର ମିଶନ ଶକ୍ତି ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୂଚନା ଦେଇଛନ୍ତି।

**ପ୍ରଦର୍ଶିତ ହେବ ଓଡ଼ିଶା ସମେତ ୧୧ ରାଜ୍ୟର ଉତ୍କୃଷ୍ଟ ଉତ୍ପାଦ**

# ସମ୍ପାଦକୀୟ



ବିଶ୍ୱାସ ହେଉଛି ସେଭଳି ଏକ ପକ୍ଷୀ, ଯିଏ ଅରୁଣୋଦୟ ପୂର୍ବରୁ ଆଲୋକ ଦେଖିପାରେ।
-ରବୀନ୍ଦ୍ରନାଥ ଟାଗୋର।

ସକାଳ
THE SAKALA

## ଦୁର୍ନୀତି ଦାନବର ଦୌରାତ୍ମ୍ୟ

ଏକ ରାଷ୍ଟ୍ରାୟତ୍ତର ଉଦ୍ୟୋଗର ପୂର୍ବତନ ବିତ୍ତ ଅଧିକାରୀ ସାମାଜିକ ଗଣମାଧ୍ୟମରେ ବର୍ଣ୍ଣନା କରିଥିବା ଅଙ୍ଗେନିଭା ଘଟଣାର ହୃଦୟବିଦାରକ କାହାଣୀ ଜାତୀୟସ୍ତରରେ ଆଲୋଡ଼ନ ସୃଷ୍ଟି କରିଛି। ବେଙ୍ଗାଲୁରୁ ନିବାସୀ କେ ଶିବକୁମାରଙ୍କ ସହିତ ଘଟିଥିବା ଘଟଣା ଯେତିକି ହୃଦୟବିଦାରକ ତାଙ୍କ ଟିପ୍ପଣୀ ତା'ଠାରୁ ଅଧିକ ଚିନ୍ତାଜନକ। ୩୪ବର୍ଷୀୟା ଝିଅର ମୃତ୍ୟୁ ପରେ ଡାକ୍ତରଖାନାରୁ ପୋଷ୍ଟମର୍ଟମ ଏପରିକି ଶ୍ମଶାନ ପର୍ଯ୍ୟନ୍ତ ପ୍ରତିଟି ସ୍ତରରେ କିଭଳି ଲାଞ୍ଚ ଦେବାକୁ ପଡ଼ିଛି, ତାହା ଶିବକୁମାର ଉଲ୍ଲେଖ କରିବା ପରେ ଦୁଇ ପୁଲିସ କର୍ମଚାରୀଙ୍କୁ ନିଲମ୍ବନ କରାଯାଇଛି। ଚିରାଚରିତ ଭାବେ ଏହାକୁ ନେଇ ରାଜନୀତି ଆରମ୍ଭ ହୋଇସାରିଛି। ଶେଷରେ ଶିବକୁମାର ଲେଖିଛନ୍ତି 'ଆର୍ଥିକ ସ୍ୱଚ୍ଛଳ ଥିବାରୁ ମୁଁ ସେମାନଙ୍କ ଦାବି ପୂରଣ କରିପାରିଲି; କିନ୍ତୁ ଗରିବଟିଏ କ'ଣ କରିବ?' ସମାଜିକ ଗଣମାଧ୍ୟରେ ଶିବକୁମାରଙ୍କ ଏହି ମର୍ମଭେଦୀ ବର୍ଣ୍ଣନା ଓ ବେଦନା ଏଭଳି ସମୟରେ ଆସିଛି ଯେତେବେଳେ ସାରା ଦେଶ ଦୁର୍ନୀତି ନିବାରଣ ସପ୍ତାହ ପାଳନ କରୁଛି।

ଆମ ଦେଶରେ ଦୁର୍ନୀତିର ଚେର କେତେ ଗଭୀରକୁ ଯାଇସାରିଛି ଏବଂ ଏହାର ସ୍ୱରୂପ କେତେ କୁତ୍ସିତ ଓ ବୀଭତ୍ସ ହୋଇସାରିଛି, ଉପରୋକ୍ତ ଘଟଣା ତାହାର କେବଳ ଏକ ଉଦାହରଣ ମାତ୍ର। ଆମ ଶାସନ ବ୍ୟବସ୍ଥାର ଏକ ବିଡ଼ମ୍ବନା ହେଉଛି ସରକାର ବଦଳିଲେ ଅଧୁଆ ମୂଳା ଧୂଆ ମୂଳା ହୋଇଯାଏ ଏବଂ ଦୁର୍ନୀତିଗୁଡ଼ିକ ନୀତି ପାଲଟି ଯାଏ। ଏଭଳି କାଦୁଅ ପିଙ୍ଗା ରାଜନୀତିର ପରିବେଶରେ ପରିପୁଷ୍ଟ ହୋଇ ଦୁର୍ନୀତି ତା'ର କାୟା ବିସ୍ତାର କରିଚାଲେ। ଗରିବର ଜାତି ନାହିଁ କି ଦୁର୍ନୀତି ରାଜନୀତି ମାନେ ନାହିଁ। ଯେତେବେଳ ପର୍ଯ୍ୟନ୍ତ ମାନବ ଦୁର୍ନୀତି-ଦାନବ କୋଳରେ ବସିବାକୁ ସୁଖ ମଣୁଥିବ, କୌଣସି ଶାସନ, ପ୍ରଶାସନ ଯେତେ ସାଧ ସାଧନା କଲେ ମଧ୍ୟ ବ୍ୟବସ୍ଥାରୁ ଦୁର୍ନୀତି ହଟିବ ନାହିଁ। ତେଣୁ ଦୁର୍ନୀତିରେ ଅତିଷ୍ଠ ହୋଇ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ମାଡ଼ ତତ୍ତ୍ୱ ଆପଣେଇବା ପାଇଁ ଜନସାଧାରଣଙ୍କୁ ଆହ୍ୱାନ ଦେଇଥିଲେ।

କେବଳ ବଜାରରେ କିଣାବିକାକୁ ଛାଡ଼ିଦେଲେ ଆଜି ଏଭଳି କୌଣସି କ୍ଷେତ୍ର ଦୁର୍ନୀତି-ଦାନବର କବଳରୁ ବର୍ତ୍ତି ନାହିଁ। ସରକାରୀ ଫାଇଲ୍ ଦୂରର କଥା ହାତଗୁଞ୍ଜା ନ ଦେଲେ ଅନେକ ସ୍ଥାନରେ ଡାକ୍ତର ରୋଗୀ ଦେଖୁନାହିଁ କି ପୁଲିସ୍ ଅଭିଯୋଗ ରଖୁନାହିଁ। ଶିକ୍ଷା ଅଧିକାର ଏବଂ ଖାଦ୍ୟ ସୁରକ୍ଷା ଆଇନ୍ ପରି ମହତାକାଂକ୍ଷା ଯୋଜନା ମଧ୍ୟ ଲାଞ୍ଚ ବିନା ଆଗକୁ ବଢ଼ିପାରୁନାହିଁ। ଏପରିକି ବିନା ହାତଗୁଞ୍ଜାରେ ବିଚାରପତିଙ୍କ ରାୟ ମଧ୍ୟ କାର୍ଯ୍ୟକାରୀ ହୋଇପାରୁନାହିଁ। ଅପରପକ୍ଷରେ ଏହି ହାତଗୁଞ୍ଜାରେ ଶିଳ୍ପପତିମାନେ ସାମ୍ରାଜ୍ୟ ତୋଳିପାରୁଛନ୍ତି।

ଦୁର୍ନୀତି ଦାନବ ଟଙ୍କା, ସୁନା, ରୁପା, ସୌଖୀନ ଓ ମୂଲ୍ୟବାନ ସାମଗ୍ରୀ, ଆସବାବପତ୍ର, ପାନ, ଚକୋଲେଟ୍, ମିଠାଇ ପ୍ୟାକେଟ୍ ଆଦି ରୂପରେ ସର୍ବସାଧାରଣଙ୍କ ଆଖିଆଗରେ ନିର୍ଭୟରେ ଗୋଟିଏ ହାତରୁ ଅନ୍ୟ ହାତକୁ ଡେଇଁ ଚାଲିଛି। ଜନସାଧାରଣ କେବଳ ନିରବ ଦ୍ରଷ୍ଟା ହୋଇ ସାଲିସ୍ କରିବା କିମ୍ବା ଦୁର୍ନୀତି ଦାନବର ତାଡ଼ନାରେ ଅତିଷ୍ଠ ହେବା ବ୍ୟତୀତ ବିକଳ୍ପ ନାହିଁ। ଯେଉଁ କେତେକ ଧରପଗଡ଼ ହେଉଛି ତାହା ସମୁଦ୍ର ବାଲିରୁ ଚିମୁଟାଏ ମାତ୍ର। ପରିସ୍ଥିତି ଏପରି ହେଲାଣି ଯେ ହାତଗୁଞ୍ଜା ସଂସ୍କୃତି ଶାସନ ପ୍ରଶାସନ ଓ ବ୍ୟବସ୍ଥାର ସୀମା ଡେଇଁ ପରିବାରକୁ ଧସେଇ ପଶିଲାଣି। ଦୁର୍ନୀତି ନିବାରଣ ସପ୍ତାହ ପାଳନ ଓ ସଂକଳ୍ପ ଗ୍ରହଣ କେବଳ ଔପଚାରିକରେ ସୀମିତ ରହିଥିବା ପର୍ଯ୍ୟନ୍ତ ଦୁର୍ନୀତି-ଦାନବର ଦୌରାତ୍ମ୍ୟରୁ ତ୍ରାହି ପାଇବାର ସମ୍ଭାବନା ନାହିଁ।

## ମେରୁ ମିଳନ

ସାମ୍ପ୍ରତିକ ବିଶ୍ୱ ଭୂରାଜନୈତିକ ପରିସ୍ଥିତିରେ ବିଶ୍ୱର ଦୁଇ ମହାଶକ୍ତି ଓ ଦୁଇ ମେରୁ(ଉତ୍ତର ବିଶ୍ୱ ଓ ଦକ୍ଷିଣ ବିଶ୍ୱ)ର ଅଧିପତି ବୋଲାଉଥିବା ଆମେରିକା ଓ ଚୀନ୍ ରାଷ୍ଟ୍ରମୁଖ୍ୟ ପରସ୍ପରକୁ ଭେଟିବା ନିଶ୍ଚୟ ବିଶ୍ୱ ଶାନ୍ତି ଓ ସମୃଦ୍ଧି ପାଇଁ ଅନେକ ଗୁରୁତ୍ୱ ବହନ କରେ। ଏହି ସାକ୍ଷାତ ଆଲୋଚନାକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ 'ଜି-୨' ଆଖ୍ୟା ଏବଂ ମୋଟ ୧୦ ନମ୍ବରରୁ ୧୨ ନମ୍ବର ଦେବା ପରେ 'ଦ୍ୱିଧ୍ରୁବୀୟ ବିଶ୍ୱ ସମୀକରଣ' ଆହୁରି ସ୍ପଷ୍ଟ ହୋଇଛି। 'ଆମେରିକା ଫାଷ୍ଟ' ନୀତିକୁ ପ୍ରାଧାନ୍ୟ ଦେଇ ଆସୁଥିବା ଟ୍ରମ୍ପ ଏବେ 'ଚୀନ୍ ଫାଷ୍ଟ' ନୀତି ଘୋଷଣା କରି ଆମେରିକା ସହଯୋଗୀ ରାଷ୍ଟ୍ରଙ୍କୁ ହରଡ଼ ଘଣାରେ ପକାଇଛନ୍ତି। ବିଶେଷକରି ଭାରତର ଭବିଷ୍ୟ କୂଟନୈତିକ ରଣନୀତି ଆହୁରି ଜଟିଳ ହେବାକୁ ଯାଉଛି।

ଚୀନ୍‌କୁ ରଣନୈତିକ ପ୍ରତିଯୋଗୀ ଦୃଷ୍ଟିରେ ଦେଖି ଆସୁଥିବା ଟ୍ରମ୍ପ ନିଜ ଦ୍ୱିତୀୟ ପାଳିରେ ସେହି ଦେଶ ବିରୋଧରେ ଯେଉଁ ବିଶାଳ ଶୁଳ୍କ ଯୁଦ୍ଧ ଆରମ୍ଭ କରିଥିଲେ ସେଥିରେ ସମଗ୍ର ବିଶ୍ୱର ଆର୍ଥିକ, ବାଣିଜ୍ୟିକ ଓ ସାମାଜିକ ନିରାପତ୍ତା ଅସ୍ଥିର ଓ ଜଟିଳ ହୋଇପଡ଼ିଥିଲା। କିନ୍ତୁ ଟ୍ରମ୍ପଙ୍କ ଆଭିମୁଖ୍ୟରେ ହଠାତ୍ ଏହି ପରିବର୍ତ୍ତନ ଆଶାର ନୂଆ କିରଣଟିଏ ସୃଷ୍ଟି କରିଛି। ସାମ୍ପ୍ରତିକ ସେମିକଣ୍ଡକ୍ଟର ପରିଚାଳିତ ବିଶ୍ୱରେ ବିରଳ ମୃତ୍ତିକା ନିର୍ଣ୍ଣାୟକ ଭୂମିକାରେ ଅବତୀର୍ଣ୍ଣ ହୋଇଛି। ତେଣୁ ଟ୍ରମ୍ପଙ୍କ ଯେସାକୁ ତେସା ନୀତିର ଜବାବ୍ ଦେଇ ଚୀନ୍ ମଧ୍ୟ ଆମେରିକାକୁ ବିରଳ ମୃତ୍ତିକା ରପ୍ତାନୀ କାଣ୍ଟଛାଣ୍ଟ କରିବା ପରେ ହଠାତ୍ ଟ୍ରମ୍ପଙ୍କ ଦମ୍ଭ ଭାଙ୍ଗିଛି ଏବଂ ସେ ଚୀନ ରାଷ୍ଟ୍ରପତି ସି ଜିନ୍‌ପିଙ୍ଗଙ୍କ ସହିତ ସାଲିସ୍ ମୁଦ୍ରାରେ ଅବତୀର୍ଣ୍ଣ ହୋଇଛନ୍ତି। ଅପରପକ୍ଷରେ ଆମେରିକାର ଏହି ପରିବର୍ତ୍ତିତ ଆଭିମୁଖ୍ୟରେ ଜାପାନ୍, ଦକ୍ଷିଣ କୋରିଆ ଆଦି ପୁରୁଣା ବନ୍ଧୁ ରାଷ୍ଟ୍ରଗୁଡ଼ିକ ସେମାନଙ୍କ ନିବେଶର ଭବିଷ୍ୟତ ନେଇ ସନ୍ଦୀହାନ ହୋଇପଡ଼ିଛନ୍ତି।

ଏହି ପୃଷ୍ଠଭୂମିରେ ବିଶ୍ୱର ଦୁଇ କଡ଼ା ପ୍ରତିଦ୍ୱନ୍ଦ୍ୱୀ-ସହଯୋଗୀ ଶକ୍ତି ସହିତ ଭାରତ କିଭଳି ସମନ୍ୱୟ ରକ୍ଷା କରିବ ତାହା ଉପରେ ଭାରତର ଅର୍ଥନୈତିକ ଅଭିବୃଦ୍ଧି ଓ ସାର୍ବଭୌମର ଗରିମା ରକ୍ଷା ନିର୍ଭର କରୁଛି। ଚୀନ୍ ବହୁପୂର୍ବରୁ ପାକିସ୍ତାନକୁ ଆଶ୍ରୟ ଦେଇ ଭାରତ ବିରୋଧରେ ପ୍ରୟୋଗ କରିଚାଲିଛି। 'ଅପରେସନ୍ ସିନ୍ଦୂର' ପରେ ଆମେରିକା ମଧ୍ୟ ପାକିସ୍ତାନ ପଟକୁ ଢଳିଛି। ବାଂଲାଦେଶ ଉଭୟ ଚୀନ୍ ଓ ପାକିସ୍ତାନ ପାଇଁ ନିଜ ଘରର କବାଟ ଖୋଲିସାରିଛି। ଏବେ ଟ୍ରମ୍ପଙ୍କ ଜିନ୍‌ପିଙ୍ଗ ସୁହାଗ ଭାରତକୁ ଅନେକ ଦିଗରେ ଦୋଛକିରେ ଠିଆ କରିଛି। ଦକ୍ଷିଣ ସାଗରରେ ଚୀନର ଆଧିପତ୍ୟ ହ୍ରାସ ପାଇଁ ଭାରତକୁ ସଦସ୍ୟ ରୂପେ ନେଇ ଆମେରିକା ଚତୁଃରାଷ୍ଟ୍ରୀୟ ସଂଗଠନ(କ୍ୱାଡ୍) ଗଠନ କରିଥିବା ବେଳେ ନୂଆ ଜି-୨ ସମୀକରଣରେ 'କ୍ୱାଡ୍'ର ଭବିଷ୍ୟତ ଓ ତହିଁରେ ଭାରତର ଭୂମିକା ଉପରେ ପ୍ରଶ୍ନ ଚିହ୍ନ ଲାଗିଛି।

ଏସବୁର ଊର୍ଦ୍ଧ୍ୱରେ ତର୍ଜମା କଲେ ଉଭୟ ଆମେରିକା ଓ ଚୀନ୍ ଭରସାଯୋଗ୍ୟ ରାଷ୍ଟ୍ର ନୁହନ୍ତି। ସ୍ୱାର୍ଥପର ଭାବରେ ଦୁହିଁଙ୍କ ସ୍ୱଭାବ ସମାନ। ପଦାର୍ଥ ବିଜ୍ଞାନର ମୌଳିକ ତତ୍ତ୍ୱ ଅନୁଯାୟୀ ସମମେରୁ ପରସ୍ପରକୁ ବିକର୍ଷଣ ଏବଂ ବିଷମ ମେରୁ ଆକର୍ଷଣ କରେ। ତେଣୁ ଏବେ 'ବ୍ୟବସାୟ ପ୍ରଥମ' ନୀତିରେ ଆକର୍ଷିତ ହୋଇଥିବା ସମଭାବାପନ୍ନ ଦୁଇମେରୁର ବିକର୍ଷଣ ମଧ୍ୟ ବିଶ୍ୱ ଖୁବ୍ ଶୀଘ୍ର ଦେଖିବ। ସେ ପର୍ଯ୍ୟନ୍ତ ଭାରତ ଧୈର୍ଯ୍ୟର ସହ ଅପେକ୍ଷା କରିବାକୁ ପଡ଼ିବ।

## ଆମ ଉତ୍ତରପିଢ଼ିର କଥା ଓ ବ୍ୟଥା

ସଲିଳା ତ୍ରିପାଠୀ




ଏଇ ବୋଧେ ପ୍ରଥମ ପିଢ଼ି, ଯେଉଁମାନେ ରାଗ-ଅନୁରାଗ, ମାନ-ଅଭିମାନ ଆଉ ଅନୁଶାସନ ଠାରୁ ବହୁ ଦୂରରେ। ସେମାନଙ୍କର ବୁଝାମଣାଟି ଖୁବ୍ ସରଳ ଆଉ ସିଧା। ଜନ୍ମ ହେବାଟା ସେମାନଙ୍କର ହାତରେ ନଥିଲା। ମାତ୍ର ଜୀବନଟା କେବଳ ତାଙ୍କର ତାକୁ ଉପଭୋଗ କରିବା ପାଇଁ ମନ ମଧ୍ୟରେ ଅନେକ ଲାଳସା। ଯୁବକ ହେବା ପୂର୍ବରୁ ଯୌବନର ଉଦ୍ଦାମତା ସେମାନଙ୍କ ପାଖରେ ଭରିଯାଇଛି। ବୌଦ୍ଧିକ, ନୈତିକ ଓ ସର୍ବୋପରି ଆତ୍ମିକ ଜ୍ଞାନର ଧାର ଧାରିବାକୁ ସେମାନେ ଅନିଚ୍ଛୁକ। ଯଦି କେତେଜଣ ହାତଗଣତି ବାହାରିବେ ସେଇମାନେ ଆକାଶରେ ଚନ୍ଦ୍ର, ସୂର୍ଯ୍ୟ ହୋଇ ଆଲୋକିତ କରିବେ। ମାତ୍ର ସେପ୍ରକାର ଇଚ୍ଛାଶକ୍ତି ସେମାନଙ୍କର ହେବ ବା କାହିଁକି? ପିତାମାତାଗଣ ଏବେ ନାଚାର। ନିଜ ଜୀବନର ସଂଘର୍ଷ, ସଂସ୍କାର ଏବେ ପ୍ରହେଳିକା ଭଳି ଲାଗୁଛି। ପିଲାମାନେ ଉପଦେଶକୁ ଅଯଥା ହସ୍ତକ୍ଷେପ ବୋଲି ଭାବୁଛନ୍ତି।

ସ୍କୁଲ ଯିବା ପାଇଁ ପାଞ୍ଚଟଙ୍କିଆ ଅଖା ବ୍ୟାଗ୍ ଏବେ ଆମେରିକାନ୍ ଟୁରିଷ୍ଟର୍‌ରେ ପରିଣତ ହୋଇଛି। ପରଟା ଆଳୁଭଜାର ଟିଫିନ୍‌ରେ ଏବେ ବାସି ପିଜା, ବର୍ଗର ପଶୁଛି। ସୁଜି, ସିମେଇକୁ ପଚାରେ କିଏ? ଚିନି ପରଟାର ଆନନ୍ଦକୁ ଏମାନେ ଆଡ଼ଆଖିରେ ଅନେଇବେନି। ଦଉଡ଼ିଆ ଖଟ ଆଉ କନ୍ଥାର ନିଦକୁ ଏମାନେ ଝୁରିବେନି। ଜେଜେଙ୍କର ଗୋଡ଼ ଘଷି ଦେଇ ୨୦ ପଇସି, ଚାରଣା ପାଇବାକୁ ମନ କରିବେନି। ବରଂ ପକେଟ୍ ମନି ପାଇବାର ଅଧିକାରପଣରେ ପିତାମାତାଙ୍କୁ ବିପର୍ଯ୍ୟସ୍ତ କରି ଚାଲିଥିବେ। ଷ୍ଟ୍ରିଟ୍ ଲାଇଟ୍‌ର ଆଲୁଅରେ ପାଠପଢ଼ି ବଡ଼ ମଣିଷ ହେବାର ଆବଶ୍ୟକତା ଏମାନଙ୍କୁ ନାହିଁ। ଏମାନେ ସଞ୍ଜ ହେଲେ ଲଣ୍ଠନ, ଡିବିର ଧୂଆଁକୁ ଖୋଜି ପାଇବେନି। ଇନ୍‌ଭର୍ଟର ଆଉ ଏୟାର କଣ୍ଡିସନ୍ ଯୁଗରେ ଏ.ସି. ରୁମ୍‌ରୁ ବାହାରି ମା'ର ରନ୍ଧାଘରେ ପଶି କାମରେ ସାହାଯ୍ୟ କରିବାକୁ ଚାହିଁବେ ନାହିଁ। ବାପାଙ୍କର ଫେରିବା ବାଟକୁ ଆତୁର ହୋଇ ଚାହିଁ ଛୋଟ ମୋଟ ଦରବଟିଏ ପାଇଁ ଅଳି କରିବେ ନାହିଁ, ବରଂ ମାସ ଶେଷକୁ ହଜାର ହଜାର ଖର୍ଚ୍ଚ କରି ସାରିଲା ପରେ ପିତାମାତା ଅଯୋଗ୍ୟ ପ୍ରମାଣିତ ହେବାଟା ଦେହସୁହା ହେବା ସାର ହେବ। ମା' ବାପାଙ୍କର ଆଖିର ଲୁହ ଏମାନଙ୍କୁ ଛଳନା ପରି ଲାଗିବ।

ବର୍ଷା ଛାଡ଼ିଗଲା ପରେ ମାଟି ରାସ୍ତାର ପାଣି ସୁଅରେ କାଗଜ ଡଙ୍ଗା ଭସାଇବାର ଆନନ୍ଦକୁ ଅନୁଭବ କରିବେ ନାହିଁ; ବରଂ ବର୍ଷାରେ ଓଦା ହେଲେ ଥଣ୍ଡା ଧରିବ ଓ ଇନ୍‌ଫେକ୍ସନ୍ ହେବା ଭୟରେ ଟ୍ୟାବ୍ ଓ ମୋବାଇଲ ନହେଲେ ଲାପ୍‌ଟପ୍ ଧରି ଘରେ ପଥର ମୂର୍ତ୍ତି ପରି ବସି ରହିବେ। ଭାଇ ଭଉଣୀମାନେ ଏକାଠି ହେଲେ ତାସ୍, ଲୁଡୁ କିମ୍ବା ଗପସପ ନକରି ସମସ୍ତେ ଗୋଟେଗୋଟେ ସ୍ମାର୍ଟଫୋନ୍ ଧରି ସେଇ ଅନ୍‌ଲାଇନ୍ ଗେମ୍ ବାବଦରେ କଥା ହେବେ। ଘରକୁ କୁଣିଆ ଆସିଲେ ପାଦ ତଳେ ଲାଗୁ ନଥିବାର ଖୁସିକୁ ନ ବୁଝି ଉପହାର ଆଶାରେ ଅନାଇ ରହିବେ। ଅର୍ଥର ସାଗରରେ ବୁଡ଼ିରହି ଜୀବନର ଲକ୍ଷ୍ୟକୁ ଉପଭୋଗ ଛଡ଼ା ଆଉକିଛି ଭାବିବା ପାଇଁ ସମୟ ପାଇବେ ନାହିଁ। ଛୁଟିମାନଙ୍କରେ ପିଉସୀ, ମାଉସୀ ଆଉ ମାମୁଁ ଘରକୁ ଯାଇ ବିଭିନ୍ନ ପରିବେଶରେ ଖାପଖୁଆଇ ଚଳିବାର ଆଦବ କାଇଦାକୁ ଶିଖିବାକୁ ଚାହିଁବେ ନାହିଁ। ବରଂ ହଲିଡେ ଟୁର୍‌ରେ ଦେଶ ବିଦେଶକୁ ଯିବା ପାଇଁ ଏମାନେ ବ୍ୟାକୁଳ। ଉଡ଼ାଜାହାଜର ଶବ୍ଦକୁ ଶୁଣି ତା'କୁ ଦେଖିବା ପାଇଁ ବିକଳ ମନ ଏବେ ସେଥିରେ ବସିବା ପାଇଁ ଝଗଡ଼ା କରିବାକୁ ପଛଘୁଞ୍ଚା ଦିଅନ୍ତି ନାହିଁ।

କୋଉ ବରଷ ବରଷରେ ଷ୍ଟୁଡିଓକୁ ଯାଇ କିମ୍ବା ସ୍କୁଲର ଶେଷବର୍ଷଗୁଡ଼ିକରେ ଫଟୋ ଉଠା ହେବାର ସୁଖକୁ ଏମାନେ ପ୍ରତି ମୁହୂର୍ତ୍ତରେ ସ୍ମାର୍ଟଫୋନ୍‌ରେ ଫଟୋ ଉଠାଇ ପୁଣି ସେଲ୍‌ଫି ନେଇ ନିଜ ସୌନ୍ଦର୍ଯ୍ୟର ରୂପରେଖକୁ ହାତରେ ତୋଳି ଧରିବାର ଖୁସିରେ ବିଭୋର ହେବେ। ଜୀବନର ସମସ୍ତ ସୁଖକୁ କ୍ଷଣିକରେ ପାଇନେବାର ଆକାଂକ୍ଷାରେ ଏମାନେ ପାଗଳ ହୋଇ ଘୁରିବୁଲିବେ। ଶିକ୍ଷାକୁ ନୈତିକ ମୂଲ୍ୟବୋଧର ଆଧାର ବୋଲି ମନେ ନକରି ମୁଠାମୁଠା ଟଙ୍କାର ସ୍ୱପ୍ନ ଦେଖିବେ। ରଙ୍ଗର ନାମ ଜାଣିବାକୁ ଇନ୍ଦ୍ରଧନୁକୁ ଦେଖିବା ପାଇଁ ଚାତକ ପରି ଅନାଇ ବସିବେ ନାହିଁ; ବରଂ ଭିନ୍ନଭିନ୍ନ ପ୍ରକାର ରଙ୍ଗ ପେନ୍‌ସିଲ୍ ସେମାନଙ୍କ ହାତମୁଠାରେ। ସେମାନେ ଯେମିତି ଚାହିଁବେ ସେମିତି ରଙ୍ଗ କରିପାରିବେ। ତେଣିକି ଚିତ୍ର ଆଙ୍କିବାର କ୍ଷମତା ଥାଉ ବା ନଥାଉ। ଆକାଶର ରଙ୍ଗକୁ ନୀଳ ବଦଳରେ ଗୋଲାପୀ ଦେଲେ ସେଇଟା ହେବ ସେମାନଙ୍କର ସୃଜନଶୀଳତା।

ସରକାରୀ ହେଉ ଅବା ବେସରକାରୀ ସମସ୍ତେ ସ୍କୁଲ ଯିବେ ଆଉ ସମାନ ସୁବିଧା ଲାଭ କରିବେ। ସବୁରି କଣ୍ଠ ଗୀତ ଗାଇବ, ସମସ୍ତେ ତୂଳୀ ଧରିବେ, ସମସ୍ତେ ମଧ୍ୟ ପାଦରେ ତାଳ ଦେଇ ନୃତ୍ୟ କରିବେ। ସବୁଠାରୁ ଭଲ ଖୋଜିବା ପାଇଁ ବିଚାରକମାନେ ବ୍ୟତିବ୍ୟସ୍ତ ହୋଇପଡ଼ିବେ। ପ୍ରତ୍ୟେକ ନିଜ ପିଲାକୁ ପ୍ରଥମ ସ୍ଥାନରେ ଦେଖିବା ପାଇଁ ଆଉ ସୋସିଆଲ୍ ମିଡିଆରେ ବିଜ୍ଞାପିତ କରିବା ପାଇଁ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସାଥିରେ ରୀତିମତ ଝଗଡ଼ା କରିବେ। ମୋହଗ୍ରସ୍ତ ପିତାମାତା ଧୃତରାଷ୍ଟ୍ର-ଗାନ୍ଧାରୀଙ୍କ ପରି ଆଖିରେ ପଟି ବାନ୍ଧି ପିଲାମାନଙ୍କୁ ନିଜର ସର୍ବଶ୍ରେଷ୍ଠ ଅହଂକାର ରୂପେ ବ୍ୟବହାର କରିବେ। ଅବଶ୍ୟ ଏହା ଯୁଗ ଯୁଗ ଧରି ଚାଲିଆସିଛି 'ମୋ ପିଲା ଭଲ' ବାକ୍ୟଟି ପିତାମାତାଙ୍କର ପ୍ରମୁଖ ଅସ୍ତ୍ର।

ଏଇ ପିଢ଼ି ରିଅଲ୍ ଲାଇଫ୍‌କୁ ରିଲ୍‌ସ ବନାଇବାରେ ଆନନ୍ଦିତ ହେବେ। ମାତ୍ର ବାସ୍ତବ ଜୀବନର ମର୍ମକୁ ବୁଝିବା ପାଇଁ ଅବହେଳା କରିବେ। ଏମାନଙ୍କ ପାଖରେ ଅନେକ ଭାବର ଅଭାବ ରହିଯିବ। ମାତ୍ର ସେମାନେ ଜୀବନକୁ ପଶାପାଳିର ଗୋଟିରେ ଖେଳେଇ ଚାଲିଥିବେ। ମୁହୂର୍ତ୍ତକୁ ନେଇ ବଞ୍ଚିବାରେ ଥିବା ଆନନ୍ଦକୁ ବୁଝିନେବା ଏମାନଙ୍କ ପାଇଁ ସହଜ ହୋଇଯିବ। ହେଲେ ଆନ୍ତରିକତା ଆଉ ଭାବପ୍ରବଣତାକୁ ଏମାନେ ହେୟଜ୍ଞାନ କରିବେ। ପ୍ରତ୍ୟେକଟି କଳାକୌଶଳ ଶିଖିବା ପାଇଁ ଅର୍ଥ ବିନିଯୋଗ କରିବାକୁ ପଡୁଥିବା ଏଇ ସମୟରେ ବଞ୍ଚିବାର କଳାଟିକୁ ଏମାନଙ୍କୁ କିଏ ଶିଖାଇବ? ଅଭାବ ଅନଟନ ଭିତରୁ ମୁଣ୍ଡ ଟେକିଥିବା ଏମାନଙ୍କର ପିତାମାତା ସେମାନଙ୍କୁ ସମସ୍ତ ସ୍ୱାଚ୍ଛନ୍ଦ୍ୟ ଦେଉଦେଉ ନିଜେ ଦିନେ ଅପଚରା ହୋଇ ରହିବେ ସେକଥା ଜାଣି ମଧ୍ୟ ପୂର୍ବ ଓ ପର ପିଢ଼ି ମଧ୍ୟରେ ନିଜର ଅସ୍ତିତ୍ୱକୁ ହରାଇ ବସିବେ।

ସେମାନଙ୍କର ପିତାମାତା କ'ଣ ସେମାନଙ୍କର ଦୁଃଖକୁ ବୁଝି ପାରିବେ? ସେମାନେ ତ କହିବେ ତୁମେମାନେ ଅଯୋଗ୍ୟ, ଅପାରଗ ଆମ ଭଳି ପିଲାମାନଙ୍କୁ ଅନୁଶାସନରେ ବାନ୍ଧିପାରିଲ ନାହିଁ। ଭୁଲ୍‌ଟିଏ କଲେ ଅପରାଧୀ ଭଳି ଦଣ୍ଡ ଭୋଗୁଥିବା ପିଲାଦିନ ଏବେ ପରିବର୍ତ୍ତିତ। ଏବେ ସେଇ ପିଲାମାନଙ୍କ ହାତରେ ଜିଭ ଭଳି ଅପରାଧୀର ଛୁରୀ, ଯାହା ଏପରି ତୀକ୍ଷ୍ଣ ଯେ ସବୁକିଛି କାଟି ଦେଇ ହେବ। ପୁଣି କଥା କଥାକେ ମୃତ୍ୟୁକୁ ଆପଣେଇବାର ମିଠା ଧମକ। ସେମାନଙ୍କୁ ସମ୍ଭାଳିବା ପାଇଁ ଆମ୍ଭେମାନେ ଅସମର୍ଥ ଆଉ ଦୁର୍ବଳ। ଆଉ ଆମ ପିଲାମାନେ ସୁଖ, ସ୍ୱାଚ୍ଛନ୍ଦ୍ୟ, ବିଳାସ ଏବଂ ସର୍ବୋପରି ଯାନ୍ତ୍ରିକ ଦ୍ରବ୍ୟ ପାଖରେ ପଣବନ୍ଦୀ।

ଏବେ ବି କ'ଣ ସେମାନଙ୍କୁ ବନ୍ଦୀ ଜୀବନରୁ ମୁକୁଳାଇ ଆତ୍ମସମୀକ୍ଷା ଏବଂ ଖୋଲା ଆକାଶକୁ ଟାଣି ଆଣିବାର ସମୟ ଆସିନାହିଁ? କାରଣ ମୂଲ୍ୟବୋଧ ବିନା ଜୀବନ ବୃଥା। ଯେମିତି ସ୍ପନ୍ଦନ ବିନା ହୃଦୟ। ସମସାମୟିକ ପିତାମାତାଗଣ ଏବେ ତ୍ରିଶଙ୍କୁ ସମ। ପୋଥିଗତ ଆଦର୍ଶ ଆଉ ଯୁଗୋପଯୋଗୀ ହେବାର ମଝିଦରିଆରେ ବୁଡି ମରିବା ହିଁ ସେମାନଙ୍କର ଭାଗ୍ୟ। ହୁଏତ ଏକ ଦୃଢ଼ ଆହ୍ୱାନ; ନଚେତ୍ ଆନ୍ଦୋଳନକୁ ଅପେକ୍ଷା, ଯାହା ସେମାନଙ୍କୁ ଭବିଷ୍ୟତ ବଂଶଧରକୁ ସଜାଡ଼ିବା ପାଇଁ ଶକ୍ତି ଯୋଗାଇବ। କାହିଁକି ନା ସେମାନେ ତ ସମସ୍ତଙ୍କୁ ନେଇ ବାଟ ଚାଲିବାର ଶପଥ ନେଇଛନ୍ତି। ସେମାନଙ୍କ ପାଇଁ ଅତୀତ ଓ ଭବିଷ୍ୟତ ଉଭୟ ପ୍ରିୟ। ନୁହେଁ କି?

ବୋଲଗଡ଼, ମୋ: ୮୭୬୩୭୮୮୬୧୪

## ଭବିଷ୍ୟବାଣୀ ଓ ବାସ୍ତବତା

ମନୋରଞ୍ଜନ ମହାନ୍ତି

ଏବେ ଅଧିକ ସଂଖ୍ୟକ ଲୋକ ନିଜ ଭବିଷ୍ୟତ ସମ୍ପର୍କରେ ଜାଣିବା ପାଇଁ ଭବିଷ୍ୟତବକ୍ତାମାନଙ୍କ ନିକଟକୁ ଯାଉଛନ୍ତି। ପୁଅଝିଅମାନେ କେଉଁ ପାଠ ପଢ଼ିଲେ କୃତିତ୍ୱ ଅର୍ଜନ କରିବେ, କିପରି ଚାକିରି ପାଇବେ, ପ୍ରଚୁର ଅର୍ଥ ଉପାର୍ଜନ କରିବେ, ସମାନ ସ୍ତରରେ ବିବାହ କରିବେ ଇତ୍ୟାଦି ଜାଣିବା ପାଇଁ ଭବିଷ୍ୟତବକ୍ତାମାନଙ୍କ ପରାମର୍ଶ ଗ୍ରହଣ କରାଯାଉଛି। ଏପରିକି ଘର ଖଣ୍ଡେ ତିଆରି କରିବା ସମୟରେ କେଉଁଠି ଠାକୁର ଘର, ରୋଷେଇ ଘର, ଶୋଇବା ଘର, ଶୌଚାଳୟ, ଜଳାଶୟ ଇତ୍ୟାଦି ରହିବ ଜାଣିବା ପାଇଁ ସଂପୃକ୍ତ ବିଜ୍ଞାନୀମାନଙ୍କ ସହିତ ଯୋଗାଯୋଗ ରକ୍ଷା କରାଯାଉଛି। ଘରପ୍ରତିଷ୍ଠାର ଶୁଭଦିନ ସ୍ଥିର କରି ହୋମକ୍ରିୟା ପାଇଁ ପୁରୋହିତଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରାଯାଏ। ଗଭୀର ଭାବରେ ଚିନ୍ତା କରି କେହି କେହି କହନ୍ତି, ମଣିଷ ତା'ର ଆତ୍ମସନ୍ତୋଷ ପାଇଁ ଏସବୁ କରିଥାଏ।

ଭବିଷ୍ୟତବକ୍ତାମାନଙ୍କ କଥା ବେଳେବେଳେ ସତ୍ୟ ହୁଏ, ବେଳେବେଳେ ହୁଏ ନାହିଁ। ବିଜ୍ଞାନୀମାନଙ୍କ ସହିତ ପରାମର୍ଶ କରି ଘର ତିଆରି କଲେ ବି ଅନେକ ସମୟରେ ଘରେ ଅଭାବ, ଅଶାନ୍ତି ସୃଷ୍ଟି ହୁଏ। ବିଧିବିଧାନ ଅନୁଯାୟୀ ଯେତେ ହୋମଯଜ୍ଞ ଆୟୋଜନ କଲେ ବି ମଣିଷ ଯାବତୀୟ ଅଶୁଭ ଅମଙ୍ଗଳର ସମ୍ମୁଖୀନ ହୁଏ। ଯା'ର ଅର୍ଥ ନୁହେଁ ଯେ ଭବିଷ୍ୟତବକ୍ତା, ଗୃହନିର୍ମାଣ-ବିଜ୍ଞାନୀ, ପୁରୋହିତଙ୍କ ପରାମର୍ଶ ଲୋଡ଼ିବା ଉଚିତ ନୁହେଁ। କିନ୍ତୁ ସେମାନଙ୍କ ଉପରେ ସମ୍ପୂର୍ଣ୍ଣ ନିର୍ଭର କରିବା, ସେମାନଙ୍କ କଥାକୁ ଶେଷକଥା ବୋଲି ଗ୍ରହଣ କରିବା ବିଜ୍ଞତା, ବିଚାରବୋଧର ସୂଚନା ନୁହେଁ।

ତେନ୍‌ଜିଂଙ୍କ ଆତ୍ମଚରିତ 'ଦି ଟାଇଗର୍ ଅଫ୍ ଦି ସ୍ନୋଜ୍'ରେ ଏକ ଭାବୋଦ୍ଦୀପକ, ପ୍ରଭାବଶାଳୀ ବର୍ଣ୍ଣନା ରହିଛି। ଏଭରେଷ୍ଟ ଆରୋହଣ କରିବା ପୂର୍ବରୁ ତେନ୍‌ଜିଂ ଓ ନିଉଜିଲାଣ୍ଡର ଏଡ୍‌ମଣ୍ଡ ହିଲାରି କାଠମାଣ୍ଡୁସ୍ଥିତ ପଶୁପତିନାଥ ମନ୍ଦିରର ମୁଖ୍ୟ ପୁରୋହିତ (ଯିଏ ଜଣେ ଭବିଷ୍ୟତବକ୍ତା ମଧ୍ୟ)ଙ୍କୁ ସାକ୍ଷାତ କଲେ। ପୁରୋହିତ ସେମାନଙ୍କ ହସ୍ତରେଖାକୁ ଅନୁଧ୍ୟାନ କରି କହିଲେ ସେମାନଙ୍କ ମଧ୍ୟରୁ କେହି ହେଲେ ସାଗରମଥା (ନେପାଳି ଭାଷାରେ ଏଭରେଷ୍ଟକୁ ସାଗରମଥା ବୋଲି କୁହାଯାଏ)ରେ ପହଞ୍ଚି ପାରିବେ ନାହିଁ ଏବଂ ଆରୋହଣ କରିବା ସମୟରେ ଦୁଇଜଣଙ୍କ ମଧ୍ୟରୁ ଜଣେ ମୃତ୍ୟୁବରଣ କରିବେ। କିନ୍ତୁ ଦୁଇଜଣଯାକ ପୁରୋହିତଙ୍କ କଥାରେ ଗୁରୁତ୍ୱ ନଦେଇ ଏଭରେଷ୍ଟ ଆରୋହଣ କଲେ ଏବଂ ୧୯୫୩ ମସିହା ମେ ୨୯ ତାରିଖରେ ପୃଥିବୀର ସର୍ବୋଚ୍ଚ ପର୍ବତ-ଶୃଙ୍ଗରେ ପହଞ୍ଚିପାରିଲେ।

ଯୁବକ ଜହିରୁଦ୍ଦିନ୍ ବାବର ୧୫୨୬ ଖ୍ରୀଷ୍ଟାବ୍ଦରେ ପ୍ରଥମ ପାନିପଥ ଯୁଦ୍ଧ ପାଇଁ ପ୍ରସ୍ତୁତ ହେଲାବେଳେ ଜଣେ ନୁଜୁମୀ (ଆରବୀ ଭାଷାରେ ନୁଜୁମୀର ଅର୍ଥ ଭବିଷ୍ୟତବକ୍ତା) କହିଲେ ସେ ଯୁଦ୍ଧରେ ପରାସ୍ତ ହେବେ, ଏପରିକି ମୃତ୍ୟୁବରଣ କରିପାରନ୍ତି। ବାବର ଏକଥାକୁ ଆଦୌ ଭ୍ରୂକ୍ଷେପ କଲେ ନାହିଁ, ଯୁଦ୍ଧରେ ଅବତୀର୍ଣ୍ଣ ହେଲେ ଏବଂ ଜୟ ଲାଭ କରି ଭାରତରେ ମୋଗଲ ସାମ୍ରାଜ୍ୟ ପ୍ରତିଷ୍ଠା କଲେ, ଯେଉଁ ସାମ୍ରାଜ୍ୟ ୧୮୫୭ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଦୃଢ଼ମୂଳ ହୋଇ ରହିଲା। ବାର୍ବାଦୋସ୍ ନିକଟରେ ଏକ ଦରିଦ୍ର ପରିବାରରେ ଗୋଟିଏ ଶିଶୁ ଜନ୍ମ ହେଲା। ଜନ୍ମ ସମୟରୁ ତା'ର ଥିଲା ଛଅଟି ଆଙ୍ଗୁଳି ଓ ଦୁଇଟି ଦାନ୍ତ। ଗାଁର ଜଣେ ଭବିଷ୍ୟତବକ୍ତା ତା'ର ମୁହଁକୁ ଦେଖି କହିଲେ 'ସେ ଗୋଟେ ପିଶାଚର ସନ୍ତାନ, ଦଶବର୍ଷ ବୟସ ହେବା ପୂର୍ବରୁ ମୃତ୍ୟୁବରଣ କରିବ।' ଆଶ୍ଚର୍ଯ୍ୟର କଥା, ସେହି ଶିଶୁ ଏବେ ୮୯ବର୍ଷର ବୃଦ୍ଧ, କ୍ରୀଡ଼ଜଗତର ଜଣେ କିମ୍ବଦନ୍ତୀ ପୁରୁଷ, ପଶ୍ଚିମ ଭାରତୀୟ କ୍ରିକେଟ ଖେଳାଳି ଗାର୍‌ଫିଲ୍ଡ୍ ସୋବର୍ସ୍।

ପାଣିନିଙ୍କ ବାପା ମା'ଙ୍କୁ ଜଣେ ଭବିଷ୍ୟତବକ୍ତା କହିଲେ, 'ପାଣିନିଙ୍କ କପାଳରେ ପାଠ ନାହିଁ। ସେ ଆଦୌ ପଢ଼ାପଢ଼ି କରିବେ ନାହିଁ।' ସମସ୍ତଙ୍କ ମନରେ ଦୁଃଖ ହେଲା। ପାଣିନି ଚିନ୍ତିତ ହୋଇ ଗୋଟିଏ ପୋଖରୀ କୂଳରେ ବସିଥିବା ବେଳେ ଦେଖିଲେ କୂଳରେ ଗୋଟିଏ ସ୍ଥାନରେ ମାଟି ଦବିଯାଇ ଗୋଲ ଆକାର ଧାରଣ କରିଛି। ପୋଖରୀକୁ ପାଣିନେବା ପାଇଁ ଆସୁଥିବା ପ୍ରତ୍ୟେକ ଲୋକ ମାଠିଆରେ ପାଣି ଭରି ପ୍ରଥମେ ସେହି ସ୍ଥାନରେ ରଖୁଛନ୍ତି; ତା'ପରେ କାଖକୁ ବା କାନ୍ଧକୁ ଉଠାଇ ଘରକୁ ଫେରୁଛନ୍ତି। ପାଣିନି ଜଣଙ୍କୁ ପଚାରିଲେ, 'ଏହି ସ୍ଥାନରେ ମାଟି ଦବିଲା କିପରି ଏବଂ ଏହା ଗୋଲ ଆକାର ଧାରଣ କଲା କିପରି?' ଉତ୍ତର ମିଳିଲା, 'ସ୍ଥାନଟି ପ୍ରଥମେ ସମତଳ ଥିଲା। ସବୁଲୋକ ଏଠି ମାଠିଆ ରଖିରଖି କ୍ରମାଗତ ଚାପ ହେତୁ ମାଟି ଦବିଯାଇ ଗୋଲାକାର ହୋଇଗଲା।' ପାଣିନି ଚିନ୍ତା କଲେ, 'କ୍ରମାଗତ ଚାପ ହେତୁ ଯଦି ସମତଳ ଭୂମିଟି ପରିବର୍ତ୍ତିତ ହେଉଛି, ଅର୍ଥାତ୍ ଦବିଯାଇ ଗୋଲ ଆକାର ଧାରଣ କରିପାରୁଛି, କ୍ରମାଗତ ଉଦ୍ୟମ କଲେ ମୋର ମଧ୍ୟ ପରିବର୍ତ୍ତନ ହେବ। ଅର୍ଥାତ୍ ମୁଁ ପାଠ ପଢ଼ିପାରିବି, ଭଲ ପଢ଼ିପାରିବି।' ଘରକୁ ଫେରିଗଲେ ଓ ପାଠପଢ଼ାରେ ମନୋନିବେଶ କରି ଶ୍ରେଷ୍ଠ ବୈୟାକରଣିକ ଭାବରେ ଖ୍ୟାତି ଅର୍ଜନ କଲେ।

ସୁତରାଂ ଆମର ଭବିଷ୍ୟତ ସମ୍ପର୍କରେ ଭବିଷ୍ୟତବକ୍ତାମାନଙ୍କ କଥା ଗୁରୁତ୍ୱପୂର୍ଣ୍ଣ ହେଉ ବା ନହେଉ, ସବୁଠାରୁ ବେଶି ଗୁରୁତ୍ୱପୂର୍ଣ୍ଣ ହେଉଛି ଆମର ଜୀବନ-ଗଠନର ସଂକଳ୍ପ ଓ ସାଧନା। ତେନ୍‌ଜିଂ, ହିଲାରି, ବାବର, ଗାର୍‌ଫିଲ୍ଡ୍ ସୋବସ୍‌ର୍, ପାଣିନି ଓ ଆହୁରି ଅନେକ ବ୍ୟକ୍ତି ଭବିଷ୍ୟତବକ୍ତାମାନଙ୍କ କଥାକୁ ଆଦୌ ଗୁରୁତ୍ୱ ନଦେଇ ନିଜ ନିଜ ଜୀବନର ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ସେହି ଲକ୍ଷ୍ୟସ୍ଥଳରେ ପହଂଚିବା ପାଇଁ ଆବଶ୍ୟକ ସାଧନା ନିରତ ହୋଇଛନ୍ତି ଓ ପହଞ୍ଚି ପାରିଛନ୍ତି। ଠିକ୍ ସେହିପରି ଆମେ ବାସଗୃହ ନିର୍ମାଣ କଲା ବେଳେ ଠାକୁର ଘର, ଜଳାଶୟ, ଶୋଇବା ଘର, ରୋଷେଇ ଘର, ଶୌଚାଳୟ ଇତ୍ୟାଦିର ଦିଗ ନିର୍ଣ୍ଣୟ ସମ୍ପର୍କରେ ବିଜ୍ଞାନୀମାନଙ୍କ କଥା ଗୁରୁତ୍ୱପୂର୍ଣ୍ଣ ହେଉ ବା ନହେଉ; ସବୁଠାରୁ ବେଶି ଗୁରୁତ୍ୱପୂର୍ଣ୍ଣ ହେଉଛି ଆମେ ସତ୍‌ପନ୍ଥାରେ ଆୟ କରି ସତ୍‌ପନ୍ଥାରେ ବ୍ୟୟ କରିବା ଏବଂ ପରିବାରରେ ସମସ୍ତଙ୍କ ମଧ୍ୟରେ ସଦ୍‌ଭାବର ପରିବେଶ ରଚନା କରିବା।

(ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ)
ଧର୍ମଶାଳା(ଯାଜପୁର), ମୋ: ୯୮୫୩୨୮୨୯୭୨

## ଦୁର୍ଯ୍ୟୋଧନଙ୍କ ନାମରେ ପୈଠ ହୁଏ ଖଜଣା

### ବିଚିତ୍ର ବିଶ୍ୱାସ

ଓଜସ୍ୱିନୀ

ହସ୍ତିନାପୁରର ରାଜା ଧୃତରାଷ୍ଟ୍ର ଓ ଗାନ୍ଧାରୀଙ୍କ ୧୦୦ ପୁତ୍ର ମଧ୍ୟରେ ଜ୍ୟେଷ୍ଠ ଦୁର୍ଯ୍ୟୋଧନ ହେଉଛନ୍ତି ଅହଂକାର ଓ କ୍ରୋଧର ପ୍ରତୀକ। କିନ୍ତୁ ଆସୁରିକ ପ୍ରବୃତ୍ତି ଯୁକ୍ତ ଦୁର୍ଯ୍ୟୋଧନଙ୍କୁ କେରଳର ଗୋଟିଏ ସ୍ଥାନରେ ଜଣେ ଦୟାଳୁ ଓ ରକ୍ଷକ ଦେବତା ଭାବେ ପୂଜା କରାଯାଉଛି। ସ୍ଥାନୀୟ ଗ୍ରାମବାସୀମାନେ ଦୁର୍ଯ୍ୟୋଧନଙ୍କୁ 'ଅପୁପା' ବୋଲି କହିଥା'ନ୍ତି। 'ଅପୁପା'ର ଅର୍ଥ ହେଉଛି ଜେଜେ। ଏହାବ୍ୟତୀତ ଦେବଭୂମି ଉତ୍ତରାଖଣ୍ଡର ଜଖୋଲ ଗାଁରେ ମଧ୍ୟ ଦୁର୍ଯ୍ୟୋଧନଙ୍କ ଏକ ମନ୍ଦିର ଅଛି।

କେରଳର କୋଲମ୍‌ଠାରେ ଶକୁନି ମନ୍ଦିର ନିକଟରେ ଅଛି ଦୁର୍ଯ୍ୟୋଧନଙ୍କ ବିଶାଳ ଓ ଭବ୍ୟ ମନ୍ଦିର। 'ପୋରୁବାଝି ପେରୁଭିରୁଥି ମଲନାଡ଼ା' ନାମକ ଏହି ମନ୍ଦିରର ବିଶେଷତ୍ୱ ହେଉଛି, ଏଠାରେ ଦୁର୍ଯ୍ୟୋଧନଙ୍କର କୌଣସି ମୂର୍ତ୍ତି ନାହିଁ, ବରଂ ତାଙ୍କର ପ୍ରିୟ ଅସ୍ତ୍ର ଗଦାକୁ ପୂଜାର୍ଚ୍ଚନା କରି ନିଜର ମଙ୍ଗଳକାମନା କରିବା ସହିତ ମନସ୍କାମନା ପୂର୍ଣ୍ଣ ହେବା ପାଇଁ ଆଶିଷ ମାଗିଥା'ନ୍ତି। ଜାତିଧର୍ମବର୍ଣ୍ଣ ନିର୍ବିଶେଷରେ ଏଠାକୁ ଆସୁଥବା ଶ୍ରଦ୍ଧାଳୁଙ୍କର ସମସ୍ତ ମନସ୍କାମନା ଦୁର୍ଯ୍ୟୋଧନ ପୂରଣ କରିଥା'ନ୍ତି ବୋଲି ଜନଶ୍ରୁତି ରହିଛି। ଏଠାରେ ଭୋଗ ସ୍ୱରୂପ ତାଡ଼ି (ତାଳରସରେ ପ୍ରସ୍ତୁତ ଏକପ୍ରକାର ମାଦକଦ୍ରବ୍ୟ) ପୂଜା କରାଯାଏ ଏବଂ ଏହି ପ୍ରସାଦକୁ ତୀର୍ଥ ପ୍ରସାଦ ଭାବେ ଶ୍ରଦ୍ଧାଳୁଙ୍କୁ ମଧ୍ୟ ଦିଆଯାଏ। 'ମଲନାଡ଼ା' ଦୁଇଟି ଶବ୍ଦର ସମଷ୍ଟି। 'ମଲା' ହେଉଛି ପାହାଡ଼ ଏବଂ 'ନାଡ଼ା' ଅର୍ଥ ମନ୍ଦିର। ତେଣୁ କୌରବ ୧୦୦ ଭାଇଙ୍କ ମନ୍ଦିରଗୁଡ଼ିକ ଛୋଟ ଛୋଟ ପାହାଡ଼ ବା ମୁଣ୍ଡିଆ ଉପରେ ନିର୍ମାଣ କରାଯାଇଥିବାରୁ ଏହାର ନାମ 'ମଲନାଡ଼ା' ହୋଇଛି।

ଲୋକକଥା ଅନୁସାରେ, ଏକଦା ଦୁର୍ଯ୍ୟୋଧନ ତାଙ୍କର ୯୯ ଭାଇଙ୍କ ସହିତ ପାଣ୍ଡବମାନଙ୍କ (ଅଜ୍ଞାତବାସରେ ଥିବା ସମୟରେ) ସନ୍ଧାନ କରି କୋଲମ୍‌ଠାରେ ପହଞ୍ଚିଲେ। ତାଙ୍କୁ ବହୁତ ଶୋଷ ଲାଗୁଥିଲା। ତେଣୁ ସେ ନିକଟସ୍ଥ ଏକ ଗାଁକୁ ପାଣି ମାଗିବାକୁ ଯାଇଥିଲେ। ସେଠାରେ ଜଣେ ବୃଦ୍ଧା ତାଙ୍କୁ ପାଣି ପରିବର୍ତ୍ତେ ତାଡ଼ି ଦେଇଥିଲେ। ଏଥିରେ ଦୁର୍ଯ୍ୟୋଧନଙ୍କ ଶୋଷ ମେଣ୍ଟିବା ସହ ଏହା ତାଙ୍କୁ ଖୁବ୍ ସ୍ୱାଦିଷ୍ଟ ଲାଗିଥିଲା। ତେଣୁ ସେ ଖୁସି ହୋଇ ଗାଁବାସୀଙ୍କ ଉଦ୍ଦେଶ୍ୟରେ ଚାଷଜମି ଦାନ କରିବା ସହ ଜମିଗୁଡ଼ିକ ସବୁବେଳେ ଫସଲରେ ଶସ୍ୟଶାମଳା ହେଉ ବୋଲି ଆଶୀର୍ବାଦ ଦେଇଥିଲେ। ଆଶ୍ଚର୍ଯ୍ୟର କଥା ଯେ, ବର୍ତ୍ତମାନ ସମୟରେ ମଧ୍ୟ ଏହି ଜମିର କର (ଟ୍ୟାକ୍ସ) ଦୁର୍ଯ୍ୟୋଧନଙ୍କ ନାମରେ ପଇଠ କରାଯାଉଛି। ଦୁର୍ଯ୍ୟୋଧନ ସେହି ଗାଁକୁ ଶୁକ୍ରବାର ଦିନ ଆସିଥିଲେ ଏବଂ ଆସନ୍ତା ଶୁକ୍ରବାରକୁ ସେ ଗାଁ ଫେରିବେ ବୋଲି ପ୍ରତିଶ୍ରୁତି ଦେବା ସହ କହିଥିଲେ ଯେ, ସେ ଯଦି ନଫେରନ୍ତି, ତେବେ ଗ୍ରାମବାସୀ ତାଙ୍କର ଅନ୍ତିମ ସଂସ୍କାର କରିଦେବେ। ଗୋଟିଏ ସପ୍ତାହ ଅପେକ୍ଷା କରିବା ପରେ ଦୁର୍ଯ୍ୟୋଧନ ଫେରି ନଥିବା ଦେଖି ଗାଁର ଲୋକମାନେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କଲେ ଏବଂ ତାଙ୍କର ଆତ୍ମା ଫେରିଆସିଥିବାର ବିଶ୍ୱାସ କରି ମନ୍ଦିର ନିର୍ମାଣ କରାଇ ଥିଲେ। ତେଣୁ ଏବେ ମଧ୍ୟ ଦୁର୍ଯ୍ୟୋଧନଙ୍କ ଆତ୍ମାର ଅସ୍ତିତ୍ୱକୁ ବିଶ୍ୱାସ କରି ପ୍ରତ୍ୟେକ ଶୁକ୍ରବାରଦିନ ସେଠାରେ ବିଶେଷ ପୂଜାର୍ଚ୍ଚନା କରାଯିବା ସହ ତାଡ଼ି ଭୋଗ ଅର୍ପଣ କରାଯାଉଛି। ପ୍ରତିବର୍ଷ ଏକ ନିର୍ଦ୍ଦିଷ୍ଟ ସମୟରେ ଦୁର୍ଯ୍ୟୋଧନଙ୍କ ଉଦ୍ଦେଶ୍ୟରେ 'ମଲନାଡ଼ା ମହୋତ୍ସବ'ର ଆୟୋଜନ ହୋଇଥାଏ, ଯେଉଁଥିରେ ପ୍ରକୃତିର ସୁରକ୍ଷା ଓ ଭଲ ଫସଲ ଉତ୍ପାଦନ ପାଇଁ ଆଶିଷ ଭିକ୍ଷା କରାଯାଏ। ୮ ଦିନ ଧରି ଚାଲୁଥିବା ଏହି ଉତ୍ସବରେ ଲକ୍ଷାଧିକ ଭକ୍ତ ଯୋଗ ଦିଅନ୍ତି।

ଦୁର୍ଯ୍ୟୋଧନଙ୍କ ସହିତ ଅନ୍ୟ କୌରବ ଭାଇ ଓ ଭଗ୍ନୀ ଦୁଶାଳାଙ୍କର ମନ୍ଦିର ମଧ୍ୟ କୋଲମଠାରେ ଅଛି। ମହାଭାରତ ଯୁଦ୍ଧ ପରେ ଦୁଶାଳା ଶୋକଶୋଷରେ ଅତିଷ୍ଠ ହୋଇ ରାଜ୍ୟ ଛାଡ଼ି ପଳାଇ ଆସିଥିଲେ। କୋଲମଠାରେ ପହଞ୍ଚିବା ପରେ ସେ ଗୋଟିଏ ଜମିରେ କାଠି ଦ୍ୱାରା ଭୂମିରୁ ପାଣିର ଉତ୍ସ ସୃଷ୍ଟି କରିଥିଲେ ଏବଂ ସେହି କାଠିକୁ ଉକ୍ତ ଜମିରେ ପୋତି ଦେଇଥିଲେ ବୋଲି ଲୋକକଥା ଅଛି। ତେଣୁ ଉକ୍ତ ଜମିରେ ଦୁଶାଳାଙ୍କର ଗୋଟିଏ ମନ୍ଦିର ନିର୍ମାଣ କରାଯାଇ ପୂଜାର୍ଚ୍ଚନା କରାଯାଉଛି। ଏହି ମନ୍ଦିର ଦୁର୍ଯ୍ୟୋଧନ ମନ୍ଦିରଠାରୁ ମାତ୍ର ୬ କି.ମି. ଦୂର ଏବଂ ଏହି ଜମିରୁ ହେଉଥିବା ଫସଲ କେବଳ ଠାକୁରଙ୍କ ଭୋଗ ପାଇଁ ପାଇଁ ଉଦ୍ଦିଷ୍ଟ।

ଉତ୍ତରାଖଣ୍ଡରେ ଥିବା ଦୁର୍ଯ୍ୟୋଧନଙ୍କ ମନ୍ଦିର ସ୍ଥାନୀୟ ଲୋକକଥା ଅନୁସାରେ ନିର୍ମାଣ କରାଯାଇଛି। ଏକଦା ଦୁର୍ଯ୍ୟୋଧନ ଉତ୍ତରାଖଣ୍ଡର ଜୋନ୍‌ସୋର୍-ବାବର କ୍ଷେତ୍ରର ହନୋଲ୍ ଯାତ୍ରାରେ ଆସିଥିଲେ। ଏଠାକାର ପ୍ରାକୃତିକ ସୁନ୍ଦରତାରେ ସେ ବିମୋହିତ ହୋଇ ସ୍ଥାନୀୟ ଦେବତା ମହାସୁଙ୍କୁ ହିମାଳୟ ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଗୋଟିଏ ଘାଟି ମାଗିଲେ। ମହାସୁ ଦୁର୍ଯ୍ୟୋଧନଙ୍କୁ ଘାଟି ଦେବା ପାଇଁ ଗୋଟିଏ ସର୍ତ୍ତର୍ ରଖିଲେ ଯେ, ସବୁବେଳେ ସେ ସ୍ଥାନୀୟ ଲୋକଙ୍କୁ ସୁରକ୍ଷା ଦେବା ସହିତ ତାଙ୍କର ଦୁଃଖକଷ୍ଟ ହରଣ କରିବେ। ଏଥିରେ ଦୁର୍ଯ୍ୟୋଧନ ରାଜି ହୋଇଗଲେ। ସେବେଠାରୁ ଆଜି ପର୍ଯ୍ୟନ୍ତ ଦୁର୍ଯ୍ୟୋଧନ ଉତ୍ତରକାଶୀ ଜିଲ୍ଲା ଅନ୍ତର୍ଗତ ଜଖୋଲ୍ ଗାଁର ରକ୍ଷକ ଦେବତା ଭାବେ ପୂଜା ପାଇ ଆସୁଛନ୍ତି। କୁହାଯାଏ ଯେ, ଦୁର୍ଯ୍ୟୋଧନଙ୍କ ମୃତ୍ୟୁରେ ଲୋକମାନେ ଏତେମାତ୍ରାରେ କାନ୍ଦିଥିଲେ ଯେ, ସେମାନଙ୍କ ଲୁହରୁ ତମସ ନାମକ ନଦୀର ଉତ୍ପତ୍ତି ହୋଇଥିଲା, ଯାହାକୁ ଏବେ ଟୋସ୍ ନଦୀ କୁହାଯାଉଛି। ଏହା ବ୍ୟତୀତ ଦୁର୍ଯ୍ୟୋଧନଙ୍କ ମନ୍ଦିର ନିର୍ମାଣକୁ ନେଇ ଏକାଧିକ ଲୋକକଥା ଅଛି। ଏହି ମନ୍ଦିରକୁ ବର୍ତ୍ତମାନ ସମୟରେ ଗୋଟିଏ ଶୈବପୀଠ ବୋଲି କୁହାଯାଉଛି।

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ସବୁ ସ୍କୁଲରେ ତୃତୀୟ ଶ୍ରେଣୀରୁ ଏଆଇ ପାଠ୍ୟକ୍ରମ

**ନୂଆଦିଲ୍ଲୀ,୩୦।୧୦(ଏଜେନ୍ସି):** ଦେଶର ସବୁ ବିଦ୍ୟାଳୟରେ ତୃତୀୟ ଶ୍ରେଣୀରୁ ଏଆଇ ଶିକ୍ଷା ପାଠ୍ୟକ୍ରମର ଶୁଭାରମ୍ଭ କରାଯିବ। ତୃତୀୟ ଶ୍ରେଣୀରୁ ଏହି ବୈଷୟିକ ଶିକ୍ଷା ଆରମ୍ଭ ହେବା ଫଳରେ ମୌଳିକ ସ୍ତରରେ ଏହାକୁ ସାମିଲ କରାଯାଇପାରିବ। ନିଷ୍ପତ୍ତି ଅନୁଯାୟୀ ୨୦୨୬-୨୭ ଶିକ୍ଷା ବର୍ଷ ଠାରୁ ଜାତୀୟ ଶିକ୍ଷା ନୀତି ୨୦୨୦ ଅନୁରୂପ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଏବଂ କମ୍ପ୍ୟୁଟେସନାଲ୍ ଥିଙ୍କିଙ୍ଗ ପାଠ୍ୟକ୍ରମର ଶୁଭାରମ୍ଭ କରାଯିବ। ଏଥିପାଇଁ ଚଳିତ ବର୍ଷ ଡିସେମ୍ବର ସୁଦ୍ଧା ସମ୍ବଳ ସାମଗ୍ରୀ, ହ୍ୟାଣ୍ଡବୁକ, ଡିଜିଟାଲ ସମ୍ବଳ ବିକଶିତ କରାଯିବ। ଏଥିପାଇଁ ଅନୁଷ୍ଠିତ

**୨୦୨୬-୨୭ ଶିକ୍ଷା ବର୍ଷରୁ ଲାଗୁ**

ଏକ ବୈଠକରେ ସିବିଏସଇ, ଏନ୍‌ସିଇଆରଟି, କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ ଏବଂ ନବୋଦୟ ବିଦ୍ୟାଳୟ ସଂଗଠନ ସମେତ ବିଶେଷଜ୍ଞ ଏବଂ ଅନ୍ୟ ଅଂଶୀଦାରମାନେ ଯୋଗଦେଇଥିଲେ। ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଏବଂ କମ୍ପ୍ୟୁଟେସନାଲ୍ ଥିଙ୍କିଙ୍ଗ ପାଠ୍ୟକ୍ରମ ବିକଶିତ କରିବା ଲାଗି ଆଇଆଇଟି ମାଡ୍ରାସର ପ୍ରଫେସର କାର୍ତ୍ତିକ ରମଣଙ୍କ ଅଧ୍ୟକ୍ଷତାରେ ଏକ ବିଶେଷଜ୍ଞ କମିଟି ଗଠନ କରାଯାଇଛି। ବିଦ୍ୟାଳୟ ଶିକ୍ଷା ସଚିବ ସଞ୍ଜୟ କୁମାର କହିଛନ୍ତି, କୃତ୍ରିମ ବୁଦ୍ଧିମତ୍ତା ଶିକ୍ଷାକୁ ଆମ ଚାରିପାଖର ଦୁନିଆ ସହ ଜଡିତ ଏକ ମୌଳିକ ସାର୍ବଜନୀନ ଦକ୍ଷତା ଭାବରେ ବିବେଚନା କରାଯିବା ଉଚିତ । ନିଷ୍ଠାର ଶିକ୍ଷକ ତାଲିମ ମଡ୍ୟୁଲ୍ ଏବଂ ଭିଡିଓ-ଆଧାରିତ ଶିକ୍ଷା ସମ୍ବଳ ସମେତ ଶିକ୍ଷକ ତାଲିମ ଏବଂ ଶିକ୍ଷା-ଶିକ୍ଷଣ ସାମଗ୍ରୀ ପାଠ୍ୟକ୍ରମ କାର୍ଯ୍ୟକାରିତାର ଆଧାର ହେବ। ସୂଚନା ଏବଂ ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟର ଯୁଗ୍ମ ସଚିବ ପ୍ରାଚୀ ପାଣ୍ଡେ ପାଠ୍ୟକ୍ରମର ବିକାଶ ଏବଂ କାର୍ଯ୍ୟକାରିତା ଲାଗି ନିର୍ଦ୍ଧାରିତ ସମୟସୀମା ଅନୁସରଣ କରିବାକୁ ପରାମର୍ଶ ଦେଇଥିଲେ।

# ଫେବୃଆରୀ ୧୭ରୁ ସିବିଏସସି ଦଶମ ଓ ଦ୍ୱାଦଶ ପରୀକ୍ଷା

**ନୂଆଦିଲ୍ଲୀ, ୩୦।୧୦ (ଏଜେନ୍ସି):**ଚଳିତ ଶିକ୍ଷା ବର୍ଷ (୨୦୨୫-୨୬) ପାଇଁ ସେଣ୍ଟ୍ରାଲ ବୋର୍ଡ ଅଫ ସେକେଣ୍ଡାରୀ ଏଜୁକେଶନ (ସିବିଏସଇ) ପକ୍ଷରୁ ଦଶମ ଏବଂ ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷା ତାରିଖ ପ୍ରକାଶ କରାଯାଇଛି। ଉଭୟ ପରୀକ୍ଷା ଫେବୃଆରୀ ୧୭ ତାରିଖ ୧୦ଟା୩୦ରୁ ଆରମ୍ଭ ହେବ। ସିବିଏସ୍‌ଇ ପ୍ରଥମ ଥର ପାଇଁ ପରୀକ୍ଷାର ୧୧୦ ଦିନ ପୂର୍ବରୁ ଚୂଡ଼ାନ୍ତ ତାରିଖ ଘୋଷଣା କରିଛି। ଛାତ୍ରଛାତ୍ରୀଙ୍କ ତାଲିକା (ଏଲଓସି)କୁ ସଠିକ ସମୟରେ ଦାଖଲ କରିବା ନିମନ୍ତେ ସ୍କୁଲ୍‌ଗୁଡିକୁ ସାହାଯ୍ୟ କରିବା ନିମନ୍ତେ ଏହି ପଦକ୍ଷେପ ନିଆଯାଇଛି। ଏହା ଦ୍ୱାରା ଛାତ୍ରଛାତ୍ରୀ, ଶିକ୍ଷକ ଏବଂ ପରିବାରୁ ଉତ୍ତମ ଯୋଜନା ପ୍ରସ୍ତୁତ କରିବାରେ ପର୍ଯ୍ୟାପ୍ତ ସମୟ ମିଳିବ। ପରୀକ୍ଷା କାର୍ଯ୍ୟସୂଚୀର ସମ୍ପୂର୍ଣ୍ଣ ବିବରଣୀ ସିବିଏସଇର ୱେବସାଇଟରେ ଉପଲବ୍ଧ ଅଛି। ଜାତୀୟ ଶିକ୍ଷାନୀତି (ଏନଇପି) ୨୦୨୦ ଅନୁଯାୟୀ ୨୦୨୬ରୁ ଦଶମ ଶ୍ରେଣୀ ପାଇଁ ଦୁଇ ଥର ବୋର୍ଡ ପରୀକ୍ଷା ଆୟୋଜନ କରାଯିବ ବୋଲି ସିବିଏସଇ ପକ୍ଷରୁ କୁହାଯାଇଛି। ଏହା ପୂର୍ବରୁ ସେପ୍ଟେମ୍ବର ୨୨ ତାରିଖରେ ସିବିଏସଇ ପକ୍ଷରୁ ଅସ୍ଥାୟୀ କାର୍ଯ୍ୟସୂଚୀ ଜାରି କରାଯାଇଥିଲା।

ସିବିଏସଇ ପକ୍ଷରୁ କୁହାଯାଇଛି ଯେ ଆଗାମୀ ପରୀକ୍ଷାରେ ଗୁରୁତ୍ୱପୂର୍ଣ୍ଣ ବିଷୟ ଗୁଡିକ ପରୀକ୍ଷା ମଧ୍ୟରେ ଅଧିକ ଦିନ ବ୍ୟବଧାନ ରଖାଯାଇଛି। ଏହା ସହିତ ଜେଇଇ ମେନ ପରୀକ୍ଷା ଦେବାକୁ ଚାହୁଁଥିବା ଛାତ୍ରଛାତ୍ରୀ ଏକାଦଶ ଶ୍ରେଣୀର ପଞ୍ଜିକରଣ ନମ୍ବର ଦେଇ ପଞ୍ଜିକୃତ କରିପାରିବେ ବୋଲି କୁହାଯାଇଛି। ଦଶମ ବୋର୍ଡ ପରୀକ୍ଷା ଦେଉଥିବା ଛାତ୍ରଛାତ୍ରୀ ପ୍ରଥମ ଦିନ ଗଣିତ ପରୀକ୍ଷା ଦେବେ। ଏହା ପରଦିନ ତଥା ଫେବୃଆରୀ ୧୮ରେ ଗୃହ ବିଜ୍ଞାନ (ହୋମ ସାଇନ) ପରୀକ୍ଷା ହେବ। ସେହିପରି ଫେବୃଆରୀ ୨୦,୨୧, ୨୩, ୨୪, ୨୫, ୨୬, ୨୭, ୨୮, ମାର୍ଚ୍ଚ ୨, ୩, ୫, ୭, ୯ ତାରିଖରେ ଅନ୍ୟାନ୍ୟ ବିଷୟ ଉପରେ ପରୀକ୍ଷା ହେବ।

# ଲକ୍ଷ୍ମୀପୁରରେ ବାଘ ଆତଙ୍କ



**ଛତ୍ରପୁର,୩୦ ।୧୦(ସମିସ):** ଜଙ୍ଗଲ ଛାଡ଼ି ଜନବସତିମୁହାଁ ହୋଇଛି ବାଘ। ଗଞ୍ଜାମ ଜିଲ୍ଲା ଛତ୍ରପୁର ବ୍ଲକ ଅନ୍ତର୍ଗତ ଲକ୍ଷ୍ମୀପୁର ଗ୍ରାମର ଚାଷ ଜମିରେ ବାଘ ବୁଲୁଥିବା ଅଭିଯୋଗ ହୋଇଛି। ଗୁରୁବାର ସକାଳୁ ଗ୍ରାମର କିଛି ଲୋକ ମନ୍ଦିରରୁ ଫେରିବା ସମୟରେ ଚାଷ ଜମିରେ ବାଘ ବୁଲୁଥିବା ଦେଖି ପ୍ରଥମେ ଗ୍ରାମବାସୀଙ୍କୁ ଖବର ଦେଇଥିଲେ। ପରେ ଛତ୍ରପୁର ବନବିଭାଗକୁ ଖବର ଦିଆଯାଇଥିଲା। ଛତ୍ରପୁର ଫରେଷ୍ଟ ଅଫିସର୍ ବାବୁ ସେଠୀଙ୍କ ସମେତ ବନ ବିଭାଗ କର୍ମଚାରୀ ପହଞ୍ଚି ତଦନ୍ତ କରିବା ସହିତ ପାଦ ଚିହ୍ନ ଏବଂ ଲୋମ ଆଦି ସଂଗ୍ରହ କରିଛନ୍ତି। ଏହା ସହ ପାଦ ଚିହ୍ନକୁ ମଧ୍ୟ ଏକ ସ୍କେଲ ଯୋଗେ ମପାଯାଇଛି। ତେବେ ପ୍ରକୃତରେ ବାଘ ନା ଆଉ କେଉଁ ବନ୍ୟଜନ୍ତୁ, ତାକୁ ନେଇ ତଦନ୍ତ ଜାରି ରଖାଯାଇଥିବା ଫରେଷ୍ଟ ଅଫିସର ଶ୍ରୀ ସେଠୀ କହିଛନ୍ତି। ଅନ୍ୟପଟେ ଗ୍ରାମରେ ଦୁଇ ଦିନ ଧରି ବାଘ ଆତଙ୍କ ଲାଗି ରହିଥିବା ବେଳେ ଗ୍ରାମର ଛେଳି, କୁକୁଡ଼ା ଆଦିକୁ ଖାଇ ଦେଉଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ। ଉକ୍ତ ରାସ୍ତାଟି ମୁଖ୍ୟ ରାସ୍ତା ହୋଇଥିବାରୁ ଲୋକେ ରୀତିମତ ସେହି ରାସ୍ତା ଦେଇ ଯିବା ଆସିବା କରୁଛନ୍ତି। ଏଣୁ ଏହାର ତଦନ୍ତ କରି ବାଘକୁ ଘଉଡ଼ାଇବା ପାଇଁ ଦାବି ହୋଇଛି।

# ପୋଲରୁ ଖସି ଗାର୍ଡୱାଲରେ ଲାଖିଲା ବସ୍



**କୋଣାର୍କ, ୩୦।୧୦ (ସମିସ):** ଗୁରୁବାର କୋଣାର୍କ ଥାନା ଅନ୍ତର୍ଗତ କାଦୁଆ ପଞ୍ଚାୟତ ସନ୍ତରସମା ବ୍ରିଜ୍‌ପାର୍ଶ୍ୱରେ ଏକ 'ମୁଖ୍ୟମନ୍ତ୍ରୀ ବସ୍' ଭାରସାମ୍ୟ ହରାଇ ଖସି ପଡ଼ିଥିଲା। ତେବେ ସୌଭାଗ୍ୟକୁ ନଦୀର ଗାର୍ଡୱାଲ୍‌ରେ ବସ୍‌ଟି ଅଟକିଯିବାରୁ ୧୪ ଜଣ ଯାତ୍ରୀ ଅଳ୍ପକେ ବର୍ତ୍ତିଯାଇଛନ୍ତି।

କାକଟପୁରରୁ କୋଣାର୍କ ଅଭିମୁଖେ ୧୪ଜଣ ଯାତ୍ରୀଙ୍କୁ ନେଇ 'ମୁଖ୍ୟମନ୍ତ୍ରୀ ବସ୍' ବାହାରିଥିଲା। ବ୍ରିଜ୍ ପାର୍ଶ୍ୱରେ ବସ୍‌ଟି ଭାରସାମ୍ୟ ହରାଇ ଖସି ପଡ଼ିଥିଲା। କିନ୍ତୁ ନଦୀର ଗାର୍ଡୱାଲ୍‌ରେ ବସ୍‌ଟି ଅଟକିଯାଇଥିଲା। ଫଳରେ ୫ ମହିଳାଙ୍କ ସମେତ ୧୪ଜଣ ଯାତ୍ରୀ ଅଳ୍ପକେ ବର୍ତ୍ତିଯାଇଛନ୍ତି। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରିଥିଲେ। ବସ୍‌ର ଷ୍ଟିୟରିଂ କଟିଯିବାରୁ ଏହି ଅଘଟଣ ଘଟିଥିବା କୁହାଯାଉଛି। ଅନ୍ୟପକ୍ଷରେ ଅଣଓସାରିଆ ରାସ୍ତାରେ ଦ୍ରୁତଗତିରେ ଗାଡ଼ି ଚାଳନା ଯୋଗୁଁ ଏଭଳି ଦୁର୍ଘଟଣା ଘଟିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ରାସ୍ତାର ଉଭୟ ପାର୍ଶ୍ୱରେ ଅନାବନା ଗଛ ରାସ୍ତା ଉପରକୁ ମାଡ଼ି ଆସିଥିବାରୁ ବାରମ୍ବାର ଛୋଟବଡ଼ ଦୁର୍ଘଟଣା ଘଟୁଛି।

# ନୀରବିଗଲେ କବି ତଥା ରାଜନେତା ଶଙ୍କର ପରିଡ଼ା



**ପୁରୀ,୩୦।୧୦(ସମିସ):** ବିଶିଷ୍ଟ କବି ତଥା ପ୍ରବୀଣ ରାଜନେତା ଶଙ୍କର୍ଷଣ (ଶଙ୍କର) ପରିଡ଼ାଙ୍କ ୬୬ବର୍ଷ ବୟସରେ ଗୁରୁବାର ପରଲୋକ ହୋଇଯାଇଛି। ସେ ଫୁସ୍‌ଫୁସ୍ ଜନିତ କ୍ୟାନ୍ସରରେ ପୀଡ଼ିତ ହୋଇ ଦୀର୍ଘଦିନ ଧରି ଚିକିତ୍ସିତ ହେଉଥିଲେ। ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିବା ପରେ ସ୍ୱର୍ଗଦ୍ୱାରରେ ଅନ୍ତିମ ସଂସ୍କାର କରାଯାଇଛି। ସାନଭାଇ ଗୋଲକ ପରିଡ଼ା ମୁଖାଗ୍ନି ଦେଇଥିବା ବେଳେ ପାଖରେ ୨ କନ୍ୟା ଉପସ୍ଥିତ ଥିଲେ।

ପୁରୀ ସଦର ବ୍ଲକ୍ ବାଲିପୁଟ ପଞ୍ଚାୟତ ମାର୍କଣ୍ଡପୁର ଗାଁରେ ୧୯୬୧ ମସିହାରେ ଜନ୍ମିତ ଶଙ୍କର ପୁରୀ ଏସ୍‌ସିଏସ୍ କଲେଜରୁ ବିଏ ପାସ୍ କରିଥିଲେ। ଏଜୁକେସନରେ ଏମ୍‌ଏ କରିଥିବା ଶଙ୍କର ଓଡ଼ିଶାର ଜଣେ ତରୁଣ କବି ଭାବେ ପରିଚୟ ସାଉଁଟିଥିଲେ। ସେ ଥିଲେ ଶବ୍ଦର କବି। ତାଙ୍କର ପ୍ରକାଶିତ କବିତା ପୁସ୍ତକ ମଧ୍ୟରେ 'ମାୟାମଞ୍ଚ', 'ଶବ୍ଦ ଦର୍ପଣ', 'ନିଜ ପାଇଁ ନାନାବାୟା ଗୀତ', 'ସମୟର ସ୍ୱରବର୍ଣ୍ଣ', 'ଚିତ୍ରାକ୍ଷର' ଏବଂ 'କବିତା କଣିକା' ଥିଲା ଅନ୍ୟତମ। ସେ ପୁରୀ ସଦର ବ୍ଲକ୍‌ର ପୂର୍ବତନ ଅଧ୍ୟକ୍ଷ, ପୁରୀ ଜିଲ୍ଲା ପରିଷଦର ପୂର୍ବତନ ଅଧ୍ୟକ୍ଷ, ରାଜ୍ୟ କତା ଶିଳ୍ପ ନିଗମର ପୂର୍ବତନ ଅଧ୍ୟକ୍ଷ, ଓଡ଼ିଶା ରାଜ୍ୟ ପଞ୍ଚାୟତ ପରିଷଦର ସଭାପତି ରହିଥିଲେ। ଗତ ୧୭ ତାରିଖରେ ହସ୍ପିଟାଲ ବେଡ୍‌ରେ ଜନ୍ମଦିନ ପାଳନ ବେଳେ ଲେଖିଥିଲେ ନିଜର ଶେଷ କବିତା 'ଆଜି ହାସ୍‌ପାତାଳରେ ଜନ୍ମଦିନ'।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ଜେଲ୍ ଜଗିବେ...

ପୂରିବାକୁ ଯାଉଛି। ଦୁଇ କୁଖ୍ୟାତ ବିହାରୀ ଅପରାଧୀ ରାଜା ସାହାଣୀ ଓ ମଧୁକାନ୍ତ କୁମାରଙ୍କର ପତ୍ତା ପୁଲିସ ପାଇନାହିଁ। ଏପରିକି ଏହି ଫେରାର୍ ଘଟଣା ପଛରେ କୁଖ୍ୟାତ ଅପରାଧୀ ସୁବ୍ରତ ସିଂହ ସହ ରାଜ୍ୟର କିଛି ଜେଲ୍ କର୍ମଚାରୀଙ୍କ ବୁଝାମଣା ଅଭିଯୋଗର ତଦନ୍ତ ହୋଇନାହିଁ। ସେହିପରି କିଛି ଦିନ ତଳେ ସୋର ଜେଲରୁ ଜଣେ ଚକମା ଦେଇ ଖସି ଯାଇଥିବାବେଳେ ଚୌଦ୍ୱାର ଜେଲରେ ଗୋଷ୍ଠୀ ସଂଘର୍ଷ, ନୟାଗଡ଼ ଜେଲରେ ବନ୍ଦୀମାନଙ୍କ ମଧ୍ୟରେ ମୁହାଁମୁହିଁ ଘଟଣା ଜେଲସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେଣୁ ନିଜ ଛବି ସୁଧାରିବାକୁ ଜେଲ୍ ବିଭାଗ ହୋମ୍‌ଗାର୍ଡ଼ମାନଙ୍କୁ ଜେଲରେ ନିଯୁକ୍ତି ଦେବାକୁ ଯୋଜନା କରିଛି। ମାତ୍ର ଏହାପରେ ଯଦି କୌଣସି ଜେଲରୁ କଏଦୀ ବା ଅପରାଧୀ ଫେରାର ହୁଅନ୍ତି; ସେଥିପାଇଁ ଉତ୍ତରଦାୟୀ କିଏ ହେବ ? ଜେଲ୍‌ରେ ନିଯୁକ୍ତ ହୋମ୍‌ଗାର୍ଡ଼ ନା ଜେଲ୍ ବିଭାଗ ଅଧିକାରୀ ? ଏ ସମ୍ପର୍କରେ ଜେଲ୍ ବିଭାଗ ପକ୍ଷରୁ କୌଣସି ନିର୍ଦ୍ଦେଶନାମା ପ୍ରକାଶ ପାଇନାହିଁ।

### ଖଣି ପଟ୍ଟାଦାରଙ୍କ...

ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ କ୍ଷତିପୂରଣ ରାଶି ଆଦାୟ ହୋଇପାରି ନ ଥିବାରୁ ଏ ସଂକ୍ରାନ୍ତରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ଯାହାକୁ ନେଇ ସୁପ୍ରିମକୋର୍ଟ ଅସନ୍ତୋଷ ପ୍ରକାଶ କରିଛନ୍ତି। ଅପରପକ୍ଷେ ଓଡ଼ିଶା ପକ୍ଷରୁ ମାମଲା ପରିଚାଳନା କରୁଥିବା ଏଜି ପୀତାମ୍ବର ଆଚାର୍ଯ୍ୟ ତୁରନ୍ତ ସୁଧାରମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସର୍ବୋଚ୍ଚ ଅଦାଲତଙ୍କୁ ଜଣାଇଥିଲେ। ସେ ବ୍ୟକ୍ତିଗତ ଭାବରେ ଏନେଇ ମୁଖ୍ୟ ଶାସନ ସଚିବଙ୍କ ସହ ଆଲୋଚନା କରିବେ ଏବଂ ଯେଉଁ ଆଇନଗତ ପଦକ୍ଷେପ ଆବଶ୍ୟକ, ତାହା ଗ୍ରହଣ କରାଯିବ ବୋଲି ଶ୍ରୀ ଆଚାର୍ଯ୍ୟ ଖଣ୍ଡପୀଠଙ୍କୁ ଅବଗତ କରିବା ପରେ ସୁପ୍ରିମକୋର୍ଟ ପରବର୍ତ୍ତୀ ଶୁଣାଣି ପାଇଁ ୮ ସପ୍ତାହ ସମୟ ଦେଇଛନ୍ତି। ଆସନ୍ତା ଡିସେମ୍ବର ୩ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି କରାଯିବାକୁ ନେଇ ତାରିଖ ଧାର୍ଯ୍ୟ ହୋଇଛି।

### ଜଷ୍ଟିସ୍ ସୂର୍ଯ୍ୟକାନ୍ତ...

୨୦ ବର୍ଷର କାର୍ଯ୍ୟକାଳରେ ଜଷ୍ଟିସ ସୂର୍ଯ୍ୟକାନ୍ତ ଏକାଧିକ ମାମଲାରେ ଐତିହାସିକ ରାୟ ଶୁଣାଇଛନ୍ତି। ପେଗାସସ୍ ଗୁପ୍ତଚର ମାମଲାର ବିଚାର କରିଥିବା ଖଣ୍ଡପୀଠରେ ସେ ସଭ୍ୟ ଥିଲେ। ସେ ସାଇବର ବିଶେଷଜ୍ଞଙ୍କ କମିଟି ଗଠନ କରି ଏହି ମାମଲାର ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେ ହରିୟାଣାର ପ୍ରଥମ ବ୍ୟକ୍ତି ଭାବେ ପ୍ରଧାନ ବିଚାରପତି ଭାବେ ନିଯୁକ୍ତି ପାଇଛନ୍ତି। ସେ ବିହାର ଏସ୍‌ଆଇଆର୍ ମାମଲରେ ମଧ୍ୟ ଶୁଣାଣି କରିଥିଲେ। ସୂଚନାଯୋଗ୍ୟ ଯେ ମାଟ୍ରିକ ପରୀକ୍ଷା ଦେବାକୁ ଯିବା ବେଳେ ସେ ପ୍ରଥମଥର ପାଇଁ ସହର ଦେଖିଥିଲେ।

### ଆଣବିକ ଗବେଷଣା...

ହୋଇଥିବା ପରମାଣୁ ତଥ୍ୟ ଓ ସମ୍ବେଦନଶୀଳ କାଗଜପତ୍ର ଏହି ନେଟ୍‌ୱର୍କକୁ ସେ ବିକ୍ରି କରିବାକୁ ଚେଷ୍ଟା କରୁଥିବା ସନ୍ଦେହ କରାଯାଉଛି। ଅଖତାର କୁତ୍‌ବୁଦ୍ଦିନ ଗତ କିଛିବର୍ଷ ହେବ ଭିନ୍ନ ଭିନ୍ନ ନାମରେ ନିଜର ପରିଚୟ ସୃଷ୍ଟି କରୁଥିଲା। ।

### ନବୀନଙ୍କ ଇଙ୍ଗିତ...

ରୋଡ୍ ପର୍ଯ୍ୟନ୍ତ ନବୀନଙ୍କ ଶୋଭାଯାତ୍ରା ପୂର୍ବରୁ ତାଙ୍କର ଟ୍ୱିଟ୍ ଦଳୀୟ କର୍ମୀ ଓ କର୍ମକର୍ତ୍ତାଙ୍କୁ ପୂରା ଉତ୍ସାହିତ କରିଛି। ନବୀନଙ୍କ ଏହି ଗସ୍ତ ସବୁ ରାଜନୈତିକ ସମୀକରଣକୁ ବଦଳାଇଦେବ ବୋଲି ରାଜନୈତିକ ସମୀକ୍ଷକମାନେ ମତବ୍ୟକ୍ତ କରିଛନ୍ତି। ଦଳୀୟ ପ୍ରାର୍ଥୀ ରୂପେ ସ୍ନେହାଙ୍ଗିନୀଙ୍କୁ ମନୋନୀତ କରି ନବୀନଙ୍କ ନିଷ୍ପତ୍ତି ବିରୋଧୀଙ୍କୁ ଚକିତ କରିଥିଲା। ସେହିପରି ଦଳର ରଣନୀତିକୁ କାର୍ଯ୍ୟକାରୀ କରିବାକୁ ପଶ୍ଚିମ ଓଡ଼ିଶାର ଦମଦାର ନେତାମାନଙ୍କୁ ପ୍ରଚାର ଏବଂ ନିର୍ବାଚନ ଦାୟିତ୍ୱ ନ୍ୟସ୍ତ କରିଛନ୍ତି। ବିଶେଷକରି ପଞ୍ଚାୟତଠାରୁ ଆରମ୍ଭ କରି ବ୍ଲକ, ଏନ୍‌ଏସିଯାଏଁ ନିର୍ଦ୍ଦିଷ୍ଟ ନେତାଙ୍କୁ ନିର୍ଦ୍ଦିଷ୍ଟ ଦାୟିତ୍ୱ ପ୍ରଦାନ କରାଯାଇଛି। ନୂଆପଡ଼ା ରାଜନୀତି ପାଣିପାଗକୁ ମାପି ନବୀନ ପ୍ରଥମେ ଷ୍ଟିୟରିଂ କମିଟି, ଜୋନାଲ କମିଟି ଏବଂ ଲୋକାଲ ଆକ୍ସନ କମିଟି କରିଥିଲେ। ଏହାପରେ ପରେ ଦଳର ଆଗଧାଡ଼ିର ନେତାଙ୍କୁ ବିଭିନ୍ନ ଦାୟିତ୍ୱ ନ୍ୟସ୍ତ କରିଥିବା ବେଳେ ଦଳ ସୁଚିନ୍ତିତ ଢଙ୍ଗରେ ନିଜର ପ୍ରଚାର କାର୍ଯ୍ୟକ୍ରମକୁ ଜାରି ରଖିଛି। ବଡ଼ ବଡ଼ ସଭା ବଦଳରେ ଦଳୀୟ ନେତାମାନେ ଗୋଟିଏ ଦିନରେ ପ୍ରାୟ ୨୦ରୁ ଅଧିକ ସଭା କରୁଛନ୍ତି। ଏପରିକି ବିଜେଡିର ଜଣେ ନେତାଙ୍କୁ ଜଗିବା ପାଇଁ ଶାସକ ବିଜେପି ୩ ଜଣଙ୍କୁ ଲଗାଇଥବା ନେଇ ସ୍ଥାନୀୟ ଅଞ୍ଚଳର ରାଜନୈତିକ ବିଶେଷଜ୍ଞ ମତପ୍ରକାଶ କରିଛନ୍ତି। ସେହିପରି ନିଜେ ପ୍ରାର୍ଥୀ ସ୍ନେହାଙ୍ଗିନୀ ଏକାଧିକ ସ୍ଥାନରେ ପଦଯାତ୍ରା କରି ନିଜ ପାଇଁ ଭୋଟ ମାଗୁଛନ୍ତି। ଏପଟେ ନବୀନ ଦଳରୁ ଦୂରେଇ ରହିଥିବା ଟାଣୁଆ ନେତାଙ୍କୁ ପୁଣିଥରେ ଦଳକୁ ଫେରାଇ ଦଳର ଶକ୍ତି ବୃଦ୍ଧି କରିଛନ୍ତି।

ସ୍ଥାନୀୟ ଅଞ୍ଚଳରେ ଦଳର ଟାଣୁଆ ନେତା ଭାନୁପ୍ରତାପ ସିଂହ ପ୍ରତ୍ୟକ୍ଷ ଭାବରେ ପ୍ରଚାରରେ ନିଜକୁ ସାମିଲ କରିଛନ୍ତି ଓ ସ୍ନେହାଙ୍ଗିନୀଙ୍କୁ ନୂଆପଡ଼ା ରାଜନୀତିର ସବୁ ଦାଓପେଞ୍ଚ ସମ୍ପର୍କରେ ଅବଗତ କରିଛନ୍ତି। ରାଜନୈତିକ ପର୍ଯ୍ୟବେକ୍ଷକଙ୍କ ମତରେ କ୍ଷମତାରେ ନ ଥିଲେ ବି ନୂଆପଡ଼ାରେ ନବୀନଙ୍କର ସ୍ୱତନ୍ତ୍ର କ୍ରେଜ ରହିଛି। ନୂଆପଡ଼ା ଜିଲ୍ଲାରେ ଯାହା କିଛି ବିକାଶ ହୋଇଛି, ତାହା ନବୀନଙ୍କ ସମୟରେ ହିଁ ହୋଇଛି। ନବୀନ ନିଜେ ପ୍ରଚାର ମଙ୍ଗ ଧରିଲେ ଏହାର ପ୍ରଭାବ ନିଶ୍ଚୟ ଅନୁଭୂତ ହେବ ବୋଲି ବିରୋଧୀ ଦଳର ସମର୍ଥକମାନେ ମଧ୍ୟ ମତ ଦେଉଛନ୍ତି। ନବୀନ ପ୍ରଚାର ମଇଦାନକୁ ଓହ୍ଲାଇବା ପରେ ନୂଆପଡ଼ା ପ୍ରଚାର ରାଜନୀତି ଆହୁରି ଉଷ୍ମତା ଧରିବ ବୋଲି ଏବେ ସାଧାରଣରେ ମତପ୍ରକାଶ ପାଉଛି।

### ଅଷ୍ଟ୍ରେଲିଆକୁ ହରାଇ...

ହାସଲ କରି ଭାରତ ବିଶ୍ୱ ରେକର୍ଡର ଅଧିକାରୀ ହୋଇଛି। ଚଳିତ ବିଶ୍ୱକପର ଲିଗ୍ ପର୍ଯ୍ୟାୟରେ ଭାରତ ବିପକ୍ଷରେ ଅଷ୍ଟ୍ରେଲିଆ ୩୩୧ ରନର ଲକ୍ଷ୍ୟକୁ ହାସଲ କରିଥିଲା। ଏଥିସହ ଭାରତ ତୃତୀୟଥର ଲାଗି ବିଶ୍ୱକପ୍ ଫାଇନାଲରେ ପହଞ୍ଚିଛି।

### ଜେଲ୍‌ରୁ ମୁକୁଳିଲେ...

କେସ୍ ଡାଏରୀ ଦାଖଲ କରିଥିଲେ। କିନ୍ତୁ ଜାମିନ ଆବେଦନର ଶୁଣାଣି ବେଳେ କ୍ରାଇମବ୍ରାଞ୍ଚ ଗିରଫ ୧୧୪ଜଣ ଆଶାୟୀ ଛାତ୍ରଛାତ୍ରୀଙ୍କ ବିରୋଧରେ ଆବଶ୍ୟକ ତଥ୍ୟ ପ୍ରମାଣ କୋର୍ଟରେ ଉପସ୍ଥାପନ କରିବାରେ ବିଫଳ ହୋଇଥିଲା। ଫଳରେ କୋର୍ଟ ସମସ୍ତ ୧୧୪ଜଣ ଆଶାୟୀ ଛାତ୍ରଛାତ୍ରୀଙ୍କୁ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଥିଲେ। ଅନ୍ୟପକ୍ଷରେ କୌଣସି ଭୁଲ୍ ନକରି ପିଲାଙ୍କୁ ଜେଲ୍ ଯିବାକୁ ପଡ଼ିଛି। ସେମାନେ ସାର୍ଟିଫିକେଟ୍ କିମ୍ବା ଟଙ୍କା ମଧ୍ୟ ଦେଇନାହାନ୍ତି। ରାକେଟ ଚଳାଉଥିବା ଦଲାଲ୍‌ଙ୍କୁ ଛାଡ଼ି ପୁଲିସ ଆଶାୟୀ ପରୀକ୍ଷାର୍ଥୀଙ୍କୁ ଗିରଫ କରିଥିବା ବେଳେ ସେମାନଙ୍କ ବିରୁଦ୍ଧରେ କୌଣସି ଠୋସ୍ ପ୍ରମାଣ ମଧ୍ୟ ଯୋଗାଡ଼ କରିପାରିନାହିଁ। ତେଣୁ କୋର୍ଟରେ କ୍ରାଇମବ୍ରାଞ୍ଚ ପ୍ରମାଣ ଦାଖଲ କରିପାରିଲା ନାହିଁ। ନିରୀହ ଛାତ୍ରଛାତ୍ରୀଙ୍କ ଅପେକ୍ଷା ପ୍ରକୃତ ଦଲାଲଙ୍କୁ ପୁଲିସ ଗିରଫ କରୁ ବୋଲି ଅଭିଭାବକମାନେ ଦାବି କରିଛନ୍ତି। ପୁଲିସ ଏସ୍‌ଆଇ କେଳେଙ୍କାରୀ ମାମଲାର ତଦନ୍ତ ପ୍ରଥମେ ପୁଲିସ ଓ ପରେ କ୍ରାଇମବ୍ରାଞ୍ଚ କରୁଥିବା ବେଳେ ଘଟଣାର ତଦନ୍ତଭାର ବର୍ତ୍ତମାନ ସିବିଆଇକୁ ଦିଆଯାଇଛି। ଖୁବଶୀଘ୍ର ସିବିଆଇ ପରୀକ୍ଷାର୍ଥୀଙ୍କୁ ପଚରାଉଚରା କରିବ। ଏହି ଚାକିରି ବିକ୍ରି ଘଟଣାରେ ୧୨୩ ଜଣଙ୍କ ମଧ୍ୟରେ ୯ ଜଣ ଦଲାଲ ସାମିଲ ଅଛନ୍ତି। ଜାମିନ ଆବେଦନ କରିଥିବା ୧୨୧ଜଣଙ୍କ ମଧ୍ୟରୁ ୧୧୪ଜଣ ଚାକିରି ଆଶାୟୀ ଥିବାବେଳେ ଅବଶିଷ୍ଟ ୭ଜଣ ଦଲାଲ୍ ଥିଲେ। ଜାମିନ ଆବେଦନ କରିଥିବା ୭ଜଣ ଦଲାଲଙ୍କ ଆବେଦନ ଖାରଜ ହୋଇଯାଇଛି। ଗିରଫ ଦୁଇ ଦଲାଲ ବିଶ୍ୱଜିତ ହରିଚନ୍ଦନ ଓ ତଫିନ୍ ଅହମ୍ମଦ ଖାନ୍ କୌଣସି କାରଣରୁ ଜାମିନ ଆବେଦନ କରି ନ ଥିବା ସରକାରୀ ଓକିଲ ରଜତ କୁମାର ଦାଶ ସୂଚନା ଦେଇଛନ୍ତି।

### ଗୋଟିଏ ଦେଶ...

ସୂଚନାଯୋଗ୍ୟ ଯେ ୨୦୨୨ ଅକଟୋବରରେ ରାଜ୍ୟ ଗୃହ ବିଭାଗ ସଚିବମାନଙ୍କର ଚିନ୍ତନ ଶିବିରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରଥମେ ଏହି ପ୍ରସ୍ତାବ ଦେଇଥିଲେ। ଏହାପରେ ୨୦୨୩ରେ କେନ୍ଦ୍ର ସ୍ୱରାଷ୍ଟ୍ର ବିଭାଗ ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳ ସରକାରଙ୍କୁ ଚିଠି ଲେଖି ମତାମତ ଲୋଡ଼ିଥିଲା। ଦେଶବ୍ୟାପୀ ପୁଲିସ କର୍ମଚାରୀଙ୍କ ପରିଚୟ, ଦାୟିତ୍ୱବୋଧ ଓ ଦକ୍ଷତା ବୃଦ୍ଧି ଉ।।ଦ୍ଦେଶ୍ୟରେ ଏହା ଜରୁରୀ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ।

### ଜୀବନ ନେଉଛି...

ଫଳରେ ଏଭଳି ଅଘଟଣ ଘଟିଛି। ଅଗ୍ନିଶମ ବିଭାଗ ସୂଚନା ଅନୁସାରେ, ଗତ ୧୬ ତାରିଖରେ ଭୁବନେଶ୍ୱରରେ ରହୁଥିବା କେନ୍ଦୁପାଟଣା ଅଞ୍ଚଳର ଶିଶିକାନ୍ତ ସାହୁ(୩୭) ନିଜ କାର୍ ଆସି ମୁଣ୍ଡଳୀବ୍ରିଜ୍ ଉପରେ ମହାନଦୀକୁ ଡେଇଁ ପଡ଼ିଥିଲେ। ୩ଦିନ ପରେ ତାଙ୍କ ମୃତ ଉଦ୍ଧାର କରାଯାଇଥିଲା। ଗତ ୧୭ ତାରିଖ ରାତିରେ ଗୋପାଳପୁର ନିକଟ କାଠଯୋଡ଼ି ବ୍ରିଜ୍ ଉପରେ ଅଶୁରେଶ୍ୱର ଅଞ୍ଚଳର ଅବିନାଶ ମହାପାତ୍ର(୩୩) ନଦୀକୁ ଡେଇଁ ପଡ଼ିଥିଲେ। ନଦୀରେ ପାଣି କମ୍ ଥିବାରୁ ତାଙ୍କୁ ଅଗ୍ନିଶମ କର୍ମଚାରୀ ଉଦ୍ଧାର କରିବାରେ ସଫଳ ହୋଇଥିଲେ। ଗତ ୨୩ ତାରିଖରେ ଜଗତପୁର ଥାନା ଅଞ୍ଚଳରେ ଶିବାନୀ ମଲ୍ଲିକ(୨୫) ଯୋବ୍ରା ବ୍ରିଜ୍ ଉପରୁ ଡେଇଁ ଆତ୍ମହତ୍ୟା କରିଥିଲେ। ତାଙ୍କ ମୃତଦେହକୁ ୨୪ ତାରିଖ ପୂର୍ବାହ୍ଣରେ ଚିତ୍ରୋପ୍ତଳା ନଦୀରୁ ଉଦ୍ଧାର କରାଯାଇଥିଲା। ଗତ ୨୭ ତାରିଖରେ ବକ୍ସିବଜାର ଅଞ୍ଚଳର ମହେଶ୍ୱରୀ ପାଣ୍ଡେ(୩୬) ଯୋବ୍ରା ବ୍ୟାରେଜ୍ ଉପରେ ସ୍କୁଟି ରଖି ନଦୀକୁ ଡେଇଁଥିଲେ। ତାଙ୍କୁ ଜୀବିତ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ଆଜି ନଦୀରେ ଜଣେ ନାବାଳକ ଗାଧେଇବା ଅବସ୍ଥାରେ ବୁଡ଼ି ଯାଇଛି। ମୋଟ୍ ୧୫ଦିନ ମଧ୍ୟରେ ୫ଜଣ ନଦୀରେ ବୁଡ଼ି ଯାଇଥିବା ବେଳେ ୨ଜଣଙ୍କୁ ଉଦ୍ଧାର କରାଯାଇଛି। ସେହିପରି ଗତବର୍ଷ ୩୯ ଜଣ ମହାନଦୀ ଓ କାଠଯୋଡ଼ିରେ ବୁଡ଼ି ଯାଇଥିବା ବେଳେ ସେମାନଙ୍କ ମଧ୍ୟରୁ ୨୭ ଜଣଙ୍କ ମୃତ୍ୟୁ ଘଟିଥିଲା।

ଗତବର୍ଷ ନଦୀକୁ ଡେଇଁ ଆତ୍ମହତ୍ୟା କରିବା ଓ ନଦୀରେ ବୁଡ଼ିଯିବା ଘଟଣାକୁ ଲକ୍ଷ୍ୟ ରଖି ବ୍ରିଜ୍ ବାଡ଼ରେ ୬ଫୁଟ୍ ଉଚ୍ଚତାର ତାରଜାଲି ଲଗାଯିବା ଯୋଜନା କରାଯାଇଥିଲା। ବ୍ରିଜ୍ ମଧ୍ୟରେ ସିସି କ୍ୟାମେରା ଲଗାଯିବା ସହିତ ପୁଲିସ ପାଟ୍ରୋଲିଂକୁ କଡ଼ାକଡ଼ି କରାଯିବ ବୋଲି ବି କୁହାଯାଇଥିଲା। କଟକ ସହରରେ ଥିବା ସମସ୍ତ ବ୍ରିଜ୍‌ରେ ଆତ୍ମହତ୍ୟାନିରୋଧ ବିକଳ୍ପ ବ୍ୟବସ୍ଥା କରାଯିବାକୁ ଉଭୟ ଜିଲ୍ଲା ପ୍ରଶାସନ, ମହାନଗର ନିଗମ, ଜଳସମ୍ପଦ ବିଭାଗ ମିଳିତ ଭାବେ ପ୍ରକ୍ରିୟା ଆରମ୍ଭ କରିଥିଲା। ମୁଣ୍ଡଳୀ, ନରାଜ, ସୁଭାଷ ସେତୁ, ମଧୁ ସେତୁ ଓ ଜାତୀୟ ରାଜପଥରେ ମହାନଦୀ ଓ କାଠଯୋଡ଼ିରେ ଥିବା ସେତୁରେ ତାରଜାଲି ଲଗାଯିବାକୁ ସମସ୍ତ ପୂର୍ବପ୍ରସ୍ତୁତି ହୋଇଥିଲା। ଏହା ଭିତରେ ୧ ବର୍ଷ ବିତିଯାଇଛି। ଚିହ୍ନଟ ସ୍ଥାନରେ ସିସି କ୍ୟାମେରା ଲଗାଯିବା ତ ଦୂରର କଥା ତାର ଜାଲି ଲଗାଯାଇ ପାରିନାହିଁ। ଏହା ଉପରେ ତୁରନ୍ତ ଦୃଷ୍ଟି ଦେବାକୁ ବିଭିନ୍ନ ମହଲରେ ଦାବି ଉଠିଛି।

**NOTICE**

By virtue of an affidavit sworn before the Notary Public, Cuttack, dated 28.10.2025, I, Chanda Murmu, aged about 33 years, W/o Bhuktu Marndi, resident of At-Nusadihi, Badada, PS-Rairangpur, Dist-Mayurbhanj, Odisha, Pin-757043, have changed my son's name from Piru Marandi to Piru Marndi. Henceforth, he shall be known as Piru Marndi for all purposes.

Chanda Murmu

**NOTICE**

By virtue of an affidavit sworn before the Notary Public, Sunabeda dated 27/10/2025 I, Sri Raghu Guntha, S/o-Chaitan Guntha, Vill.-Badaput, Po.- Semala, Ps.-Nandapur, District- Koraput, Odisha declare that, I have changed my son's name from **Parshu Guntha** to **Porsuram Guntha**. Hence-forth, my son shall be known as **Porsuram Guntha** for all purposes.

Sd/- Raghu Guntha

**AFFIDAVIT**

By virtue of an affidavit sworn before the Executive Magistrate, Padampur, I, Yashraj Gupta, At-Padampur W.No.1, Po-Rajborasambar, Ps-Padampur, Dist-Bargarh, Odisha-768036 have changed my name from S. Rajkumar Gupta to Yashraj Gupta. Henceforth I shall be known as Yashraj Gupta for all purposes.

Sd/- Yashraj Gupta

**PUJA OFFER SALE**

Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.

**9437015112**

**AFFIDAVIT**

By virtue of an affidavit executed by Executive Magistrate . Athgarh on Dtd.27 . 10 .2025. I Govinda Sundi S/O Turi Sundi of Village..Orda .P/O.. Gobara P/S.. Gurudijhatia Dist. Cuttack declare that my actual name is Gobinda Sundi but in my Adharcard it was wrongly mentioned as bhuGobind Sundi instead of Gobinda Sundi. Henceforth I Shall be known as Gobinda Sundi in all purpose.

Sd/- Gobinda Sundi

**AFFIDAVIT**

By virtue of an affidavit sworn before the Executive Magistrate, Bhawanipatna, Kalahandi, I, Ashutosh Purohit, Village/Po-Kaudola, Ps- Ampani, Dist-Kalahandi, Odisha, Pin-766019, do hereby that my minor son's correct name is SRINIBAS PUROHIT, but in his Aadhaar wrongly mentioned as SRINIBASH PUROHIT. That both the names are same and one person.

Sd/- Ashutosh Purohit

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. SNTPBBS-122025-OFC

**କାର୍ଯ୍ୟର ନାମ :** ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ଼ ମଣ୍ଡଳର ଝାରସୁଗୁଡ଼ା ରୋଡ଼(RD)-ସିଙ୍ଗାପୁର ରୋଡ଼ (RD) ଜଂକ୍ସନ(Ex), ଲାଞ୍ଜୋଲି(Ex) - ଟିଟିଲାଗଡ଼ ଏବଂ ସମ୍ବଲପୁର ଜଂକ୍ସନ - କେରେଜଙ୍ଗା(Ex) ସେକ୍ସନରେ କବଚ ଏବଂ LTE ନିମନ୍ତେ ଯୋଗାଯୋଗ ବ୍ୟାକ୍‌ବୋନ୍ ଭାବେ ଅପ୍ଟିକାଲ ଫାଇବର କେବୁଲର ଯୋଗାଣ, ପରିବହନ, ଗର୍ତ୍ତ ଖନନ, ବିଛାଇବା, ସଂସ୍ଥାପନ, ପରୀକ୍ଷଣ ଏବଂ ପ୍ରଚଳନ ।

**ଆନୁମାନିକ ମୂଲ୍ୟ (₹) :** 33,90,01,238/-, EMD (₹) : 18,45,000/-, କାର୍ଯ୍ୟ ଶେଷ ହେବା ଅବଧି : 18 (ଅଠର) ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.23.12.2025 ରିଖ 1030 ଘଟିକା ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ଉପ ମୁଖ୍ୟ ସଂକେତ ଏବଂ ଦୂରସଂଚାର ଯନ୍ତ୍ରୀ, (T&NW), ଭୁବନେଶ୍ୱର

PR-149/CI/25-26

**NOTICE**

By virtue of an affidavit sworn before the Notary Public, Cuttack, dated 27.10.2025, I, Anuradha Sahoo, W/o Gyanaranjan Acharya, D/o Harihar Sahoo, permanent resident of At/P.O. - Batira, Dist-Kendrapara, Odisha, Pin-754140 and presently residing at At-Nuabazar, P.O. – Paradeep, Dist-Jagatsinghpur, Odisha, Pin-754142, have changed my name and surname from Anuradha Acharya to Anuradha Sahoo. Henceforth, I shall be known as Anuradha Sahoo for all purposes.

Sd/- Anuradha Sahoo

**Notice (Above 18 years of age)**

By virtue of an affidavit sworn before the Excutive Magistrate,(K) Udala, Mayurbhnaj, dated 13-10-2025 I, Uday Nath Hansdah, Address At/ Po- Gayalmara , Ps- Khunta, Dist- Mayurbhanj, Pin- 757104 declare that I have changed my name Udaya Hansadaha to Uday Nath Hansdah. Henceforth I shall be known as Uday Nath Hansdah for all purposes.

Uday Nath Hansdah

**AFFIDAVIT**

By virtue of an affidavit sworn before the Executive Magistrate, Sambalpur, I, Meenakshi Hota, W/o- Subodh Hota, D/o Sharad Kumar Panda, resident of New Telecom Colony, Modipada, Sambalpur, Odisha, do hereby declare that my name has been wrongly mentioned as Minakhi Hota in my Aadhaar Card No. 2449 6953 4547. My correct name is **Meenakshi Hota** and both names refer to the same person.

**AFFIDAVIT**

By virtue of an affidavit sworn before the Addl. Tahasildar-cum-Executive Magistrate, Boudh, I SUSHIL MEHER, age -27, S/o - Dwaru Meher, resident of Vill.: Jamatangi, Po-Manupali, Ps- Manamunda, Dist.: Boudh-762015 declare by this affidavit no 1495 dated 30/10/2025 my father shall be known as **DUARU MEHER** for all future purposes.

**AFFIDAVIT**

By virtue of an affidavit no-2807 sworn before the Executive Magistrate, Sukinda on dtd-29/10/2025, I **Bhanumati Mohanta,** W/o- Nilamber Mohanta resident of At- Sansailo Tata Colony, Po-Sansailo, Ps- Sukinda, Dist- Jajpur, Pin-755018, I have changed my name from **Bhanumani Mohanta** (old name) to **Bhanumati Mohanta** (new name). Henceforth both the name **Bhanumani Mohanta** and **Bhanumati Mohanta** is one & same person & I shall be known as **Bhanumati Mohanta** for all future purposes.

**Bhanumati Mohanta**

**AFFIDAVIT**

By virtue of an affidavit sworn before the Notary Public, Baripada, District- Mayurbhanj, dated- 30/10/2025, I **Prativa Manjari Dan,** aged 60yrs, W/o-Suresh Chandra Pradhan, resident of At/Po- Takatpur, Ps-Baripada, District- Mayurbhanj, Pin- 757003, Odisha declare that **Prativa Manjari Dan** & **Prativa Manjari Pradhan** is one and same person. The same is mentioned in my daughter's Certificates, daughter's name **Ipsita Pradhan,** and Henceforth shall be used for all purpose.

**AFFIDAVIT**

I Biplab Kumar Jena, age- 48 , of Resident-At/Po- Durpal,Ps-Kamarda,Dist-Balasore , Odisha, declared by affidavit before In The Court of Executive Magistrate , Remuna, No.1143, dtd-17/10/2025 that as per Aadhar my actual name is Biplab Kumar Jena ,wife's name is Madhusmita Dutta and my daughter's name is Akarsha Jena, which has wrongly mentioned in my daughter Birth certificate that Kumari Akarsha Jena , D/o- Biplab Kumar and Madhusmita Jena . Hence I Declared that Kumari Akarsha Jena & Akarsha Jena , Biplab Kumar & Biplab Kumar Jena, Madhusmita Jena & Madhusmita Dutta same and one person for all future purpose.

**AFFIDAVIT**

I, Susmita Behera, W/o-Manoj Kumar Behera, resident of Good Will Residency, Flat No. 201, Block-B, Jail Road, Jharpada, PO- Budheswari Colony, Bhubaneswar, Dist- Khurda, PIN- 751006, Odisha declare by this affidavit No. 289, dtd-30.10.2025 that now onwards I shall be known as **SASMITA BEHERA** for all future purposes.

OFFICE OF THE PRINCIPAL
**Kusum Devi Satsang Women's Degree College, Darakhapatna, Cuttack - 753013**
Email: kdswomensdegreecollege@gmail.com

**WANTED**

As per letter of the Regional Director of Education vide no. 6961 Dt. 28.10.2025, some guest faculties in subjects like Odia, Political Science, Sanskrit are required for engagement. Retired faculties below the age of 69 years may apply through the HIMS Portal on or before 31.10.2025 (Friday).

**Sd/- Principal-cum-Secretary**
Kusum Devi Satsang Women's Degree College, Darakhapatna, Cuttack - 753013

OFFICE OF THE PRINCIPAL
**PRIYADARSHINI INDIRA DEGREE COLLEGE**
**JUNAGARH, DIST: KALAHANDI**
E-mail: pidmahavidyalaya@gmail.com

**WANTED**

Engagement of Guest Faculty Lecturers in the subject of Odia and Education including 01 no. of Junior Clerk, 01 no. of Demonstrator in Geography are wanted on contractual and temporary basis. The retired faculties and Non-Teaching members below the age of 69 years may apply through HIMS portal on or before 31.10.2025 as per letter No. 57198 and No.-57203 dated 23.10.2025, the remuneration for the above positions shall be paid as per the approved norms.

**Sd/- Principal-cum-Secretary**
P.I. Degree College, Junagarh

OFFICE OF THE PRINCIPAL
**MANGALPUR WOMEN'S DEGREE COLLEGE**
**MANGALPUR, JAJPUR**

**WANTED**

As per the notification of DHE, Odisha vide letter no. 57198 and 57203, dtd. 23.10.2025, applications are invited from the eligible retired candidates for engagement of guest faculties in the subject of political science & non teaching posts of Asst. Librarian, Jr. Clerk on contractual basis. Vacancies of said posts are already uploaded in HIMS portal of the college interested candidates shall apply only through HIMS portal before 01.11.2025

NB: The eligibility, remuneration & tenure of contractual engagement shall be made as per Government notification.

**Sd/- Principal-cum-Secretary**
Mangalpur Womens degree college.



### ବିଏମ୍‌ସିର ଉଚ୍ଛେଦ ଅଭିଯାନ

# ଚାରି ନମ୍ବରରେ ଭାଙ୍ଗିଲା; ଡମଣାରୁ ଫେରିଲା

ଭୁବନେଶ୍ୱର, ୩୦।୧୦(ସମିସ): ସହରାଞ୍ଚଳ ପ୍ରଶାସନ ପକ୍ଷରୁ ରାଜଧାନୀରେ ଉଚ୍ଛେଦ ପ୍ରକ୍ରିୟାକୁ ଜୋରଦାର କରାଯାଇଛି। ଗୋଟିଏ ପଟେ ବିଡିଏ ଜବରଦଖଲ ଉଚ୍ଛେଦର ମଙ୍ଗ ଧରିଥିଲା ବେଳେ ଆଉ ଗୋଟିଏ ପଟେ ବିଏମ୍‌ସି ଉଚ୍ଛେଦ ଜାରି ରଖିଛି। ବିଏମ୍‌ସି ପକ୍ଷରୁ ଗୁରୁବାର ୟୁନିଟ୍-୪ ଅଞ୍ଚଳରୁ ୧୫୦ ଉଠା ଦୋକାନକୁ ଉଚ୍ଛେଦ କରାଯାଇଛି। ସେହିପରି ଚନ୍ଦ୍ରଶେଖରପୁର ମଙ୍ଗଳା ମନ୍ଦିର ଜମି ଜବରଦଖଲମୁକ୍ତ କରାଯାଇଥିଲା। ବିଏମ୍‌ସି ମଧ ମାଳିସାହି ଅଞ୍ଚଳରେ କବାଡି ଦୋକାନ ଭାଙ୍ଗିଥିଲା। ଏହା ସହ ୟୁନିଟ୍-୨ ପ୍ରଭୃତି ଅଞ୍ଚଳରୁ ମଧ ଜବରଦଖଲ ଉଚ୍ଛେଦ କରାଯାଇଥିଲା। ଚନ୍ଦ୍ରଶେଖରପୁର ମଙ୍ଗଳା ମନ୍ଦିର ଅଞ୍ଚଳରେ ମଧ ଜବରଦଖଲ ଉଚ୍ଛେଦ ହୋଇଥାନ୍ତା। ଏଠାରେ ଉଚ୍ଛେଦକାରୀ ଦଳକୁ ରାଜନେତା ଏବଂ ଲୋକଙ୍କ ତୀବ୍ର ବିରୋଧର ସମ୍ମୁଖୀନ ହେବାକୁ ପଡ଼ିଥିଲା। ରଶ୍ମୀରେଖା ଜେନା ଉଚ୍ଛେଦକାରୀ ଦଳକୁ ତୀବ୍ର ବିରୋଧ କରିଥିଲେ। ୭ ନମ୍ବର ୱାର୍ଡ଼ର କର୍ପୋରେଟର ଯଶୋଧାରା ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ଉତ୍ତର ବିଏମ୍‌ସିର ଡେପୁଟି କମିସନରଙ୍କୁ କାହା ନିର୍ଦ୍ଦେଶରେ ଭାଙ୍ଗିବା ପାଇଁ ଆସିଛନ୍ତି ତାର ସରକାରୀ ଚିଠି ଦେଖାଅ ବୋଲି କହିଥିଲେ। ଦୋକାନୀମାନେ ରାସ୍ତାଉପରେ କି ଡ୍ରେନ ଉପରେ ବସିନାହାଁନ୍ତି। ଆପଣ କାହିଁକି ଆସି ସେମାନଙ୍କୁ ଉଚ୍ଛେଦ

**■ ଭୁବନେଶ୍ୱରକୁ ଅଚଳ କରିଦେବାକୁ ଉଠାଦୋକାନୀଙ୍କ ଚେତାବନୀ**



କରୁଛନ୍ତି ବୋଲି ପ୍ରଶ୍ନ କରିଥିଲେ। ସେହିପରି ୧୪ନମ୍ବର ୱାର୍ଡ଼ର କର୍ପୋରେଟର ମୋନାଲିସା ସାହୁ ଘଟଣାସ୍ଥଳରେ ପହଞ୍ଚି ଉଚ୍ଛେଦକୁ ବିରୋଧ କରିଥିଲେ। ୨୦ରୁ ଊର୍ଦ୍ଧ୍ୱ ସଂଘର କର୍ମକର୍ତ୍ତାମାନେ ଘଟଣାସ୍ଥଳରେ ପହଁଞ୍ଚି ଏହି ବିରୋଧରେ ସାମିଲ ହୋଇଥିଲେ। ଉଚ୍ଛେଦଗାଡ଼ି ସାମ୍ନାରେ ଛିଡା ହୋଇ ବିରୋଧ ଓ ଆନ୍ଦୋଳନ କରିଥିଲେ। ଘଟଣାସ୍ଥଳରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ପାଖାପାଖି ୨ଘଣ୍ଟା ଧରି ଆନ୍ଦୋଳନ ଚାଲିଥିଲା। ବିରୋଧ ବଢ଼ିବା ପରେ ବିଏମ୍‌ସି କର୍ତ୍ତୃପକ୍ଷ ସେଠାରୁ ଚାଲି ଯାଇଥିଲେ।

ଅନ୍ୟପକ୍ଷରେ କର୍ପୋରେଟରଙ୍କ ଅଜାଣତରେ ଉଚ୍ଛେଦକାର୍ଯ୍ୟ କରାଯାଉଛି ବୋଲି ଅଭିଯୋଗ ହୋଇଥିଲା। ଶ୍ରୀମତୀ ପ୍ରଧାନ ଉଚ୍ଛେଦକାରୀ ଟିମ୍‌କୁ ତାଗିଦ୍ କରି କହିଛନ୍ତି ଯେତେବେଳେ ଯେଉଁ ସମୟରେ ମୋ ୱାର୍ଡ଼କୁ ଆସିବେ, ମୋ ବିନା ଅନୁମତିରେ ପ୍ରବେଶ କରିପାରିବେ ନାହିଁ କିମ୍ବା ଗୋଟିଏ ବି ଦୋକାନ ଉଚ୍ଛେଦ କରିପାରିବେ ନାହିଁ। ଗତ କିଛିଦିନ ହେବ ବିଏମ୍‌ସିର ୩ଟି ୱାର୍ଡ଼ରେ ପାଖାପାଖି ୫ ହଜାରରୁ ଅଧିକ ଉଠାଦୋକାନୀଙ୍କୁ ଉଚ୍ଛେଦ କରିସାରିଲେଣି। ଏହି ଉଚ୍ଛେଦ ଫଳରେ ହଜାର ହଜାର ଉଠାଦୋକାନୀମାନଙ୍କ ପରିବାର ଉଜୁଡ଼ି ଯାଇଛି ବୋଲି ସଂଘ ପକ୍ଷରୁ କୁହାଯାଇଛି।

ୟୁନିଟ୍-୪, କଳ୍ପନା, ଡମଣା, କିଟ୍, କଳିଙ୍ଗ ଷ୍ଟୁଡ଼ିଓ, ପୋଖରୀପୁଟ ଏବଂ ବରମୁଣ୍ଡା ଅଞ୍ଚଳରେ ଉଚ୍ଛେଦ ହୋଇଥିବା ଦୋକାନୀମାନଙ୍କୁ ଯଦି ବିଏମ୍‌ସି ୭ଦିନ ମଧ୍ୟରେ ଥଇଥାନ ନ କରନ୍ତି, ତେବେ ସାରାଭୁବନେଶ୍ୱରକୁ ଅଚଳ କରିଦେବା ସହ ପ୍ରତ୍ୟେକ ସ୍ଥାନରେ ଦୋକାନୀମାନେ ରାସ୍ତାକୁ ଓହ୍ଲାଇବ ବୋଲି ନିଖିଳ ଓଡ଼ିଶା ରାସ୍ତାପାଶ୍ୱ ଉଠାଦୋକାନୀ ମହାସଂଘର ସଭାପତି ପ୍ରତାପ କୁମାର ସାହୁ ରାଜ୍ୟ ସରକାର ଓ ବିଏମ୍‌ସିକୁ ଚେତାବନୀ ଦେଇଛନ୍ତି।

ଛକ, ଡମଣାର ଏମ୍-୨ ଅଞ୍ଚଳରେ ଉଚ୍ଛେଦ ତାଲିକାରେ ଥିଲା ବେଳେ ବିରୋଧ ଯୋଗୁଁ ବନ୍ଦ ରହିଛି। ସହରରେ ଲଗାତାର ଉଚ୍ଛେଦ କାର୍ଯ୍ୟ ଜାରି ରହିବାରୁ ଏହାକୁ ନେଇ ଦୋକାନୀମାନେ ପ୍ରତିକ୍ରିୟାଶୀଳ ହୋଇପଡ଼ିଛନ୍ତି। ଥଇଥାନ ନକରି ଉଚ୍ଛେଦ କଲେ ଦୋକାନୀମାନେ ରାଜରାସ୍ତାକୁ ଓହ୍ଲାଇବେ। ସାରା ଭୁବନେଶ୍ୱରକୁ ଅଚଳ କରିଦେବୁ ବୋଲି ଉଠା ଦୋକାନୀମାନଙ୍କ ସଂଘ ପକ୍ଷରୁ ପ୍ରତିକ୍ରିୟା ପ୍ରକାଶ ପାଇଛି।

ଭୁବନେଶ୍ୱର ରେଳ ଷ୍ଟେସନ ଅଞ୍ଚଳର ନିର୍ମାଣ ପାଇଁ ଗତ କିଛିଦିନ ତଳେ ବିଡିଏ ପକ୍ଷରୁ ଷ୍ଟେସନ ଅଞ୍ଚଳରୁ ୫୦ରୁ ଊର୍ଦ୍ଧ୍ୱ ଦୋକାନ ଭଙ୍ଗାଯାଇ ସରକାରୀ ବିଏମ୍‌ସି ଉଠାଦୋକାନୀ ଆଇନ-୨୦୧୪କୁ ନମାନି ତିନୋଟି ଜୋନରେ ବିଏମ୍‌ସି ଉଚ୍ଛେଦ କରୁଛି ବୋଲି ଅଭିଯୋଗ ହୋଇଥିଲା।

ବିଏମ୍‌ସିର ଉଚ୍ଛେଦକାରୀ ଦଳ ମଙ୍ଗଳା ମନ୍ଦିର ଛକଠାରେ ଉଠାଦୋକାନୀମାନଙ୍କୁ ଜୋର ଜବରଦସ୍ତ ଉଚ୍ଛେଦ କରିବା ପାଇଁ ଯାଇଥିବା ବେଳେ ସମାଜସେବୀ



ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ରାଜଭବନସ୍ଥିତ ଅଭିଷେକ ହଲ୍‌ରେ ପୁରୀ ଶ୍ରୀଜଗନ୍ନାଥ ମନ୍ଦିରର ମହାପ୍ରସାଦ ସେବନ କରି ପବିତ୍ର କାର୍ତ୍ତିକ ମାସ ପାଳନ କରିଛନ୍ତି।

## ଅସୁସ୍ଥତା ବଢ଼ାଉଛି ଜଳବାୟୁ ପରିବର୍ତ୍ତନ

ଭୁବନେଶ୍ୱର, ୩୦।୧୦(ସମିସ): ଜଳବାୟୁ ପରିବର୍ତ୍ତନ ଅସୁସ୍ଥତା ବଢ଼ାଉଛି। ଏଥିପାଇଁ ପ୍ରତ୍ୟେକ ସ୍ତରରେ ସୁଚିନ୍ତିତ ଯୋଜନା ପ୍ରସ୍ତୁତ କରିବାକୁ ପଡ଼ିବ ବୋଲି କାନାଡାସ୍ଥିତ ନର୍ଦନ୍ ଅନ୍ତାରିଓ ସ୍କୁଲ ଅଫ୍ ମେଡିସିନ୍ (ଏନ୍‌ଏସ୍‌ଓଏମ୍) ୟୁନିର୍ଭସିଟିର ଗ୍ୟାଷ୍ଟ୍ରୋଏନ୍‌ଟେରୋଲଜିଷ୍ଟ ଆଣ୍ଡ ହେପାଟୋଲଜିଷ୍ଟ ପ୍ରଫେସର (ଡାକ୍ତର) ଦେବୀ ପ୍ରସାଦ ତ୍ରିପାଠୀ ମତବ୍ୟକ୍ତ କରିଛନ୍ତି। ସୋଆ ପରିଚାଳିତ ଆଇଟିଇଆର ପରିସରରେ ସାଇନ୍ସ ଫର୍ କମନ୍ ପିପୁଲ ସୋସାଇଟି (ସ୍କୋପସ), ଭୁବନେଶ୍ୱର ଚାପ୍ଟରର ଇଣ୍ଡିଆନ୍ ମେଟିଓରୋଲଜିକାଲ୍ ସୋସାଇଟି (ଆଇଏମଏସ୍) ଏସ୍‌ଏନ୍‌ଏମ୍ ଗ୍ରୁପ୍ ଓ ସୋଆର ମିଳିତ ଉଦ୍ୟମରେ ଡିପାର୍ଟମେଣ୍ଟ ଅଫ୍ ସିଭିଲ୍ ଇନଞ୍ଜିନିୟରିଂର ମିଳିତ ସହଯୋଗରେ 'କ୍ଲାଇମେଟ୍, ଏନ୍‌ଭାରମେଣ୍ଟ ଆଣ୍ଡ ସଷ୍ଟେନେବଲ୍ ସୋସାଇଟି' ଉପରେ ଆୟୋଜିତ ପ୍ରଫେସର ମାନସ ରଞ୍ଜନ ଦାସଙ୍କ ସ୍ମାରକୀ ବକ୍ତୃତାମାଳାରେ ବକ୍ତା ଭାବେ ଯୋଗଦେଇ ଶ୍ରୀ ତ୍ରିପାଠୀ ମତବ୍ୟକ୍ତ କରିଛନ୍ତି। ସ୍କୋପସ୍ ସଭାପତି ପ୍ରଫେସର ଉମା ଚରଣ ମହାନ୍ତି ଯୋଗଦେଇ ଜଳବାୟୁ ସୁରକ୍ଷାର ସଚେତନତା ବାର୍ତ୍ତା ତୃଣମୂଳସ୍ତରରେ ପହଞ୍ଚିବା ଆବଶ୍ୟକତା ରହିଥିବା କହିଥିଲେ। କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ଓଡ଼ିଶା ପୁଲିସ ଆଡିସ୍‌ନାଲ ଡିଜି ସୌମେନ୍ଦ୍ର ପ୍ରିୟଦର୍ଶୀ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଚିଫ୍ ଏନ୍‌ଭାଇରନ୍‌ମେଣ୍ଟାଲ ଇଂ (ଏସ୍‌ପିସିବି) ଡ. ନିହାର ରଞ୍ଜନ ସାହୁ, ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ, ସ୍କୋପସର ସଚିବ ନିହାର ରଞ୍ଜନ ଦାସ, ଆଇଟିଇଆରର ନିର୍ଦ୍ଦେଶକ ପ୍ରଫେସର ମାନସ ରଞ୍ଜନ ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ଡ. ସତ୍ୟ ରଞ୍ଜନ ଦାସ ସ୍ୱାଗତଭାଷଣ ଦେଇଥିବା ବେଳେ ଡ. ଅଜୟ ମହାକୁଡ ଧନ୍ୟବାଦ ଅର୍ପଣ କରିଥିଲେ।

## ଏକ୍ସ୍‌ଆଇଏମ୍ ବିଶ୍ୱବିଦ୍ୟାଳୟରେ 'ପ୍ରିଭିଉ ୨୫'



ଭୁବନେଶ୍ୱର, ୩୦।୧୦(ସମିସ) ଏକ୍ସ୍‌ଆଇଏମ୍ ବିଶ୍ୱବିଦ୍ୟାଳୟ (ନୂତନ କ୍ୟାମ୍ପସ) ସ୍କୁଲ ଅଫ୍ କମର୍ସ, ଏହାର କାର୍ଯ୍ୟକାରୀ କମିଟି ଇନ୍‌ନେଏକ୍ସର ମିଳିତ ସହଯୋଗରେ ଏହାର ବାର୍ଷିକ ବ୍ୟବସାୟିକ ସମ୍ମିଳନୀ, 'ପ୍ରିଭିଉ ୨୫' ଅନୁଷ୍ଠିତ ହୋଇଯାଇଛି। ଏହି ବର୍ଷର କଂକ୍ଲେଭ୍‌ର ଥିମ୍ "ଆସନ୍ତାକାଲିର ବଜାର ଗଢ଼ାଣି: ପ୍ରଯୁକ୍ତି, ଆସ୍ଥା ଓ ପରିବର୍ତ୍ତନ"ରହିଥିଲା। ଏକ୍ସଆଇଏମ ବିଶ୍ୱବିଦ୍ୟାଳୟସ୍କୁଲଅଫ୍ କମର୍ସ ଡିନ୍ ପ୍ରଫେସର ପ୍ରଦ୍ୟୁମ୍ନ କୁମାର ମହାନ୍ତିଙ୍କ ଉଦଘାଟନୀ ଅଭିଭାଷଣ ଦେଇଥିଲେ। ଏବଂ ଡଃ. ଫା କେ ଏସ୍ କାସିମୀର ଏବଂ ଫାଏସ୍ ଆଣ୍ଟୋନି ରାଜ୍, ଏସ ଜେ ରେଜିଷ୍ଟ୍ରାର, ଉପସ୍ଥିତ ରହିଥିଲେ। ଏହା ପରେ ଏକ୍ସଆଇଏମ ବିଶ୍ୱବିଦ୍ୟାଳୟର ସ୍କୁଲ ଅଫ୍ କମର୍ସ ପ୍ରଫେସର ଅଭିମନ୍ୟୁ ସାହୁ ବୈଶ୍ୱିକ ଅର୍ଥର ବିକଶିତ ଗତିଶୀଳତା ଉପରେ ଆଲୋକପାତ କରି ଏକ ପ୍ରାରମ୍ଭିକ ମନ୍ତବ୍ୟ ଦେଇଥିଲେ ଯେଉଁଠାରେ ନବସୃଜନ ଏବଂ ଅଖଣ୍ଡତା ହାତରେ ଚାଲିଥାଏ ଏବଂ ପ୍ରଭାବଶାଳୀ ରଣନୈତିକ ଯୋଜନା, ଭୂ-ରାଜନୈତିକ ବିପଦ, ପୁଞ୍ଜି ବଜାର ଏବଂ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଏବଂ ଆର୍ଥିକ ପରିଚାଳନାରେ ଡିଜିଟାଲ୍ ପରିବର୍ତ୍ତନ ଉପରେ ଦୃଷ୍ଟିକୋଣ ଅଂଶୀଦାର କରିଥିବା ବକ୍ତାମାନଙ୍କୁ ସ୍ୱାଗତ କରାଯାଇଥିଲା। ବିଶ୍ୱାସ ଏବଂ ନୈତିକ ନେତୃତ୍ୱର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ବକ୍ତାମାନେ ଗୁରୁତ୍ୱାରୋପ କରିଥିଲେ।

● ଗୃହ ନିର୍ମାଣ ପ୍ଲାନ ଅନୁମୋଦନ ସମସ୍ୟାର ସମାଧାନ ପାଇଁ ନୂଆ ପଦକ୍ଷେପ

## ମାସର ପ୍ରଥମ ଶନିବାରରେ ହେବ ବିଏମ୍‌ସିର ସ୍ୱତନ୍ତ୍ର ଅଭିଯୋଗ ଶୁଣାଣି

ଭୁବନେଶ୍ୱର, ୩୦।୧୦(ସମିସ): ଗୃହ ନିର୍ମାଣ, ଲେଆଉଟ ପ୍ଲାନ ଅନୁମୋଦନ ସମ୍ପର୍କିତ ସମସ୍ତ ସମସ୍ୟାର ସମାଧାନ ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ଅଭିନବ ପଦକ୍ଷେପ। ଏଣିକି ପ୍ରତି ମାସ ପ୍ରଥମ ଶନିବାର ଦିନ ବିଏମ୍‌ସି ପକ୍ଷରୁ ହେବ ଗୃହ ନିର୍ମାଣ, ଲେଆଉଟ୍ ଓ ଅନ୍ୟାନ୍ୟ ପ୍ଲାନିଂ ସଂକ୍ରାନ୍ତ ସମସ୍ୟାର ସମାଧାନ ଏବଂ ସଚେତନତା ପାଇଁ ସ୍ୱତନ୍ତ୍ର ଅଭିଯୋଗ ଶୁଣାଣି ଶିବିର। ପ୍ଲାନିଂ ପାଇଁ ଆବେଦନ କରିଥିବା ବ୍ୟକ୍ତି ବା ଅନୁଷ୍ଠାନର ଯଦି କୌଣସି ସମସ୍ୟା ଥାଏ କିମ୍ବା କୌଣସି କାରଣରୁ ସେମାନଙ୍କର ପ୍ଲାନ ଅନୁମୋଦନ କରାଯାଇ ନଥାଏ, ତେବେ ସେମାନେ ବିଏମ୍‌ସି ମୁଖ୍ୟାଳୟ ପ୍ଲାନିଂ ଉପବିଭାଗରେ ମାସର ପ୍ରଥମ ଶନିବାର ପୂର୍ବାହ୍ନ ୧୧ଟାରୁ ୧ ଘଟିକା ପର୍ଯ୍ୟନ୍ତ ଅନୁଷ୍ଠିତ ସ୍ୱତନ୍ତ୍ର ଅଭିଯୋଗ ଶୁଣାଣି ଶିବିରରେ ଆବଶ୍ୟକ କାଗଜାତ ସହ ଉପସ୍ଥିତ ରହି ସମସ୍ୟା ସମ୍ପର୍କରେ ଅବଗତ କରାଇପାରିବେ। ନିୟମାବଳୀକୁ ଆଧାର କରି ମାସିକିଆ ଅଭିଯୋଗ ଶୁଣାଣି ଶିବିରରେ କମିଶନରଙ୍କ ସହ ବିଏମସିର ବରିଷ୍ଠ ଅଧିକାରୀ, ପ୍ଲାନିଂ ଉପବିଭାଗର ଅଧିକାରୀ ଉପସ୍ଥିତ ରହି ସମସ୍ୟାର ସମୀକ୍ଷା କରିବେ ଏବଂ ଆବଶ୍ୟକୀୟ ପଦକ୍ଷେପ ନେବେ। ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳବାସୀଙ୍କୁ ସହଜରେ ସମସ୍ତ ପ୍ରକାର ସେବା ଯୋଗାଇ ଦେବାକୁ ବିଏମ୍‌ସି ପକ୍ଷରୁ ଉଦ୍ୟମ ଜାରି ରହିଛି। ନାଗରିକମାନେ ଗୃହ ନିର୍ମାଣ ନିମନ୍ତେ ପ୍ଲାନିଂ ଅନୁମୋଦନ ପାଇଁ ଯେପରି ସୁରୁଖୁରୁରେ ହୋଇପାରିବ, ସେଥିପାଇଁ ପ୍ରୟାସ ଆରମ୍ଭ ହୋଇଛି। ଗୃହ ନିର୍ମାଣ ପ୍ଲାନିଂ ଅନୁମୋଦନ ନିମନ୍ତେ ଆବେଦନ କରିଥିବା ବ୍ୟକ୍ତି ବିଶେଷ ବା ଅନୁଷ୍ଠାନ ଏହାର ସୁବିଧା ନେଇପାରିବେ ବୋଲି ବିଏମ୍‌ସି କର୍ତ୍ତୃପକ୍ଷ କହିଛନ୍ତି।

### ପେଟରେ ତୁଳା, ଗଜକପଡ଼ା ମିଳିବା ଘଟଣା

## ଡାକ୍ତରଙ୍କ ଭୁଲ୍ ପାଇଁ ମହିଳାଙ୍କ ମୃତ୍ୟୁ ହୋଇଥିଲା

- ଦୋଷ ଦର୍ଶାଇଲା ମେଡିକାଲ ବୋର୍ଡ, ଚାର୍ଜସିଟ୍ ଦାଖଲ
- ହସ୍ପିଟାଲ ଲାଇସେନ୍ସ ରଦ୍ଦ ସହ ପୀଡ଼ିତାଙ୍କୁ କ୍ଷତିପୂରଣ ଦାବି
- ଅଭିଯୁକ୍ତଙ୍କୁ ଗିରଫ ପାଇଁ ଦାବି ଜୋର୍ ଧରିଲା

ଭୁବନେଶ୍ୱର, ୩୦।୧୦(ସମିସ): ଡାକ୍ତରୀ ଅବହେଳା ଯୋଗୁଁ ଅପରେସନ୍ ବେଳେ ଜଣେ ଗର୍ଭବତୀ ମହିଳାଙ୍କ ପେଟରେ ତୁଳା, ଗଜକପଡ଼ା ରହିଗଲା। ଏହି କାରଣରୁ ପରବର୍ତ୍ତୀ ସମୟରେ ସମ୍ପୃକ୍ତ ମହିଳାଙ୍କ ମୃତ୍ୟୁ ଘଟିଥିଲା। ଏହି ମାମଲାର ତଦନ୍ତ ପାଇଁ ଏକ ଟିମ୍ ଗଠନ କରାଯାଇଥିଲା। ତଦନ୍ତରେ ସାମିଲ ଥିବା ମେଡିକାଲ ବୋର୍ଡର ଟିମ୍ ତଦନ୍ତ ରିପୋର୍ଟ ପ୍ରକାଶ କରିଛି। ରିପୋର୍ଟରେ ବାଲିଅନ୍ତାର ଜୟଦେବ ହେଲଥ କେୟାରରେ ଅପରେସନ୍ କରିଥିବା ନିଆଳିର ସରକାରୀ ହସ୍ପିଟାଲର ଡାକ୍ତର ସଞ୍ଜିତ ମହାପାତ୍ରଙ୍କ ଅବହେଳା ବୋଲି ଦର୍ଶାଯାଇଛି। ରାଜ୍ୟ ମାନବାଧିକାର କମିସନଙ୍କ ନିକଟରେ ଗୁରୁବାର ଏହି ମାମଲାର ଶୁଣାଣି ହୋଇଥିଲା। ପିଟିସନର ସଞ୍ଜିତ ଓ ଜୟଦେବ ହେଲଥ କେୟାରର ଲାଇସେନ୍ସ ରଦ୍ଦ କରିବା, ପୀଡ଼ିତାଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କାର କ୍ଷତିପୂରଣ ଓ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଦାବି କରିଛନ୍ତି।

ସୂଚନାଯୋଗ୍ୟ ଲିଲି ମହାପାତ୍ର ନାମକ ଜଣେ ମହିଳା ଗର୍ଭବତୀ ଥିଲେ। ସେ ବାଲିଅନ୍ତାର ହସ୍ପିଟାଲ ଜୟଦେବ ହେଲଥ କେୟାର ହସ୍ପିଟାଲକୁ ଚିକିତ୍ସା ପାଇଁ ଯାଇଥିଲେ। ସେଠାରେ ତାଙ୍କ ପେଟର ଅପରେସନ ହୋଇଥିଲା ଓ ସେ ଏକ ଶୁଶୁପୁତ୍ରକୁ ଜନ୍ମ ଦେଇଥିଲେ। ପରବର୍ତ୍ତୀ ସମୟରେ ପେଟରେ ଯନ୍ତ୍ରଣା ହେବାରୁ ପୁଣି ସେହି ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ହସ୍ପିଟାଲ କର୍ତ୍ତୃପକ୍ଷ କୌଣସି ଚିକିତ୍ସା ନକରି ବରଂ ତାଙ୍କୁ ଦୁର୍ବ୍ୟବହାର କରି ଫେରାଇଦେଲେ। ସେ ଯନ୍ତ୍ରଣା ସହ୍ୟ କରି ନ କରିପାରି, କ୍ୟାପିଟାଲ୍ ହସ୍ପିଟାଲ, କଟକ ଏସ୍‌ସିବି ଯାଇଥିଲେ। ଶେଷରେ ଏମ୍ସରେ ତାଙ୍କର ମୃତ୍ୟୁ ଘଟିଥିଲା। ପୀଡ଼ିତା ପରିବାରକୁ କୌଣସି ଆଇନର ସହାୟତା ନନେବା ପାଇଁ ଧମକ ଦେଇଥିଲେ। ଏହି ଘଟଣା ଜାଣିବା ପରେ ଫେବୃଆରୀ ମାସ ୨୦୨୪ ମସିହାରେ "ପୀଡ଼ିତାଙ୍କ ମା' ପାଖରେ ପହଞ୍ଚିଥିଲେ ବହୁଜନ ଛାତ୍ର ଓ ଯୁବ ସାମ୍ମୁଖ୍ୟ ର ରାଜ୍ୟ ସଂଯୋଜକ ଅନିଲ୍ କୁମାର ମଲ୍ଲିକ। ଅନିଲ ପୀଡ଼ିତାଙ୍କ ମା' ପ୍ରମିଳା ଦାସଙ୍କୁ ନେଇ ବାଲିଅନ୍ତା ଥାନାରେ ଏତଲା ଦେଇଥିଲେ। ପୁଲିସ ମାମଲା ରୁଜୁ କରିଥିଲା। ହେଲେ ପୁଲିସର ନିଷ୍କ୍ରିୟତା ପାଇଁ ଅନିଲ ମାନବ ଅଧିକାର କମିସନରେ ଅଭିଯୋଗ ଦାୟର କରିଥିଲେ। ମେଡିକାଲ୍ ବୋର୍ଡର ୪ଜଣିଆ ଟିମ୍ ଏହି ମାମଲାର ତଦନ୍ତ କରିଥିଲା।

## ଶାନ୍ତିଧାମ ପକ୍ଷରୁ ଗାଙ୍ଗଟକରେ ହେବ ନବମ ଝୁମ୍ ଇଣ୍ଟରନ୍ୟାସନାଲ୍

ଭୁବନେଶ୍ୱର, ୩୦।୧୦(ସମିସ): ଶାନ୍ତିଧାମ ଫାଉଣ୍ଡେସନ୍?ର ୨୪ ବର୍ଷର ଯାତ୍ରାରେ ନବମ ଆନ୍ତର୍ଜାତୀୟ ଦିବ୍ୟାଙ୍ଗ ପ୍ରତିଭା ଖୋଜ ଅଭିଯାନ 'ଝୁମ୍ ଇଣ୍ଟରନ୍ୟାସନାଲ୍' ଆସନ୍ତା ୯ ତାରିଖ ସିକିମ୍‌ର ଗାଙ୍ଗଟକରେ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମକୁ ସିକିମ୍‌ର ମୁଖ୍ୟମନ୍ତ୍ରୀ ପ୍ରେମ ସିଂହ ତାମାଙ୍ଗ ମୁଖ୍ୟ ଅତିଥି ରୂପେ ଉଦ୍‌ଘାଟନ କରିବେ। ସିକିମ୍ ସେଣ୍ଟ୍ରାଲ୍ ୟୁନିଭର୍‌ସିଟିର କୁଳପତି ଶାନ୍ତନୁ ସ୍ୱାଇଁ, ରାଜ୍ୟସଭା ସାଂସଦ କେ. ସଦାନନ୍ଦ, ଏନଏସଡି ନିର୍ଦ୍ଦେଶକ ବିତ୍ତରଞ୍ଜନ ତ୍ରିପାଠୀ ବିଶିଷ୍ଟ ଅତିଥି ଭାବେ ଉପସ୍ଥିତ ରହିବେ। ଭାରତ, ନେପାଳ, ଭୁଟାନରୁ ଦିବ୍ୟାଙ୍ଗ ପ୍ରତିଭା ସେମାନଙ୍କ ପ୍ରତିଭା ପ୍ରଦର୍ଶନ କରିବେ। ଏହାର ଚୟନ ନ୍ୟାସନାଲ ସ୍କୁଲ ଅଫ୍ ଡ୍ରାମାର ପ୍ରଫେସର ମାନଙ୍କ ଦ୍ୱାରା କରାଯିବ। ଏଥିରେ ସଫଳତା ପାଇଥିବା ଦିବ୍ୟାଙ୍ଗମାନଙ୍କୁ ଝୁମ୍ ଇଣ୍ଟରନ୍ୟାସନାଲ୍ ପ୍ରଥମ, ଦ୍ୱିତୀୟ, ତୃତୀୟ ରାଇଜିଙ୍ଗ ଷ୍ଟାର ଲରେଟସ ପୁରସ୍କାର ପ୍ରଦାନ କରାଯିବ। ଏଥି ସହିତ ବିଭିନ୍ନ ଦିବ୍ୟାଙ୍ଗ ବ୍ୟକ୍ତିତ୍ୱ ମାନଙ୍କୁ ଇଣ୍ଟରନ୍ୟାସନାଲ୍ ଏବଂ ଜାତୀୟ ସ୍ତରରେ ଚୟନ କରାଯାଇ 'ଝୁମ୍ ଇଣ୍ଟରନ୍ୟାସନାଲ ଏକ୍‌ସେଲେନ୍ସ ଆୱାର୍ଡ଼' ପ୍ରଦାନ କରାଯିବ। ଦିବ୍ୟାଙ୍ଗ ବ୍ୟକ୍ତିମାନଙ୍କ ନିଷ୍ଠା, ସଫଳତା ଓ ସଂଘର୍ଷକୁ ଉଦ୍ଦେଶ୍ୟ କରି ଏକ ଆନ୍ତର୍ଜାତୀୟ ପ୍ରତିକା 'ସମର୍ଥ' ମୁଖ୍ୟ ଅତିଥ ଏବଂ ଅନ୍ୟ ସମ୍ମାନୀୟ ଅତିଥି ମାନଙ୍କ ଦ୍ୱାରା ପ୍ରକାଶିତ କରାଯିବ। ଡ଼ିଜିଟାଲ୍ ପ୍ରମୋସନ୍ ମାଧମରେ ସମସ୍ତ ପ୍ରଦର୍ଶନ ଓ ସଫଳତା ସବୁ ସାମାଜିକ ଗଣମାଧମରେ ମାଧମରେ ପ୍ରସାରିତ ହେବ। ଝୁମ୍ ଇନ୍ଟରନ୍ୟାସନାଲ କେବଳ ଏକ ପ୍ରତିଭା ପ୍ରତିଯୋଗିତା ନୁହେଁ ଏହା ହେଉଛି ସହନଶୀକତା, ସୃଜନଶୀଳତା ଓ ଆଶାର ଜାଗତିକ ଉତ୍ସବ। ୨୪ ବର୍ଷ ଧରି ଶାନ୍ତିଧାମ ଫାଉଣ୍ଡେସନ୍ ସମାବେଶୀ ପରିବେଶ ଗଢ଼ି ତୋଳିଛି। ଯେଉଁଠାରେ ପ୍ରତ୍ୟେକ ସେ କେମିତି ନା ହୁଅନ୍ତୁ, ନିଜ ପତ୍ରିଭା ଦେଖାଇ ଅନ୍ୟମାନଙ୍କୁ ପ୍ରେରଣା ଦେଉଛନ୍ତି। ଏହି ପ୍ରୟାସ ମାନବୀୟ ଆତ୍ମା ଓ ଅସୀମ ସମ୍ଭାବନାର ପ୍ରତିକ ବୋଲି ଶାନ୍ତିଧାମ ଫାଉଣ୍ଡେସନର ମୁଖ୍ୟ ସୌଭାଗ୍ୟ ରାଉତରାୟ କହିଛନ୍ତି।

## କର୍ମଚାରୀ ନେତା ଦର୍ପ ନାରାୟଣଙ୍କ ପରଲୋକ

ଭୁବନେଶ୍ୱର, ୩୦।୧୦(ସମିସ): ବରିଷ୍ଠ ଯନ୍ତ୍ରୀ ତଥା କର୍ମଚାରୀ ନେତା ଦର୍ପ ନାରାୟଣ ଦାସ(୮୫)ଙ୍କ ବ୍ରହ୍ମେଶ୍ୱରପାଟଣାସ୍ଥିତ ବାସଭବନରେ ଦେହାନ୍ତ ହୋଇଯାଇଛି। ସେ ଓଡ଼ିଶା ଡିପ୍ଲୋମା ଇଞ୍ଜିନିୟର୍ସ ଆସୋସିଏସନ୍‌ର ପୂର୍ବତନ ସଭାପତି ଓ ସେବା ସଂଘ ପ୍ରତିଷ୍ଠାତା ଭାବେ ପରିଚିତ। ଜନ୍ମ ମାଟି ଜଗତସିଂହପୁରର ବାଗଲପୁରଠାରେ ଅନ୍ତେଷ୍ଟି କାର୍ଯ୍ୟ ସମ୍ପନ୍ନ ହୋଇଯାଇଛି। ବଡ଼ପୁଅ ଦେବ ନାରାୟଣ ତାଙ୍କୁ ମୁଖାଗ୍ନି ଦେଇଥିଲେ। କର୍ମଚାରୀ ନେତା ଗଗନ ଭଞ୍ଜ, ତପନ ଭଞ୍ଜ ଉପସ୍ଥିତ ଥିଲେ।

## ସଂସ୍କୃତି ବିଶ୍ୱବିଦ୍ୟାଳୟରେ ନବୀନ ବରଣ



ଭୁବନେଶ୍ୱର, ୩୦।୧୦(ସମିସ): ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ନବୀନ ବରଣ ଉତ୍ସବ-୨୦୨୫ ଅନୁଷ୍ଠିତ ହୋଇଯାଇଛି। ଏହାକୁ କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୁଳସଚିବ ଅନାମିକା ଅଧିକାରୀ, ପରୀକ୍ଷା ନିୟନ୍ତ୍ରକ ପ୍ରଫେସର ଧରଣୀଧର ରଣା, ବିତ୍ତ ନିୟନ୍ତ୍ରକ ସୁନନ୍ଦା ଷଡ଼ଙ୍ଗୀ, ସ୍ନାତକୋତ୍ତର ବିଭାଗ ମୁଖ୍ୟ ପ୍ରଫେସର ଚକ୍ରଧର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ସହକାରୀ ପ୍ରଫେସର ଡ. ଆଶିଷ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ଡ. ଲକ୍ଷ୍ମଣ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉପଲକ୍ଷେ ବିଶ୍ୱବିଦ୍ୟାଳୟ ପକ୍ଷରୁ ନବାଗତ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟାପକ ଡ. ଜ୍ଞାନରଞ୍ଜନ ପଣ୍ଡାଙ୍କ ଦ୍ୱାରା ପରିଚାଳିତ ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ପ୍ରଣବ କୁମାର ନାୟକ।

### ଦିଅଁଙ୍କ ଉପବାସ

## ଶ୍ରଦ୍ଧାଳୁଙ୍କ ଧର୍ମୀୟ ଭାବନାକୁ ଆଘାତ

ଭୁବନେଶ୍ୱର, ୩୦।୧୦(ସମିସ): ଧର୍ମ ମାସ ତଥା କାର୍ତ୍ତିକ ମାସ କୁହାଯାଉଥିବା ଏହି ମାସରେ ୨୪ ଘଣ୍ଟା ଉପବାସ ରହିଲେ ଲିଙ୍ଗରାଜ। ବୁଧବାର ସକାଳଠାରୁ ଉପବାସ ରହିବା ପରେ ଗୁରୁବାର ଲିଙ୍ଗରାଜ ମନ୍ଦିରରେ ନୀତିକାନ୍ତି ସ୍ୱାଭାବିକ ହୋଇଛି। ଗୁରୁବାର ଅନ୍ୟ ସେବାୟତଙ୍କ ପକ୍ଷରୁ ସିଂହଦ୍ୱାରା ଫିଟାଯାଇ ଦିଅଁଙ୍କର ମହାସ୍ନାନ ମଙ୍ଗଳ ଆଳତି, ଅବକାଶ ପୂଜା, ଦ୍ୱାରପାଳ ପୂଜା ପରେ ପରେ ପ୍ରଶାସନ ପକ୍ଷରୁ ଶିଶିର ସାମର୍ଥାଙ୍କୁ ନିଅଂଶ ପାଳି ସେବା କରିବା ପାଇଁ କୁହାଯିବା ସହିତ ଲିଖିତ ଆକାରରେ ଦିଆଯାଇଥିଲା। ଯଦ୍ୱାରା ଦିଅଁଙ୍କର ସାଧାରଣ ଦର୍ଶନ ସରିବା ପରେ ରୋଷ ହୋମ ହେବା ସହ ସାମର୍ଥାଙ୍କ ପକ୍ଷରୁ ବିରି ବଟା, ଚୁନା କୁଟା କରି ମହାସୁଆରଙ୍କୁ ଦେବା ପରେ ଦିଅଁଙ୍କର ଅନ୍ୟାନ୍ୟ ନୀତି ବଢ଼ିଥିଲା। ନିତୀକାନ୍ତି ସ୍ୱାଭାବିକ ହେବାରେ ଶ୍ରଦ୍ଧାଳୁଙ୍କ ସମେତ ହବିଷାଳିମାନେ ଆଶ୍ୱସ୍ତି ଅନୁଭବ କରିଥିଲେ। ତେବେ ଠାକୁରଙ୍କ ନୀତି ବନ୍ଦ ହେବା ଏବଂ ଦିଅଁ ଉପବାସ ରହିବା ଏହା କେତେ ଦୂର ଯଥାର୍ଥ ବୋଲି ସାଧାରଣରେ ପ୍ରଶ୍ନ ଉଠୁଛି।

ଏନେଇ ପ୍ରଶାସନ ପକ୍ଷରୁ ଅନ୍ୟ ଏକ ସେବାୟତଙ୍କୁ ସେବା କାର୍ଯ୍ୟ କରିବା ପାଇଁ କରିବା ପାଇଁ ଲିଖିତ ଆକାରରେ ଦିଆଯିବା ସହ ଆଗକୁ ବସିବାକୁ ଥିବା ମନ୍ଦିର ଟ୍ରଷ୍ଟବୋର୍ଡ଼ ବୈଠକରେ ଏହି ସେବାୟତଙ୍କ ନାମକୁ ଅନୁମୋଦନ କରିବାପାଇଁ ଆଲୋଚନା ହେବ ବୋଲି ଲିଙ୍ଗରାଜ ମନ୍ଦିରର ଅତିରିକ୍ତ ଜିଲ୍ଲାପାଳ ରୁଦ୍ରନାରାୟଣ ମହାନ୍ତି କହିଛନ୍ତି।

**■ ସ୍ୱାଭାବିକ ହେଲା ଶ୍ରୀଲିଙ୍ଗରାଜଙ୍କ ନୀତିକାନ୍ତି**

ବୁଧବାର ସାମର୍ଥା ସେବାୟତଙ୍କ ପକ୍ଷରୁ ଜଣେ ସେବାୟତଙ୍କର ନିଅଂଶ ସେବା ପାଳି ରହିଥିଲା। ଏହି ସେବା ଅନ୍ୟଜଣେ ସେବାୟତ କରୁଥିବାରୁ ସେ ସେବା କରିବା ପାଇଁ ମନା କରିଦେଲେ। ଯଦ୍ୱାରା ଦିଅଁଙ୍କ ପାଖରେ ଭୋଗ ଲାଗି ପାରିଲା ନାହିଁ କି ଅନ୍ୟ ନୀତି ମଧ ହେଲାନାହିଁ। ଏଥିପାଇଁ ଲିଙ୍ଗରାଜଙ୍କୁ ୨୪ଘଣ୍ଟା ଖାଡ଼ା ଉପବାସ ରହିବାକୁ ପଡ଼ିଥିଲା। ପରେ ଏହି ଖବର ପ୍ରକାଶ ପାଇବାରୁ ବିଭିନ୍ନ ମହଲରେ ଏହାକୁ ନିନ୍ଦା କରାଯାଇଥିଲା। କାର୍ତ୍ତିକ ମାସ ଚାଲିଥିବାରୁ ଠାକୁରଙ୍କୁ ଏମିତି ଉପବାସ ରଖିବା ଏହା କେତେ ଦୂର ଠିକ୍ ଏବଂ ହବିଷାଳିଙ୍କ ସମେତ ଶ୍ରଦ୍ଧାଳୁମାନେ ପ୍ରସାଦ ପାଇବାରୁ ବଞ୍ଚିତ ହେଲେ ଏହା ସମସ୍ତଙ୍କ ମନକୁ କୁଠାରଘାତ ପହଞ୍ଚାଇଥିଲା।



### ମତାମତ

ହବିଷ ତାଙ୍କ ନାଁ ନେଇ କରୁଛୁ। ଯଦି ସେ ଉପବାସ ରହିବେ ତେବେ ଏ ହବିଷ କରିକି କି ପୂର୍ଣ୍ଣ ଅର୍ଜନ କରିପାରିବୁ। କାଲି ଦିଅଁ ଉପବାସ ରହିଲେ ଆମେ ବି ଉପବାସ ରହିଲୁ।
-ଶ୍ୟାମାମଣି ଦେବୀ, ହବିଷାଳି

ଏମିତି ଦିନ ଆଉ କେବେ ଦେଖିବାକୁ ନ ମିଳୁ। ଆମକୁ ଭୋକ ଲାଗିଲେ ଆମେ ରହିପାରୁନାହାନ୍ତି। ଯିଏ ଆମକୁ ସବୁ ଦେଲେ ଆମେ ତାଙ୍କୁ ଉପବାସ ରଖିଦେଲେ। ଏହିକଥା ବହୁତ କଷ୍ଟ ଦେଇଛି।
-କୁନ୍ତଳା ରାଉତ, ହବିଷାଳି

ଲିଙ୍ଗରାଜଙ୍କୁ ଦର୍ଶନ କରିବା ସହିତ ପ୍ରସାଦ ପାଇବାକୁ ବହୁତ ଦୂରରୁ ଆସିଥିଲି ହେଲେ ଦିଅଁ ଉପବାସ ରହିବା ସହିତ ପ୍ରସାଦ ମଧ ମିଳିଲା ନାହିଁ। ଏମିତି ଆଉ କେଉଁ ଜିଲ୍ଲା କିମ୍ବା ରାଜ୍ୟରେ ହେଉନାହିଁ। ବାହାରୁ ବହୁତ ପର୍ଯ୍ୟଟକ ଆସୁଛନ୍ତି କ'ଣ ଅନୁଭବ ନେଇ ଫେରୁଥିବେ ତାହା ଚିନ୍ତା କରିବା ସବୁଠାରୁ ବଡ଼କଥା।
-ଲିପ୍ସା ରାଉତରାୟ, ଶ୍ରଦ୍ଧାଳୁ, ସୁନ୍ଦରଗଡ଼

ଏଥିପାଇଁ ସେବାୟତ, ପ୍ରଶାସନ, ସରକାର ସମସ୍ତେ ଦାୟୀ। ଯେଉଁଠି ଆମର ଆରାଧ ଉପବାସ ରହୁଛନ୍ତି ସେଠାରେ ଆଉ କାହାକୁ କଣ ବା କହିବା। ବଡ଼ବଡ଼ କଥା କହିବା ଛାଡ଼ି ଏପରି ଭୁଲ୍ ଯେମିତି ପୂର୍ନବାର ନହୁଏ ଏହା ଉପରେ ଧ୍ୟାନ ଦେବା କଥା
-ଦେବରାଜ ଦାସ, ଶ୍ରଦ୍ଧାଳୁ, ପୁରୀ



# ମହିଳାଙ୍କୁ ଆତ୍ମନିର୍ଭର କରିଛି ମିଲେଟ୍

## ୨୦୧୭ରେ ଆରମ୍ଭ ହୋଇଥିଲା 'ଓଡ଼ିଶା ମିଲେଟ୍ ମିଶନ୍'

ଭୁବନେଶ୍ୱର, ୩୦।୧୦(ସମିସ): ବିବାହ ବାର୍ଷିକୀ ହେଉ ଅବା ଜନ୍ମଦିନରେ କେକ୍ କାଟିବା ଏକ ସାଧାରଣ କଥା। କେବଳ କେକ୍ ନୁହେଁ କୁକିଜ୍, ଚକୋଲେଟ୍, ପିଠା ଆଦି ମିଲେଟରୁ ପ୍ରସ୍ତୁତ ହେଉଥିବାରୁ ମା' ମାନେ ନିଜ ପିଲମାନଙ୍କ ଖାଇବା ମେନ୍ୟୁରେ ମଧ ଯୋଡ଼ିଛନ୍ତି। ତେବେ ଏଭଳି ବିଭିନ୍ନ ପ୍ରକାର ମିଲେଟ୍ ଖାଦ୍ୟ ପ୍ରସ୍ତୁତ କରି ଆତ୍ମନିର୍ଭର ହୋଇପାରିଛନ୍ତି ଭରତପୁରର ଅଞ୍ଚଳର ସମୀକ୍ଷା। ଉଚ୍ଚଶିକ୍ଷା ପରେ ସମୀକ୍ଷା ଘରେ ରହି ଚାକିରୀ ଖୋଜୁ ଖୋଜୁ ଗଣମାଧ୍ୟମ ଜରିଆରେ ମିଲେଟ୍ ଉପରେ ଅଧିକ ଜାଣିବାକୁ ପାଇବା ସହ ନିଜେ ମିଲେଟସ୍ ଖାଦ୍ୟ ତିଆରି କରିବା ଆରମ୍ଭ କଲେ। ୟୁଟ୍ୟୁବ୍‌ରେ ପ୍ରସ୍ତୁତି ପ୍ରଣାଳୀ ଶିଖି ଧିରେ ଧିରେ ସ୍ଥାନୀୟ ଲୋକଙ୍କୁ ବିକ୍ରି କରିଥିଲେ। ପରବର୍ତ୍ତୀ ସମୟରେ ମିଲେଟ୍ ବିଷୟରେ ଜାଣି ନ ଥିବା ଲୋକେ ମିଲେଟ୍‌ର ଫ୍ୟାନ୍ ପାଲଟିଯାଇଛନ୍ତି। ଜିରା କୁକିଜ୍, ବ୍ରାଉନି, ବ୍ରେଡ୍, ବିସ୍କୁଟ, ନାନ୍ ଖଟାଇ, କଫି ଆଲମୋଣ୍ଡ କୁକିଜ୍, ଚକୋ ଚିପସ୍ ଆଦି ବିଭିନ୍ନ ଚଟ୍‌ପଟା ଖାଇବା ପ୍ରସ୍ତୁତ କରି ଉଭୟ ଅନ୍‌ଲାଇନ୍ ଓ ଅଫ୍ ଲାଇନ୍‌ରେ ବିକ୍ରି କରୁଛନ୍ତି ସମୀକ୍ଷା। ଏହାସହ ୟୁଟ୍ୟୁବ୍, ଫେସବୁକ୍ ଓ ତାଙ୍କ ୱେବସାଇଟ୍‌ରେ ମଧ ବହୁତ ସଂଖ୍ୟାରେ ଅର୍ଡର ଆସୁଥିବା ବେଳେ ଜର୍ମାନୀରୁ ଭୁବନେଶ୍ୱର ଆସିଥିବା ତାଙ୍କର ନିୟମିତ ଗ୍ରାହକ ବହୁ ପରିମାଣରେ ମିଲେଟ୍ ପ୍ରସ୍ତୁତ ଖାଦ୍ୟ ନେଉଥିବା ସେ କହିଛନ୍ତି। ସବୁଠାରୁ ବଡ଼କଥା ହେଉଛି ବର୍ତ୍ତମାନ ଛୋଟପିଲା, ଗର୍ଭବତୀ ମହିଳା, ବିଭିନ୍ନ ରୋଗରେ ଆକ୍ରାନ୍ତ ବ୍ୟକ୍ତି ଓ ଡାକ୍ତରମାନେ ଅଧିକ ଅର୍ଡର କରୁଥିବା ବେଳେ ବଡ଼ବଡ଼ ଅନୁଷ୍ଠାନ ହେଉ ଅବା କର୍ପୋରେଟ୍ ସଂସ୍ଥାର ପ୍ରତିଷ୍ଠା ଦିବସ, ଜନ୍ମଦିନ, ବିବାହବାର୍ଷିକୀ, ଫ୍ରେଣ୍ଡସିପ୍ ଡେ ଆଦି ବିଭିନ୍ନ ଅକେଜନ୍ ରେ ମିଲେଟ୍ କେକ୍ ଅର୍ଡର ତାଙ୍କ ନିକଟକୁ ଆସୁଛି। ଆଜିର ସମୟରେ ସୁସ୍ଥ ସ୍ୱାସ୍ଥ୍ୟ ସମସ୍ତଙ୍କ ପାଇଁ ଏକ ଆହ୍ୱାନ ପାଲଟିଥିବା ବେଳେ ଏଥିପ୍ରତି ସମସ୍ତେ ସଜାଗ ରହିବା ଉଚିତ୍। କାରଣ ନିଜ ସ୍ୱାସ୍ଥ୍ୟ ସୁରକ୍ଷା ନିଜ ହାତରେ। ଜୀବନଶୈଳୀ ଓ ଖାଦ୍ୟପେୟକୁ ପରିବର୍ତ୍ତନ କଲେ ହି ଆମେ ନିରୋଗ୍ୟ ଜୀବନ ବଞ୍ଚିବା ବୋଲି ସେ କହିଛନ୍ତି। ତେବେ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ମିଲେଟ୍ କ୍ଷୁଦ୍ର ଖାଦ୍ୟ ଶସ୍ୟ ଜାତୀୟ ଖାଦ୍ୟର ପ୍ରଚାରପ୍ରସାର ଓ ଖାଦ୍ୟ ଥାଳିରେ କ୍ଷୁଦ୍ର ଶସ୍ୟର ପୁନରୁଦ୍ଧାର ପାଇଁ ୨୦୧୭ ମସିହାରେ ରାଜ୍ୟ ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଥିଲା 'ଓଡ଼ିଶା ମିଲେଟ୍ ମିଶନ୍' (ବର୍ତ୍ତମାନ ଶ୍ରୀ ଅନ୍ନ ଅଭିଯାନ) ମିଲେଟ୍ ମିଶନ୍ ମାଧ୍ୟମରେ ଗ୍ରାମୀଣ ମହିଳାଙ୍କ ସହିତ ସହରାଞ୍ଚଳ ମହିଳା ମଧ ରୋଜଗାରକ୍ଷମ ହୋଇପାରୁଛନ୍ତି।



- ଜନ୍ମଦିନ ଓ ବିବାହ ବାର୍ଷିକୀରେ ମିଲେଟ୍ କେକ୍‌ର ଚାହିଦା
- ସବୁ ବର୍ଗଙ୍କ ଚାହିଦାରେ ମିଲେଟ୍ କୁକିଜ୍ ଓ କଫିନ୍ କେକ୍





## ପୂର୍ବତନ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ଉମାକାନ୍ତ ମହାପାତ୍ରଙ୍କ ପରଲୋକ



ଭୁବନେଶ୍ୱର, ୩୦।୧୦(ସମିସ): ପାଟକୁରା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଗରଦପୁର ବ୍ଲକ ଅଧିନ କୋଶିଦା ଗ୍ରାମର ବିଶିଷ୍ଟ ଶିକ୍ଷାବିତ ଉମାକାନ୍ତ ମହାପାତ୍ରଙ୍କର ଗୁରୁବାର ଦେହାନ୍ତ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୯୪ ବର୍ଷ ହୋଇଥିଲା। ଓଡ଼ିଶା ସରକାରଙ୍କର ବହୁ ଉଚ୍ଚପଦରେ ଅବସ୍ଥାପିତ ହୋଇ ସେ ଦକ୍ଷତାର ସହ କାର୍ଯ୍ୟ କରି ସୁନାମ ଅର୍ଜନ କରିଛନ୍ତି। ସେ ରେଭେନ୍ସା ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଓ ମାଧ୍ୟମିକ ଶିକ୍ଷା ବିଭାଗର ନିର୍ଦ୍ଦେଶକ ରହିଥିଲେ। ତାଙ୍କ ବଡଭାଇ ବରିଷ୍ଠ ପ୍ରଶାସକ ଜ୍ଞାନପୀଠ ବିଜେତା ସୀତାକାନ୍ତ ମହାପାତ୍ର, ତାଙ୍କ ସାନପୁଅ ଆସାମ ଅତିରିକ୍ତ ପ୍ରମୁଖ ମୁଖ୍ୟ ବନ୍ୟସଂରକ୍ଷକ ସୁମନ ମହାପାତ୍ର ଉପସ୍ଥିତ ରହିବା ସହ ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ବଡ ପୁଅ ପୂର୍ବତନ ଏଲଆଇସି ଅଧିକାରୀ ରଞ୍ଜନ ମହାପାତ୍ର ମୁଖାଗ୍ନି ଦେଇଥିଲେ। ସେ ଗାଁ ପାଇଁ ଥିଲେ ଜଣେ ଦରଦୀ ବନ୍ଧୁ। ତାଙ୍କ ବିୟୋଗରେ ପାଟକୁରା ଅଞ୍ଚଳରେ ଶୋକରେ ଛାୟା ଖେଳିଯାଇଛି। ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ସାଂସଦ ବୈଜୟନ୍ତ ପଣ୍ଡା ଓ ଅରବିନ୍ଦ ମହାପାତ୍ର ଶୋକ କରିବା ସଙ୍ଗେ ଶୋକସନ୍ତପ ପରିବାର ପ୍ରତି ସମବେଦନା ଜଣାଇଛନ୍ତି।

## ପାତ୍ରପଡ଼ାରେ କର୍ତ୍ତିକେଶ୍ୱର୍ ପୂଜା ପ୍ରସ୍ତୁତି

ଯାଁଳା, ୩୦।୧୦ (ସମିସ): ପାତ୍ରପଡ଼ା ସ୍ଥିତ ଗାନ୍ଧୀ ଚଉତରା ଠାରେ ୧୬ ତମ ବାର୍ଷିକ କାର୍ତ୍ତିକଶ୍ୱର ପୂଜାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ କର୍ପୋରେଟର ରଶ୍ମି ରଞ୍ଜନ ପାଟଶାଣୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କାର୍ତ୍ତିକେ ସ୍ୱର୍ ପୂଜା କମିଟିର ସଦସ୍ୟମାନେ ଉପସ୍ଥିତ ରହି ଆସନ୍ତା ନଭେମ୍ବର ୧ ତାରିଖ ଠାରୁ ୭ ତାରିଖ ପର୍ଯ୍ୟନ୍ତ ପାଳନ କରିବାପାଇଁ ନିଷ୍ପତ୍ତି ନିଆଯାଇଥିଲା। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ପ୍ରଥମ ଦୁଇଦିନ ସନ୍ଧ୍ୟାରେ ସ୍ଥାନୀୟ କଳାକାର ମାନଙ୍କ ଦ୍ୱାରା ଡ୍ୟାନ୍ସ ପ୍ରତିଯୋଗିତା ଅନୁଷ୍ଠିତ ହେବ। ନଭେମ୍ବର ୩ ତାରିଖ ଠାରୁ ୫ ତାରିଖ ସନ୍ଧ୍ୟାରେ ମେଲୋଡି କାର୍ଯ୍ୟ କ୍ରମ ସହିତ ୬ ତାରିଖ ସନ୍ଧ୍ୟା ରେ କପିଳେଶ୍ୱର ଦିବ୍ୟାଙ୍ଗ ମାନଙ୍କ ଦ୍ୱାରା ଭଜନ ପରିବେଷଣ କରାଯିବ। ଶେଷ ୭ ତାରିଖ ଭସାଣି କାର୍ଯ୍ୟ କ୍ରମ ଅନୁଷ୍ଠିତ ହେବ। ଏହି ବୈଠକରେ ଜାନକୀ ବଲ୍ଲଭ ପଟ୍ଟନାୟକ, ଦୁଃଶାସନ ରଥ, ଅଭିମନ୍ୟୁ ଚମ୍ପତି, ରବୀନ୍ଦ୍ର ନାଥ ସାହୁ, ସତ୍ୟ ନାରାୟଣ ମହାନ୍ତି, ଡମ୍ବରୁ ଧର ରାଉତରାୟ, ଜଗତ୍ ଜିବନ ପାଟ ସାଣି, କୀର୍ତ୍ତି ରଞ୍ଜନ ଜେନା, ପ୍ରଶାନ୍ତ ପରିଡ଼ା, ସୁରେଶ ମହାରଣା ରାଜୀବ ବଳବନ୍ତରାୟ ଶିବଦତ ଚମ୍ପତି ଓ ସତ୍ୟନାରାୟଣ ପ୍ରମୁଖ ବହୁ ସଭ୍ୟ ଉପସ୍ଥିତ ଥିଲେ।

## ଗାଈପୂଜା କଲେ ଓଲିଉଡ୍ କଳାକାର



ଭୁବନେଶ୍ୱର, ୩୦।୧୦(ସମିସ): କଳିଙ୍ଗ ଯୁବ ସେନା ପକ୍ଷରୁ ପବିତ୍ର ଗୋପାଷ୍ଟମୀ ପାଳନ କରାଯାଇଛି। ଏଥିରେ ଅନୁଷ୍ଠାନର ଥିବା ଗୋରୁ ଗାଈ ସହ ବୁଲା ଗୋରୁଙ୍କର ପୂଜା କରାଯାଇଥିଲା। ଗାଈମାନଙ୍କୁ ବିଭିନ୍ନ ଫଳ ଓ ଖେଚୁଡ଼ି ଖାଇବାକୁ ଦିଆଯିବା ସହ ୧୦୮ ହନୁମାନ ଚାଳିଶା ପାଠ କରାଯାଇଥିଲା। କାର୍ଯ୍ୟକ୍ରମରେ ଓଲିଉଡର ଅଭିନେତା ବାବୁସାନ ମହାନ୍ତି, ଦୈନିକ ସମାଜର ପ୍ରାକ୍ତନ ସମ୍ପାଦକ, ପ୍ରକାଶକ ଓ ମୁଦ୍ରାକର ପ୍ରଭାସ ଆଚାର୍ଯ୍ୟ, ଅଭିନେତା ଅର୍ଦ୍ଧେନ୍ଦୁ, ବିଧାୟକ ସୌଭିକ ବିଶ୍ୱାଳ, କିଟ୍ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶିକା ଶ୍ରଦ୍ଧାଞ୍ଜଳି ନାୟକ, ସମାଜସେବୀ ଅମରେଶ ପରିଡ଼ା, ଅନୁଷ୍ଠାନର ପ୍ରତିଷ୍ଠାତା ଚନ୍ଦ୍ରଶେଖର ଦାସ ଯୋଗଦେଇ ଗୋପୂଜା କରିଥିଲେ। ଏହି ଅବସରରେ ଅଭିନେତା ବାବୁସାନ ଗୋମାତାମାନଙ୍କୁ ପୂଜା କରିବା ସହ ସେମାନଙ୍କୁ ଫଳ ଖାଇବାକୁ ଦେଇଥିଲେ। ସେହିଭଳି ତୁଷାର ଚାରିଟେବୁଲ ଟ୍ରଷ୍ଟର ସମ୍ପାଦକ ବିବେକାନନ୍ଦ ବାରିକଙ୍କ ସହିତ ଅନେକ ସମାଜସେବୀ ଓ କୃଷ୍ଣଭକ୍ତ, ଗୋସେବକ, ସୁନାଭାଇ, ସଂଗ୍ରାମ ଜେନା, ବିଶ୍ୱରଞ୍ଜନ ନାୟକ, ଭାଗିରଥି ଶାନ୍ତି, ମନୋରଞ୍ଜନ ମହାନ୍ତିଙ୍କ ସମେତ ଭୁବନେଶ୍ୱର ସହିଦନଗରସ୍ଥିତ ସୁନ୍ଦରୀ ଗୋସେବା କେନ୍ଦ୍ରରେ ଗୋମାତାଙ୍କୁ ପୂଜା କରିବା ସହିତ ବିଧି ମୁତାବକ ରୁଟି, କାକୁଡ଼ି, ମକା, ଗାଜର, ପାଚିଲା କଦଳୀ ଓ ସେଓ ଇତ୍ୟାଦି ଖୁଆଇଥିଲେ।

## ୮୮ତମ ସଂସ୍କୃତି ଚର୍ଚ୍ଚା ସମାରୋହ

## 'ନୌବାଣିଜ୍ୟ ଓଡ଼ିଶାର ଅର୍ଥନୈତିକ, ସାମାଜିକ ତଥା ସାଂସ୍କୃତିକ ବିଭବର ପରିଚୟ'

ଭୁବନେଶ୍ୱର, ୩୦।୧୦(ସମିସ): ନୌବାଣିଜ୍ୟ ଓଡ଼ିଶାର ଅର୍ଥନୈତିକ, ସାମାଜିକ ତଥା ସାଂସ୍କୃତିକ ବିଭବର ପରିଚୟ। ଶହ ଶହ ବର୍ଷ ଧରି ଓଡ଼ିଶାର ଅର୍ଥନୀତିକୁ ଏହା ସମୃଦ୍ଧ କରି ଆସିଛି। କୌଣସି ବୈଜ୍ଞାନିକ ପଦ୍ଧତିର ସାହାଯ୍ୟ ବିନା ଉତ୍କଳୀୟ ବଣିକମାନେ ସାତ ସମୁଦ୍ର ତେର ନଈ ପାରକରି ବିଭିନ୍ନ ରାଷ୍ଟ୍ର ସହିତ ନିଜର ସମ୍ପର୍କ ସ୍ଥାପନ କରି ବ୍ୟବସାୟ ବାଣିଜ୍ୟ କରିବା ସହିତ ସେଠାରେ ଉତ୍କଳୀୟ ସଂସ୍କୃତିର ପ୍ରଭାବ ମଧ ବିସ୍ତାର କରିବାରେ ସହାୟକ ହୋଇଥିଲେ ବୋଲି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଇତିହାସ ବିଭାଗର ପ୍ରାକ୍ତନ ପ୍ରଫେସର ତଥା ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ପ୍ରାକ୍ତନ କୁଳପତି ପ୍ରଫେସର ଅମିୟ କୁମାର ପଟ୍ଟନାୟକ ମତବ୍ୟକ୍ତ କରିଛନ୍ତି। ଗୁରୁବାର ଓଡ଼ିଶା ରାଜ୍ୟ ଅଭିଲେଖାଗାରରେ ୮୮ତମ ସଂସ୍କୃତି ଚର୍ଚ୍ଚା ସମ୍ମାନ ସମାରୋହରେ 'ନୌବାଣିଜ୍ୟ, ବାଲିଯାତ୍ରା ଓ ଓଡ଼ିଆ ଅସ୍ମିତା' ଶୀର୍ଷକରେ ଆଲୋଚନା କରି ଶ୍ରୀ ପଟ୍ଟନାୟକ ଏହା କହିଛନ୍ତି। ସମ୍ମାନରେ ମୁଖ୍ୟ ଅତିଥି ଭାବେ ବିଭାଗୀୟ ସ୍ୱତନ୍ତ୍ର ଶାସନ ସଚିବ ଦେବ ପ୍ରସାଦ ଦାଶ କହିଛନ୍ତି ଯେ କାର୍ତ୍ତିକ ପୂର୍ଣ୍ଣିମା ଅନ୍ୟମାନଙ୍କ ପାଇଁ ଏକ ପର୍ବହୋଇପାରେ ହେଲେ ଓଡ଼ିଆ ମାନଙ୍କ ପାଇଁ ଏହା ଏକ ସ୍ୱାଭିମାନର ପ୍ରତୀକ। ଆମପାଇଁ ଗର୍ବର କଥା ଯେ ଓଡ଼ିଶାରୁ -ରଥଯାତ୍ରା, ବାଲିଯାତ୍ରା ଏବଂ ଦଣ୍ଡନାଟ ୟୁନେସ୍କୋ ହେରିଟେଜ୍ ଷ୍ଟାଟସ ପାଇବା ପାଇଁ କେନ୍ଦ୍ର ସରକାର ତାଲିକାଭୁକ୍ତ କରିଛନ୍ତି ବୋଲି କହିଛନ୍ତି। ପ୍ରାରମ୍ଭରେ ଅଭିଲେଖାଗାରର ଅଧୀକ୍ଷକ ଡ. ଶେଖ୍ ସୋଲେମାନ ଅଲ୍ଲୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ସଂସ୍କୃତି ବିଭାଗର ଅନୁଶାସନ ସଚିବ ବନାନୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧରେ ପଦ୍ମଶ୍ରୀ ଡ. ଦେବୀ ପ୍ରସନ୍ନ ପଟ୍ଟନାୟକ, ମନୋରଞ୍ଜନ ପାଣିଗ୍ରାହୀ, ଡ. ନିବେଦିତା ମହାନ୍ତି, ପ୍ରଦୋଷ ପଟ୍ଟନାୟକ ଉପସ୍ଥିତ ଥିଲେ।

## ଗୋ' ସେବାରେ ବ୍ରତୀ ହେଲେ ଯୁବଗୋଷ୍ଠୀ

ବାଲିଅନ୍ତା, ୩୦।୧୦(ସମିସ): ଜୀବେ ଦୟା, ସେବା ହିଁ ପରମଧର୍ମ' ଏହି ପଥକୁ ଆପଣେଇଛନ୍ତି ଖୋର୍ଦ୍ଧା ଜିଲ୍ଲା ବାଲିଅନ୍ତା ବ୍ଲକ ଅଧୀନ ବଇଁଚୁଆ ଗ୍ରାମର ଯୁବପିଢ଼ି। ଏମାନ ଟଙ୍କପାଣି ବ୍ରିଜ ଠାରୁ ବାଲିଅନ୍ତା ବଜାର ପର୍ଯ୍ୟନ୍ତ ରାସ୍ତାରେ ଥିବା ୬୦ରୁ ୭୦ ଗାଈ, ଷଣ୍ଢ, କୁକୁରଙ୍କୁ ରନ୍ଧା ଖାଦ୍ୟ ଦେବା ସହ ରେଡିୟମ ବେଲ୍ଟ ମଧ ବାନ୍ଧନ୍ତି। ଫଳରେ ଅନ୍ଧାରେ ଶୋଇଥିବା ଗାଈଗୋରୁ ଗାଡି ଦୁର୍ଘଟଣାରୁ ବଞ୍ଚିଯାଆନ୍ତି। ଏହି ପକ୍ରିୟାକୁ ଗ୍ରାମର ହାଡିବନ୍ଧୁ ସାହୁ, ରଘୁନାଥ ସାହୁ, ରାକେଶ ସାହୁ, କୁନା ସାହୁ, ସୁଶୀଲ ମହାନ୍ତି, ବିକ୍ରମ ମହାନ୍ତି, ତୁଷାର ସାହୁ, ମାନସ ସାହୁ, ସୁକାନ୍ତ ସାହୁ ପ୍ରମୁଖ ରାତି ୧୦ ଟାରୁ ୧୨ ଟା ପର୍ଯ୍ୟନ୍ତ ଗୋ ସୁରକ୍ଷା କାର୍ଯ୍ୟରେ ଲାଗିଛନ୍ତି।

## ଶିଳ୍ପୀଙ୍କ ତୂଳୀରେ ଜଗନ୍ନାଥଙ୍କ କଥାବସ୍ତୁ

ଭୁବନେଶ୍ୱର, ୩୦।୧୦(ସମିସ): ଧଉଳି ଚାରୁକଳା ମହାବିଦ୍ୟାଳୟ ପରିସରରେ ଆର୍ଟିଷ୍ଟ୍ ମିଟ୍ କାର୍ଯ୍ୟକ୍ରମ ଓ ଓଡ଼ିଶାର ପାରମ୍ପାରିକ ପଟ୍ଟଚିତ୍ର ଶିଳ୍ପୀ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଶିଳ୍ପୀଗୁରୁ ବିଜୟ କୁମାର ପରିଡ଼ା ଓ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ପଞ୍ଚାନନ୍ ସାମଲ ଉଦ୍‌ଘାଟନ କରିଥିଲେ। ମହାବିଦ୍ୟାଳୟର ଉପାଧ୍ୟକ୍ଷ ଚନ୍ଦନ କୁମାର ସାମଲ ଯୋଗ ଦେଇଥିଲେ ଏବଂ ୩୬ ଜଣ ଛାତ୍ରଛାତ୍ରୀ ଏହି ଶିବିରରେ ଅଂଶଗ୍ରହଣ କରିଥିଲେ। ସୋଫିଆ ୟାସ୍ମିନ ଓ ଲକ୍ଷ୍ମୀଧର ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## କିଟ୍ ବିଶ୍ୱବିଦ୍ୟାଳୟରେ ହେବ ୨୬ତମ ବିଜ୍ଞାନ କଂଗ୍ରେସ

ଭୁବନେଶ୍ୱର, ୩୦।୧୦(ସମିସ): ଓଡ଼ିଶା ବିଜ୍ଞାନ ଓ ପରିବେଶ କଂଗ୍ରେସର ୨୬ତମ ଅଧିବେଶନ ଚଳିତ ବର୍ଷ ଭୁବନେଶ୍ୱରସ୍ଥ କିଟ୍ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ହେବ। ଓଡ଼ିଶା ପରିବେଶ ସମିତି ଏବଂ କିଟ୍ ବିଶ୍ୱବିଦ୍ୟାଳୟର ମିଳିତ ଅନୁକୂଲ୍ୟରେ ଆସନ୍ତା ନଭେମ୍ବର ୨୮ ତାରିଖରୁ ୩୦ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି ସମ୍ମେଳନର ମୁଖ୍ୟ ବିଷୟବସ୍ତୁ ରହିଛି 'ସହନୀୟ ବିକାଶ ଲକ୍ଷ୍ୟ: ବିଜ୍ଞାନ ଓ ପ୍ରଯୁକ୍ତି କ୍ଷେତ୍ରରେ ନବସୃଜନ'। ଜାତିସଙ୍ଘ ଅନୁକୂଲ୍ୟରେ ୨୦୧୬-୨୦୩୦ ଅବଧି ମଧ୍ୟରେ ବିଶ୍ୱରେ କାର୍ଯ୍ୟକାରୀ ହେଉଥିବା ଏହି ଲକ୍ଷ୍ୟ ହାସଲର ବିଭିନ୍ନ ଦିଗ ଉପରେ ଅଧିକ ଆଲୋକପାତ କରାଯିବା ସହ ନବସୃଜନ ମାଧ୍ୟମରେ ବିଜ୍ଞାନ ଏବଂ ପ୍ରଯୁକ୍ତିର ଉପଯୁକ୍ତ ପ୍ରୟୋଗ ଦ୍ୱାରା ଏହା କିପରି ସଫଳତା ଅର୍ଜନ କରିବ। ଏହା ଉପରେ କଂଗ୍ରେସରେ ବିଷଦ୍ ଭାବରେ ଆଲୋଚନା ହେବ ଓ ଏହା ସହ ମିଳିତ ଭାବରେ 'ସସ୍‌ଷ୍ଟେନେବଲ ଗ୍ରୀନ ଫ୍ରନ୍‌ଟିଅରସ୍' ଉପରେ ପ୍ରଥମ ଅନ୍ତର୍ଜାତୀୟ ସମ୍ମିଳନୀ ମଧ ଅନୁଷ୍ଠିତ ହେବ। ଏହି ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ କଂଗ୍ରେସର ଉପଦେଷ୍ଟା ଡ. ଜୟକୃଷ୍ଣ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ କିଟ୍ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜନ କମିଟିର ସଦସ୍ୟ ଆବାହକ ପ୍ର. ତପନ କୁମାର ବସ୍ତିଆ, ଆବାହକ ପ୍ର. ସନ୍ଦୀପ କୁମାର କୁଣ୍ଡୁ, ଡିନ୍ ପ୍ର. ପ୍ରଶାନ୍ତ ରଥ, ଇଂ ମନୋରଞ୍ଜନ ମିଶ୍ର, ଡ. ଶୁଭାଙ୍ଗୀ ଦେବଦର୍ଶିନୀ ସାହୁ ପ୍ରମୁଖ ଏଥିରେ ଯୋଗଦାନ କରିଥିଲେ। ପ୍ରତିବର୍ଷ ପରି ଚଳିତ ବର୍ଷ ମଧ ପାଞ୍ଚ ଶହରୁ ଅଧିକ ସଂଖ୍ୟାରେ ପ୍ରତିନିଧୀମାନେ ଏହି କଂଗ୍ରେସରେ ଯୋଗଦାନ କରିବାର ଯୋଜନା ରହିଛି ବୋଲି ଡ଼. ପାଣିଗ୍ରାହୀ ସୂଚନା ଦେଇଛନ୍ତି।

## ସମ୍ ପକ୍ଷରୁ ପିଙ୍କ ଅକ୍ଟୋବର କ୍ୟାମ୍ପେନ୍ ଉଦ୍‌ଯାପିତ

ଭୁବନେଶ୍ୱର, ୩୦।୧୦(ସମିସ): ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନସେସ୍ ଆଣ୍ଡ ସମ୍ ହସ୍ପିଟାଲ କ୍ୟାମ୍ପସ-୨ ଫୁଲନଖରାରେ ଦୀର୍ଘ ଏକ ମାସ ଧରି ଚାଲିଥିବା ପିଙ୍କ ଅକ୍ଟୋବର କ୍ୟାମ୍ପେନ୍ ଉଦ୍‌ଯାପିତ ହୋଇଯାଇଛି। ହସ୍ପିଟାଲ୍‌ର ସର୍ଜିକାଲ୍ ଅଙ୍କୋଲୋଜି, କମ୍ୟୁନିଟି ମେଡିସିନ୍, ଏଣ୍ଡୋକ୍ରାଇନ୍ ସର୍ଜରୀ ବିଭାଗ ଏବଂ ଆସୋସିଏସନ୍ ଅଫ୍ ବ୍ରେଷ୍ଟ ସର୍ଜନସ୍ ଅଫ୍ ଇଣ୍ଡିଆ (ଏବିଏସ୍‌ଆଇ)ର ମିଳିତ ଆନୁକୂଲ୍ୟରେ ଆୟୋଜିତ କ୍ୟାମ୍ପେନ୍‌ର ଉଦ୍‌ଯାପନୀ ଉତ୍ସବରେ 'ଏଭ୍‌ରି ଷ୍ଟୋରୀ ଇଜ୍ ୟୁନିକ୍ ଆଣ୍ଡ ଏଭ୍‌ରି ଜର୍ନି ମ୍ୟାଟର୍ସ' ଉପରେ ଆଲୋଚନା କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ହସ୍ପିଟାଲର ଡିନ୍ ପ୍ରଫେସର ଡ. ଅରକ୍ଷିତ ସ୍ୱାଇଁ ଯୋଗ ଦେଇଥିଲେ। ପ୍ରାରମ୍ଭରେ ସ୍ତ୍ରୀ ଓ ପ୍ରସୂତି ବିଭାଗର ମୁଖ୍ୟ ପ୍ରଫେସର ଡ. ତାପସୀ ପତି ସ୍ୱାଗତ ଭାଷଣ ଦେଇଥିବା ବେଳେ ପ୍ରଫେସର ଡ. ରାଜେଶ କୁମାର ସେଠୀ, ଡାକ୍ତର ପଦ୍ମାଳୟା ଦେବୀ, ଡାକ୍ତର ଜିତା ପରିଜା ମଧ ବକ୍ତବ୍ୟ ପ୍ରଦାନ ରଖିଥିଲେ। ଏହି ଅବସରରେ ସଚେତନତାମୂଳକ ୱାକାଥନ ଆୟୋଜିତ ହୋଇଥିଲା।

## ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ସଙ୍ଗୀତ ଏବଂ ଭାବ ସଙ୍ଗୀତ ସମାରୋହ

ଭୁବନେଶ୍ୱର, ୩୦।୧୦(ସମିସ): ସ୍ୱର୍ଗତ ପଣ୍ଡିତ ବିଷ୍ଣୁମୋହନ ନାୟକଙ୍କ ନବମ ଶ୍ରାଦ୍ଧାବାର୍ଷିକ ଉତ୍ସବରେ ୯ମ ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ସଙ୍ଗୀତ ଏବଂ ଭାବ ସଙ୍ଗୀତ ସମାରୋହ ଗୀତ ଗୋବିନ୍ଦ ସଦନଠାରେ ଅନୁଷ୍ଠିତ ହୋଇଛି। ଏହି ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ବିଜେପି ଉପ ସଭାପତି ଗୋଲକ ପ୍ରସାଦ ମହାପାତ୍ର, ସମ୍ମାନ ଅତିଥି ଭାବେ ତବଲା ବାଦକ ଗୁରୁ କୁଳମଣୀ ସାହୁ, ଅନୁଷ୍ଠାନର ଅଧ୍ୟକ୍ଷ ଗୁରୁ ରଜନୀ କାନ୍ତ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ରାଗମାଳ ଛାତ୍ରଛାତ୍ରୀଙ୍କ ଦ୍ୱାରା ଶାସ୍ତ୍ରୀୟ ପରିବେଷଣ ହୋଇଥିଲା। ପରେ ପରେ ଏକକ କଣ୍ଠ ସଙ୍ଗୀତ ଗାଇଥିଲେ ସାଇ ଦର୍ଶୀତ ମହାନ୍ତି। ସ୍ୱର ସାଧନ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଶାସ୍ତ୍ରୀୟ ବୃନ୍ଦ ଗାୟନ ପରିବେଷଣ ହୋଇଥିଲା। ବାଗେଶ୍ୱରୀ କଳା ପ୍ରତିଷ୍ଠାନ ପକ୍ଷରୁ ଭକ୍ତି ସଙ୍ଗୀତ ପରିବେଶଣ ହୋଇଥିଲା। କାର୍ଯ୍ୟକ୍ରମକୁ ଜ୍ଞାନାନନ୍ଦ ସାଗର କୁମାର ସଂଯୋଜନା କରିଥିଲେ।

## ବରିଷ୍ଠ ନାଗରିକ ସଂଘର ମାସିକ ଆସର




ନନ୍ଦନକାନନ, ୩୦।୧୦(ସମିସ): ପଟିଆସ୍ଥିତ ଶାଶ୍ୱତ ବରିଷ୍ଠ ନାଗରିକ ସଂଘର ମାସିକ ସଭା ଆଦୃତା ଶିଶୁସଦନରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ବିଜୟ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଡ. ଆଦିତ୍ୟ କୁମାର ମହାନ୍ତି 'ଅହଂ ଅବା ମୁଁ' ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସଂଘର ସଭାପତି ଶ୍ରୀ ଦାଶଙ୍କ ଜନ୍ମଦିନ ଉପଲକ୍ଷେ ଡ. ହେମନ୍ତ କୁମାର ଦାଶ, ସେକ୍ରେଟାରୀ ତାରାକାନ୍ତ ମହାନ୍ତି ତାଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିବା ସହ ଜନ୍ମଦିନର ଶୁଭେଚ୍ଛା ଜଣାଇ ଦୀର୍ଘାୟୁ କାମନା କରିଥିଲେ। ସଭାରେ ସେକ୍ରେଟାରୀ ଶ୍ରୀ ମହାନ୍ତି ମାସିକ ବିବରଣୀ ପ୍ରଦାନ କରିଥିବା ବେଳେ ସନ୍ତୋଷ କୁମାର ପଣ୍ଡା 'ବାଜି ରାଉତ'ଙ୍କ ଉପରେ ସ୍ୱରଚିତ ଆଲେଖ୍ୟ ପାଠ କରିଥିଲେ। ଏହାପରେ ଆଦୃତା ଶିଶୁ ସଦନ ପକ୍ଷରୁ ସୁଶ୍ରୀ ସୁପ୍ରୀତଙ୍କ ନେତୃତ୍ୱରେ ଅନ୍ତେବାସୀମାନେ କେକ୍ କାଟିଥିଲେ।

● ଜାତୀୟ କମିଶନରଙ୍କୁ ଦାବି

## ଖଣ୍ଡାୟତଙ୍କୁ ଜାତୀୟ ଓବିସି ତାଲିକାଭୁକ୍ତ କରାଯାଉ

ଭୁବନେଶ୍ୱର, ୩୦।୧୦(ସମିସ): ଖଣ୍ଡାୟତଙ୍କୁ କେନ୍ଦ୍ର ଓବିସି ତାଲିକାରେ ସାମିଲ କରିବା ପାଇଁ ଜାତୀୟ ପଛୁଆ ବର୍ଗ କମିଶନ ନିକଟରେ ଦୃଢ଼ ଦାବି ଉପସ୍ଥାପନ କଲେ ତେଜେଶ୍ୱର ପରିଡ଼ା ଜାତୀୟ ପଛୁଆ ବର୍ଗ କମିଶନର ମାନ୍ୟବର ଅଧ୍ୟକ୍ଷ ହଂସରାଜ ଗଙ୍ଗାରାମ ଅହିର, ମାନ୍ୟବର କମିଶନ ସଦସ୍ୟ ଭୁବନ ଭୂଷଣ କମଲ ଏବଂ କମିଶନଙ୍କ ସଚିବ ମିତା ରାଜଭିଲୋଚାଙ୍କୁ ଭୁବନେଶ୍ୱର ବିମାନବନ୍ଦରରେ ସ୍ୱାଗତ କରିବା ସହ ରାଜ୍ୟ ଅତିଥି ଭବନରେ ଭେଟି 'ଖଣ୍ଡାୟତ' ଜାତି ଯାହା ବର୍ତ୍ତମାନ ଓଡ଼ିଶା ରାଜ୍ୟରେ ଏସ୍‌ଇବିସି ବର୍ଗରେ ଅନ୍ତର୍ଭୁକ୍ତ କିନ୍ତୁ ଜାତୀୟ ସ୍ତରରେ ଓବିସି ତାଲିକାରେ ନାହିଁ, ଖଣ୍ଡାୟତ ଜାତିକୁ କେନ୍ଦ୍ରୀୟ ଓବିସି ତାଲିକାରେ ସାମିଲ କରିବା ପାଇଁ ଦୃଢ଼ ଦାବି ଉପସ୍ଥାପନ କରିଛନ୍ତି ରାଜ୍ୟ ବିଜେପି ମୁଖପାତ୍ର ତେଜେଶ୍ୱର ପରିଡ଼ା।

ଓଡ଼ିଶାର ସର୍ବପୁରାତନ ତଥା ପାରମ୍ପରିକ ଚାଷୀ ସମାଜ ଓ ସମରକଳାରେ ନିପୁଣ ଜାତି, ଖଣ୍ଡାୟତଙ୍କୁ କେନ୍ଦ୍ରୀୟ ପଛୁଆବର୍ଗ ଶ୍ରେଣୀଭୁକ୍ତ କରିବା ପାଇଁ ନିଖିଳ ଓଡ଼ିଶା ଖଣ୍ଡାୟତ କ୍ଷତ୍ରୀୟ ପାଇକ ଓ ଚଷା ମହାସଂଘ ପକ୍ଷରୁ ଦାବି ହୋଇଛି। ଏନେଇ ତଥ୍ୟ ସମ୍ବଳିତ ସ୍ମାରକପତ୍ର ଜାତୀୟ କମିଶନରଙ୍କ ଅଧ୍ୟକ୍ଷ ହଂସରାଜ ଗଙ୍ଗାରାମ ଅହୀରଙ୍କ ସମେତ ଅନ୍ୟ ଦୁଇଜଣ ସଭ୍ୟ ଭବନ ଭୂଷଣ କମାଲ ଓ କମିଶନ ସଚିବ ମୀତା ରାଜିବଲୋଚନଙ୍କୁ ରାଜ୍ୟ ଅତିଥି ଭବନଠାରେ ଅନୁଷ୍ଠିତ ଜନଶୁଣାଣି ଅବସରରେ ପ୍ରଦାନ କରାଯାଇଛି। ମହାସଂଘର ସ୍ଥାୟୀ ଅଧ୍ୟକ୍ଷ ଡ. ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କ ପରାମର୍ଶକ୍ରମେ, ଏକ ସ୍ମାରକପତ୍ର କରାଯାଇଥିଲା। ମହାସଂଘ ପକ୍ଷରୁ ବିଶ୍ୱରାଜ ନାୟକ, ରଜତ ବଳିୟାରସିଂହ, ରାଜେନ୍ଦ୍ର ମହାଳିକ ଓ ମହେଶ୍ୱର ବରାଡ଼ ପ୍ରମୁଖ ଅଧ୍ୟକ୍ଷଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ।

# 'ମିଛ' ବଦଳାଇଲା ଜୀବନର ଲକ୍ଷ୍ୟ

ଭୁବନେଶ୍ୱର, ୩୦।୧୦(ସମିସ): ଆଜିର ସ୍ୱାର୍ଥପର ସମାଜରେ ରକ୍ତର ସମ୍ପର୍କ ଆଡ଼ ଆଖିରେ ଚାହୁଁନଥିବା ବେଳେ ଅସହାୟ, ଗରୀବ ଲୋକଙ୍କ ସେବାକୁ ନିଜର ବ୍ରତ ଭାବେ ଗ୍ରହଣ କରିଛନ୍ତି ରାଜଧାନୀର ଯୁବ ଇଞ୍ଜିନିୟର ପ୍ରଶାନ୍ତ କୁମାର ମହାନ୍ତି। ୧୦ ବର୍ଷ ପୂର୍ବେ ଏକ ମିଛରୁ ଆରମ୍ଭ ହୋଇଥିବା ଏହି ମହତ କାର୍ଯ୍ୟ ପାଇଁ ସେ ଆଜି ରାଜଧାନୀରୁ ରାଷ୍ଟ୍ରପତିଙ୍କ ଗାଁ ରାଇରଙ୍ଗପୁର ଯାଏ ସବୁଠି ଆଦରଣୀୟ ହୋଇପାରିଛନ୍ତି। ନିଜ ଉଦ୍ୟମରେ ଥିଲାବାଲାଙ୍କଠାରୁ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ ସଂଗ୍ରହ କରି ଦୁର୍ଗମ ଅଞ୍ଚଳରେ ଗରିବ ଓ ଅଭାବୀ ଲୋକଙ୍କୁ ବାଣ୍ଟୁଛନ୍ତି। ଏଯାଏ ରାଜ୍ୟର ୨୫ଟି ଜିଲ୍ଲାରେ ପ୍ରାୟ ୪୦ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କୁ ସହଯୋଗର ହାତ ବଢ଼ାଇଛନ୍ତି ପ୍ରଶାନ୍ତ।

ସ୍ଥାନୀୟ ତମାଣ୍ଡୋରେ ପରିବାର ସହ ରହୁଥିବା ଅଟୋମୋବାଇଲ ଇଞ୍ଜିନିୟର ପ୍ରଶାନ୍ତଙ୍କ ନିଶା ପାଲଟିଛି ସମାଜସେବା। ଏମିତିକି ଗୋଟିଏ ବର୍ଷରେ ସେ ୩୬୫ଦିନରେ ୬୦୦ ସମାଜିକ କାର୍ଯ୍ୟକରି ରେକର୍ଡ କରିଛନ୍ତି। ୨୦୧୫ ମସିହାରେ ଏକ ଅନାଥ ଆଶ୍ରମକୁ ସହଯୋଗ କରିବା ନାଁରେ ଜଣେ ବ୍ୟବସାୟୀଙ୍କ ଠାରୁ ଆଣିଥିବା ସାମଗ୍ରୀ ପରବର୍ତ୍ତୀ ସମୟରେ ତାଙ୍କ ଜୀବନର ଲକ୍ଷ୍ୟ ବଳଦାଇ ଦେଇଥିଲା। ସେବେଠାରୁ ଏକାକୀ ସଂଘର୍ଷ କରି ଗରୀବ ଲୋକଙ୍କୁ ସହାୟତାର ହାତ ବଢ଼ାଇଥିଲେ। ତାଙ୍କର ଏଭଳି ମନୋବୃତ୍ତି ଓ ନିଷ୍ଠାପର ଭାବନାକୁ ଦେଖି ଅନେକଙ୍କ ସହଯୋଗର ହାତ ବଢ଼ିଥିଲା। ଯାହାଦ୍ୱାରା ସେ ଆରମ୍ଭ କରିଥିବା ହେଲପ୍ ଇଣ୍ଡିଆ ନାମକ ଚାରା ଏବେ ମହା ଦ୍ରୁମରେ ପରିଣତ ହୋଇଛି। ୧୦ ବର୍ଷ ମଧ୍ୟରେ ସେ ୩୦ରୁ ଊର୍ଦ୍ଧ୍ୱ ଗରୀବ ପିଲାଙ୍କ ପାଠ ପଢ଼ାଇବାକୁ ସହଯୋଗ କରିଥିବା ବେଳେ ୮ଜଣଙ୍କୁ ବାସଗୃହ ଯୋଗାଇ ଦେଇଛନ୍ତି। ସେହିପରି ଯେଉଁମାନେ ଦିନେ ରାସ୍ତାକଡ଼ରେ ଭିକ୍ଷାବୃତ୍ତି କରୁଥିଲେ ସେମାନଙ୍କୁ ଦୋକାନ ତିଆରି କରି ରୋଜଗାରକ୍ଷମ କରିବା ସହ ମହିଳାଙ୍କ ସ୍ୱାବଲମ୍ବନ ପାଇଁ ସିଲାଇ ମେସିନ୍ ଯୋଗାଇଦେଇ ମହାନତାର ପରିଚୟ ସୃଷ୍ଟି କରିଛନ୍ତି। ତେବେ ଏତିକିରେ ତାଙ୍କ ସେବାକାର୍ଯ୍ୟ ସୀମିତ ନୁହେଁ, ଡାକ୍ତରଖାନାରେ ଅର୍ଥାଭାବ ପାଇଁ ଜୀବନ ସହ ସଂଗ୍ରାମ କରୁଥିବା ଗୁରୁତର ରୋଗୀଙ୍କୁ ସହାୟତା ଏବଂ ରକ୍ତାଦନ କରି ରକ୍ଷା କରିଛନ୍ତି। ଏଯାଏ ସେ ୭୦ରୁ ଊର୍ଦ୍ଧ୍ୱ ଥର ରକ୍ତଦାନ ମଧ କରିଛନ୍ତି। ସେହିପରି ବିଭିନ୍ନ ବୃଦ୍ଧାଶ୍ରମ, ଅନାଥଆଶ୍ରମର ଅନ୍ତେବସୀଙ୍କ ପାଇଁ ସ୍ୱାସ୍ଥ୍ୟ ଶିବିର ଆୟୋଜନ ସାଙ୍ଗକୁ ଖାଦ୍ୟ ଯୋଗାଇବା ସାଙ୍ଗକୁ ପରିବାର ଠାରୁ ଦୂରେଇ ଯାଇଥିବା ବୃଦ୍ଧାଙ୍କୁ ପୋଷ୍ୟ ଭାବେ ଗ୍ରହଣ କରି ମାସିକ ରାସନ ଓ ସମସ୍ତ ଅବାଶ୍ୟକୀୟ ସାମଗ୍ରୀ ଦେଉଛନ୍ତି। ମହାମାରୀ କରୋନା ସମୟରେ ୪୫ହଜାର ଲୋକଙ୍କୁ ଖାଦ୍ୟ ଯୋଗାଇ ଚର୍ଚ୍ଚାରେ ରହିଥିଲେ ପ୍ରଶାନ୍ତ। ସେହି ସମୟରେ ବିଶିଷ୍ଟ ସମାଜସେବୀ ଗଗନ ପାଇଟାଲଙ୍କ ସହ ମିଶି ପୁରୁଣା ବସ୍ତ୍ର ଓ ଅନ୍ୟ ଅତ୍ୟାବଶ୍ୟକୀୟ ସାମଗ୍ରୀ ସଂଗହ କରି ଗରୀବଙ୍କ ମଧ୍ୟରେ ବାଣ୍ଟିଥିଲେ। ରାଜଧାନୀରୁ ଆରମ୍ଭ ହୋଇଥିବା ଏହି ସେବା କାର୍ଯ୍ୟ ଏବେ ରାଜ୍ୟର ୨୫ଟି ଜିଲ୍ଲାରେ ପହଞ୍ଚି ପାରିଛି। ତାଙ୍କର ଏଭଳି ଉଦ୍ୟମ ପାଇଁ ଏକ ଘରୋଇ ସଂସ୍ଥା ପକ୍ଷରୁ ଗାଡ଼ି ଯୋଗାଇ ଦିଆଯାଇଥିବା ବେଳେ ସେଥିରେ ସେ ରାୟଗଡ଼ା, କନ୍ଧମାଳ, କୋରାପୁଟ, ଜୟପୁର, ମୟୁରଭଞ୍ଜ ଭଳି ଉପାନ୍ତ ଅଞ୍ଚଳରେ ପହଞ୍ଚି ପାରିଛନ୍ତି। ଅନେକ ସ୍ଥାନରେ ପାହାଡ଼ିଆ ରାସ୍ତାରେ ଓ ନଦୀ ପାର ହୋଇ ମୁଣ୍ଡରେ ମୁଣ୍ଡାଇ ଲୋକଙ୍କ ନିକଟରେ ପହଞ୍ଚିଛନ୍ତି। ନିକଟରେ ସେ ରାଷ୍ଟ୍ରପତିଙ୍କ ଗାଁ ରାଇରଙ୍ଗପୁରରେ ମଧ ବସ୍ତ୍ର, କମ୍ବଳ, ଖାଦ୍ୟ ସାମଗ୍ରୀ ବାଣ୍ଟି ସେଠାରେ ବେଶ୍ ପ୍ରଶଂସା ସାଉଁଟିଛନ୍ତି। ଗରୀବ ଲୋକଙ୍କ ମୁହଁରେ ଟେନାଏ ହସ ତାଙ୍କ ଜୀବନର ବଡ଼ ଉପଲବ୍ଧି ବୋଲି କହିବା ସହ ଜୀବନର ଶେଷ ପର୍ଯ୍ୟନ୍ତ ସେ ଏହି କାର୍ଯ୍ୟ ଜାରୀ ରଖିବେ ବୋଲି ପ୍ରଶାନ୍ତ କହିଛନ୍ତି।



- ଯୁବ ଇଞ୍ଜିନିୟରଙ୍କ ସମାଜସେବା ନିଶା
- ଅସହାୟ ପାଇଁ ଦେବଦୂତ ସାଜିଛନ୍ତି ଇଂ ପ୍ରଶାନ୍ତ ମହାନ୍ତି

**ମୁଦ୍ରା ବିନିମୟ ମୂଲ୍ୟ**

ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୮.୨୫ ● ପାଉଣ୍ଡ ୧୧୭.୩୪
- ୟୁରୋ ୧୦୨.୭୯ ● ୟେନ୍ ୦.୫୮

**ସୁନା, ରୁପା ଦର (ଟଙ୍କାରେ)**

୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୧୧,୩୫୦ (ନୂଆଦିଲ୍ଲୀ)
- ରୁପା : ୧,୬୦,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୪,୪୦୪.୦୦
- ନିଫ୍ଟି ୨୫,୮୭୭.୦୦

**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦

# ଭାରତରେ ଅଧାରୁ ଅଧିକ ଲୋକ ଶୀଘ୍ର ଅବସର ନେବାକୁ ଆଗ୍ରହୀ



- ଅନ୍ୟ ଅଞ୍ଚଳ ତୁଳନାରେ ପୂର୍ବ ଭାରତର ଲୋକେ ଖୁବ୍ ଆଗରେ
- ଅବସର ପ୍ରସ୍ତୁତିରେ ପୁରୁଷଙ୍କୁ ଟପିଲେ ମହିଳା
- ସ୍ୱାସ୍ଥ୍ୟକୁ ନେଇ ଅଧିକ ସଚେତନ

**ଇଣ୍ଡିଆ ରିଟାୟରମେଣ୍ଟ ଇଣ୍ଡେକ୍ସ ଷ୍ଟଡି ରିପୋର୍ଟ**

ନୂଆଦିଲ୍ଲୀ,୨୦।୧୦(ଏଜେନ୍ସି): ସମ୍ପ୍ରତି ଭାରତରେ ଚାକିରିରୁ ଅବସର ଗ୍ରହଣ କ୍ଷେତ୍ରରେ ଲୋକଙ୍କ ମଧ୍ୟରେ ପ୍ରସ୍ତୁତି ନିରନ୍ତର ଭାବେ ବଢ଼ିବାରେ ଲାଗିଛି। ଏଥିରେ ଅଧାରୁ ଅଧିକ ଲୋକ ଜଲ୍‌ଦି ଅବସର ନେବାକୁ ଯୋଜନା କରୁଛନ୍ତି। ସହରାଞ୍ଚଳ ବାସିନ୍ଦାମାନେ ଅବସର ଯୋଜନା କ୍ଷେତ୍ରରେ ଗ୍ରାମାଞ୍ଚଳ ବାସିନ୍ଦାଙ୍କ ତୁଳନାରେ ଆଗରେ ରହିଛନ୍ତି। ଏହା ବ୍ୟତୀତ, ପୂର୍ବ ଭାରତର ଲୋକମାନେ ବର୍ତ୍ତମାନ ଅବସର ଯୋଜନା କ୍ଷେତ୍ରରେ ଦେଶର ଅନ୍ୟ ଅଞ୍ଚଳ ତୁଳନାରେ ଆଗରେ ରହିଛନ୍ତି। ଇଣ୍ଡିଆ ରିଟାୟାରମେଣ୍ଟ ଇଣ୍ଡେକ୍ସ ଷ୍ଟଡି (ଆଇଆର୍‌ଆଇଏସ୍) ଦ୍ୱାରା କରାଯାଇଥିବା ଏକ ଏହି ଅଧ୍ୟୟନରେ ଏହା କୁହାଯାଇଛି।

ଏହି ଅଧ୍ୟୟନ ଅନୁସାରେ, ଭାରତରେ ଅବସର ପ୍ରସ୍ତୁତି କ୍ରମଶଃ ବୃଦ୍ଧି ପାଉଛି। ଗତ ୪ ବର୍ଷ ମଧ୍ୟରେ ଆଇଆର୍‌ଆଇଏସ୍ ଇଣ୍ଡେକ୍ସ ସ୍କୋର ୪୪ ରୁ ୪୮କୁ ବୃଦ୍ଧି ପାଇଛି। ଏହା ଦର୍ଶାଉଛି ଯେ ଲୋକମାନେ ଏବେ ଆର୍ଥିକ, ସ୍ୱାସ୍ଥ୍ୟ ଏବଂ ଭାବପ୍ରବଣ ଭାବରେ ଅବସର ବିଷୟରେ ଅଧିକ ସଚେତନ ହେଉଛନ୍ତି। ତେବେ ରିପୋର୍ଟରେ ଲୋକଙ୍କ ଅବସର ଯୋଜନାର କିଛି ପ୍ରମୁଖ ଆହ୍ୱାନକୁ ଦର୍ଶାଯାଇଛି। ଯେପରିକି ଏଥିରେ ନିର୍ଭରଯୋଗ୍ୟ ପରାମର୍ଶର ଅଭାବ, ପରିବାର ଉପରେ ନିର୍ଭରଶୀଳତା ଏବଂ ଅନ୍ୟାନ୍ୟ ଜୀବନ ଆବଶ୍ୟକତାକୁ ପ୍ରାଥମିକତା ଦେବା ଭଳି ଦିଗଗୁଡ଼ିକ ଅନ୍ତର୍ଭୁକ୍ତ। ଅଧ୍ୟୟନରୁ ଏହା ମଧ୍ୟ ଜଣାପଡିଛି ଯେ ଅଧିକାଂଶ ଲୋକ ୩୫ ବର୍ଷ ବୟସ ପୂର୍ବରୁ ଅବସର ଯୋଜନାର ଗୁରୁତ୍ୱ ବିଷୟରେ ଭଲ ଭାବରେ ଅବଗତ।

ଏ ସମ୍ପର୍କରେ ଆକ୍ସିସ୍ ମ୍ୟାକ୍ସ ଲାଇଫ୍‌ର ଏମ୍‌ଡି ଏବଂ ସିଇଓ ସୁମିତ ମଦନ କହିଛନ୍ତି, ଆଜିର ଗ୍ରାହକମାନେ ଅଧିକ ସ୍ୱାସ୍ଥ୍ୟପ୍ରତି ସଚେତନ, ଉତ୍ପାଦ ବିଷୟରେ ଅଧିକ ଜ୍ଞାନୀ ଏବଂ ଆର୍ଥିକ ଆତ୍ମବିଶ୍ୱାସ ବୃଦ୍ଧି ପାଇଛି। ଅଧ୍ୟୟନରୁ ଏହା ମଧ୍ୟ ଜଣାପଡ଼ିଛି ଯେ ଜନସଂଖ୍ୟାର ଏକ ବଡ଼ ଅଂଶ ଯୋଜନା କିପରି ଆରମ୍ଭ କରିବେ ସେ ବିଷୟରେ ଅନିଶ୍ଚିତ, ଯାହା ନିର୍ଭରଯୋଗ୍ୟ ପରାମର୍ଶର ଆବଶ୍ୟକତାକୁ ଆହୁରି ବୃଦ୍ଧି କରୁଛି। ୨୦୨୨ ମସିହାରେ ସ୍ୱାସ୍ଥ୍ୟ ପ୍ରସ୍ତୁତି ୪୧ ରୁ ୪୬ କୁ ବୃଦ୍ଧି ପାଇଛି। ଏହା ବର୍ଦ୍ଧିତ ଶାରୀରିକ କାର୍ଯ୍ୟକଳାପ, ନିୟମିତ ସ୍ୱାସ୍ଥ୍ୟ ଯାଞ୍ଚ ଏବଂ ସ୍ୱାସ୍ଥ୍ୟ ବୀମାର ବୃଦ୍ଧି ଯୋଗୁଁ ହୋଇଛି, ଯାହା ବର୍ତ୍ତମାନ ୫୦ ପ୍ରତିଶତରେ ପହଞ୍ଚିଛି। ତଥାପି, ଭାବପ୍ରବଣତା ଜନିତ ସ୍ୱାସ୍ଥ୍ୟବସ୍ଥା ଏକ ଚିନ୍ତାର ବିଷୟ ହୋଇ ରହିଛି। ୭୧ ପ୍ରତିଶତ ଉତ୍ତରଦାତା କିଛି ଏକାକୀ ଅନୁଭବ କରୁଥିବା ରିପୋର୍ଟ କରିଥିବାବେଳେ ଏବଂ ୭୨ ପ୍ରତିଶତ ପରିବାର ଉପରେ ନିର୍ଭରଶୀଳ ହେବାକୁ ନେଇ ଚିନ୍ତିତ।

ଅପରପକ୍ଷେ ଅବସର ପ୍ରସ୍ତୁତି କ୍ଷେତ୍ରରେ ମହିଳାମାନେ ପୁରୁଷମାନଙ୍କ ତୁଳନାରେ ଟିକିଏ ଆଗରେ।

ସେମାନଙ୍କର ସ୍କୋର ୪୯, ଯେତେବେଳେ ପୁରୁଷମାନଙ୍କର ସ୍କୋର ୪୮। ଅଧିକାଂଶ ମହିଳା (୮୨ ପ୍ରତିଶତ) ପୁରୁଷମାନଙ୍କ ତୁଳନାରେ ଅବସର ପରେ ମଧ୍ୟ ଶାରୀରିକ ଭାବରେ ସୁସ୍ଥ ରହିବା ନେଇ ଆଶାବାଦୀ, ଯାହା ପୁରୁଷଙ୍କ କ୍ଷେତ୍ରରେ ୭୮ ପ୍ରତିଶତ। ତଥାପି, ମହିଳାମାନେ ବିପଦପୂର୍ଣ୍ଣ ନିବେଶ (ଯେପରିକି ଷ୍ଟକ୍ ବଜାର) ରେ ଅର୍ଥ ବିନିଯୋଗ କରିବା ପାଇଁ ପୁରୁଷମାନଙ୍କ ତୁଳନାରେ ୮% କମ୍ ସମ୍ଭାବନା ରଖୁଛନ୍ତି। ଏହାବାଦ୍ ମେଟ୍ରୋ ସହରଗୁଡ଼ିକରେ ଷଳାମେକ ଅବସରକାଳୀନ ପ୍ରସ୍ତୁତିକୁ ନେଇ ବେଶ ଆଗରେ ଅଛନ୍ତି। ସେମାନଙ୍କ ସ୍କୋର ୫୦ ରହିଛି। ସହିତ। ଏହା ନିୟମିତ ଫିଟନେସ୍ ଅଭ୍ୟାସ ଏବଂ ସ୍ୱାସ୍ଥ୍ୟ ଯାଞ୍ଚ (୬୦%) ଯୋଗୁଁ ହୋଇଛି।

**୭୬ ରେଳ ଷ୍ଟେସନ୍‌ରେ ନିର୍ମାଣ ହେବ ଯାତ୍ରୀ ହୋଲ୍ଡିଂ ଏରିଆ**

# ତାଲିକାରେ ଭୁବନେଶ୍ୱର, ପୁରୀ ସାମିଲ



ନୂଆଦିଲ୍ଲୀ,୩୦।୧୦(ଏଜେନ୍ସି): ନୂଆଦିଲ୍ଲୀ ରେଳ ଷ୍ଟେସନରେ ଯାତ୍ରୀ ସଂରକ୍ଷଣ କ୍ଷେତ୍ରର ସଫଳତା ପରେ, ଭାରତୀୟ ରେଳବାଇ ଏବେ ୭୬ଟି ଷ୍ଟେସନରେ ଏପରି ସୁବିଧା ବିକଶିତ କରିବାକୁ ଯାଉଛି। କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହି ଯୋଜନାକୁ ଅନୁମୋଦନ ଦେଇଛନ୍ତି। ଏହି ସୁବିଧା ସହିତ, ଦୀପାବଳି, ଦଶହରା, ପାବଳି ଏବଂ ଛଟ ଭଳି ପର୍ବପର୍ବାଣୀ ସମୟରେ ଷ୍ଟେସନ ସହଜରେ ପ୍ରବଳ ଭିଡ଼କୁ ନିୟନ୍ତ୍ରଣ କରିପାରିବ। ଦେଶର ୭୫ରୁ ଅଧିକ ଷ୍ଟେସନରେ ସ୍ଥାୟୀ ଯାତ୍ରୀ ସଂରକ୍ଷଣ କ୍ଷେତ୍ର ନିର୍ମାଣ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହି ତାଲିକାରେ ରାଜ୍ୟରୁ ଭୁବନେଶ୍ୱର ଏବଂ ପୁରୀ ଷ୍ଟେସନ୍ ସାମିଲ ଅଛି। ରେଳ ମନ୍ତ୍ରଣାଳୟ କହିଛି ଯେ ରେଳ ମନ୍ତ୍ରୀ ବିଭିନ୍ନ ରେଳ ଷ୍ଟେସନରେ ଯାତ୍ରୀ ସଂରକ୍ଷଣ କ୍ଷେତ୍ର ବିକଶିତ କରିବା ପାଇଁ ଏକ ଯୋଜନାକୁ ଅନୁମୋଦନ ମିଳିଛି। ମନ୍ତ୍ରଣାଳୟ ୨୦୨୬ ଉତ୍ସବ ଋତୁ ପୂର୍ବରୁ ଏହି ୭୫ଟି ଅଧିକ ଷ୍ଟେସନରେ ସ୍ଥାୟୀ ଯାତ୍ରୀ ସଂରକ୍ଷଣ କ୍ଷେତ୍ର ନିର୍ମାଣ ସମାପ୍ତ କରିବାକୁ ଲକ୍ଷ୍ୟ ରଖିଛି। ନୂଆଦିଲ୍ଲୀ ଷ୍ଟେସନରେ ଏହି ସୁବିଧା ନିର୍ମାଣ ମାତ୍ର ଚାରି ମାସ ମଧ୍ୟରେ ସମାପ୍ତ ହୋଇଥିଲା। ଯାତ୍ରୀ ସଂରକ୍ଷଣ କ୍ଷେତ୍ରର ଅର୍ଥ ହେଉଛି ଯାତ୍ରୀମାନଙ୍କ ପାଇଁ ସେମାନଙ୍କ ଟ୍ରେନ୍ ପାଇଁ ଅପେକ୍ଷା କରିବା ପାଇଁ ଏକ ଉତ୍ସର୍ଗୀକୃତ ସ୍ଥାନ। ଏହା ଷ୍ଟେସନରେ ଭିଡ଼ ହ୍ରାସ କରିବ ଏବଂ ଯାତ୍ରୀମାନଙ୍କୁ ଆରାମ ପ୍ରଦାନ କରିବ। ଦେଶର ମୋଟ ୧୬ଟି ରେଳ ଜୋନରେ ଯାତ୍ରୀ ସଂରକ୍ଷଣ କ୍ଷେତ୍ର ନିର୍ମାଣ କରାଯିବ। ଏଥିରୁ କେନ୍ଦ୍ରୀୟ ଜୋନାଲ ରେଳବାଇରେ ୬, ପୂର୍ବାଞ୍ଚଳରେ ୬, ପୂର୍ବ କେନ୍ଦ୍ରୀୟରେ ୬, ପୂର୍ବ ତଟରେ ୬, ଉତ୍ତରାଞ୍ଚଳରେ ୧୨, ଉତ୍ତର କେନ୍ଦ୍ରୀୟରେ ୪, ଉତ୍ତର ପୂର୍ବାଞ୍ଚଳରେ ୪, ଉତ୍ତର ପୂର୍ବ ସୀମାରେ ୨, ଉତ୍ତର ପଶ୍ଚିମରେ ୫, ଦକ୍ଷିଣରେ ୪, ଦକ୍ଷିଣ କେନ୍ଦ୍ରୀୟରେ ୬, ଦକ୍ଷିଣ ପୂର୍ବରେ ୩, ଦକ୍ଷିଣ ପୂର୍ବ କେନ୍ଦ୍ରୀୟରେ ୧, ଦକ୍ଷିଣ ପଶ୍ଚିମରେ ୪, ପଶ୍ଚିମରେ ୮ ଏବଂ ପଶ୍ଚିମ କେନ୍ଦ୍ରୀୟରେ ୩ ଯାତ୍ରୀ ସଂରକ୍ଷଣ କ୍ଷେତ୍ର ନିର୍ମାଣ ହେବ। ଏହି ହୋଲ୍ଡିଂ କ୍ଷେତ୍ରଗୁଡ଼ିକରେ ବସିବା ସ୍ଥାନ, ଟିକେଟ୍ କାଉଣ୍ଟର, ଶୌଚାଳୟ, ପଚରାଉଚରା, ଲଗେଜ ଯାଞ୍ଚ ଏବଂ ଖାଦ୍ୟ ଏବଂ ପାନୀୟ ସୁବିଧା ପ୍ରଦାନ କରାଯିବ।

## ବ୍ୟାଙ୍କ ଅଫ୍ ଇଣ୍ଡିଆର ବାଲୁଗାଁ ଶାଖା ଉଦ୍‌ଘାଟିତ



ଭୁବନେଶ୍ୱର,୩୦।୧୦(ସମିସ): ବ୍ୟାଙ୍କ ଅଫ୍ ଇଣ୍ଡିଆ (ବିଓଆଇ)ର ବାଲୁଗାଁ ଶାଖା ଉଦ୍‌ଘାଟିତ ହୋଇଯାଇଛି। ବ୍ୟାଙ୍କର ଭୁବନେଶ୍ୱର ଅଞ୍ଚଳର ଆଞ୍ଚଳିକ ପ୍ରବନ୍ଧକ ବିଜୟ କୁମାର ମଲ୍ଲିକ ଏହି ନୂତନ ଶାଖାର ଉଦ୍‌ଘାଟନ କରିଥିଲେ। ଏହି ଶାଖା ବ୍ୟାଙ୍କର ଭୁବନେଶ୍ୱର ଅଞ୍ଚଳର ୮୬ତମ ଶାଖା। ଏହି ଅବସରରେ ଉପ-ଆଞ୍ଚଳିକ ପ୍ରବନ୍ଧକ ଶ୍ୟାମଳ କୁମାର ଦାସ, ବାଲୁଗାଁ ଶାଖାର ଶାଖା ପ୍ରବନ୍ଧକ କୈଳାଶ ଚନ୍ଦ୍ର ବେହେରା ଏବଂ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଗ୍ରାହକମାନଙ୍କୁ ଉତ୍କୃଷ୍ଟ ସେବା ଯୋଗାଇଦେବା ବ୍ୟାଙ୍କର ପ୍ରମୁଖ ଲକ୍ଷ୍ୟ ଏବଂ ଏହି ଶାଖା ସ୍ଥାନୀୟ ଅଞ୍ଚଳର ଜନସାଧାରଣଙ୍କୁ ଉନ୍ନତ ମାନର ବ୍ୟାଙ୍କିଙ୍ଗ୍ ସେବା ଯୋଗାଇବା ସହିତ ବ୍ୟାଙ୍କିଙ୍ଗ୍ ସୁବିଧା ସମ୍ପର୍କରେ ଲୋକମାନଙ୍କୁ ଅବଗତ କରାଇବାରେ ସହାୟକ ହେବ ବୋଲି ଆଞ୍ଚଳିକ ପ୍ରବନ୍ଧକ ମଲିକ ପ୍ରକାଶ କରିଥିଲେ।

## କଳାହାଣ୍ଡିରେ ବେଦାନ୍ତ ଆଲୁମିନିୟମର ଦକ୍ଷତା ପଦକ୍ଷେପ



ଭୁବନେଶ୍ୱର, ୩୦।୧୦(ସମିସ): ସମୃଦ୍ଧ ପରମ୍ପରା ଏବଂ ଅବ୍ୟବହୃତ ସମ୍ଭାବନାର ଭୂମି କଳାହାଣ୍ଡି ଏବେ ଏକ ଉଲ୍ଲେଖନୀୟ ପରିବର୍ତ୍ତନର ସାକ୍ଷୀ ହେଉଛି। ଏଠାରେ ମହତ୍ତ୍ୱାକାଂକ୍ଷା, ଆତ୍ମବିଶ୍ୱାସ ଏବଂ ଆତ୍ମନିର୍ଭରଶୀଳତାର ଏକ ନୂତନ କାହାଣୀ ରୂପ ନେଉଛି, ଯାହାର ନେତୃତ୍ୱ ନେଉଛି ବେଦାନ୍ତ ଆଲୁମିନିୟମର ଦକ୍ଷତା ବିକାଶ ପଦକ୍ଷେପ, ଯାହା ବର୍ତ୍ତମାନ ସୁଦ୍ଧା ଭବାନୀପାଟଣା ଏବଂ ଲାଞ୍ଜିଗଡ଼ର ୮୦୦ରୁ ଅଧିକ ଯୁବକଙ୍କୁ ତାଲିମ ଦେଇସାରିଛି। ୫୫% ମହିଳା ଅଂଶଗ୍ରହଣ ସହିତ, କଳାହାଣ୍ଡିରେ ଏହି କାର୍ଯ୍ୟକ୍ରମ ଏହାର ଲୋକଙ୍କ ପାଇଁ ସୁଯୋଗର ଏକ ଦ୍ୱାର ଖୋଲିବା ସହିତ ଲିଙ୍ଗ-ସାମଗ୍ରିକ ନିଯୁକ୍ତିକୁ ବୃଦ୍ଧି କରୁଛି ଏବଂ ଏହି ଅଞ୍ଚଳରେ ନୂତନ ଜୀବନ ଫୁଙ୍କୁଛି। କାହିଁ କେଉଁ ଦଶକ ଧରି କଳାହାଣ୍ଡି ଥିଲା ସୀମିତ ସୁଯୋଗ ଓ ଅପୂର୍ଣ୍ଣ ସ୍ୱପ୍ନର ଅଞ୍ଚଳ। କିନ୍ତୁ ଏବେ ଭାଗ୍ୟ ବଦଳିଛି। ବେଦାନ୍ତର ଭବାନୀପାଟଣା ଓ ଲାଞ୍ଜିଗଡ଼ ଦକ୍ଷତା ତାଲିମ କେନ୍ଦ୍ରଗୁଡ଼ିକରେ ଯୁବକ-ଯୁବତୀମାନେ ଆଚରଣିକ ଓ ନିଯୁକ୍ତି-ଯୋଗ୍ୟ କୌଶଳ ଶିଖୁଛନ୍ତି, ଯାହା ତାଙ୍କୁ ନୂତନ ଓ ଆଧୁନିକ ବୃତ୍ତିକ୍ଷେତ୍ରରେ ସୁଯୋଗ ଦେଉଛି। ଏହି କେନ୍ଦ୍ରଗୁଡ଼ିକ ଓଡ଼ିଶା କୌଶଳ ବିକାଶ କର୍ତ୍ତୃପକ୍ଷ ଓ ନାବାର୍ଡ ସହଯୋଗରେ ଚାଲୁଛି। ଏଠାରେ ଅତିଥି ସେବା, ବିକ୍ରୟ, ଖାଦ୍ୟ ଓ ପାନୀୟ ସେବା ଭଳି ବିଭିନ୍ନ ଶିଳ୍ପ-ସଂପର୍କିତ ପାଠପଢ଼ା ହେଉଛି। ଏ ପର୍ଯ୍ୟନ୍ତ ଯେଉଁ ୮୦୦ରୁ ଅଧିକ ଯୁବା ଶିକ୍ଷା ପାଇଛନ୍ତି।

## 'ବିଏସ୍‌ଏନ୍‌ଏଲ୍‌ର ରାଜସ୍ୱ ଅଭିବୃଦ୍ଧିରେ ଶ୍ରେଷ୍ଠ ପ୍ରଦର୍ଶନକାରୀ ରାଜ୍ୟରେ ଓଡ଼ିଶା'



ନୂଆଦିଲ୍ଲୀ,୩୦।୧୦: ୨୦୨୪-୨୫ ଆର୍ଥିକବର୍ଷରେ ଲଗାତାର ଭାବେ ବିଏସଏନଏଲ୍‌ର ନେଟ୍ ତ୍ରୈମାସିକ ଲାଭ ପରେ କମ୍ପାନୀ ଲାଭଦାୟକତା ଗତିକୁ ବଜାୟ ରଖିବା ଏବଂ ୨୦୨୫-୨୬ ଆର୍ଥିକ ବର୍ଷର ପ୍ରଥମାର୍ଦ୍ଧ ପର୍ଯ୍ୟନ୍ତ ଦୃଢ଼ ପ୍ରଦର୍ଶନ ପଥ ବଜାୟ ରଖିଛି। ଏହି ସମୟରେ କମ୍ପାନୀ ପ୍ରାୟ ୫,୩୪୭ କୋଟି ଟଙ୍କା ଆୟ କରିଛି, ଯାହା ମୋଟ ୧୧,୧୩୪ କୋଟି ଟଙ୍କାର ପ୍ରଥମ ଅର୍ଦ୍ଧବାର୍ଷିକରେ ରାଜସ୍ୱ ପ୍ରଦାନ କରିଛି। ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ବିଏସଏନଏଲ୍‌ର ବାର୍ଷିକ ରାଜସ୍ୱ ଲକ୍ଷ୍ୟ ୨୭,୫୦୦ କୋଟି ଟଙ୍କା ରହିଛି, ଯାହା ପୂର୍ବ ବର୍ଷରେ ୨୫,୦୦୦ କୋଟି ଟଙ୍କା ଥିବା କେନ୍ଦ୍ର ଯୋଗାଯୋଗ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ଏମ. ସିନ୍ଧିଆ କହିଛନ୍ତି। ବିଏସଏନଏଲ୍‌ର ଦ୍ୱିତୀୟ ରଣନୈତିକ ସମୀକ୍ଷା ଏବଂ ଯୋଜନା ବୈଠକ (୨୦୨୫-୨୬)ରେ ଅଧ୍ୟକ୍ଷତା କରି ସିନ୍ଧିଆ ଦେଶର ସମସ୍ତ ୨୮ ଟି ସର୍କଲର ମୁଖ୍ୟ ମହାପ୍ରବନ୍ଧକ (ସିଜିଏମ୍)ଙ୍କ ସହ ଆଲୋଚନା କରିଥିଲେ। ଚାରି ଘଣ୍ଟା ଧରି ଚାଲିଥିବା ଏହି ରଣନୈତିକ ସମୀକ୍ଷାରେ ପ୍ରତି କର୍ମଚାରୀଙ୍କ ପାଇଁ ହାରାହାରି ରାଜସ୍ୱ ୯ ଲକ୍ଷ ଟଙ୍କା ହୋଇଛି, ଯେଉଁଥିରେ ଓଡ଼ିଶା, ମହାରାଷ୍ଟ୍ର ଏବଂ ହରିୟାଣା ଉଲ୍ଲେଖନୀୟ ଭାବରେ ଭଲ ପ୍ରଦର୍ଶନ କରିଛନ୍ତି।

## ଜିଓ ବ୍ୟବହାରକାରୀଙ୍କୁ ୧୮ ମାସ ପାଇଁ ମାଗଣାରେ ମିଳିବ ଗୁଗୁଲ୍ ଏଆଇ ପ୍ରୋ

ମୁମ୍ବଇ, ୩୦।୧୦: ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଲିମିଟେଡ୍ ଏବଂ ଗୁଗୁଲ୍ ଆଜି ଏକ ପ୍ରମୁଖ ରଣନୈତିକ ସହଭାଗୀତା ଘୋଷଣା କରିଛନ୍ତି, ଯାହା ଅଧୀନରେ ଉଭୟ କମ୍ପାନୀ ଭାରତରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ବ୍ୟବହାରକୁ ଦ୍ରୁତ ଭାବରେ ବିସ୍ତାର କରିବା ପାଇଁ ଏକାଠି କାମ କରିବେ। ଏହି ସହଭାଗୀତାର ସ୍ୱତନ୍ତ୍ରତା ହେଉଛି ଜିଓ ବ୍ୟବହାରକାରୀମାନେ ୧୮ ମାସ ପାଇଁ ଗୁଗୁଲ ଏଆଇ ପ୍ରୋ ପ୍ଲାନ ର ମାଗଣା ପ୍ରବେଶ ବା ଆକ୍ସେସ ପାଇବେ। ଏହି ପ୍ଲାନର ମୂଲ୍ୟ ପ୍ରତି ଉପଯୋଗକର୍ତ୍ତାଙ୍କ ପାଇଁ ପ୍ରାୟ ୩୫,୧୦୦ ଟଙ୍କା ରହିଥିବା ବେଳେ, ଏହି ସହଭାଗିତା ଅଧୀନରେ ଏହା ମାଗଣାରେ ଉପଲବ୍ଧ ହେବ। ଗୁଗୁଲ୍ ଜେମିନି ୨.୫ ପ୍ରୋ, ନୂତନତମ ଭିଓ ୩.୧ ମଡେଲ୍ ସହିତ ଭିଡିଓ ତିଆରି କରିବା ପାଇଁ ନାନୋ ବନାନା, ଏବଂ ଚମତ୍କାର ଚିତ୍ର ଏବଂ ଉପଭୋକ୍ତାମାନେ ବିସ୍ତାରିତ ଲିମିଟ ପାଇବେ। ଅଧ୍ୟୟନ ଏବଂ ଗବେଷଣା ପାଇଁ ନୋଟବୁକ୍ ଏଲଏମର ବର୍ଦ୍ଧିତ ଆକ୍ସେସ ଏବଂ ୨ ଟିବି କ୍ଲାଉଡ୍ ଷ୍ଟୋରେଜ୍ ଭଳି ପ୍ରିମିୟମ୍ ସେବା ମଧ୍ୟ ଏହି ଅଫରରେ ଅନ୍ତର୍ଭୁକ୍ତ ରହିଛି। ପ୍ରାରମ୍ଭରେ, ଏହି ସୁବିଧା ୧୮ ରୁ ୨୫ ବର୍ଷ ବୟସର ଜିଓ ଉପଭୋକ୍ତାମାନଙ୍କ ପାଇଁ ଉପଲବ୍ଧ ହେବ, କିନ୍ତୁ ପରବର୍ତ୍ତୀ ସମୟରେ ସମସ୍ତ ଜିଓ ଉପଭୋକ୍ତାଙ୍କୁ ଏହାର ପ୍ରବେଶ ବା ଆକ୍ସେସ ମିଳିବ। ଏହି ଏଆଇ ସୁବିଧା କମ୍ପାନୀ କେବଳ ୫ଜି ଅନଲିମିଟେଡ୍ ପ୍ଲାନ ରହିଥିବା ଜିଓ ଗ୍ରାହକମାନଙ୍କୁ ପ୍ରଦାନ କରିବ। ଏହି ସହଭାଗୀତା ରିଲାଏନ୍ସର "ସମସ୍ତଙ୍କ ପାଇଁ ଏଆଇ" ଦୃଷ୍ଟିକୋଣ ଅନୁରୂପ ହୋଇଥିବା ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡର ଅଧ୍ୟକ୍ଷ ମୁକେଶ ଡି. ଅମ୍ବାନୀ କହିଛନ୍ତି।

# ସଙ୍କଟରେ ଭାରତୀୟ ବିମାନ କମ୍ପାନୀ; କ୍ଷତି ୧୦,୫୦୦ କୋଟି ଛୁଇଁବ



**ଇକ୍ରା ରିପୋର୍ଟ**

- ଖୁବ୍ ଶୀଘ୍ର ମହଙ୍ଗା ହେବ ବିମାନ ଯାତ୍ରା
- ୧୭% ବିମାନ ଅଚଳ
- ପାଇଲଟ୍ ଅଭାବ, ବିମାନ ଲିଜ୍ ମୂଲ୍ୟ ବୃଦ୍ଧି କମ୍ପାନୀଙ୍କ ଉପରେ ଅତିରିକ୍ତ ଆର୍ଥିକ ଚାପ


ନୂଆଦିଲ୍ଲୀ,୩୦।୧୦(ଏଜେନ୍ସି): ଘୋର କ୍ଷତିରେ ଚାଲୁଛନ୍ତି ଭାରତୀୟ ବିମାନ କମ୍ପାନୀ। ପରିଚାଳନା ଖର୍ଚ୍ଚରେ ପ୍ରଚୁର ବୃଦ୍ଧି ସହ ମହଙ୍ଗା ବିମାନ ଇନ୍ଧନ, ମଜବୁତ ଡଲାର ଏବଂ ହ୍ରାସ ପାଉଥିବା ଘରୋଇ ଯାତ୍ରୀ ସଂଖ୍ୟା ଏହାର ମୁଖ୍ୟ କାରଣ ବୋଲି ବିବେଚନା କରାଯାଉଛି। ଯାହାଫଳରେ ଭାରତୀୟ ବିମାନ କମ୍ପାନୀଗୁଡ଼ିକର କ୍ଷତି ୨୦୨୬ ଆର୍ଥିକବର୍ଷରେ ରେକର୍ଡ ୧୦୫ ବିଲିୟନ ବା ୧୦,୫୦୦ କୋଟି ଟଙ୍କା ଛୁଇଁପାରେ। ଏହା ଗତ ବର୍ଷ ଆକଳନ କରାଯାଇଥିବା ୫୫ ବିଲିୟନ ତୁଳନାରେ ପ୍ରାୟ ଦୁଇଗୁଣ ଅଧିକ ବୋଲି କୁହାଯାଉଛି। ଏମିତିକି ଘରୋଇ କ୍ଷେତ୍ରରେ ଚାଲୁଥିବା ପ୍ରାୟ ୧୭% ବିମାନ ବର୍ତ୍ତମାନ ଉଡାଣ କରିବା ସ୍ଥିତିରେ ନାହିଁ। ସେଗୁଡିକ ଅଚଳ ହୋଇଯାଇଛି। ଏହାର ପରିଣାମ ସ୍ୱରୂପ ଦେଶରେ ଲୋକଙ୍କ ପାଇଁ ଖୁବ୍ ଶୀଘ୍ର ବିମାନ ଯାତ୍ରା ମହଙ୍ଗା ହେବାକୁ ଯାଉଛି। ରେଟିଂ ଏଜେନ୍ସି ଇକ୍ରା ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ ଏହା କୁହାଯାଇଛି।

ରିପୋର୍ଟ ଅନୁଯାୟୀ, ଦେଶର ବର୍ଦ୍ଧିତ ଅର୍ଥନୀତିର ଏକ ପ୍ରମୁଖ ସୂଚକ ଭାବରେ ବିବେଚିତ ଭାରତୀୟ ବିମାନ ଶିଳ୍ପ ବର୍ତ୍ତମାନ ଏକ ବଡ଼ ଆର୍ଥିକ ସଙ୍କଟ ଆଡକୁ ମୁହାଁଇଛି। ଏହା ବିମାନ ଯାତ୍ରୀଙ୍କ ପକେଟ ଉପରେ ଗଭୀର ପ୍ରଭାବ ପକାଇପାରେ। ରିପୋର୍ଟରେ ଚେତାବନୀ ଦିଆଯାଇଛି ଯେ ଭାରତୀୟ ବିମାନ କମ୍ପାନୀଗୁଡ଼ିକର ନିଟ୍ ଆର୍ଥିକ କ୍ଷତି ଆହୁରି ବୃଦ୍ଧି ପାଇପାରେ। ଏହାର ଅର୍ଥ ହେଉଛି କ୍ଷତି ମାତ୍ର ଗୋଟିଏ ବର୍ଷ ମଧ୍ୟରେ ପ୍ରାୟ ଦୁଇଗୁଣ ହେବ ବୋଲି ଆଶଙ୍କା କରାଯାଉଛି। ଏହି ବିଶାଳ ଆର୍ଥିକ ବୋଝର ସିଧାସଳଖ ଅର୍ଥ ହେଉଛି ଯେ ବିମାନ କମ୍ପାନୀଗୁଡ଼ିକ ନିଜର ପରିଚାଳନା ଖର୍ଚ୍ଚ ବଜାୟ ରଖିବା ପାଇଁ ବର୍ତ୍ତମାନ ବର୍ଦ୍ଧିତ ଚାପର ସମ୍ମୁଖୀନ ହେବେ, ଯାହା ଟିକଟ୍ ମୂଲ୍ୟ କିମ୍ବା ସୁବିଧା ହ୍ରାସ ମାଧ୍ୟମରେ ଯାତ୍ରୀମାନଙ୍କୁ ପ୍ରଭାବିତ କରିବ। ଏହି ଆର୍ଥିକ କ୍ଷତି ପଛର ବଡ଼ କାରଣ ହେଉଛି ଚଳିତମାସରେ ଏଟିଏଫ୍ ମୂଲ୍ୟରେ ୩.୩ ପ୍ରତିଶତ ବୃଦ୍ଧି ଘଟିବା। ଭାରତୀୟ ବିମାନ କମ୍ପାନୀଗୁଡ଼ିକ ପାଇଁ ଆଉ ଏକ ବଡ଼ ପ୍ରତିବନ୍ଧକ ହେଉଛି ଆମେରିକୀୟ ଡଲାରର ଶକ୍ତି। କମ୍ପାନୀଗୁଡିକର ବିମାନ ଲିଜ୍, ରକ୍ଷଣାବେକ୍ଷଣ ଏବଂ ସ୍ପେୟାର ପାର୍ଟସ୍ ଭଳି ଅଧିକାଂଶ ପ୍ରମୁଖ ଖର୍ଚ୍ଚ ଡଲାରରେ ପେମେଣ୍ଟ କରାଯାଏ। ଟଙ୍କା ଏବଂ ଡଲାର ମଧ୍ୟରେ ଅସ୍ଥିରତା ସିଧାସଳଖ ସେମାନଙ୍କ ଲାଭକୁ କମ୍ କରୁଛି। ଯଦିଓ ସେମାନେ ଭାରତୀୟ ଟଙ୍କାରେ ରୋଜଗାର କରନ୍ତି, କିନ୍ତୁ ସେମାନଙ୍କୁ ଡଲାରରେ ଖର୍ଚ୍ଚ କରିବାକୁ ପଡ଼େ, ଯାହା କ୍ଷତିର ଏକ ପ୍ରମୁଖ ଏବଂ ସ୍ଥାୟୀ କାରଣ।

ଅପରପକ୍ଷେ ଏହାର ଅନ୍ୟ ଏକ କାରଣ ହେଉଛି, ଘରୋଇ ବିମାନ ଯାତ୍ରୀ ସଂଖ୍ୟାରେ ହ୍ରାସ। ଆର୍ଥିକ ଚ୍ୟାଲେଞ୍ଜ ସହିତ ବିମାନ କମ୍ପାନୀଗୁଡ଼ିକ ମଧ୍ୟ ଅନେକ ଆଭ୍ୟନ୍ତରୀଣ ସମସ୍ୟା ସହିତ ସଂଘର୍ଷ କରୁଛନ୍ତି। ଏଥିରେ ସବୁଠାରୁ ବଡ଼ ସମସ୍ୟା ହେଉଛି ଇଞ୍ଜିନ ବିଫଳତା ଏବଂ ଯୋଗାଣ ଶୃଙ୍ଖଳ ସମସ୍ୟା। ବିଶେଷକରି ପ୍ରାଟ୍ ଏବଂ ହ୍ୱିଟନି ଇଞ୍ଜିନ ସହିତ ଜଡିତ ସମସ୍ୟା। ଏହା ଫଳରେ ଅନେକ ବିମାନ ଅଚଳ ହୋଇ ପଡିରହିଛି। ଚଳିତବର୍ଷ ମାର୍ଚ୍ଚ ସୁଦ୍ଧା ଦେଶରେ ୧୩୩ ବିମାନ ଅଚଳ ହୋଇ ପଡିରହିଛି, ଯାହା ଦେଶର ମୋଟ ବିମାନ ସଂଖ୍ୟାର ୧୫-୧୭ ପ୍ରତିଶତ।

**ଦୁଃଖ ଦେଇଗଲା ବାତ୍ୟା ମୋନ୍ଥା**

# ପାଣିରେ ଲୋଟୁଛି ଧାନ; ଦାନା ଚିନ୍ତାରେ ଚାଷୀ





ପାରଳାଖେମୁଣ୍ଡି/ଧରାକୋଟ,୩୦।୧୦(ସମିସ): ବାତ୍ୟା ଗଲାପରେ ଦକ୍ଷିଣ ଓଡ଼ିଶାରେ ପ୍ରବଳ ବର୍ଷା ଯୋଗୁଁ ଧାନ ଓ ପନିପରିବା ଫସଲ ଉଜୁଡ଼ି ଯାଇଛି। କେଉଁଠି ପାଚିଲା ଧାନ ତ ଆଉ କେଉଁଠି ପୁଡ଼ା ଧରୁଥିବା ଧାନ ଏବେ ପାଣିରେ ଲୋଟିଛି। ଚଳିତବର୍ଷ ଭଲ ବର୍ଷା ଯୋଗୁଁ ଫସଲ ଭଲ ହୋଇଥିବାବେଳେ ଚାଷୀ ଦି ପଇସା ଭଲ ରୋଜଗାର କରିବ ବୋଲି ଆଶା କରିଥିଲା। ମାତ୍ର 'ମୋନ୍ଥା' ପ୍ରଭାବରେ ହୋଇଥିବା ବର୍ଷାରେ ଲୋଟିଥିବା ଧାନକୁ ଦେଖି ଏବେ ବର୍ଷସାରା ପରିବାର ପାଇଁ ଦାନା ଯୋଗାଡ଼ ହେବ କି ନାହିଁ ସେ ନେଇ ଚିନ୍ତାରେ।

ଗଜପତି ଜିଲ୍ଲାରେ ୧୦୯.୪୦ମିମି ବର୍ଷା ରେକର୍ଡ ହୋଇଥିବାବେଳେ ଗଞ୍ଜାମ ଜିଲ୍ଲାର ପାତ୍ରପୁର ବ୍ଲକରେ ସର୍ବାଧିକ ବର୍ଷା ରେକର୍ଡ ହୋଇଛି। ଗୁରୁବାର ବର୍ଷା କମିବା ପରେ ବିଭିନ୍ନ ସ୍ଥାନରେ ଚାଷୀ ଯାଇ ଉଜୁଡ଼ା ଜମିରେ ଧାନ ଗଛକୁ ଆଡ଼େଇ ଜଳ ନିଷ୍କାସନ ପାଇଁ ଉଦ୍ୟମ ଜାରି ରଖିଛନ୍ତି। କେତେକ ସ୍ଥାନରେ ଆଗ ଚାଷ ହୋଇଥିବା କ୍ଷେତରେ ଧାନ ପାଚିଯାଇଥିବାରୁ ଗଜା ହୋଇଯାଇଥିବା ଦେଖିବାକୁ ମିଳିଛି। ତୁରନ୍ତ ଜିଲ୍ଲା ପ୍ରଶାସନ କ୍ଷୟକ୍ଷତିର ଆକଳନ କରି କ୍ଷତିପୂରଣ ପ୍ରଦାନ ପାଇଁ ଚାଷୀ ଦାବି କରିଛନ୍ତି।

**ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲା**

# ଜେଲ୍‌ରେ ମଳୟଙ୍କୁ ଘରରନ୍ଧା ଖାଦ୍ୟ ଯୋଗାଇବାକୁ ଅନୁମତି!

**ଆଜି ପିଣ୍ଟୁ ଦାଶଙ୍କୁ ନିଆଯିବ ଫୁଲବାଣୀ ଜେଲ**

ବ୍ରହ୍ମପୁର, ୩୦।୧୦ (ସମିସ): ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ଗୁରୁବାର ଏସ୍‌ଡିଜେଏମଙ୍କ ଅଦାଲତରେ ପୁଣି ଏକ ପିଟିସନ ଦାଖଲ ହୋଇ ତାହାର ଶୁଣାଣି ହୋଇଛି। ଗିରଫ କର୍ପୋରେଟର୍ ମଳୟ ବିଶୋୟୀଙ୍କ ପକ୍ଷରୁ ତାଙ୍କ ଓକିଲ କୃଷ୍ଣପ୍ରସାଦ ପଟ୍ଟନାୟକ ଓ ସହଯୋଗୀ ଏହି ପିଟିସନ ଦାଖଲ କରିଥିଲେ। ପିଟିସନରେ, ମଳୟ ଜଣେ ରକ୍ତଶର୍କରା ଓ ଉଚ୍ଚ ରକ୍ତଚାପ ରୋଗୀ ହୋଇଥିବାରୁ ତାଙ୍କର ନିୟମିତ ଚିକିତ୍ସାର ଆବଶ୍ୟକତା ରହିଛି। ଏଣୁ ତାଙ୍କୁ ଜେଲ ମଧ୍ୟରେ ଥିବା ଡାକ୍ତରଖାନାକୁ ଯିବାକୁ ସୁଯୋଗ ଦିଆଯାଉ। ମଳୟ ଜଣେ ରୋଗୀ ହୋଇଥିବାରୁ ତାଙ୍କୁ ଜେଲ ପରିବର୍ତ୍ତେ ଘର ରନ୍ଧାଖାଦ୍ୟ ଯୋଗାଇବାକୁ ଅନୁମତି ଦେବାକୁ ନିବେଦନ କରାଯାଇଥିଲା। ସେହିଭଳି, ମଳୟଙ୍କ ଓକିଲଙ୍କୁ ମଧ୍ୟ ଜେଲରେ ନିଜ ମହକିଲଙ୍କୁ ସାକ୍ଷାତ ସୁଯୋଗ ଦିଆଯାଉନଥିବା ଦାଖଲ ପିଟିସନରେ ଅଭିଯୋଗ କରାଯାଇଥିବା ଜଣାପଡ଼ିଛି।

ପିଟିସନକୁ ନେଇ ଉଭୟ ସରକାରୀ ଓକିଲ ଓ ମଳୟଙ୍କ ଓକିଲଙ୍କ ଯୁକ୍ତିକୁ ଶୁଣିବା ପରେ ବ୍ରହ୍ମପୁର ଏସ୍‌ଡିଜେଏମ୍ କୁମାର ସ୍ୱନ୍ଦନ ଜେଲ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଓଡ଼ିଶା ଆଦର୍ଶ ଜେଲ୍ ମାନୁଆଲ ୨୦୨୦ ପ୍ରକାରେ ସମସ୍ତ ଓକିଲଙ୍କୁ ସେମାନଙ୍କ ମହକିଲଙ୍କ ସହ ଆଇନଗତ ପରାମର୍ଶ ଓ ଆଲୋଚନା ପାଇଁ ସୁଯୋଗ ଦେବାକୁ ନିର୍ଦ୍ଦେଶ ଦେବା ସହ ବିଚାରାଧୀନ କଏଦୀ ତଥା କର୍ପୋରେଟର ମଳୟ ବିଶୋୟୀଙ୍କୁ ଜେଲ ମଧ୍ୟରେ ଚିକିତ୍ସାଳୟକୁ ଯିବାକୁ ସୁଯୋଗ ଦେବା ସହ ଆବଶ୍ୟକସ୍ଥଳେ ତାଙ୍କୁ ତାଙ୍କର ଘରରନ୍ଧା ଯୋଗାଇଦେବାକୁ ଅନୁମତି ପ୍ରଦାନ କରିଥିବା ଜଣାପଡ଼ିଛି।

ସେପଟେ ୩୧ ତାରିଖରେ ବ୍ରହ୍ମପୁର ଜେଲ୍‌ରେ ପୂର୍ବତନ ମେୟର ଶିବଶଙ୍କର ଦାଶ ଓରଫ୍ ପିଣ୍ଟୁଙ୍କୁ କଡ଼ାସୁରକ୍ଷା ବଳୟ ମଧ୍ୟରେ ସୁରକ୍ଷିତ ଭାବେ ଫୁଲବାଣୀ ମଣ୍ଡଳ କାରାଗାରକୁ ସ୍ଥାନାନ୍ତର ନେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଜେଲ କର୍ତ୍ତୃପକ୍ଷଙ୍କୁ ଏସ୍‌ଡିଜେଏମ୍ କୁମାର ସ୍ୱନ୍ଦନ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି। ବ୍ରହ୍ମପୁର ଜେଲରେ ପିଣ୍ଟୁଙ୍କ ଜୀବନ ପ୍ରତି ବିପଦ ଥିବାର ପୂର୍ବରୁ ଖୋଦ୍ ଜେଲ କର୍ତ୍ତୃପକ୍ଷ ଆଶଙ୍କା କରି କୋର୍ଟରେ ଲିଖିତ ଭାବେ ଜଣାଇଥିଲେ। ଫଳରେ ଆସନ୍ତା ୩୧ତାରିଖ ଶୁକ୍ରବାର ଦିନ ପୂର୍ବାହ୍ନରେ ପିଣ୍ଟୁଙ୍କୁ କଡ଼ା ସୁରକ୍ଷା ମଧ୍ୟରେ ବ୍ରହ୍ମପୁରରୁ ଫୁଲବାଣୀ ସ୍ଥାନାନ୍ତର କରାଯିବ ବୋଲି ସୂଚନା ମିଳିଛି।

## ଆଜିର ରାଶିଫଳ

**ମେଷ:** ଅଫିସ୍‌ରେ ସମସ୍ୟା ଦେଖା ଦେବ। ଗୁରୁଜନଙ୍କ ସହ ଉତ୍ତମ ବୁଝାମଣା ରହିବ। ଆର୍ଥିକ ଦୃଷ୍ଟିରୁ ଦିନଟି ଉତ୍ତମ। ରୋଜଗାର ବୃଦ୍ଧି ହେବ। ମନ ପ୍ରସନ୍ନ ରହିବ। ଜୀବନସାଥୀଙ୍କ ସହଯୋଗ ମିଳିବ।

**ବୃଷ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। କୌଣସି କାର୍ଯ୍ୟ ବିଗିଡ଼ିଯାଇପାରେ। ଧାର୍ମିକ କାର୍ଯ୍ୟ ପ୍ରତି ଆଗ୍ରହ ବଢ଼ିବ। ଆଚରଣରେ ନିୟନ୍ତ୍ରଣ ରକ୍ଷା କରିବେ। ଆତ୍ମବିଶ୍ୱାସର ସହ କାର୍ଯ୍ୟ କରିବେ। ନିବେଶ ଲାଗି ଉପଯୁକ୍ତ ସମୟ।

**ମିଥୁନ:** ବିରୋଧୀଙ୍କ ସହ ମତାନ୍ତର ଦୂର ହେବ। ଆଇନ ସମ୍ବନ୍ଧୀୟ ମାମଲା ଆପଣଙ୍କ ସପକ୍ଷରେ ଯିବ। ଭୁଲ୍ କାମରୁ ଦୂରେଇ ରହିବେ। ପାରିବାରିକ ଜୀବନରେ ସୁଖଶାନ୍ତି ରହିବ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**କର୍କଟ:** ବିଦ୍ୟାର୍ଥୀ ବିଦେଶ ଯାତ୍ରା କରିବେ। ଗରିବଙ୍କୁ ସାହାଯ୍ୟ କରିବେ। ମାନସିକ ଶାନ୍ତି ମିଳିବ। କାର୍ଯ୍ୟ କ୍ଷେତ୍ରରେ ବରିଷ୍ଠ ଅଧିକାରୀଙ୍କ ମାର୍ଗଦର୍ଶନରେ ପରିଚାଳିତ ହେବେ। ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ।

**ସିଂହ:** ଆର୍ଥିକ ସମସ୍ୟା ସୃଷ୍ଟି ହେବ। ସେଲ୍‌ସ ମାର୍କେଟିଂ କ୍ଷେତ୍ରରେ ସଫଳତା ମିଳିବ। କାର୍ଯ୍ୟକ୍ଷେତ୍ରରେ ବିଶେଷ ଧ୍ୟାନ ଦେବେ। ଦୁର୍ଗା ଚାଳିଶା ପାଠ କରିବା ଭଲ। କାର୍ଯ୍ୟ ଧାରାରେ ପରିବର୍ତ୍ତନ ଆଣିବେ।

**କନ୍ୟା:** ସମାଜରେ ମାନ ସମ୍ମାନ ବୃଦ୍ଧି ପାଇବ। ବନ୍ଧୁଙ୍କ ସହାୟତାରେ କାମ ପୂରା କରିବେ। ଛାତ୍ରଛାତ୍ରୀ ପଢ଼ାକୁ ନେଇ ଚିନ୍ତାରେ ରହିବେ। ସ୍ୱାସ୍ଥ୍ୟ ସମସ୍ୟା ଉପୁଜିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ତୁଳା:** ଦିନଟିରେ ସଫଳତା ମିଳିବ। ପୈତୃକ ବ୍ୟବସାୟରୁ ଲାଭବାନ ହେବେ। ସକାରାତ୍ମକ ଚିନ୍ତାଧାରାରେ ସମସ୍ତ କାର୍ଯ୍ୟ କରିବେ। ଆର୍ଥିକ ଲାଭ ମିଳିବ। ବଚନରେ ମଧୁରତା ରକ୍ଷା କରିବେ।

**ବିଛା:** ବାଦବିବାଦରୁ ଦୂରେଇ ରହିବେ। ତରବରିଆ ଭାବେ ନିଷ୍ପତ୍ତି ନେବେ ନାହିଁ। କାମରୁ ଲାଭ ଓ ସଫଳତା ମିଳିବ। ବ୍ୟବସାୟରେ ଦୂରସ୍ଥାନକୁ ଯାତ୍ରା କରିବେ। ପ୍ରେମ ସମ୍ପର୍କ ସୁଖମୟ ହେବ।

**ଧନୁ:** କାର୍ଯ୍ୟକ୍ଷେତ୍ରରେ ଆତ୍ମବିଶ୍ୱାସର ଅଭାବ ରହିବ। କୌଣସି ସମସ୍ୟାରେ ପଡ଼ିପାରନ୍ତି। ପରିଶ୍ରମ ଅନୁସାରେ ସଫଳତା ମିଳିବ। ମହାଦେବଙ୍କ ପୂଜାର୍ଚ୍ଚନାରେ ସମୟ ବିତିବ।

**ମକର:** ବିବାହ ପ୍ରସ୍ତାବ ଆସିବ। ଧନଲାଭ ଯୋଗ ଅଛି। କୌଣସି କଥାକୁ ନେଇ ଅଧିକ ଚିନ୍ତା କରିବେ ନାହିଁ। ଭାଇ,ଭଉଣୀଙ୍କ ସହ ହସ ଖୁସିରେ ଦିନ କାଟିବେ। ଡାକ୍ତରୀ ଛାତ୍ରଛାତ୍ରୀଙ୍କୁ ନିଯୁକ୍ତି ସୁଯୋଗ ମିଳିବ।


**କୁମ୍ଭ:** ପରନିନ୍ଦାରୁ ଦୂରେଇ ରହିବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତାନ୍ତର ଦେଖା ଦେବ। ରଣନୀତିରେ କାମ କରିବେ ଏବଂ ସଫଳତା ପ୍ରାପ୍ତି ହେବ। ସନ୍ତାନଙ୍କ କ୍ୟାରିୟରକୁ ନେଇ ଉପଯୁକ୍ତ ନିର୍ଣ୍ଣୟ ନେବେ।

**ମୀନ:** ଅଫିସ୍‌ରେ ପ୍ରତିଷ୍ଠା ବଢ଼ିବ। ଆର୍ଥିକ ଦୃଷ୍ଟିରୁ ଦିନଟି ଶୁଭ। କାମ ଆରମ୍ଭ ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ସମସ୍ତ କାମ ସହଜରେ ପୂରା କରିବେ। ବ୍ୟବସାୟୀ କୌଣସି ଶୁଭ ଖବର ପାଇବେ।

## ଆଜିର ଇତିହାସ

- ୧୭୫୯ - ଫିଲିପାଇନ୍ସରେ ଆସିଥିବା ଭୂମିକମ୍ପ ଯୋଗୁଁ ୧୦୦ ଲୋକଙ୍କ ପ୍ରାଣହାନି।
- ୧୯୨୦- 'ଅଲ୍ ଇଣ୍ଡିଆ ଟ୍ରେଡ୍ ୟୁନିଅନ୍ କଂଗ୍ରେସ'ର ଗଠନ।
- ୧୯୫୩- ବେଲଜିୟମ୍‌ରେ ଟେଲିଭିଜନ ପ୍ରସାରଣ ଆରମ୍ଭ ହେଲା।
- ୧୯୭୮ - ଇରାନ୍‌ରେ ତୈଳ କର୍ମଚାରୀଙ୍କ ଧର୍ମଘଟ।
- ୧୯୮୪- ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଦେହାନ୍ତ।
- ୨୦୧୫- ରୁଷିଆର ମେଟ୍ରୋଜେଟ୍ ଫ୍ଲାଇଟ୍ ଦୁର୍ଘଟଣାଗ୍ରସ୍ତ ହେବାରୁ ସମସ୍ତ ୨୨୪ ଯାତ୍ରୀ ମୃତ।

# ଜାତୀୟ ଏକତା ଦିବସ




ଆଜି ଲୌହ ମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜନ୍ମ ଜୟନ୍ତୀ। ଆଜିର ଦିନକୁ ରାଷ୍ଟ୍ରୀୟ ଏକତା ଦିବସ ଭାବେ ପାଳନ କରାଯାଉଛି। ବିବିଧତା ମଧ୍ୟରେ ଏକତାର ଭାବନାକୁ ପ୍ରୋତ୍ସାହିତ କରିବା ଏବଂ ଜାତୀୟ ଅଖଣ୍ଡତାକୁ ବଜାୟ ରଖିବା ଆଜି ଏହି ଦିବସ ପାଳନର ମୂଳ ଲକ୍ଷ୍ୟ। ଏହାବାଦ୍ ଦେଶର ଆଭ୍ୟନ୍ତରୀଣ ନିରାପତ୍ତାକୁ ସୁନିଶ୍ଚିତ କରିବା ପାଇଁ ଏହି ଦିବସ ସଭିଙ୍କୁ ସଂକଳ୍ପବଦ୍ଧ କରିଥାଏ। ଭାରତ ପରି ବିବିଧତାପୂର୍ଣ୍ଣ ଦେଶରେ ଲୋକଙ୍କ ମଧ୍ୟରେ ଏକତାକୁ ସବୁଠୁ ଅଧିକ ଗୁରୁତ୍ୱ ଦିଆଯାଇଥାଏ। ଲୌହ ପୁରୁଷ ସର୍ଦ୍ଦାର ପଟେଲ ଭାରତ ଏକୀକରଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ସେ ୩୧ ଅକ୍ଟୋବର, ୧୮୭୫ରେ ଗୁଜରାଟର ନଡ଼ିୟାଦରେ ଜନ୍ମଗ୍ରହଣ କରିଥିଲେ। ପେସାରେ ସେ ଜଣେ ଓକିଲ ଥିଲେ। ତେବେ ରାଷ୍ଟ୍ରବାଦୀ ଗୁଣ ହିଁ ତାଙ୍କୁ ସ୍ୱାଧୀନତା ସଂଗ୍ରାମୀର ପରିଚୟ ପ୍ରଦାନ କରିଛି। ସେ ଥିଲେ ସ୍ୱାଧୀନ ଭାରତର ପ୍ରଥମ ଉପ ପ୍ରଧାନମନ୍ତ୍ରୀ ଓ ଗୃହମନ୍ତ୍ରୀ। ଯେଉଁ ସମୟରେ ଅନେକ ଦେଶୀୟ ରାଜ୍ୟ ବିଭାଜିତ ହୋଇଥିଲା, ସେହି ସମୟରେ ସ୍ୱର୍ଗତ ପଟେଲ ଅଖଣ୍ଡ ଭାରତର ପରିକଳ୍ପନା କରିଥିଲେ। ଇତିହାସରେ 'ଭାରତର ଏକତାକାରୀ' ଭାବେ ପରିଚିତ ସର୍ଦ୍ଦାର ପଟେଲ ଦେଶ ସ୍ୱାଧୀନ ହେବା ପରେ ୫୬୫ଟି ଦେଶୀୟ ରାଜ୍ୟକୁ ଏକତ୍ର କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଗୁଜରାଟର ଗୋଟିଏ ସାଧାରଣ ପରିବାରରୁ ଆସିଥିବା ସର୍ଦ୍ଦାର ପଟେଲ ସ୍ୱାଧୀନ ଭାରତର ଜଣେ ମହାନ ଜନନେତା ହୋଇପାରିଥିଲେ। ୧୫ ଡିସେମ୍ବର ୧୯୫୦ ମସିହାରେ ସେ ଇହଧାମ ତ୍ୟାଗ କରିଥିଲେ। ସେହିପରି ୨୦୧୮ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସର୍ଦ୍ଦାର ପଟେଲଙ୍କ ସମ୍ମାନରେ ଗୁଜରାଟରେ ୧୮୨ ମିଟର ଉଚ୍ଚତାର 'ଷ୍ଟାଚ୍ୟୁ ଅଫ୍ ୟୁନିଟି' ପ୍ରତିମୂର୍ତ୍ତିକୁ ଉନ୍ମୋଚନ କରିଥିଲେ। ଜାତୀୟ ଏକତା ଦିବସ ଅବସରରେ ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ବିଚାରଧାରା ସଂପର୍କରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଇଥାଏ। ସାରା ଦେଶରେ ଏହିଦିନ 'ଏକତା ଦୌଡ଼'ର ଆୟୋଜନ କରାଯାଏ। ଜାତୀୟ ଏକତା ଦିବସ ନାଗରିକମାନଙ୍କୁ ଏକଜୁଟ ହୋଇ ଦେଶର ପ୍ରଗତିରେ ସକ୍ରିୟ ଭୂମିକା ଗ୍ରହଣ କରିବାକୁ ପ୍ରେରଣା ଯୋଗାଇଥାଏ।

# ମଶାମୁକ୍ତ ଦେଶରେ ମଶା ଚିହ୍ନଟ



ବିଶ୍ୱର ମଶା ମୁକ୍ତ ଦେଶ କହିଲେ ଆଇସ୍‌ଲ୍ୟାଣ୍ଡକୁ ବୁଝାଏ। ଜଳବାୟୁ ପରିବର୍ତ୍ତନର ପ୍ରଭାବ ଏବେ ଆଇସ୍‌ଲ୍ୟାଣ୍ଡ ଉପରେ ପଡ଼ିଛି। ଏଠାରେ ଏକସଙ୍ଗେ ତିନୋଟି ମଶାକୁ ଠାବ କରାଯାଇଛି। ଅନେକ ଦିନରୁ ମଶାଶୂନ୍ୟ ଦେଶ ଭାବେ ମାନ୍ୟତା ଅର୍ଜନ କରିଥିବା ଆଇସ୍‌ଲ୍ୟାଣ୍ଡରେ ବିଶ୍ୱ ତାପମାତ୍ରା ବୃଦ୍ଧି ଯୋଗୁଁ ମଶା ଦେଖାଯାଇଛନ୍ତି। ଏଠାକାର ତାପମାତ୍ରା ଏବେ ମଶା ବଂଶ ବିସ୍ତାର ପାଇଁ ଅନୁକୂଳ ହୋଇଛି ବୋଲି ଏଥିରୁ ଏକପ୍ରକାର ସ୍ପଷ୍ଟ ହୋଇଛି। ଆଇସ୍‌ଲ୍ୟାଣ୍ଡର ପ୍ରାକୃତିକ ବିଜ୍ଞାନ ସଂସ୍ଥାନର କୀଟତତ୍ତ୍ୱ ବିଜ୍ଞାନୀ ମେଥିୟାସ ଆଲଫ୍ରେଡସନ୍ ଏସମ୍ପର୍କରେ ସୂଚନା ଦେଇଛନ୍ତି। କିଡାଫେଲ, କଜୋସରେ କ୍ୟୁଲିସେଟା ଏନୁଲେଟା ମଶାର ତିନିଟି ନମୁନା ମିଳିଛି। ତନ୍ମଧ୍ୟରୁ ଦୁଇଟି ମାଈ ଏବଂ ଗୋଟିଏ ଅଣ୍ଡିରା ମଶା। ଏଠାରୁ ମିଳିଥିବା ମଶାଗୁଡ଼ିକ ଥଣ୍ଡା ଜଳବାୟୁରେ ବଢ଼ିପାରନ୍ତି। ମୁଖ୍ୟତଃ ଏହି ମଶା ଶୀତଦିନେ ଭୂତଳ ଘର କିମ୍ବା ପ୍ରାଣୀଙ୍କ ପାଇଁ ରଖାଯାଉଥିବା ଫସଲ ଚାରା କୋଠରୀରେ ସୃଷ୍ଟି ହୋଇଥାନ୍ତି। ତେବେ ଏହି ପ୍ରଜାତିର ମଶା ୟୁରୋପରେ ଅଧିକ ଦେଖାଯାଉଥିବାରୁ ଜାହାଜ ଦ୍ୱାରା ଏମାନେ ଆଇସ୍‌ଲ୍ୟାଣ୍ଡରେ ପହଞ୍ଚିଥାଇ ପାରନ୍ତି ବୋଲି ମଧ୍ୟ ଚର୍ଚ୍ଚା ହେଉଛି। ବ୍ୟୁଆର୍ଣ୍ଣ ହେଜାଲଟସନ୍ ନାମକ ବ୍ୟକ୍ତି ମଶାଙ୍କ ଫଟୋକୁ ଫେସବୁକ୍ ଗ୍ରୁପ୍‌ରେ 'ଇଫେକ୍ଟସ ଇନ୍ ଆଇସଲ୍ୟାଣ୍ଡ'ରେ ପୋଷ୍ଟ କରିଥିଲେ। ସେ ଏହି ପୋଷ୍ଟରେ ଉଲ୍ଲେଖ କରିଥିଲେ ଯେ, ୧୬ ଅକ୍ଟୋବର ସନ୍ଧ୍ୟାରେ ମଶାଙ୍କୁ ଆକର୍ଷିତ କରିବାକୁ ବ୍ୟବହୃତ ଜାଲ (ଲାଲ ୱାଇନ୍ ରିବନ) ଉପରେ ତାଙ୍କର ନଜର ପଡ଼ିଥିଲା। ଏଥିରେ ସେ ଏକ ଅଜବ କୀଟକୁ ଦେଖିଥିଲେ। ଏହାକୁ ନେଇ ମନରେ ସନ୍ଦେହ ହେବାରୁ ସେ ଏହାକୁ ବିଜ୍ଞାନ ପ୍ରତିଷ୍ଠାନକୁ ପଠାଇଥିଲେ। ଏହାବାଦ୍ ସେ ଅନ୍ୟ ଦୁଇଟି ମଶା ମଧ୍ୟ ଠାବ କରିଥିଲେ। କିଛି ଦିନ ପୂର୍ବରୁ ଏଠାରେ ମଶାବଂଶ ବିସ୍ତାର କରିବ ବୋଲି ବୈଜ୍ଞାନିକମାନେ ଭବିଷ୍ୟବାଣୀ କରିଥିଲେ। ଏବେ ଏକଥା ସତ ପ୍ରମାଣିତ ହୋଇଛି। ଗ୍ଲୋବାଲ ହିଟ୍ ହେଲ୍‌ଥ ଇନ୍‌ଫର୍ମେଶନ ନେଟ୍‌ୱର୍କ ୨୦୨୫, ଜୁନ୍‌ର ଏକ ରିପୋର୍ଟ ଅନୁସାରେ, 'ଉତ୍ତର ଗୋଲାର୍ଦ୍ଧର ଅବଶିଷ୍ଟ ଅଂଶ ତୁଳନାରେ ଆଇସଲ୍ୟାଣ୍ଡରେ ଚାରିଗୁଣ ଅଧିକ ଗରମ ହେଉଛି। ଗ୍ଲେସିୟର ତରଳିବାରୁ ଏଠାରେ ଏକ ବିଶେଷ ପ୍ରଜାତିର ମାଛ ଦେଖାଯାଇଛନ୍ତି, ଯାହାକି ଗରମ ଜଳବାୟୁରେ ଦେଖାଯାଏ।'

# ବିନା ବ୍ରେକ୍‌ରେ ସୁଟ୍ ହେଲା 'ଜଟାଧାରା'ର କ୍ଲାଇମାକ୍ସ




ସୁଧୀର ବାବୁ ଓ ସୋନାକ୍ଷୀ ସିହ୍ନାଙ୍କ ଅଭିନୀତ 'ଜଟାଧାରା' ଫିଲ୍ମ ନଭେମ୍ବର ୭ରେ ପରଦାକୁ ଆସିବ। ନିକଟରେ ଫିଲ୍ମର ପ୍ରଯୋଜକ ଶିବିନ ନାରଙ୍ଗ ଏହାର କ୍ଲାଇମାକ୍ସ ସିନ୍ ସମ୍ପର୍କରେ କହିଛନ୍ତି। ସେ କହିଛନ୍ତି, 'ଏହାର କ୍ଲାଇମାକ୍ସକୁ ଲଗାତାର ୨୪ ଘଣ୍ଟା ଧରି ସୁଟ୍ କରାଯାଇଛି। ଏହାର କ୍ଲାଇମାକ୍ସ ହିଁ ଫିଲ୍ମର ଆକର୍ଷଣ ସାଜିବ। ଏହି ସିନ୍ ପାଇଁ ସୋନାକ୍ଷୀ ଓ ସୁଧୀର ଶାରୀରିକ, ମାନସିକ ଓ ଭାବନାତ୍ମକ ଭାବେ ଯୋଡ଼ି ହୋଇ ରହିଥିଲେ। ପୂରା ଟିମ୍ କ୍ଲାଇମାକ୍ସ ପାଇଁ ଲଗାତାର ତିନି ଦିନ ଧରି ବିନା ବ୍ରେକ୍‌ରେ ସୁଟିଂ କରିଥିଲା। 'ଜଟାଧାରା'ର କ୍ଲାଇମାକ୍ସ ବଡ଼ ପରଦାରେ ଦେଖାଯାଉଥିବା ସବୁଠୁ ଉନ୍ନତମାନର କ୍ଲାଇମାକ୍ସ ହେବ।' ଏହାର ନିର୍ଦ୍ଦେଶନା ଦାୟିତ୍ୱରେ ଭେଙ୍କଟ କଲ୍ୟାଣ ଓ ଅଭିଷେକ ଜୟସୱାଲ ଅଛନ୍ତି। ଫିଲ୍ମରେ ପୌରାଣିକ କଥା ସହ କଳାଯାଦୁ, ଅଭିଶାପ ଓ ଏକ ରହସ୍ୟମୟ ଗୁପ୍ତଧନକୁ ଦେଖାଯାଇଛି। ଇତିମଧ୍ୟରେ ଫିଲ୍ମର ଟ୍ରେଲର୍ ସହ ଦୁଇଟି ଗୀତ ରିଲିଜ୍ ହୋଇଛି। ଯାହାକୁ ଦର୍ଶକେ ଖୁବ୍ ପସନ୍ଦ କରିଛନ୍ତି। ଦିବ୍ୟା ଖୋସଲା, ଶିଲ୍ପା ଶିରୋଦକର, ଇନ୍ଦିରା କ୍ରୀଷ୍ଣା, ରବି ପ୍ରକାଶ, ନବୀନ ନେନି ମଧ୍ୟ ଏଥିରେ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ନଜର ଆସିବେ।



## ସଞ୍ଜୀବନୀ

# ଷ୍ଟେମ୍ ସେଲ୍ ଥେରାପି



ଷ୍ଟେମ୍ ସେଲ୍ ଥେରାପି ଏକ ପ୍ରକାର ଅତ୍ୟାଧୁନିକ ଚିକିତ୍ସା। ଏହା ବ୍ୟୟ ବହୁଳ। ମନୁଷ୍ୟ ଶରୀରରେ କ୍ଷତିଗ୍ରସ୍ତ ତଥା ରୋଗାଗ୍ରସ୍ତ କୋଷର ପୁନଃକାର୍ଯ୍ୟକ୍ଷମ ପାଇଁ ଷ୍ଟେମ୍ କୋଷର ଉପଯୋଗ କରାଯାଇଥାଏ। ଏହା କ୍ଷତିଗ୍ରସ୍ତ କୋଷରେ ପରିବର୍ତ୍ତନ ଆଣି ଶରୀରକୁ ଆପେ ଠିକ୍ କରିଥାଏ। ଏଥିପାଇଁ ଶରୀରରୁ ବିଭିନ୍ନ ସ୍ଥାନରୁ ଷ୍ଟେମ୍ କୋଷ ବାହାର କରାଯାଇ ଏହାକୁ କ୍ଷତିଗ୍ରସ୍ତ କୋଷରେ ବ୍ୟବହାର କରାଯାଏ। ମୁଖ୍ୟତଃ ବିଭିନ୍ନ ରୋଗ ଯଥା- ରକ୍ତ କର୍କଟ, ଅଷ୍ଟିଓ ଆର୍ଥ୍ରାଇଟିସ୍, ହାଡ଼ ଭାଙ୍ଗିଯିବା ଆଦି କ୍ଷେତ୍ରରେ ଏହା ଉପଯୋଗ ହୋଇଥାଏ। ବର୍ତ୍ତମାନ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଅନ୍ୟାନ୍ୟ ରୋଗ ଯଥା, ହୃଦ୍‌ରୋଗ, ମସ୍ତିଷ୍କଜନିତ ରୋଗ, ମଧୁମେହ, ପାର୍କିନସନ୍ ଆଦି ରୋଗ ପାଇଁ ଏହାର ସାହାଯ୍ୟ ନେଉଛନ୍ତି। ଷ୍ଟେମ କୋଷଗୁଡ଼ିକୁ ଶରୀରର ଯେକୌଣସି କୋଷରେ ବିକଶିତ କରାଯାଇ ପ୍ରୟୋଗଶାଳାରେ ସ୍ୱତନ୍ତ୍ର ପ୍ରକାରେ ତଥା ଜେନେଟିକ୍ ଇଞ୍ଜିନିୟରିଂ ଦ୍ୱାରା ଉପଯୁକ୍ତ କେମିକାଲ ଦ୍ୱାରା ସାଧାରଣ ତନ୍ତୁକୋଷକୁ ପରିବର୍ତ୍ତନ କରାଯାଏ। ଏହି ନୂତନ କୋଷକୁ ରୋଗୀ ଶରୀରରେ ପୁନଃ ପ୍ରତିରୋପଣ କରାଯାଇଥାଏ। ଫଳରେ କ୍ଷତିଗ୍ରସ୍ତ କୋଷକୁ କାର୍ଯ୍ୟକ୍ଷମ କରିପାରେ। ଏହାଦ୍ୱାରା ଯନ୍ତ୍ରଣା ଲାଘବ ହୁଏ। ଆଣ୍ଠୁଗଣ୍ଠି ଆଘାତରେ ଷ୍ଟେମ୍ କୋଷ ଖଞ୍ଜା ଏବଂ ଅସ୍ଥି ଉପଚାରରେ ପ୍ରଭାବୀ। ଏହା ଦ୍ୱାରା ଆରାମ ମିଳିବା ସହିତ ଏହା ଗତିଶୀଳତା ବୃଦ୍ଧି କରେ। ବେଳେ ବେଳେ ଦାତାଙ୍କ କୋଷକୁ ଉପଯୋଗ କରାଗଲେ, ଏହା ବିଭିନ୍ନ ଜଟିଳ ରୋଗ ସୃଷ୍ଟି କରିପାରେ। ତେଣୁ ସେ କ୍ଷେତ୍ରରେ ଷ୍ଟେମ୍ ସେଲ୍ ଥେରାପି ଜୀବନରେ ଗୁଣବତ୍ତା ବୃଦ୍ଧି କରେ।

# ମୁଖଗହ୍ୱର ସ୍ୱଚ୍ଛତାରୁ କର୍କଟ ନିରୂପଣ

**ମୁଖ ଗହ୍ୱର ଶରୀରର ଦର୍ପଣ ସଦୃଶ। ଏହାର ସ୍ୱଚ୍ଛତା ଦାନ୍ତ ଏବଂ ମାଢ଼ିକୁ ସୁସ୍ଥ ରଖିବା ସହ ଶରୀରକୁ ସୁସ୍ଥ ରଖିବାରେ ସହାୟକ ହୁଏ। ହୃଦ୍‌ରୋଗ, ମଧୁମେହ, ବିଭିନ୍ନ କର୍କଟ ଭଳି ରୋଗ ଆଶଙ୍କାକୁ ଏହା ହ୍ରାସ କରେ। ତେଣୁ ଦିନକୁ ଦୁଇଥର ସଠିକ୍ ଢଙ୍ଗରେ ବ୍ରଶ୍ କରିବା ଓ ଆୟୁର୍ବେଦିକ ସମାଧାନ ଗ୍ରହଣ ଆଦିକୁ ଧ୍ୟାନ ଦେଲେ, କର୍କଟ ରୋଗର ପ୍ରାରମ୍ଭିକ ଚିହ୍ନଟ ଓ ଜଟିଳତା ହ୍ରାସ ପାଇପାରେ।**



ଡା. ସୋନିଆ ଦତ୍ତ

### ମୁଖ ଗହ୍ୱର ସ୍ୱାସ୍ଥ୍ୟ ସହିତ ଅନ୍ୟ ରୋଗର ସମ୍ପର୍କ

ରୋଗ ପ୍ରତିରୋଧକ ଶକ୍ତି କମ୍ ଥିବା ବ୍ୟକ୍ତିଙ୍କ ପାଇଁ ମୁଖଗହ୍ୱରର ସ୍ୱଚ୍ଛତା ବଜାୟ ରଖିବା ନିହାତି ଆବଶ୍ୟକ। ଏହା ସେମାନଙ୍କ ଜୀବନଶୈଳୀକୁ ସକାରାତ୍ମକ ଭାବେ ପ୍ରଭାବିତ କରେ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏମ୍ସ ଏବଂ ପ୍ରମୁଖ ସଂସ୍ଥାନର ଗବେଷଣାରୁ ସ୍ପଷ୍ଟ ହୋଇଛି ଯେ, ମୁଖ ଗହ୍ୱରର ସ୍ୱଚ୍ଛତାକୁ ଧ୍ୟାନ ନ ଦେଲେ କିଛି ଜୀବାଣୁ ଖାଦ୍ୟନଳୀ ଦେଇ ଶରୀର ଭିତରକୁ ଯାଇ ରୋଗ ସୃଷ୍ଟି କରିପାରନ୍ତି। ଦୀର୍ଘକାଳୀନ ମାଢ଼ିରୋଗ, ମାଢ଼ି ଫୁଲା, ମୁଖ ଗହ୍ୱର ଅପରିଷ୍କାର ସଂକ୍ରମଣର କାରଣ ସାଜି ମୁଖ ଗହ୍ୱର ଓ ଗଳା କର୍କଟ ସୃଷ୍ଟି କରେ। କେବଳ ସେତିକି ନୁହେଁ; ମସ୍ତିଷ୍କ, ପାକସ୍ଥଳି, ଫୁସ୍‌ଫୁସ୍, ପ୍ରୋଷ୍ଟେଟ୍ କର୍କଟ ଆଦି ହେବାର ଆଶଙ୍କା ଥାଏ। ତେଣୁ ଭଲ ଭାବେ ମୁଖ ପରିଷ୍କାର କରିବା, ବର୍ଷକୁ ଥରେ ଦାନ୍ତ ପରୀକ୍ଷା, ଦିନକୁ ଦୁଇଥର ଭଲ କରି ବ୍ରଶ୍ କରିବା ଦ୍ୱାରା ବିଶେଷ କରି ଗଳା ଏବଂ ମସ୍ତିଷ୍କ କର୍କଟର ବିପଦ ହ୍ରାସ ପାଇଥାଏ। ଦାନ୍ତ ପରୀକ୍ଷା ଦ୍ୱାରା ଏହା ମୁଖ ଗହ୍ୱର କର୍କଟର ପ୍ରାରମ୍ଭିକ ଅବସ୍ଥାକୁ ଚିହ୍ନଟ କରି ସତର୍କ କରାଏ। ଡାକ୍ତର ଦାନ୍ତଜନିତ ସମସ୍ୟା, ପାଟି ଘା' ଆଦିକୁ ଦେଖି ରୋଗ ବାରିଥାନ୍ତି। ଫଳରେ ମୁଖ ଗହ୍ୱରର ସଠିକ୍ ଦେଖାଶୁଣା କରିହୁଏ। ସାମୂହିକ ଭାବେ ଏଭଳି ଯତ୍ନ ନେଲେ ଦୀର୍ଘକାଳୀନ କର୍କଟ ଆଶଙ୍କା ମଧ୍ୟ ହ୍ରାସ ପାଇଥାଏ।

### ମୁଖ ଗହ୍ୱରର ଯତ୍ନ

ଦିନକୁ ଦୁଇଥର ଆୟୁର୍ବେଦିକ ଟୁଥ୍‌ପେଷ୍ଟ (ଡାବର ରେଡ୍)ରେ ବ୍ରଶ୍ କରିବା ଜରୁରି। ଜୀବାଣୁନାଶକ ମାଉଥୱାଶ୍ ବ୍ୟବହାର କରିପାରିବେ। ନିଶା ଓ ଧୂମପାନଠାରୁ ଦୂରେଇ ରହିଲେ କର୍କଟ ଆଶଙ୍କା ହ୍ରାସ ପାଏ। ସେହିପରି ଅତ୍ୟଧିକ ଚିନିଯୁକ୍ତ ସ୍ନାକ୍ସ, ଅମ୍ଳଯୁକ୍ତ ଖାଦ୍ୟ, କ୍ୟାଣ୍ଡି, କାର୍ବୋନେଟେଡ୍ ପାନୀୟ ଯୋଗୁଁ ଦାନ୍ତ ପୋକ ଖାଇଥାଏ। ଏହା ବଦଳରେ ସନ୍ତୁଳିତ ଖାଦ୍ୟପେୟକୁ ଗୁରୁତ୍ୱ ଦିଅନ୍ତୁ। ଏହା ବ୍ୟତୀତ ଯଦି ମୁଖଗହ୍ୱରର କୌଣସି ସମସ୍ୟା ଦେଖାଦିଏ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବା ଜରୁରି।

ଦନ୍ତ ବିଶେଷଜ୍ଞ

## ମହୌଷଧୀ ସର୍ପଗନ୍ଧା

ସର୍ପଗନ୍ଧା ସଞ୍ଜିବନୀ ସଦୃଶ। ସର୍ପଗନ୍ଧାକୁ ଓଡ଼ିଆରେ ପାତାଳ ଗରୁଡ କୁହାଯାଏ। ଏହି ଉଦ୍ଭିଦର ପଞ୍ଚାଙ୍ଗ ଯଥା- ଫୁଲ, ପତ୍ର, ମୂଳ, କାଣ୍ଡ, ଚେରରେ ଔଷଧୀୟ ଗୁଣ ରହିଛି। ଏହା ବିଭିନ୍ନ ରୋଗ ଦୂର କରିବାରେ ସାହାଯ୍ୟ କରେ।



ଉଚ୍ଚ ରକ୍ତଚାପ, ଚିନ୍ତା, ମାନସିକ ରୋଗ, ନିଦ୍ରାହୀନତା ଆଦି ରୋଗ ପାଇଁ ସର୍ପଗନ୍ଧା ଲାଭକରୀ। ଚିକିତ୍ସକଙ୍କ ପରାମର୍ଶ ନେଇ ସର୍ପଗନ୍ଧା ପଞ୍ଚାଙ୍ଗର ଯେକୌଣସି ଅଙ୍ଗକୁ ଅନୁମୋଦିତ ହାତରେ କ୍ୱାଥ କରି ସେବନ କରାଯାଏ। ଏହାଦ୍ୱାରା ଚକ୍ତଚାପ ନିୟନ୍ତ୍ରଣରେ ରହିଥାଏ। ହୃଦୟ ସୁସ୍ଥ ରୁହେ। ସେହିପରି ପୂରା ପଞ୍ଚାଙ୍ଗର ଚୂର୍ଣ୍ଣରୁ ବଟିକା ବା ଘନ ବଟିକା ଉପଲବ୍ଧ ରହିଛି। ଏହାକୁ ଚିକିତ୍ସକଙ୍କ ପରାମର୍ଶରେ ବ୍ୟବହାର କଲେ ରକ୍ତଚାପ ସନ୍ତୁଳିତ ହୁଏ। ଅପସ୍ମାର, ମସ୍ତିଷ୍କ ରୋଗ, କଲେରା ଆଦି ରୋଗରେ ସର୍ପଗନ୍ଧାକୁ ଏକ ଉପଯୋଗୀ ଔଷଧ ଭାବେ ବ୍ୟବହାର କରାଯାଏ।

- ବାତ, ଯନ୍ତ୍ରଣା, ଜ୍ୱର ଆଦି ଦୂର କରିବାର ମଧ୍ୟ ଏହାର ଶକ୍ତି ରହିଛି। କୋଷ୍ଠକାଠିନ୍ୟ, ପେଟ ଯନ୍ତ୍ରଣା ରୋଗରେ ଏହା ଉପକାରୀ ଔଷଧ ଭାବେ ବ୍ୟବହୃତ ହୁଏ।
- ବିନା ଚିକିତ୍ସକଙ୍କ ପରାମର୍ଶରେ ସର୍ପଗନ୍ଧା ସେବନ କଲେ ରକ୍ତଚାପ କମିଯିବା ସହିତ ମସ୍ତିଷ୍କରେ ରକ୍ତ ସଞ୍ଚାଳନ ହ୍ରାସ ପାଇବ। ଏଥିପ୍ରତି ଧ୍ୟାନ ଦେବା ଜରୁରି।

# ରୋଗୀଙ୍କୁ ସଚେତନ କରେ ଔଷଧ ଷ୍ଟ୍ରିପ୍‌ର ନାଲି ଗାର




ଚିକିତ୍ସା ପାଇଁ ଔଷଧ ଦୁଇଥର କିମ୍ବା ବାରମ୍ବାର ବ୍ୟବହାର କରାଯାଇଥାଏ। ତେବେ ଦୈନନ୍ଦିନ ବ୍ୟବହୃତ ଔଷଧ ଷ୍ଟ୍ରିପ୍‌ର ନାଲିଗାରକୁ ପ୍ରାୟ ଅଣଦେଖା କରନ୍ତି। ଏହି ଗାର ଡିଜାଇନ୍ ନୁହେଁ, ବରଂ ଏକ ଗୁରୁତ୍ୱପୂର୍ଣ୍ଣ ଚେତାବନୀ। ଡାକ୍ତରଙ୍କ ବିନା ପରାମର୍ଶରେ ଏହି ଔଷଧ ଖାଇବା ଅନୁଚିତ ବୋଲି ନାଲି ଗାର ଚେତାଇଥାଏ। ଏହି ଔଷଧକୁ 'ରେଡ ଲାଇନ୍ ମେଡିସିନ୍' ମଧ୍ୟ କୁହାଯାଏ। ମୁଖ୍ୟତଃ ଆଣ୍ଟିବାୟୋଟିକ୍, ଷ୍ଟ୍ରଙ୍ଗ ପେନ୍‌କିଲର କିମ୍ବା ହର୍ମୋନାଲ୍ ଔଷଧ ଆଦି ଷ୍ଟ୍ରିପ୍‌ରେ ନାଲି ଗାର ରହିଥାଏ। ତେଣୁ ଏହି ଔଷଧକୁ ଡାକ୍ତରଙ୍କ ବିନା ପରାମର୍ଶରେ ସେବନ କଲେ, ଏହା ପାର୍ଶ୍ୱପ୍ରତିକ୍ରିୟା ସୃଷ୍ଟି କରେ। ଉଦାହରଣ ସ୍ୱରୂପ, ଡାକ୍ତରଙ୍କ ବିନା ପରାମର୍ଶରେ ଆଣ୍ଟିବାୟୋଟିକ୍ ଅନୁମୋଦିତ ହାରରେ ଉପଯୋଗ ନ କଲେ ଶରୀରରେ କିଛି ଜୀବାଣୁ ଜୀବିତ ରୁହନ୍ତି। ଏହି ଜୀବିତ ଜୀବାଣୁ ପରବର୍ତ୍ତୀ ସମୟରେ ପ୍ରତିରୋଧୀ ବନି ପାରନ୍ତି। ଫଳରେ ଜଣେ ବ୍ୟକ୍ତିଙ୍କ ଶରୀରରେ ସେହି ଔଷଧ ବଦଳରେ ଅଧିକ ପାୱାରଯୁକ୍ତ ଔଷଧ ଆବଶ୍ୟକ ହୁଏ। ଏହି ପ୍ରତିରୋଧୀ 'ସୁପରବଗ୍ସ' ବନିପାରନ୍ତି। ବେଳେ ବେଳେ ସଂକ୍ରମଣ ବଢ଼ି ଯାଇପାରେ ନତୁବା ଶରୀରରେ ଅନ୍ୟ ଔଷଧ ସହିତ ପ୍ରତିକ୍ରିୟା ସୃଷ୍ଟି କରାଏ। ସେଥିପାଇଁ ନାଲି ଗାର ଡାକ୍ତରଙ୍କ ପରାମର୍ଶରେ ସେବନ କରିବାକୁ ସୂଚାଇ ଥାଏ। ତେଣୁ ଡାକ୍ତରଙ୍କ ପରାମର୍ଶ ତଥା ପ୍ରେସ୍‌କ୍ରିପସନ୍ ଅନୁସାରେ ଔଷଧର କୋର୍ସ ପୂରା କରିବା ଆବଶ୍ୟକ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଔଷଧ ଷ୍ଟ୍ରିପ୍‌ରେ ନାଲି ଗାର ଥିଲେ ନାମ, ମାତ୍ରା, ଅବଧିକୁ ଭଲ ଭାବେ ପଢ଼ି ନେବା ଆବଶ୍ୟକ।




# କ୍ରୀଡ଼ା

ସକାଳ
THE SAKALA
www.sakalaepaper.com

## ବିଶ୍ୱ କ୍ରିକେଟକୁ ଭାରତ ନିୟନ୍ତ୍ରଣ କରୁଛି: ଗ୍ରେଗ୍ ଚାପେଲ

**ନୂଆଦିଲ୍ଲୀ, ୩୦।୧୦(ଏଜେନ୍ସି):** ଭାରତ ତାହାର ଆର୍ଥିକ କ୍ଷମତା ବ୍ୟବହାର କରି ବିଶ୍ୱ କ୍ରିକେଟକୁ ପ୍ରଭାବିତ କରୁଛି ବୋଲି ମ୍ୟାଚ୍ ରେଫରି ଇଂଲଣ୍ଡର କ୍ରିସ୍ ବ୍ରଡ୍‌ଙ୍କ ଅଭିଯୋଗକୁ ସମର୍ଥନ କରିଛନ୍ତି ଅଷ୍ଟ୍ରେଲିଆର କିମ୍ବଦନ୍ତି ଖେଳାଳି ତଥା



ଭାରତୀୟ କ୍ରିକେଟ ଦଳର ପୂର୍ବତନ କୋଚ୍ ଗ୍ରେଗ୍‌ଚାପେଲ। ଚାପେଲଙ୍କ କହିବାଅନୁଯାୟୀ ଅର୍ଥ ବଳରେ ଭାରତ ବିଶ୍ୱ କ୍ରିକେଟକୁ ନିୟନ୍ତ୍ରଣ କରୁଛି। ସେ ଯେତେବେଳେ ଭାରତୀୟ ଦଳର ହେଡ୍ କୋଚ୍ ଥିଲେ, ସେତେବେଳେ ସ୍ଲୋ ଓଭର ରେଟ୍ ଯୋଗୁଁ ଅଧିନାୟକ ସୌରଭ ଗାଙ୍ଗୁଲିଙ୍କୁ ସସ୍‌ପେଣ୍ଡ କରାଯାଇଥିଲା। ମ୍ୟାଚ୍ ରେଫରି ବ୍ରଡ୍‌ଙ୍କୁ ଟେଲିଫୋନ ଯୋଗେ ଦଣ୍ଡ କୋହଳ କରିବାକୁ ତତ୍‌କାଳୀନ ଆଇସିସି ମୁଖ୍ୟ ଜଗମୋହନ ଡାଲମିଆ କହିଥିଲେ। ବ୍ରଡ୍ ଏକଥା ଲଣ୍ଡନରୁ ପ୍ରକାଶିତ ଟେଲିଗ୍ରାଫ୍‌କୁ କହିଥିଲେ। ଏବେ ସିଡନୀ ହେରାଲ୍ଡରେ ବ୍ରଡ୍‌ଙ୍କୁ ସମର୍ଥନ କରିଛନ୍ତି ଚାପେଲ। ୨୦୦୫ରେ ଚାପେଲ ଭାରତର କୋଚ୍ ଦାୟିତ୍ୱରେ ଥିଲେ। ଗାଙ୍ଗୁଲିଙ୍କ ଦଣ୍ଡ କିପରି କୋହଳ ହେବ ସେଥିଲାଗି ଚେଷ୍ଟା କରିବାକୁ ଚାପେଲଙ୍କ ଉପରେ ଚାପ ପକାଇଥିଲେ ଡାଲମିଆ। ଉଭୟ ଗାଙ୍ଗୁଲି ଓ ଡାଲମିଆ ଗୋଟିଏ ରାଜ୍ୟର ହୋଇଥିବାରୁ ଏଭଳି କଥା ସୃଷ୍ଟି ହୋଇଥିଲାବୋଲି ଚାପେଲ କହିଛନ୍ତି। ଏଣୁ ଆର୍ଥିକ କ୍ଷମତା ବଳରେ ଭାରତ ବିଶ୍ୱ କ୍ରିକେଟରେ ପ୍ରଭାବ ବିସ୍ତାର କରୁଛି ବୋଲି ବ୍ରଡ୍‌ଙ୍କ ଅଭିଯୋଗକୁ ଚାପେଲ ସମର୍ଥନ କରିଛନ୍ତି।

## କେକେଆର୍‌ର ନୂଆ କୋଚ୍ ହେଲେ ନାୟାର

**କୋଲକାତା, ୩୦।୧୦ (ଏଜେନ୍ସି):** ତିନିଥରର ଚାମ୍ପିଅନ କୋଲକାତା ନାଇଟ୍ ରାଇଡର୍ସ (କେକେଆର୍) ଆଇପିଏଲ୍‌ର ଆଗାମୀ ସିଜନ ଲାଗି ଅଭିଷେକ ନାୟାରଙ୍କୁ ମୁଖ୍ୟ କୋଚ୍ ଭାବେ ନିଯୁକ୍ତ କରିଛି। ଚନ୍ଦ୍ରକାନ୍ତ ପଣ୍ଡିତଙ୍କ ସ୍ଥାନରେ ନାୟାର ଏହି ଗୁରୁଦାୟିତ୍ୱ ତୁଲାଇବେ। ପଣ୍ଡିତ ୨୦୨୩ରୁ ୨୦୨୫ ପର୍ଯ୍ୟନ୍ତ କେକେଆର୍ ଦଳର ମୁଖ୍ୟ କୋଚ୍ ରହିଥିଲେ।



ତାଙ୍କ ସମୟରେ କେକେଆର୍ ତୃତୀୟଥର ଲାଗି ୨୦୨୪ରେ ଚାମ୍ପିଅନ ହୋଇଥିଲା। କିନ୍ତୁ ଆଇପିଏଲ୍‌ର ଗତ ସଂସ୍କରଣରେ କୋଲକାତା ନୈରାଶ୍ୟଜନକ ପ୍ରଦର୍ଶନ କରି ପ୍ଲେ-ଅଫ୍‌କୁ ଯୋଗ୍ୟତା ଅର୍ଜନ କରିବାରେ ବିଫଳ ହୋଇଥିଲା। ଏହାପରେ ଫ୍ରାଞ୍ଚାଇଜ ଚଳିତ ବର୍ଷ ପ୍ରାରମ୍ଭରେ ପଣ୍ଡିତଙ୍କ ସହ ସମ୍ପର୍କ ତୁଟାଇଥିଲା। ୪୨ ବର୍ଷୀୟ ନାୟାର ଏଥିପୂର୍ବରୁ ୨୦୧୮ ରୁ ୨୦୨୪ ପର୍ଯ୍ୟନ୍ତ କୋଲକାତାର ପ୍ରଶିକ୍ଷକ ମଣ୍ଡଳୀରେ ବିଭିନ୍ନ ଭୂମିକାରେ ସଫଳତାରେ କାର୍ଯ୍ୟ ତୁଲାଇଥିଲେ। ଏହାପରେ ୨୦୨୪ରେ ତାଙ୍କୁ ଭାରତୀୟ ଦଳର ସହକାରୀ ପ୍ରଶିକ୍ଷକ ଭାବେ ନିଯୁକ୍ତ କରାଯାଇଥିଲା। କିନ୍ତୁ ଚଳିତ ବର୍ଷ ଏପ୍ରିଲରେ ତାଙ୍କ ଚୁକ୍ତିକୁ ବିସିସିଆଇ ଶେଷ କରିଦେଇଥିଲା।

## ନଭେମ୍ବର ୨୦ରେ ମନ୍ଧାନା-ପଲାଶ ବିବାହ!

**ନୂଆଦିଲ୍ଲୀ, ୩୦।୧୦ (ଏଜେନ୍ସି):** ଭାରତୀୟ ମହିଳା କ୍ରିକେଟ୍ ଦଳର ଉପ-ଅଧିନାୟିକା ସ୍ମୃତି ମନ୍ଧାନା ବିବାହ ବନ୍ଧନରେ ଆବଦ୍ଧ ହେବାକୁ ଯାଉଛନ୍ତି।



ପୁରୁଷ ବନ୍ଧୁ ତଥା ସଙ୍ଗୀତ ରଚୟିତା ଓ ନିର୍ଦ୍ଦେଶକ ପଲାଶ ମୁଚ୍ଛଲଙ୍କୁ ମନ୍ଧାନା ଆସନ୍ତା ନଭେମ୍ବର ୨୦ରେ ବିବାହ କରିବେ ବୋଲି ରିପୋର୍ଟ ପ୍ରକାଶ ପାଇଛି। ମନ୍ଧାନାଙ୍କ ଜନ୍ମସ୍ଥାନ ସାଙ୍ଗଲୀରେ ଏହି ଚର୍ଚ୍ଚିତ ବିବାହ ଉତ୍ସବ ଆରମ୍ଭ ହେବ। ତେବେ ଉଭୟ ମନ୍ଧାନା କିମ୍ବା ପଲାଶଙ୍କ ପରିବାର ପକ୍ଷରୁ ବିବାହ ନେଇ ଅଫିସିଆଲ୍ ଭାବେ କିଛି ଘୋଷଣା କରାଯାଇନାହିଁ। ମନ୍ଧାନା ବର୍ତ୍ତମାନ ବିଶ୍ୱକପ୍‌ରେ ବ୍ୟସ୍ତ ରହିଛନ୍ତି। ଏହି ମେଗା ଇଭେଣ୍ଟ ଶେଷ ହେବାପରେ ସେ ବ୍ରେକ୍ ନେଇ ଦ୍ୱିତୀୟ ଇନିଂସ ଆରମ୍ଭ କରିବେ ବୋଲି ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ ମନ୍ଧାନା ଓ ପଲାଶ ପରସ୍ପରକୁ ୨୦୧୯ରୁ ଡେଟିଂ କରି ଆସୁଛନ୍ତି। ଗତବର୍ଷ ଏକ ଇନଷ୍ଟାଗ୍ରାମ ଷ୍ଟୋରୀ ମାଧ୍ୟମରେ ମନ୍ଧାନା ଓ ପଲାଶ ସେମାନଙ୍କ ସମ୍ପର୍କକୁ ଆନୁଷ୍ଠାନିକ ଭାବେ ଘୋଷଣା କରିଥିଲେ। ୩୦ ବର୍ଷୀୟ ପଲାଶ ବଲିଉଡ୍‌ର ଜଣେ ଜଣାଶୁଣା ସଙ୍ଗୀତ ନିର୍ଦ୍ଦେଶକ। 'ଭୁତନାଥ ରିଟର୍ଣ୍ଣସ' ଭଳି ଫିଲ୍ମର ସେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି। ପଲାଶଙ୍କ ଭଉଣୀ ପଲକ୍ ମୁଚ୍ଛଲ ମଧ୍ୟ ଜଣେ ପ୍ରସିଦ୍ଧ କଣ୍ଠଶିଳ୍ପୀ।

### ଜେମିମାଙ୍କ ଦମ୍‌ଦାର ଶତକରେ ୭ ଥରର ଚାମ୍ପିଅନ ଅଷ୍ଟ୍ରେଲିଆ ବିଦା

# ଭାରତ-ଦକ୍ଷିଣ ଆଫ୍ରିକା ଫାଇନାଲ

**ନଭି ମୁମ୍ବାଇ,୩୦।୧୦(ଏଜେନ୍ସି):**

ଜେମିମା ରୋଡ୍ରିଗ୍ସେଜ୍‌ଙ୍କ ଧୈର୍ଯ୍ୟପୂର୍ଣ୍ଣ ଶତକ ଏବଂ ହରମନପ୍ରୀତ୍ କୌରଙ୍କ ସହ ଶତକୀୟ ଭାଗୀଦାରି ବଳରେ ଡିଫେଣ୍ଡିଂ ଚାମ୍ପିଅନ ଅଷ୍ଟ୍ରେଲିଆକୁ ୫ ୱିକେଟରେ ହରାଇ ଭାରତ ମହିଳା ବିଶ୍ୱକପ୍ ଦିନିକିଆ କ୍ରିକେଟର ଫାଇନାଲରେ ପ୍ରବେଶ କରିଛି। ଆସନ୍ତା ରବିବାର ବା ନଭେମ୍ବର ୨ରେ ହେବାକୁ ଥିବା ଫାଇନାଲରେ ଭାରତ ସହ ଦକ୍ଷିଣ ଆଫ୍ରିକାର ମୁକାବିଲା ହେବ। ଗତକାଲି ଇଂଲଣ୍ଡକୁ ୧୨୫ ରନ୍‌ର ବୃହତ୍ ବ୍ୟବଧାନରେ ପରାସ୍ତ କରି ଦକ୍ଷିଣ ଆଫ୍ରିକା ପ୍ରଥମଥର ଫାଇନାଲରେ ପ୍ରବେଶ କରିଥିଲା। ଅନ୍ୟ ପକ୍ଷରେ ୨୦୦୫ ଓ ୨୦୧୭ ସଂସ୍କରଣ ପରେ ଭାରତ ତୃତୀୟଥର ଲାଗି ଫାଇନାଲରେ ପ୍ରବେଶ କରିଛି। ଏଥର ଦଳ ଘରୋଇ ମାଟିରେ ଟାଇଟଲ ମରୁଡି ଶେଷ କରିବ ବୋଲି ଆଶା ରଖିଛି। ଏହି ମ୍ୟାଚ୍‌ରେ ୧୩୪ ବଲ୍ ଖେଳି ୧୪ ଚୌକା ସହ ୧୨୭ ରନ୍‌ରେ ଅପରାଜିତ ରହିଥିବା ଜେମିମା ରୋଡ୍ରିଗ୍ସେଜ୍‌ଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

ଏହି ମ୍ୟାଚ୍‌ରେ ଲିଚ୍‌ଫିଲ୍ଡଙ୍କ ୧୧୯ ଓ ଏଲିସେ ପେରୀଙ୍କ ୭୭ ରନ୍ ଫଳରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଆ ୩୩୮ ରନ୍‌ରେ ଅଲଆଉଟ ହୋଇଯାଇଛି। ଜବାବରେ ଭାରତ ୯ଟି ବଲ ଓ ୫ଟି ୱିକେଟ ବାକିଥାଇ ବିଜୟ ଲାଗି ଆବଶ୍ୟକ ରନ୍ ସଂଗ୍ରହ କରିନେଇଥିଲା। ଜେମିମାଙ୍କ ଅପରାଜିତ ୧୨୭ ରନ୍‌କୁ ବାଦ୍ ଦେଲେ ହରମନପ୍ରୀତ୍ କୌର ୮୮ ବଲ୍‌ରୁ ୧୦ ଚୌକା ଓ ୨ ଛକା ସହ ଦ୍ୱିତୀୟ ସର୍ବାଧିକ ୮୯ ରନ୍ କରିଥିଲେ। ୫୯ ରନ୍‌ରେ ଦ୍ୱିତୀୟ ୱିକେଟ ହରାଇବା ପରେ ନଂ-୩ ଜେମିମା ଓ ନଂ-୪ ହରମନପ୍ରୀତ୍ ତୃତୀୟ ୱିକେଟ ଯୋଡିରୁ ୧୫୬ ବଲ୍‌ରେ ୧୬୭ ରନ୍ ଉଠାଇ ଭାରତକୁ ବିଜୟ ଆଶା ଦେଇଥିଲେ। ଏହି ସମୟରେ ହରମନପ୍ରୀତ ଆଉଟ ହେବା ପରେ ଅଷ୍ଟ୍ରେଲିଆ ଖୁସିରେ ଝୁମିଥିଲା। କିନ୍ତୁ ୨ଟି ସହଜ ଜୀବନଦାନ ପାଇଥିବା ଜେମିମା ଚତୁର୍ଥ ୱିକେଟରେ ଦୀପ୍ତି ଶର୍ମା (୨୪)ଙ୍କ ସହ ୩୪ ବଲରୁ ୩୮, ପଞ୍ଚମ ୱିକେଟରେ ରିଚା ଘୋଷ (୨୬)ଙ୍କ ସହ ୩୧ ବଲରୁ ୪୬ ଏବଂ ଅବିଭକ୍ତ ୬ଷ୍ଠ ୱିକେଟ ଯୋଡିରୁ ଅମନଜୋତ କୌର(୧୫)ଙ୍କ ସହ ୧୫ ବଲରୁ ୩୧ ରନ୍ ଉଠାଇ ଭାରତକୁ ରେକର୍ଡ ବିଜୟ ପ୍ରଦାନ କରିଥିଲେ। ତାରକା ଖେଳାଳି ସ୍ମୃତି ମନ୍ଧାନା ୨୪ ରନ୍ କରିଥିଲେ। ବିଶ୍ୱକପ୍‌ରେ ୨୦୦ରୁ ଅଧିକ ରନ୍ ଚେଜ୍ କରି ନ ଥିବା ଭାରତ ଏଠାରେ ସର୍ବାଧିକ ୩୩୯ ରନ୍ ଚେଜ୍ କରି ରେକର୍ଡ ପ୍ରତିଷ୍ଠା କରିଥିଲେ। ୪୯ତମ ଓଭରରେ ସୋଫି ମୋଲିନେକ୍ସଙ୍କୁ ଚୌକା ମାରି ଅମନଜୋତ ବଲ୍‌କୁ ବାଉଣ୍ଡାରୀକୁ ପଠାଇବା ସହ ଭାରତ ଖେଳାଳି, ସମର୍ଥକ ଓ କର୍ମକର୍ତ୍ତା ଆନନ୍ଦରେ ବିଜୟ ଉତ୍ସବ ପାଳନ କରିଥିଲେ। ଲିଗ୍ ମ୍ୟାଚ୍‌ରେ ଭାରତ ସମସ୍ତ ଟପ୍ ଦେଶ ଅଷ୍ଟ୍ରେଲିଆ, ଇଂଲଣ୍ଡ ଓ ଦକ୍ଷିଣ ଆଫ୍ରିକାଠାରୁ ପରାଜିତ ହୋଇଥିଲା। ଏବେ ୭ଥରର ଚାମ୍ପିଅନ ଅଷ୍ଟ୍ରେଲିଆକୁ ପ୍ରଥମ ଶିକାର କରିବା ପରେ ଫାଇନାଲରେ ଦକ୍ଷିଣଆଫ୍ରିକାକୁ ଟକ୍କର ଦେଇ ପ୍ରଥମ ଟ୍ରଫି ବିଜୟୀ ହେବାକୁ ସମସ୍ତ ପ୍ରକାର ଉଦ୍ୟମ କରିବ।

ପୂର୍ବରୁ ଅଷ୍ଟ୍ରେଲିଆ ଅଧିନାୟକ ଆଲିସା ହିଲୀ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନେବା ପରେ ଫୋଏବି ଲିଚ୍‌ଫିଲ୍ଡଙ୍କ ୧୧୯, ଏଲିସେ ପେରୀଙ୍କ ୭୭ ଓ ଆନାବେଲ ସଦରଲାଣ୍ଡଙ୍କ ୬୩ ରନ୍ ସହାୟତାରେ ୪୯.୫ ଓଭରରେ ୩୩୮ ରନ୍ କରିଥିଲା। ଲିଚ୍‌ଫିଲ୍ଡ ଓ ପେରୀ ଦ୍ୱିତୀୟ ୱିକେଟରେ ୧୫୫ ରନ୍ କରିଥିଲେ। ଅଷ୍ଟ୍ରେଲିଆ ମଧ୍ୟ ଗୋଟିଏ ବିଶ୍ୱକପ୍‌ରେ ସର୍ବାଧିକ ୬ଟି ଶତକ ଓ ସର୍ବାଧିକ ୧୧୯ଟି ଛକା ମାରି ରେକର୍ଡ କରିଛି। ଭାରତ ପକ୍ଷରୁ ମିଡଲ ଓଭରରେ କିଛି ଭଲ ବୋଲିଂକୁ ଛାଡ଼ିଦେଲେ ଅନ୍ୟ ସବୁବେଳେ ଚାପରେ ରହିଥିଲେ। ମିସ୍ ଫିଲ୍ଡିଂ ଓ କ୍ୟାଚ୍ ହାତଛଡ଼ା କରିବା ଦଳ ଲାଗି ମହଙ୍ଗା ସାବ୍ୟସ୍ତ ହୋଇଥିଲା। ଦଳର ଦୁଇ ସ୍ପିନର ଯୁବ ଖେଳାଳି ଶ୍ରୀ ଚରଣି ଓ ଦୀପ୍ତି ଶର୍ମା ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ।



ଜେମିମା ରୋଡ୍ରିଗ୍ସେଜ୍: ୧୨୭*

**ମହିଳା ବିଶ୍ୱକପ୍ କ୍ରିକେଟ ଫାଇନାଲ**

**ପ୍ରତିଦ୍ୱନ୍ଦ୍ୱୀ:** ଭାରତ-ଦ.ଆଫ୍ରିକା
**ତାରିଖ :** ନଭେମ୍ବର ୨, ରବିବାର
**ଭେନ୍ୟୁ :** ନଭି ମୁମ୍ବାଇ, ମୁମ୍ବାଇ
**ଖେଳ ଆରମ୍ଭ :** ଅପରାହ୍ଣ ୩ଟା
**ପ୍ରସାରଣ :** ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ
**ଲାଇଭ୍ ଷ୍ଟ୍ରିମିଂ :** ଜିଓହଟ୍‌ଷ୍ଟାର

**ସଂକ୍ଷିପ୍ତ ସ୍କୋର**

**ଅଷ୍ଟ୍ରେଲିଆ: ୩୩୮/୧୦, ୪୯.୫ ଓଭର** (ଫୋଏବି ଲିଚଫିଲ୍ଡ- ୧୧୯, ଏଲିସେ ପେରୀ- ୭୭, ଆଶଲେ ଗାର୍ଡନର- ୬୩, ଶ୍ରୀ ଚରଣି- ୨/୪୯, ଦୀପ୍ତି ଶର୍ମା- ୨/୭୩)।

**ଭାରତ : ୩୪୧/୫, ୪୮.୩ ଓଭର** (ଜେମିମା ରୋଡ୍ରିଗ୍ସେଜ୍- ଅପରାଜିତ ୧୨୭, ହରମନପ୍ରୀତ୍ କୌର- ୮୯, ରିଚା ଘୋଷ- ୨୬, କିମ୍ ଗାର୍ଥ-୨/୪୬, ଆନାବେଲ ସଦରଲାଣ୍ଡ- ୨/୬୯)।

## ଯାଜପୁର ଟାଉନ୍‌ରେ ଅସ୍ମିତା ରଗ୍‌ବୀ ଲିଗ୍

**ଯାଜପୁର, ୩୦।୧୦(ସମିସ):** ଓଡ଼ିଶା ରଗ୍‌ବୀ ଫୁଟବଲ ସଂଘ ଏବଂ ଯାଜପୁର ରଗ୍‌ବୀ ଆସୋସିଏସନର ମିଳିତ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ଅସ୍ମିତା ରଗ୍‌ବୀ ଲିଗ୍ ଆୟୋଜିତ ହେବ। ଭାରତ ସରକାରଙ୍କ କ୍ରୀଡ଼ା ବିଭାଗ ଓ ରଗ୍‌ବୀ ଇଣ୍ଡିଆ ସହଯୋଗରେ ଏହି ଦିନିକିଆ ଲିଗ୍ ନଭେମ୍ବର ୧ରେ ଯାଜପୁର ଟାଉନସ୍ଥିତ କୁସୁମା ନିକଟବର୍ତ୍ତୀ ଯାଜପୁର ସ୍ପୋର୍ଟ୍ସ କମ୍ପ୍ଲେକ୍ସ ପରିସରରେ ଏହା ଆୟୋଜିତ ହେବାର କାର୍ଯ୍ୟକ୍ରମ ରହିଛି। ସମଗ୍ର ରାଜ୍ୟରୁ ୨୦ଟି ଦଳ ଏଥିରେ ଭାଗ ନେଉଛନ୍ତି। ଏହା ସକାଳ ୮ଟାରୁ ଆରମ୍ଭ ହୋଇ ସନ୍ଧ୍ୟାରେ ଉଦ୍‌ଯାପିତ ହେବ ବୋଲି ଯାଜପୁର ରଗ୍‌ବୀ ସଂଘ ସମ୍ପାଦକ ଭରତ ସାହୁ ଜଣାଇଛନ୍ତି। ଏଥିରେ ରାଜ୍ୟ ସଂଘ ସମ୍ପାଦକ ସୁଶାନ୍ତ ସାହୁ, ଉପସଭାପତି ଉପେନ୍ଦ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ରହିବେ।

## ବଲ୍ ବାଜି ଅଷ୍ଟ୍ରେଲୀୟ ଯୁବ ଖେଳାଳିଙ୍କ ବିୟୋଗ

**ମେଲବୋର୍ଣ୍ଣ, ୩୦।୧୦(ଏଜେନ୍ସି):** କ୍ରିକେଟ ଖେଳରେ ଏକ ଦୁଃଖଦ ଖବର ମିଳିଛି। ଏଠାରେ ଅଭ୍ୟାସ କରୁଥିବାବେଳେ ବଲ ବାଜି ୧୭ ବର୍ଷୀୟ ବେନ୍ ଅଷ୍ଟିନ ନାମକ ଜଣେ ଯୁବ ଖେଳାଳିଙ୍କୁ ମୃତ୍ୟୁ ଘଟିଛି। ଏହା ଫଳରେ ନଭି ମୁମ୍ବାଇରେ ଆଜି ଖେଳାଯାଇଥିବା ଭାରତ-ଅଷ୍ଟ୍ରେଲିଆ ସେମିଫାଇନାଲ ମ୍ୟାଚ୍‌ରେ ଖେଳାଳିମାନେ କଳା ବ୍ୟାଜ୍ ପିନ୍ଧି ଖେଳିଥିଲେ। ଘଟଣାରୁ ଜଣାଯାଇଛି, ଏଠାରେ ଅନ୍ୟ ଖେଳାଳିଙ୍କ ସହ ଆଜି ବୋଲିଂ ମେସିନରେ ଅଭ୍ୟାସ କରୁଥିଲେ ବେନ୍। ମେସିନରୁ ଏକ ସ୍ପିଡ୍ ବଲ ତାଙ୍କ ମୁଣ୍ଡ ଓ ବେକ ମଧ୍ୟରେ ବାଜିଥିଲା। ଯାହା ଫଳରେ ସେ ପଡ଼ିଆରେ ଟଳି ପଡ଼ିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣା ପରେ କ୍ରିକେଟ ଜଗତ ବା ବିଶେଷ କରି ଅଷ୍ଟ୍ରେଲିଆରେ ଶୋକର ଛାୟା ଖେଳିଯାଇଛି। ସେ ଫର୍ଣ୍ଣଟ୍ରି ଗଲି କ୍ରିକେଟ କ୍ଲବ୍‌ର ଜଣେ ଷ୍ଟାର ଖେଳାଳି ଥିଲେ ବୋଲି କ୍ଲବ୍ ପକ୍ଷରୁ କୁହାଯାଇଛି।

### ରାଜ୍ୟ ଭାରୋତ୍ତୋଳନ ଚାମ୍ପିଅନ୍‌ସିପ୍ ଉଦ୍‌ଯାପିତ

## ଗଞ୍ଜାମ ଜିଲ୍ଲା ଦଳଗତ ଚାମ୍ପିଅନ

**ଭୁବନେଶ୍ୱର, ୩୦।୧୦ (ସମିସ):** କଳିଙ୍ଗ ଷ୍ଟାଡିୟମ୍ ବିଜୁପଟ୍ଟନାୟକ ଭାରୋତ୍ତୋଳନ ହଲ୍‌ରେ ଚାଲିଥିବା



ରାଜ୍ୟ ଭାରୋତ୍ତୋଳନ ଚାମ୍ପିଅନସିପ୍ ଆଜି ଉଦ୍‌ଯାପିତ ହୋଇଯାଇଛି। ଏଥିରେ ସିନିଅର, ଜୁନିଅର ଓ ୟୁଥ୍ ବିଭାଗରେ ପ୍ରତିଦ୍ୱନ୍ଦ୍ୱିତା ଆୟୋଜିତ ହୋଇଥିଲା। ସମସ୍ତ ବିଭାଗରେ ଗଞ୍ଜାମ ଜିଲ୍ଲା ଦଳଗତ ଚାମ୍ପିଅନ ଆଖ୍ୟା ଅର୍ଜନ କରିଥିଲା। ସିନିଅର ବିଭାଗରେ ଖୋର୍ଦ୍ଧା, ୟୁଥ୍ ଓ ଜୁନିଅର ବିଭାଗରେ ଢେଙ୍କାନାଳ ଜିଲ୍ଲା ରନର୍ସ ଅପ୍ ହୋଇଛି। ସିନିଅର ପୁରୁଷ ବିଭାଗରେ ଗଞ୍ଜାମର ମୁନା ନାଏକ, ୟୁଥ୍ ଓ ଜୁନିଅର ବାଳକରେ ଢେଙ୍କାନାଳର ସୁବ୍ରତ ନାଏକ ବେଷ୍ଟ ଲିଫ୍ଟର ହୋଇଛନ୍ତି। ମହିଳା ବିଭାଗରେ ମୟୁରଭଞ୍ଜର ସ୍ନେହା ସୋରେନ୍, ୟୁଥ୍ ଓ ଜୁନିଅର ବାଳିକା ବିଭାଗରେ ନବରଙ୍ଗପୁରର ମିନା ସାନ୍ତା ବେଷ୍ଟ ଲିଫ୍ଟର ଭାବେ ବିବେଚିତ ହୋଇଛନ୍ତି। ପ୍ରତିଯୋଗିତା ଶେଷରେ ଓଡ଼ିଶା ଅଲିମ୍ପିକ୍ ସଂଘ ସଭାପତି ସମୀର ମହାନ୍ତି ମୁଖ୍ୟ ଅତିଥି, ଭାରତୀୟ ଭାରୋତ୍ତୋଳନ ମହାସଂଘ କୋଷାଧ୍ୟକ୍ଷ ପ୍ରଦୀପ ଶର୍ମା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅଳ୍ପଦିନ ମଧ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଆନୁକୂଲ୍ୟରେ ଏହି ପ୍ରତିଯୋଗିତାଟି ସଫଳ ହୋଇଥିବାରୁ ରାଜ୍ୟ ଭାରୋତ୍ତୋଳନ ସଂଘ ସଭାପତି ଙ୍କ ଚିତ୍ତରଞ୍ଜନ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

### ଆଜି ଦ୍ୱିତୀୟ ଟି-୨୦

## ଦମ୍ ଦେଖାଇବାକୁ ଭାରତ-ଅଷ୍ଟ୍ରେଲିଆ ପ୍ରସ୍ତୁତ

**ମେଲବୋର୍ଣ୍ଣ, ୩୦।୧୦(ଏଜେନ୍ସି):**

ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ୫ ମ୍ୟାଚ୍ ବିଶିଷ୍ଟ ପ୍ରଥମ ଟି-୨୦ ମୁକାବିଲା ବର୍ଷା ଯୋଗୁଁ ବାତିଲ ହୋଇଥିଲା। ଏହା ପରେ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ମେଲବୋର୍ଣ୍ଣ କ୍ରିକେଟ ଗ୍ରାଉଣ୍ଡରେ ଶୁକ୍ରବାର ଖେଳାଯିବ। ବିଶ୍ୱର ଦୁଇ ଶ୍ରେଷ୍ଠ ଦଳ ନଂ-୧ ଭାରତ ଓ ନଂ-୨ ଅଷ୍ଟ୍ରେଲିଆ ଏହି ମ୍ୟାଚ୍‌ରେ ନିଜର ଦମ୍ ଦେଖାଇବାକୁ ପ୍ରସ୍ତୁତ ହୋଇଛନ୍ତି। କାନବେରାରେ ଖେଳାଯାଇଥିବା ପ୍ରଥମ ମ୍ୟାଚ୍‌ରେ ଖେଳ ସମ୍ଭବ ହୋଇଥିବା ୯.୪ ଓଭର ଭାରତ ସପକ୍ଷରେ ଯାଇଥିଲା। ବ୍ୟାଟିଂ କରିବାକୁ ଆସିଥିବା ଦଳର ପ୍ରଥମ ୩ଜଣ ବ୍ୟାଟର ଅଭିଷେକ ଶର୍ମା, ଶୁବମନ ଗିଲ୍ ଓ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଭଲ ଫର୍ମରେ ଥିବା ଦର୍ଶାଇଥିଲେ। ଏମାନଙ୍କ ବିସ୍ଫୋରକ ବ୍ୟାଟିଂ ଯୋଗୁଁ ଅଷ୍ଟ୍ରେଲିଆ ରକ୍ଷଣାତ୍ମକ ଖେଳିବାକୁ ବାଧ୍ୟ ହୋଇଥିଲା। ବର୍ଷା ଯୋଗୁଁ ଅଷ୍ଟ୍ରେଲିଆ ଏକ ନିରାଶାଜନକ ସ୍ଥିତିରୁ ରକ୍ଷା ପାଇଥିଲା। ଏବେ ଆଉ ଏକ ମୁକାବିଲା ଲାଗି ମିଚେଲ ମାର୍ଶଙ୍କ ଟିମ୍ ପ୍ରସ୍ତୁତ ହେଉଛି। ସୂର୍ଯ୍ୟକୁମାର ଯାଦବଙ୍କ ଟିମ୍ ଇଣ୍ଡିଆର ଆତ୍ମବିଶ୍ୱାସ ବଢ଼ିଥିଲାବେଳେ ୨୦୦୮ରୁ ଏଯାଏ ଦଳ ସପକ୍ଷରେ ସମସ୍ତ ସିରିଜ୍ ଯାଇଛି। ଏଣୁ ବାକିଥିବା ୪ଟି ମ୍ୟାଚ୍‌ରୁ ଯେଉଁ ଦଳ ୩ଟିରେ ବିଜୟୀ ହେବ ସେହି ଦଳ ସିରିଜ୍ କବ୍‌ଜା କରିବ।

ବିଶ୍ୱର ଦ୍ୱିତୀୟ ବୃହତ୍ତମ ଷ୍ଟାଡିୟମ୍ ମେଲବୋର୍ଣ୍ଣ କ୍ରିକେଟ ଗ୍ରାଉଣ୍ଡରେ ଭାରତ ୬ଟି ମ୍ୟାଚ୍ ଖେଳି ୪ଟିରେ ବିଜୟୀ ହୋଇଛି। ଏଠାରେ ଉଭୟ ପକ୍ଷର ଅଧାଡଜନେ ଖେଳାଳି ଏଠାରେ ପ୍ରଥମଥର ଖେଳିବାକୁ ଯାଉଛନ୍ତି। ବିଶେଷ କରି ବିଶ୍ୱର ନଂ-୧ ଟି-୨୦ ସ୍ପିନର ବରୁଣ ଚକ୍ରବର୍ତ୍ତୀଙ୍କ ସହ ଏଯାଏ ଅଷ୍ଟ୍ରେଲିଆର ମୁକାବିଲା ହୋଇନାହିଁ। ଏଠାରେ ମଧ୍ୟ କିଛି ବର୍ଷ ହେବ ଅନ୍ତର୍ଜାତୀୟ କ୍ରିକେଟ ଖେଳାଯାଇନାହିଁ। ବିଗ୍ ବାଶ୍ ଲିଗ୍ ମ୍ୟାଚ୍‌ରେ ଏଠାରେ ହାରାହାରି ଇନିଂସ ପ୍ରତି ୧୮୦ କିମ୍ବା ତା'ଠାରୁ ଅଧିକ ସ୍କୋର ହୋଇଥିଲା। ଆସନ୍ତାକାଲି ମ୍ୟାଚ୍‌ରେ ଏହି ଧାରା ବଜାୟ ରହିବ ବୋଲି ଆଶା କରାଯାଉଛି। ପ୍ରଥମ ମ୍ୟାଚ୍ ଲାଗି ମନୋନୀତ ହୋଇଥିବା ଖେଳାଳିମାନେ ଖେଳିବା ସୁଯୋଗ ପାଇ ନ ଥିଲେ। ଏଣୁ ଦ୍ୱିତୀୟ ମ୍ୟାଚ୍‌ରେ ଉଭୟ ଦଳ ଖେଳାଳି ପରିବର୍ତ୍ତନ କରିବେ ନାହିଁ ବୋଲି ଆଶା କରାଯାଉଛି। ଭାରତୀୟ ଦଳର ଅଲରାଉଣ୍ଡର ନୀତୀଶ କୁମାର ରେଡ୍ଡୀ ଆହତ ହୋଇ ଅତିକମ୍‌ରେ ପ୍ରଥମ ୩ଟି ମ୍ୟାଚ୍ ଖେଳିବେ ନାହିଁ। ଆବଶ୍ୟକ ହେଲେ ଫାଷ୍ଟ ବୋଲର ଅର୍ଶଦୀପ ସିଂହଙ୍କୁ ଦଳରେ ସାମିଲ କରାଯିବାର ସମ୍ଭାବନାକୁ ଏଡାଇ ଦେଇହେବ ନାହିଁ।





**ଆଜିର ମ୍ୟାଚ୍**
**ଭାରତ - ଅଷ୍ଟ୍ରେଲିଆ**
ଖେଳ ଆରମ୍ଭ : ଅପରାହ୍ଣ ୧ଟା ୪୫
ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓ ହଟଷ୍ଟାର

### ଗୁଆହାଟୀରେ ନୂଆ ପରମ୍ପରା

## ଆଗ ଟି', ପରେ ଲଞ୍ଚ୍

**ଗୁଆହାଟୀ, ୩୦।୧୦(ଏଜେନ୍ସି):** ଟେଷ୍ଟ କ୍ରିକେଟ ଇତିହାସରେ ଏକ ନୂଆ ପରମ୍ପରା ସୃଷ୍ଟି ହେବାକୁ ଯାଉଛି। ଏହା ହେଉଛି ଟେଷ୍ଟ ମ୍ୟାଚ୍‌ରେ ପ୍ରଥମେ ଟି' ବା ଚା' ପାନ ବିରତି ହେବ ଓ ପରେ ଲଞ୍ଚ୍ ବା ମଧ୍ୟାହ୍ନ ଭୋଜନ ହେବ। ଆସାମର ଗୁଆହାଟୀରେ ନଭେମ୍ବର ୨୨ରୁ ୨୬ ଯାଏ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଖେଳାଯିବାକୁ ଥିବା ଦ୍ୱିତୀୟ ମ୍ୟାଚ୍ ଏଠାରେ ହେବ ପ୍ରଥମ ଟେଷ୍ଟ ମ୍ୟାଚ୍। ଏଠାରେ ସୂର୍ଯ୍ୟୋଦୟ ଆଗୁଆ ହୁଏ ଓ ସୂର୍ଯ୍ୟାସ୍ତ ମଧ୍ୟ ପଛରେ ହୁଏ। ଏଣୁ ଖେଳ ମଧ୍ୟ ଆଗୁଆ ଆରମ୍ଭ ହେବ। ଏଠାରେ ସକାଳ ୯ଟାରୁ ଖେଳ ଆରମ୍ଭ ହେବ। ପ୍ରଥମ ସେସନ ପୂର୍ବାହ୍ଣ ୧୧ଟାରେ ଶେଷ ହେବ। ୧୧ଟାରୁ ୧୧ଟା ୨୦ ଯାଏ ଚା'ପାନ ବିରତି ହେବ। ଏହା ପରେ ଦ୍ୱିତୀୟ ସେସନ ୧୧ଟା ୨୦ରୁ ଅପରାହ୍ଣ ୧ଟା ୨୦ ଯାଏ ଖେଳାଯିବ। ୧ଟା ୨୦ରୁ ୨ଟା ଯାଏ ଲଞ୍ଚ୍ ବା ମଧ୍ୟାହ୍ନ ଭୋଜନ ବିରତି ହେବ। ଦିନର ତୃତୀୟ ବା ଶେଷ ସେସନ ଅପରାହ୍ଣ ୨ଟାରୁ ୪ଟା ଯାଏ ଖେଳାଯିବ। ଆସାମ ରାଜ୍ୟ ଭାରତର ପୂର୍ବ ଭାଗରେ ଅବସ୍ଥିତ। ଏଠାରେ ଆଗୁଆ ସୂର୍ଯ୍ୟୋଦୟ ହେଉଥିବାରୁ କାର୍ଯ୍ୟକ୍ରମରେ ପରିବର୍ତ୍ତନ କରାଯାଇଛି। ଭାରତରେ ସାଧାରଣତଃ ସକାଳ ୯ଟା ୩୦ରୁ ଖେଳ ଆରମ୍ଭ ହୋଇ ୧୧ଟା ୩୦ରେ ଲଞ୍ଚ୍ ହୋଇଥାଏ। ୧୧ଟା ୩୦ରୁ ୧୨ଟା ୧୦ ଯାଏ ଲଞ୍ଚ୍, ୧୨ଟା ୧୦ରୁ ୨ଟା ୧୦ ଯାଏ ଦ୍ୱିତୀୟ ସେସନ, ୨ଟା ୧୦ରୁ ୨ଟା ୩୦ ଟି' ଏବଂ ୨ଟା ୩୦ରୁ ୪ଟା ୩୦ କିମ୍ବା ଆଲୋକ ଥିଲେ ୯୦ ଓଭର ଖେଳ ପୂରଣ କରିବାକୁ ଆଉ ଅଧଘଣ୍ଟା ଅଧିକ ଖେଳ ଆୟୋଜନ କରାଯାଇଥାଏ। ଦକ୍ଷିଣ ଆଫ୍ରିକା ବିପକ୍ଷ ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ପ୍ରଥମ ମ୍ୟାଚ୍ କୋଲକାତାର ଇଡେନ ଗାର୍ଡେନ୍ସରେ ଖେଳାଯିବ। ଏଠାରେ ନିର୍ଦ୍ଧାରିତ ସମୟ ସକାଳ ୯ଟା ୩୦ରୁ ଖେଳ ଆରମ୍ଭ ହେବ।

**ଭାରତ-ଦ. ଆଫ୍ରିକା ଟେଷ୍ଟ ସିରିଜ୍**

### ପ୍ରଥମ ଅନ୍‌ଅଫିସିଆଲ୍ ଟେଷ୍ଟ

## କୋଟିଆନଙ୍କୁ ୪ ୱିକେଟ୍; ଦ.ଆଫ୍ରିକା-ଏ' ୨୯୯/୯

**ବେଙ୍ଗାଲୁରୁ, ୩୦।୧୦ (ଏଜେନ୍ସି):** ଘରୋଇ ଭାରତ-ଏ ଓ ଦକ୍ଷିଣ ଆଫ୍ରିକା-ଏ ଦଳ ମଧ୍ୟରେ ଗୁରୁବାରଠାରୁ ଏଠାରେ ପ୍ରଥମ ଅନ୍‌ଅଫିସିଆଲ୍ ଚାରିଦିବସୀୟ ଟେଷ୍ଟ ଆରମ୍ଭ ହୋଇଛି। ଏହି ମ୍ୟାଚରେ ଟସ୍ ଜିତି ଭାରତ-ଏ ଅଧିନାୟକ ଋଷଭ ପନ୍ତ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଦକ୍ଷିଣ ଆଫ୍ରିକା-ଏ ପ୍ରଥମ ଇନିଂସରେ ୩ଟି ଅର୍ଦ୍ଧଶତକ ବଳରେ ୯ ୱିକେଟ ହରାଇ ୨୯୯ ରନର ସମ୍ମାନଜନକ ସ୍କୋର କରିଛି। ଓପନର୍ ଜୋର୍ଡାନ ହରମାନ୍ନ ସର୍ବାଧିକ ୭୧, ଜୁବେର ହମାଜ ୬୬ ଓ ରୁବିନ ହରମାନ୍ନ ୫୪ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ନିମ୍ନଭାଗରେ ତିଆନ ଭାନ ଭୁରେନ ୪୬ ରନର ଉପଯୋଗୀ ପାଳି ଖେଳିବା ଫଳରେ ଦଳ ୩୦୦ ରନ ନିକଟତର ହୋଇପାରିଥିଲା। ଘରୋଇ ଭାରତ-ଏ ପକ୍ଷରୁ ଅଫ୍-ସ୍ପିନର ତନୁଷ କୋଟିଆନ ସର୍ବାଧିକ ୪ଟି, ମାନବ ସୁତାର ୨ଟି ଏବଂ ଖଲିଲ ଅହମ୍ମଦ, ଅଂଶୁଲ କାମ୍ବୋଜ ଓ ଗୁର୍‌ନୁର୍ ବ୍ରାର୍ ଗୋଟିଏ ଲେଖାଏ ୱିକେଟ୍ ସଫଳତା ପାଇଥିଲେ।



PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS